# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ (୨୦ ପୃଷ୍ଠା) | Bhubaneswar, Friday, January 10/2020 | ★★★★

୪୬ଶ ଭାଗ ୪୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-







" ନିଜ ଦେଶର ସଂଖ୍ୟାଲଘୁଙ୍କୁ ସୁରକ୍ଷା ଦେଇପାରୁନଥିବା ଦେଶ ଅନ୍ୟ ଦେଶକୁ ଉପଦେଶ ଦେବା ଅନୁଚିତ।-
ରବୀଶ କୁମାର,
ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର



## କଶ୍ମୀରରେ ୧୭ ଜଣିଆ ବିଦେଶୀ ପ୍ରତିନିଧି ଦଳ

# ଗସ୍ତକୁ ନେଇ ବିବାଦ

**ଶ୍ରୀନଗର,୯।୧(ପି.ଟି.)**

ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିବର୍ତ୍ତନ କରାଯିବା ପରେ ପ୍ରଥମ ଥର ପାଇଁ ସେଠାକୁ ୧୭ଟି ଦେଶର ପ୍ରତିନିଧି ଗୁରୁବାର ଗସ୍ତ କରିଛନ୍ତି। କଶ୍ମୀର ପ୍ରସଙ୍ଗରେ ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଭାରତ ବିରୋଧରେ ପ୍ରଚାର ଚଳାଇଥିବାବେଳେ ଏହାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ୨ ଦିନିଆ ଗସ୍ତରେ ଆସିଥିବା ପ୍ରତିନିଧିମାନଙ୍କ ମଧ୍ୟରେ ଆମେରିକା ରାଷ୍ଟ୍ରଦୂତ କେନ୍ନେଥ୍ ଆଇ. ଜଷ୍ଟରଙ୍କ ସମେତ ବାଂଲାଦେଶ, ଭିଏତ୍‌ନାମ, ନରୱେ, ମାଳଦ୍ୱୀପ, ଦକ୍ଷିଣ କୋରିଆ, ମରକ୍କୋ ଓ ନାଇଜେରିଆ କୂଟନୀତିଜ୍ଞ ଅଛନ୍ତି। ଦିଲ୍ଲୀରୁ ଏହି ପ୍ରତିନିଧିମାନେ ଏକ ସ୍ୱତନ୍ତ୍ର ଚାର୍ଟାର୍ଡ ବିମାନରେ ଯାଇ ଶ୍ରୀନଗରର ବୈଷୟିକ ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ ସେମାନଙ୍କୁ ସେନା କ୍ୟାଣ୍ଟନମେଣ୍ଟକୁ ନିଆଯାଇଥିଲା। ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସନିକ ଅଧିକାରୀମାନେ ପ୍ରତିନିଧିମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ଜି.ସି. ମୁର୍ମୁ, ସିଭିଲ ସୋସାଇଟି ସଦସ୍ୟମାନଙ୍କୁ ଭେଟିବା ସହ ବିଭିନ୍ନ ଏଜେନ୍ସିଠାରୁ ସୁରକ୍ଷା ସ୍ଥିତି ସମ୍ପର୍କରେ ଅବଗତ ହେବେ।



ଶ୍ରୀନଗର ବିମାନବନ୍ଦରରେ ବିଦେଶୀ ପ୍ରତିନିଧି।

ବିଦେଶୀ ପ୍ରତିନିଧିମାନଙ୍କ ଗସ୍ତକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ସରକାର ଦୋମୁହାଁ ନୀତି ଅବଲମ୍ବନ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ଗୋଟିଏ ପଟେ ସରକାର ବିଦେଶୀ ପ୍ରତିନିଧିମାନଙ୍କ ପାଇଁ ଗସ୍ତ କାର୍ଯ୍ୟକ୍ରମ ଆୟୋଜନ କରୁଥିବାବେଳେ ଅନ୍ୟପଟେ ଭାରତୀୟ ରାଜନେତାମାନଙ୍କୁ କଶ୍ମୀର ମଧ୍ୟକୁ ଛାଡୁ ନ ଥିବା ବରିଷ୍ଠ କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି। ସରକାରଙ୍କ ଏହି ପ୍ରାୟୋଜିତ କାର୍ଯ୍ୟକ୍ରମକୁ କଂଗ୍ରେସ ତୀବ୍ର ସମାଲୋଚନା କରିଛି। ରମେଶ କହିଛନ୍ତି, ବିଦେଶୀ ପ୍ରତିନିଧିମାନଙ୍କ ଗସ୍ତକୁ କଂଗ୍ରେସ ବିରୋଧ କରୁନାହିଁ, ତେବେ ଭାରତୀୟ ରାଜନେତାମାନଙ୍କୁ ଗସ୍ତ ଅନୁମତି ମିଳିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି। ଗତ ଅକ୍ଟୋବର ୨୯ରେ ୟୁରୋପୀୟ ସଂଘର ଏକ ସଂସଦୀୟ ପ୍ରତିନିଧିଦଳ କଶ୍ମୀର ଗସ୍ତରେ ଆସିଥିବାବେଳେ ଏହା ସରକାରଙ୍କ ଦ୍ୱିତୀୟ ପ୍ରୟାସ। ସମାଲୋଚନାରୁ ରକ୍ଷାପାଇବା ପାଇଁ ସରକାର ଏଭଳି ପ୍ରୟାସ ଚଳାଇଥିବା କଂଗ୍ରେସ ନେତା କହିଛନ୍ତି।

- ଅନୁଧ୍ୟାନ କରିବେ ବାସ୍ତବ ସ୍ଥିତି
- ଦୋମୁହାଁ ନୀତି ଗ୍ରହଣ କରୁଛନ୍ତି ସରକାର: କଂଗ୍ରେସ
- ରେଡ୍ କାର୍ପେଟ ସ୍ୱାଗତରେ ଅପରାଧ ଧୋଇବନି: ଡି. ରାଜା

ସେହିପରି ସରକାରଙ୍କ ଏହି ପ୍ରାୟୋଜିତ ଗସ୍ତ କାର୍ଯ୍ୟକ୍ରମକୁ ସିପିଆଇ ନେତା ଡି. ରାଜା ସମାଲୋଚନା କରିଛନ୍ତି। ବିଦେଶୀ ପ୍ରତିନିଧିମାନଙ୍କୁ ରେଡ୍ କାର୍ପେଟ ସ୍ୱାଗତ କରିବା ଦ୍ୱାରା ସରକାର ଜମ୍ମୁ-କଶ୍ମୀରରେ ଯେଉଁ ଅପରାଧ କରିଛନ୍ତି ତାହା ଧୋଇହୋଇଯିବନି ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ଗତବର୍ଷ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ଉଠାଇଦିଆଯିବା ସହ ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ବିଭକ୍ତ କରିବାକୁ ପାର୍ଲାମେଣ୍ଟରେ ପ୍ରସ୍ତାବ ଗୃହୀତ ହୋଇଥିଲା। ଆଇନଶୃଙ୍ଖଳା ସ୍ଥିତି ଉପୁଜିବା ଆଶଙ୍କାରେ ଜମ୍ମୁ-କଶ୍ମୀରକୁ ସେନାଛାଉଣୀରେ ପରିଣତ କରାଯାଇଥିଲା ଓ ୩ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନେକ ନେତାଙ୍କୁ ଗୃହବନ୍ଦୀ ବା ଅଟକ ରଖାଯାଇଥିଲା। ୫ ମାସ ମଧ୍ୟରେ ଅଳ୍ପ କେତେଜଣଙ୍କୁ ଛଡ଼ାଯାଇଥିବାବେଳେ ଅଧିକାଂଶ ଏବେ ବି ଅଟକ ରହିଛନ୍ତି। କଶ୍ମୀର ସ୍ଥିତିରେ ଏବେ ବି ସୁଧାର ଆସିନାହିଁ। କୌଣସି ଦଳୀୟ ନେତାଙ୍କୁ ସେଠାକୁ ଛଡାଯାଉନାହିଁ। ଏପରିସ୍ଥଳେ ବିଦେଶୀ ପ୍ରତିନିଧିମାନଙ୍କୁ ସେଠାକୁ ପଠାଇ ସେମାନଙ୍କ ମୁହଁରେ ସରକାର ନିଜ କଥା କହିବାକୁ ଉଦ୍ୟମ କରୁଥିବା ସମାଲୋଚନା ହେଉଛି।

## ସିଏଏ ମାମଲା: ତ୍ୱରିତ ଶୁଣାଣିକୁ ମନାକଲେ ସୁପ୍ରିମକୋର୍ଟ

# 'ଦେଶ କଠିନ ସମୟ ଦେଇ ଗତି କରୁଛି'

**ନୂଆଦିଲ୍ଲୀ,୯।୧(ପି.ଟି.)**



ଦେଶ ଏବେ କଠିନ ସମୟ ଦେଇ ଗତିକରୁଛି। ହିଂସା ଏତେ ବଢ଼ିଯାଇଛି ଯେ ଶାନ୍ତି ସ୍ଥାପନ ପାଇଁ ପ୍ରୟାସ ହେବା ଆବଶ୍ୟକ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ସାମ୍ବିଧାନିକ ଘୋଷଣା କରିବା ପାଇଁ ଦାଏର ହୋଇଥିବା ଆବେଦନର ତ୍ୱରିତ୍ ଶୁଣାଣି କରିବାକୁ ସର୍ବୋଚ୍ଚ ଅଦାଲତ ଗୁରୁବାର ମନାକରିଦେବା ସହ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ବି.ଆର୍. ଗଭାଇ ଏବଂ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ପିଟିଶନକୁ ନେଇ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି। କୌଣସି ଆଇନକୁ ସାମ୍ବିଧାନିକ ଘୋଷଣା କରିବା ପାଇଁ କେହି ଆବେଦନ କରିବା ପ୍ରଥମ ଘଟଣା ବୋଲି ଖଣ୍ଡପୀଠ କହିଛନ୍ତି। ସିଏଏର ବୈଧତାକୁ ଚାଲେଞ୍ଜ କରି ଏକାଧିକ ପିଟିଶନ ଦାଏର ହୋଇଛି। ଦେଶରେ ହିଂସା ବନ୍ଦ ହେବା ପରେ ସେଗୁଡ଼ିକର ଶୁଣାଣି ହେବ ବୋଲି ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ଆଇନର ବୈଧତା ପରଖିବା ଅଦାଲତଙ୍କ କାର୍ଯ୍ୟ, ଏହାକୁ ସାମ୍ବିଧାନିକ ଘୋଷଣା କରିବା ନୁହେଁ ବୋଲି ସିଜେଆଇ କହିଥିଲେ। ସିଏଏକୁ ଦେଶବ୍ୟାପୀ ବିରୋଧ କରାଯାଉଥିବାବେଳେ ଏହାକୁ ସାମ୍ବିଧାନିକ ଘୋଷଣା କରିବା ଏବଂ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ରାଜ୍ୟକୁ ନିର୍ଦ୍ଦେଶ ଦେବା ନିମନ୍ତେ ଆଇନଜୀବୀ ବିନୀତ ଧଣ୍ଡା ଆବେଦନ କରିଥିଲେ।

## ୧୩ରେ ସିଏଏ ବିରୋଧୀ ମେଳି

# ବିରୋଧୀଙ୍କ ସହ ଯୋଗଦେବେନି ମମତା

**କୋଲକାତା,୯।୧**



କ୍ୟାମ୍ପସ୍ ହିଂସା ଓ ସିଏଏକୁ ବିରୋଧକରି କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆଗାମୀ ୧୩ରେ ଡାକିଥିବା ବିରୋଧୀ ନେତାଙ୍କ ବୈଠକରେ ଟିଏମ୍‌ସି ନେତ୍ରୀ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଯୋଗଦେବେ ନାହିଁ। ସେ ଏନେଇ ସଫା ସଫା ମନାକରିଛନ୍ତି। ଫଳରେ ବିରୋଧୀ ମେଣ୍ଟରେ ଫାଟ ରହିଥିବା ସ୍ପଷ୍ଟ ବାରିହୋଇଛି। ବାମପନ୍ଥୀ ଓ କଂଗ୍ରେସ ପକ୍ଷରୁ ଭାରତ ବନ୍ଦ ବେଳେ ପଶ୍ଚିମବଙ୍ଗରେ ହୋଇଥିବା ହିଂସାକାଣ୍ଡ ଓ ପୋଡ଼ାଜଳା ଘଟଣାକୁ ମମତା ତୀବ୍ର ସମାଲୋଚନା କରିଛନ୍ତି। ହିଂସାକୁ ପ୍ରଶ୍ରୟ ଦିଆଯିବା ଠିକ୍ ନୁହେଁ ବୋଲି ମମତା ବିରକ୍ତି ପ୍ରକାଶ କରି କହିଛନ୍ତି। ସିଏଏ ଓ ଏନ୍‌ଆର୍‌ସି ନେଇ ପ୍ରସ୍ତାବ ଗ୍ରହଣ କରାଯାଇସାରିଛି। ପୁଣି ଏନେଇ ପ୍ରସ୍ତାବ ଅଣାଯିବାର କୌଣସି ଆବଶ୍ୟକତା ନାହିଁ । ଏହି ଅବସରରେ ସେ କଂଗ୍ରେସ ଓ ବାମପନ୍ଥୀ ନେତାଙ୍କ କାର୍ଯ୍ୟଧାରାକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ଆବଶ୍ୟକ ପଡ଼ିଲେ ଏକୁଟିଆ ଲଢ଼ିବାକୁ ପ୍ରସ୍ତୁତ ଥିବା ସେ ପ୍ରକାଶ କରିଛନ୍ତି। ଆନ୍ଦୋଳନ ପଛର କାରଣକୁ ସମର୍ଥନ କରୁଥିଲେ ହେଁ ବନ୍ଦ ଓ ହିଂସାକାଣ୍ଡକୁ ମୁଁ ବିରୋଧ କରେ ବୋଲି ମମତା ଦର୍ଶାଇଛନ୍ତି। ସିଏଏ ଓ ଏନ୍‌ଆର୍‌ସି ବିରୋଧରେ ଟିଏମ୍‌ସିର ଆନ୍ଦୋଳନ ଆଗଭଳି ଜାରି ରହିବ। ବନ୍ଦ, ହିଂସାକାଣ୍ଡ ଭଳି ଘଟଣା କଂଗ୍ରେସ ଓ ବାମପନ୍ଥୀଙ୍କ ଡର୍ଟି ପଲିଟିକ୍ସର ଅଂଶବିଶେଷ। ମମତାଙ୍କ ଏଭଳି ନିଷ୍ପତ୍ତିକୁ କଂଗ୍ରେସ ସମାଲୋଚନା କରିଛି। ଭାଜପାକୁ ଖୁସିକରିବା ଲାଗି ମମତା ଦୋମୁହାଁ ନୀତି ଗ୍ରହଣ କରୁଛନ୍ତି ବୋଲି କଂଗ୍ରେସ ନେତା ଅବ୍‌ଦୁଲ ମନାନ ଓ ସିପିଏମ୍ ପଲିଟବ୍ୟୁରୋ ସଦସ୍ୟ ମହମ୍ମଦ ସଲିମ ଅଭିଯୋଗ କରିଛନ୍ତି।

## ଏଏପିରେ କଂଗ୍ରେସ ନେତା ସୋଏବ୍ ଇକ୍‌ବାଲ

**ନୂଆଦିଲ୍ଲୀ,୯।୧:** ଦିଲ୍ଲୀ ବିଧାନସଭାର ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ କଂଗ୍ରେସ ବିଧାୟକ ସୋଏବ୍ ଇକ୍‌ବାଲ ଗୁରୁବାର ଏଏପିରେ ସାମିଲ ହୋଇଛନ୍ତି। ଏଏପିର ଜାତୀୟ ଆବାହକ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ତାଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଇକ୍‌ବାଲଙ୍କ ବ୍ୟତୀତ ୨ କଂଗ୍ରେସ କାଉନସିଲର ମଧ ଏଏପିରେ ଯୋଗଦେଇଛନ୍ତି। ଫେବୃୟାରୀ ୮ରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନେତାଙ୍କ ମିଶ୍ରଣ ଏଏପି ଶକ୍ତିବୃଦ୍ଧି କ୍ଷେତ୍ରରେ ସହାୟକ ହେବ ।

### [ଇତିହାସର ଆଇନାରେ]

### ଜାନୁୟାରୀ ୧୦ର ପ୍ରମୁଖ ଘଟଣା

୨୦୧୩ ଜାନୁୟାରୀ ୧୦ରେ ପାକିସ୍ତାନର କ୍ୱେଟାରେ ଏକାଧିକ ବୋମାମାଡ଼ କରାଯାଇଥିଲା। ଏଥିରେ ୧୩୦ ଜଣ ପ୍ରାଣ ହରାଇଥିବାବେଳେ ୩୦୦ ଆହତ ହୋଇଥିଲେ। ଏହି ବୋମା ବିସ୍ଫୋରଣ ପଛରେ ସିଆ ମୁସ୍‌ଲିମ ହଜାରା ସମ୍ପ୍ରଦାୟର ଆତଙ୍କବାଦୀଙ୍କ ହାତ ରହିଥିଲା।

୨୦୧୫ ଜାନୁୟାରୀ ୧୦ରେ ପାକିସ୍ତାନର କରାଚୀ ସହରରେ ଏକ ସଡ଼କ ଦୁର୍ଘଟଣା ଘଟି ୬୫ ଜଣ ମୃତ୍ୟୁବରଣ କରିଥିଲେ। କରାଚୀରୁ ଶିକାରପୁର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ୍ ସହ ତେଲ ଟ୍ୟାଙ୍କର ପିଟିହୋଇ ଯିବାରୁ ଏଭଳି ଦୁର୍ଘଟଣା ଘଟିଥିଲା।

# କ୍ୟୁରେଟିଭ୍ ପିଟିଶନ ଦାଏର କଲେ ବିନୟ

**ନୂଆଦିଲ୍ଲୀ,୯।୧(ପି.ଟି.)**



ନିର୍ଭୟା ମାମଲା

ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାରେ ମୃତ୍ୟୁ ଦଣ୍ଡାଦେଶ ପାଇଥିବା ୪ ଅପରାଧୀଙ୍କ ମଧ୍ୟରୁ ବିନୟ କୁମାର ଶର୍ମା ଫାଶୀରୁ ବର୍ତ୍ତିବା ପାଇଁ ଶେଷ ଉଦ୍ୟମ ସ୍ୱରୂପ ଗୁରୁବାର ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଛନ୍ତି। ୪ ବଳାତ୍କାରୀ ମୁକେଶ, ପୱନ ଗୁପ୍ତା, ବିନୟ ଶର୍ମା ଓ ଅକ୍ଷୟ ସିଂଙ୍କ ବିରୋଧରେ ମଙ୍ଗଳବାର ଦିଲ୍ଲୀର ଏକ ଅଦାଲତ ମୃତ୍ୟୁଦଣ୍ଡ ୱାରେଣ୍ଟ ଜାରି କରିଥିଲେ। ସେମାନଙ୍କୁ ୨୨ ତାରିଖ ସକାଳ ୭ଟାରେ ତିହାର ଜେଲ୍‌ରେ ଫାଶୀ ଦିଆଯିବାକୁ ଧାର୍ଯ୍ୟ ହୋଇଛି।

କ୍ୟୁରେଟିଭ୍ ପିଟିଶନରେ ବିନୟ ଦର୍ଶାଇଛନ୍ତି, ଗମ୍ଭୀରତା କମ୍ କରିବା ନେଇ ବିଚାର କଲାବେଳେ ତାଙ୍କର କମ୍ ବୟସକୁ ଭୁଲ୍‌ବଶତଃ ପ୍ରତ୍ୟାଖ୍ୟାନ କରାଯାଇଛି। ଏଥିସହିତ ତାଙ୍କର ସାମାଜିକ ଅର୍ଥନୈତିକ ସ୍ଥିତି, ତାଙ୍କ ଉପରେ ନିର୍ଭରଶୀଳ ପରିବାର ସଦସ୍ୟ ସଂଖ୍ୟା, ରୋଗାକ୍ରାନ୍ତ ମାତାପିତା, ଜେଲ୍‌ରେ ତାଙ୍କର ଉତ୍ତମ ସ୍ୱଭାବ ଆଦିକୁ ବିଚାରକୁ ନିଆଯାଇ ନାହିଁ। ତେଣୁ ନ୍ୟାୟ ପ୍ରଦାନ ଠିକ୍ ଭାବେ ହୋଇ ନ ଥିବା ଆବେଦନରେ ଦର୍ଶାଯାଇଛି। ସମାଜର ମିଳିତ ଚେତନା ଓ ଜନମତ ଦ୍ୱାରା ଅଦାଲତଙ୍କ ରାୟ ପ୍ରଭାବିତ ହୋଇଥିବା ଏଥିରେ ଦର୍ଶାଯାଇଛି।

୨୦୧୨ ଡିସେମ୍ବର ୧୬ ରାତିରେ ଦିଲ୍ଲୀର ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଚଳନ୍ତା ବସ୍‌ରେ ୬ ଜଣ ଗଣବଳାତ୍କାର କରି ରାସ୍ତାରେ ଫିଙ୍ଗିଦେଇଥିଲେ। ଦୁଇ ସପ୍ତାହ ପରେ ସିଙ୍ଗାପୁର ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଥିଲା। ମୁଖ୍ୟ ଅଭିଯୁକ୍ତ ରାମ ସିଂ ତିହାର ଜେଲ୍‌ରେ ଆତ୍ମହତ୍ୟା କରିଥିବାବେଳେ ଅନ୍ୟ ଜଣେ ନାବାଳକ ଥିବାରୁ ଜୁଭେନାଇ ଜଷ୍ଟିସ୍ ବୋର୍ଡରେ ତାଙ୍କର ବିଚାର ହୋଇଥିଲା। ଅନ୍ୟ ୪ ଜଣଙ୍କୁ ତଳ ଅଦାଲତ ମୃତ୍ୟୁଦଣ୍ଡାଦେଶ ଦେଇଥିବାବେଳେ ୨୦୧୭ରେ ସୁପ୍ରିମକୋର୍ଟ ଏହାକୁ କାଏମ ରଖିଥିଲେ। ରାୟର ପୁନର୍ବିଚାର ପାଇଁ ହୋଇଥିବା ଆବେଦନକୁ ସର୍ବୋଚ୍ଚ ଅଦାଲତ ୨୦୧୮ ଜୁଲାଇ ୯ରେ ଖାରଜ କରିଦେଇଥିଲେ।

## ଜେଏନ୍‌ୟୁ ହିଂସା: ତଦନ୍ତ ଲାଗି ୫ଜଣିଆ କମିଟି ଗଠିତ

**ନୂଆଦିଲ୍ଲୀ,୯।୧**

ଗତ ୫ରେ ଜେଏନ୍‌ୟୁ କ୍ୟାମ୍ପସ୍‌ରେ ହୋଇଥିବା ହିଂସା ଘଟଣାର ତଦନ୍ତ ଲାଗି ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ୫ ଜଣିଆ କମିଟି ଗଠନ କରାଯାଇଥିବା କୁଳପତି ଏମ୍. ଜଗଦୀଶ କୁମାର କହିଛନ୍ତି। କ୍ୟାମ୍ପସ୍‌ରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ସହ ହିଂସା ଘଟଣାର ତଦନ୍ତ କରାଯିବ । ଦୁର୍ବୃତ୍ତଙ୍କ ଆତଙ୍କରାଜ ଓ ହିଂସାକାଣ୍ଡରେ ଜେଏନ୍‌ୟୁ ଛାତ୍ର ସଂସଦ ସଭାପତି ଆଇସି ଘୋଷଙ୍କ ସମେତ ୩୫ ଛାତ୍ରୀଛାତ୍ର ଆହତ ହୋଇଥିଲେ। ଏମିତିକି ଅଧ୍ୟାପକମାନେ ମଧ୍ୟ ଏଥିରୁ ବାଦ୍ ପଡ଼ି ନ ଥିଲେ। ସୁରକ୍ଷା ତ୍ରୁଟିର ସମୀକ୍ଷା କରାଯାଇ ଏହାକୁ ଅଧିକ ସୁଦୃଢ଼ କରାଯିବ ବୋଲି ଜଣାପଡ଼ିଛି। ଜିଲା ସୁରକ୍ଷା ଚିହ୍ନଟ କରିବା, ସିସିଟିଭି ଲଗାଇବା, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଲାଗି ଅଧିକ ପଦକ୍ଷେପ ନେବା ଉପରେ କମିଟି କାର୍ଯ୍ୟ କରିବ।

# ୩ ଆଇଏସ୍ ଆତଙ୍କବାଦୀ ଗିରଫ




**ନୂଆଦିଲ୍ଲୀ,୯।୧**

ଉତ୍ତର-ପୂର୍ବ ଦିଲ୍ଲୀର ୱାଜିରାବାଦ ନିକଟରୁ ଦିଲ୍ଲୀ ପୋଲିସ ଏନ୍‌କାଉଣ୍ଟର କରି ୩ ଜଣ ଆଇଏସ୍ ଆତଙ୍କବାଦୀଙ୍କୁ ବୁଧବାର ଗିରଫ କରିଛି। ସେମାନଙ୍କଠାରୁ କେତେକ ସନ୍ଦେହଜନକ ବସ୍ତୁ ଜବତ କରାଯାଇଛି। ଦିଲ୍ଲୀ ଓ ଉତ୍ତର ପ୍ରଦେଶରେ ସେମାନେ ଆତଙ୍କବାଦୀ ଆକ୍ରମଣ ଲାଗି ଯୋଜନା କରୁଥିଲେ ବୋଲି ଜଣାପଡ଼ିଛି। ଏହି ୩ ସନ୍ଦିଗ୍ଧ ଆତଙ୍କବାଦୀ ହେଲେ ଖାଜା ମୋଇଦ୍ଦିନ(୫୨), ଅବ୍‌ଦୁଲ ସମଦ୍(୨୮) ଓ ସୟେଦ ଅଲି ନଭାଜ୍(୩୨)। ଗିରଫ ଆତଙ୍କବାଦୀଙ୍କୁ ଲୋଧି କଲୋନୀ ଅଞ୍ଚଳରେ ରଖାଯାଇ ପଚରାଉଚରା କରାଯାଉଥିବା ଜଣାପଡ଼ିଛି। ସ୍ପେଶାଲ ସେଲ୍‌ର ୩ ଟିମ୍ ସେମାନଙ୍କୁ ଜେରା କରୁଥିବାବେଳେ ଆତଙ୍କବାଦୀଙ୍କ ସୂଚନା ଅନୁଯାୟୀ ଅନ୍ୟ କେତେକ ସ୍ଥାନରେ ଚଢ଼ାଉ କରାଯାଇଥିବା ପ୍ରକାଶ।

# ସିଆଚେନ୍‌ରେ ସେନାମୁଖ୍ୟ ନରୱଣେ

**ଶ୍ରୀନଗର,୯।୧(ପି.ଟି.)**

ସେନାମୁଖ୍ୟ ଭାବେ କାର୍ଯ୍ୟଭାର ଗ୍ରହଣ କରିବା ପରେ ଜେନେରାଲ ଏମ୍.ଏମ୍. ନରୱଣେ ଗୁରୁବାର ସିଆଚେନ୍ ସେକ୍ଟରର ଆଗୁଆ ଘାଟିକୁ ପରିଦର୍ଶନରେ ଯାଇଛନ୍ତି। ତାଙ୍କ ସହିତ ନର୍ଦ୍ଦର୍ନ କମାଣ୍ଡ ମୁଖ୍ୟାଳୟର ଚିଫ୍ ଅଫ୍ ଷ୍ଟାଫ୍ ଲ୍ୟୁଟ୍‌ନାଣ୍ଟ ଜେନେରାଲ ୱାଇ.କେ. ଜୋଷୀ, ଜେନେରାଲ ଅଫିସର କମାଣ୍ଡିଂ ଲ୍ୟୁଟ୍‌ନାଣ୍ଟ ଜେନେରାଲ ହରିନ୍ଦର ସିଂ ଯାଇଥିଲେ। ଉକ୍ତ ଘାଟିଗୁଡ଼ିକରେ ସେନା ପ୍ରସ୍ତୁତି ସମ୍ପର୍କରେ ସେନାଧ୍ୟକ୍ଷଙ୍କୁ ସିଆଚେନ୍ ବ୍ରିଗେଡ୍ କମାଣ୍ଡର ଅବଗତ କରାଇଥିଲେ। ସେଠାରେ ଥିବା ଯବାନମାନଙ୍କ ସହ ମଧ୍ୟ ଜେନେରାଲ ନରୱଣେ କଥା ହୋଇଥିଲେ। ପ୍ରତିକୂଳ ସ୍ଥିତି ଓ ପାଗକୁ ଚ୍ୟାଲେଞ୍ଜ କରି ଯବାନମାନେ ଯେଉଁ ଦୃଢ଼ତା ଓ ଉଚ୍ଚ ମନୋବଳ ଦେଖାଇଛନ୍ତି, ସେନାଧ୍ୟକ୍ଷ ତାହାର ପ୍ରଶଂସା କରିଥିଲେ। ସିଆଚେନ୍‌ରେ ମୁତୟନ ଥିବା ଯବାନମାନଙ୍କ ଲାଗି ସାରା ଦେଶ ଗର୍ବିତ ବୋଲି ସେ କହିଥିଲେ। ବେସ୍ କ୍ୟାମ୍ପରେ ଥିବା ସିଆଚେନ୍ ଯୁଦ୍ଧ ସ୍ମାରକୀରେ ଜେନେରାଲ ନରୱଣେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।





ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବା ସହ ଶୀତ ଅନୁଭବ ହେବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ପାଗ ଆଂଶିକ ମେଘୁଆ ରହିବ। ଶୁକ୍ରବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୭ ଡିଗ୍ରୀ ଏବଂ ସର୍ବନିମ୍ନ ୧୭ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି।

ଗୁରୁବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୪.୪ | ୧୩.୭ |
| ଚାନ୍ଦବାଲି | ୨୬.୩ | ୧୪.୮ |
| କଟକ | ୨୬.୬ | ୧୪.୦ |
| ପାରାଦ୍ୱୀପ | ୨୭.୦ | ୧୬.୦ |
| ଭୁବନେଶ୍ୱର | ୨୮.୭ | ୧୬.୦ |
| ଗୋପାଳପୁର | ୨୯.୦ | |
| ୧୭.୦ ପୁରୀ | ୨୭.୨ | ୧୬.୦ |
| ଅନୁଗୋଳ | ୨୪.୭ | ୧୨.୬ |
| ବାରିପଦା | ୨୧.୨ | ୧୬.୦ |
| ଝାରସୁଗୁଡ଼ା | ୨୩.୨ | ୧୫.୬ |
| କେନ୍ଦୁଝର | ୧୯.୦ | ୧୪.୦ |
| ସମ୍ବଲପୁର | ୨୨.୦ | ୧୫.୭ |
| ସୁନ୍ଦରଗଡ଼ | ୨୩.୫ | ୧୧.୦ |
| ହୀରାକୁଦ | ୨୧.୬ | ୧୬.୯ |
| ତାଳଚେର | ୨୪.୪ | ୧୨.୦ |
| ଭବାନୀପାଟଣା | ୨୫.୫ | ୧୭.୫ |
| ବଲାଙ୍ଗୀର | ୨୨.୫ | ୧୭.୦ |
| କୋରାପୁଟ | ୨୮.୦ | ୧୪.୦ |
| ଫୁଲବାଣୀ | ୨୫.୨ | -- |
| ଟିଟିଲାଗଡ଼ | ୨୪.୬ | ୧୩.୬ |
| ମାଲକାନଗିରି | ୩୦.୦ | ୧୨.୦ |
| ସୋନପୁର | ୨୮.୬ | ୧୨.୪ |
| ଦାରିଙ୍ଗିବାଡ଼ି | ୨୪.୫ | ୧୨.୦ |

ଡିଗ୍ରୀ ସେଲ୍‌ସିୟସ୍

## ପାକିସ୍ତାନର ଭାରତ ବିରୋଧୀ ଷଡ଼ଯନ୍ତ୍ର

# ରୋହିଙ୍ଗ୍ୟାଙ୍କୁ ଆତଙ୍କବାଦ ତାଲିମ

**ନୂଆଦିଲ୍ଲୀ,୯।୧(ଆଇଏଏନ୍‌ଏସ୍)**

ବାଂଲାଦେଶ ସୀମାରେ ଭାରତ ବିରୋଧରେ ଏକ ବଡ଼ଧରଣର ଷଡ଼ଯନ୍ତ୍ର ରଚୁଛି ଇସ୍‌ଲାମାବାଦ। ପାକିସ୍ତାନର କୁଖ୍ୟାତ ଗୋଇନ୍ଦା ସଂସ୍ଥା ଇଣ୍ଟର-ସର୍ଭିସେସ୍ ଇଣ୍ଟେଲିଜେନ୍ସ (ଆଇଏସ୍ଆଇ) ବର୍ତ୍ତମାନ ୪୦ ରୋହିଙ୍ଗ୍ୟାଙ୍କୁ ବାଂଲାଦେଶ ସୀମାରେ ତାଲିମ ଦେଉଛି। ଏହାସହ ଆକ୍ରମଣକୁ ସଫଳ କରିବା ଲାଗି ଆତଙ୍କବାଦୀ ସଙ୍ଗଠନ ଜମାତ୍-ଉଲ୍ ମୁଜାହିଦ୍ଦିନ ବାଂଲାଦେଶ (ଜେଏମ୍‌ବି)କୁ ପାଣ୍ଠି ଯୋଗାଉଛି। ରୋହିଙ୍ଗ୍ୟାଙ୍କୁ ଭାରତରେ ଅନୁପ୍ରବେଶ କରାଇ ଆତଙ୍କବାଦୀ ଆକ୍ରମଣ ଘଟାଇବା ହେଉଛି ଆଇଏସ୍ଆଇର ଲକ୍ଷ୍ୟ। ଏନେଇ ଭାରତୀୟ ସଶସ୍ତ୍ର ବଳ ଓ ସୀମା ସୁରକ୍ଷା ବଳକୁ ଗୁରୁବାର ଗୋଇନ୍ଦା ସଂସ୍ଥାଗୁଡ଼ିକ ସତର୍କ କରାଇଛନ୍ତି।



- ଆଇଏସ୍ଆଇ ଯୋଗାଉଛି ପାଣ୍ଠି
- ଜେଏମ୍‌ବି ପାଲଟିଛି ମାଧ୍ୟମ

ପାକିସ୍ତାନ ଆତଙ୍କବାଦ ପାଇଁ ପାଣ୍ଠି ଯୋଗାଉଛି। ରୋହିଙ୍ଗ୍ୟାଙ୍କ ତାଲିମ ନିମନ୍ତେ ସୌଦି ଆରବ ଓ ମାଲେସିଆରୁ ଅର୍ଥ ଆସୁଛି। ପାକିସ୍ତାନ ଉକ୍ତ ଅର୍ଥକୁ ସଂଗ୍ରହ କରି ଜେଏମ୍‌ବି ଜରିଆରେ ଭାରତ ବିରୋଧୀ କାର୍ଯ୍ୟରେ ଲଗାଉଛି। ଜେଏମ୍‌ବି ପ୍ରଥମ କିସ୍ତିରେ ୧ କୋଟି ଟଙ୍କା ଗ୍ରହଣ କରିଛି ବୋଲି ସୁରକ୍ଷା ସଂସ୍ଥାଗୁଡ଼ିକ କହିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ଏନେଇ ଅବଗତ କରାଯାଇଛି। ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଆତଙ୍କବାଦୀଙ୍କୁ ଅନୁପ୍ରବେଶ କରାଇବାରେ ପାକିସ୍ତାନ ବିଫଳ ହେବା ପରେ ରୋହିଙ୍ଗ୍ୟା ମୁସ୍‌ଲିମମାନଙ୍କୁ ପାଣ୍ଠି ଯୋଗାଣ ଯୋଜନା ଆରମ୍ଭ କରିଥିଲା। ଗତବର୍ଷ ଏନ୍‌ଆଇଏ ମୁଖ୍ୟ ୱାଇ.ସି. ମୋଦି କହିଥିଲେ, ଜେଏମ୍‌ବି ଭାରତରେ କାୟାବିସ୍ତାର କରିବା ପାଇଁ ସବୁ ପ୍ରକାର ଉଦ୍ୟମ ଚଳାଇଛି। ବିଭିନ୍ନ ରାଜ୍ୟ ସହ ୧୨୫ ସନ୍ଦିଗ୍ଧଙ୍କ ତାଲିକା ଶେୟାର କରାଯାଇଛି। ଝାଡ଼ଖଣ୍ଡ, ବିହାର, ମହାରାଷ୍ଟ୍ର, କର୍ଣ୍ଣାଟକ ଓ କେରଳ ଭଳି ରାଜ୍ୟଗୁଡ଼ିକରେ ବାଂଲାଦେଶୀ ଶରଣାର୍ଥୀ ଭାବେ ରହୁଥିବା ଏହି ଆତଙ୍କବାଦୀ ସଙ୍ଗଠନର କେତେଜଣ ସନ୍ଦିଗ୍ଧ ସେମାନଙ୍କ ଗତିବିଧି ବଢ଼ାଇବାରେ ଲାଗିଛନ୍ତି। ଜେଭିଏମ୍ ୨୦୦୭ରେ ପ୍ରଥମେ ପଶ୍ଚିମବଙ୍ଗ ଓ ଆସାମ ଏବଂ ପରେ ଦେଶର ଅନ୍ୟ କେତେକ ଭାଗରେ କାର୍ଯ୍ୟ ଆରମ୍ଭ କରିଥିଲା। ମ୍ୟାନମାରରେ ରୋହିଙ୍ଗ୍ୟା ମୁସ୍‌ଲିମଙ୍କ ଦୁର୍ଦ୍ଦଶାର ପ୍ରତିଶୋଧ ନେବା ପାଇଁ ଜେଭିଏମ୍ ବୌଦ୍ଧ ମନ୍ଦିରଗୁଡ଼ିକରେ ଆକ୍ରମଣ ଲାଗି ଯୋଜନା ଚଳାଇଥିବା କୁହାଯାଉଛି।

# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ | Bhubaneswar, Friday, January 10/2020 | ପୃଷ୍ଠା-୧




## ଇଣ୍ଡିଆ 'ବି'କୁ ଫାଇନାଲରେ ପହଞ୍ଚାଇଲେ ସୁଶ୍ରୀ

ଓଡ଼ିଶାର ସୁଶ୍ରୀ ଦିବ୍ୟଦର୍ଶିନୀ ଚମତ୍କାର ଖେଳି ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ 'ବି'କୁ ଫାଇନାଲରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ୧୭

୧୦

## ଇମ୍‌ତିୟାଜ୍‌ଙ୍କ ଫିଲ୍ମକୁ ଆୟୁଷ୍ମାନ୍‌ଙ୍କ ନା

ବଲିଉଡ୍‌ର ଟାଲେଣ୍ଟେଡ୍ ହିରୋ ଆୟୁଷ୍ମାନ୍ ଖୁରାନା ଲୋକପ୍ରିୟ ନିର୍ଦ୍ଦେଶକ ଇମ୍‌ତିୟାଜ୍ ଅଲିଙ୍କ ଆଗାମୀ ଫିଲ୍ମ କରିବାକୁ ମନାକରିଦେଇଥିବା ଜଣାପଡ଼ିଛି।



## ନିର୍ବାଚନ ବେଳେ ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ପିଟିଶନ

# କେନ୍ଦ୍ର, ଇସିଙ୍କୁ ସୁପ୍ରିମକୋର୍ଟ ନୋଟିସ



ନୂଆଦିଲ୍ଲୀ,୯।୧(ପି.ଟି.)

ନିର୍ବାଚନ ବେଳେ ପ୍ଲାଷ୍ଟିକ୍ ବ୍ୟାନର, ହୋର୍ଡିଂ ଇତ୍ୟାଦିର ବ୍ୟବହାରକୁ ବିରୋଧ କରି ଦାଏର ଏକ ପିଟିଶନ ଉପରେ ସୁପ୍ରିମକୋର୍ଟ ଗୁରୁବାର କେନ୍ଦ୍ର ସରକାର ଓ ନିର୍ବାଚନ କମିଶନ (ଇସି)ଙ୍କୁ ନୋଟିସ ଜାରି କରିଛନ୍ତି। ଜଷ୍ଟିସ୍ ଏଲ୍. ନାଗେଶ୍ୱର ରାଓ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ଇସିଙ୍କୁ ୪ ସପ୍ତାହ ମଧ୍ୟରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆଇନଜୀବୀ ଡବ୍ଲ୍ୟୁ. ଏଡୱିନ୍ ୱିଲ୍‌ସନ ଏହି ପିଟିଶନ ଦାଏର କରିଥିଲେ।

ପ୍ଲାଷ୍ଟିକ୍ ବ୍ୟବହାର ବିରୋଧରେ ଜାରି କଟକଣା କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ତଦାରଖ କରିବାକୁ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି) ଭାରତର ନିର୍ବାଚନ କମିଶନ ଏବଂ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ବାଚନରେ ପ୍ରଚୁର ପରିମାଣରେ ପିଭିସି ବ୍ୟାନର ବ୍ୟବହୃତ ହେଉଛି, ଯାହା ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ। ଏହି ମୁଖ୍ୟ ପ୍ରସଙ୍ଗ ଉପରେ ଏନ୍‌ଜିଟି ପ୍ରଭାବଶାଳୀ ନିର୍ଦ୍ଦେଶନାମା ଜାରି କରି ନ ଥିବା ପିଟିଶନରେ ଦର୍ଶାଯାଇଛି। ଆଇନଜୀବୀ ସଞ୍ଜୟ ଉପାଧ୍ୟାୟ ଏବଂ ସଲିକ୍ ଶଫିକ୍‌ଙ୍କ ଜରିଆରେ ଏହି ପିଟିଶନ ଦାଏର କରାଯାଇଛି। ନିର୍ବାଚନ ପ୍ରଚାର ବେଳେ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ପୋଷ୍ଟର, ବ୍ୟାନର, ହୋର୍ଡିଂ ବ୍ୟବହୃତ ହେଉଛି ଓ ପରେ ତାହା ବର୍ଜ୍ୟରେ ପରିଣତ ହେଉଛି, ଯାହାକି ପରିବେଶ ପାଇଁ ଅତ୍ୟନ୍ତ ହାନିକାରକ ବୋଲି ଆବେଦନକାରୀ ୱିଲ୍‌ସନ ଅଭିଯୋଗ କରିଛନ୍ତି। ତେଣୁ ପିଭିସି, ସିନ୍ଥେଟିକ୍ ପ୍ଲାଷ୍ଟିକ୍ ପଲିମର ଏବଂ କ୍ଲୋରିନେଟେଡ୍ ପ୍ଲାଷ୍ଟିକ ବ୍ୟବହାର ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ସେ ସର୍ବୋଚ୍ଚ ଅଦାଲତଙ୍କୁ ଅନୁରୋଧ କରିଛନ୍ତି।

ନିର୍ବାଚନ ପ୍ରଚାରବେଳେ ପ୍ଲାଷ୍ଟିକ୍‌ର ବିକଳ୍ପ ବ୍ୟବହାର କରିବା ପାଇଁ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବ ଏବଂ ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କୁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ କହିବା ପରେ ଏନ୍‌ଜିଟି ଉପରୋକ୍ତ ନିଷ୍ପତ୍ତି ନେଇଥିଲେ। ମନ୍ତ୍ରଣାଳୟ ବିଘଟନ ହେଉଥିବା ପ୍ଲାଷ୍ଟିକ୍, ପ୍ରାକୃତିକ ଫାଇବର, ପୁନଃଚକ୍ରଣଯୋଗ୍ୟ କାଗଜ ଓ ଅନ୍ୟାନ୍ୟ ପରିବେଶ ଅନୁକୂଳ ପଦାର୍ଥକୁ ପ୍ରଚାର କାର୍ଯ୍ୟରେ ବ୍ୟବହାର କରିବା ଲାଗି ରାଜ୍ୟଗୁଡିକୁ ପତ୍ର ଲେଖିଥିଲେ ବୋଲି କହିଛନ୍ତି। ନିର୍ବାଚନ ବେଳେ ପ୍ଲାଷ୍ଟିକ ପଦାର୍ଥ ବିଶେଷ କରି ବ୍ୟାନର ଓ ହୋର୍ଡିଂ ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ ହେବା ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟ ଏବଂ ନିର୍ବାଚନ କମିଶନ ଚାହାନ୍ତି। ତେଣୁ ଉପରୋକ୍ତ କଟକଣା/ନିର୍ଦ୍ଦେଶାବଳୀ ଉପଯୁକ୍ତ ଭାବେ ପାଳନ ହେଉଛି କି ନାହିଁ ତାହା ନିର୍ବାଚନ କମିଶନ ଏବଂ ପ୍ରତି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ନିର୍ବାଚନ ଅଧିକାରୀ ଏବଂ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତଦାରଖ କରିବା ଠିକ୍ ହେବ ବୋଲି ଟ୍ରିବ୍ୟୁନାଲ କହିଥିଲେ।

## ଆଜି ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ

### ଉପଚ୍ଛାୟାଜନିତ ହେତୁ ପାଳନୀୟ ନୁହେଁ




ଭୁବନେଶ୍ୱର,୯।୧(ବ୍ୟୁରୋ): ବର୍ଷର ପ୍ରଥମ ଚନ୍ଦ୍ରଗ୍ରହଣ ଶୁକ୍ରବାର ରାତିରେ ଦେଖିବାକୁ ମିଳିବ। ଏହି ମହାଜାଗତିକ ଘଟଣା ଓଡିଶା ସମେତ ସମଗ୍ର ଭାରତ ଏବଂ ବିଶ୍ୱର ଅନେକ ରାଷ୍ଟ୍ରରେ ଦେଖାଯିବ। ୧୦ ତାରିଖ ରାତି ୧୦ଟା ୩୭ ମିନିଟରେ ଚନ୍ଦ୍ରଗ୍ରହଣ ଆରମ୍ଭ ହେବ। ଏହି ସମୟରେ ଚନ୍ଦ୍ର ପୃଥିବୀର ଉପଚ୍ଛାୟାରେ ପ୍ରବେଶ କରିବ। ତେବେ ଏଥର ଗ୍ରହଣ ସମୟରେ ଚନ୍ଦ୍ର ପୃଥିବୀର ପ୍ରଚ୍ଛାୟା(ଗାଢ କଳା ଛାୟା)ରେ ପ୍ରବେଶ କରିବ ନାହିଁ। ତେଣୁ ଏହି ଚନ୍ଦ୍ରଗ୍ରହଣକୁ ଖାଲି ଆଖିରେ ଦେଖିବା କଷ୍ଟକର ହେବ। ଯଦି ଆକାଶ ସମ୍ପୂର୍ଣ୍ଣ ପରିଷ୍କାର ରୁହେ ତା ହେଲେ ଭଲଭାବେ ନିରୀକ୍ଷଣ କଲେ ଏକ ହାଲ୍‌କା ଛାଇ ଦେଖାଯିବ ବୋଲି ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମ୍‌ର ଉପନିର୍ଦ୍ଦେଶକ ଡ. ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି। ଅନ୍ୟପକ୍ଷରେ ଉପଚ୍ଛାୟାଜନିତ ହୋଇଥିବାରୁ ଏବଂ ଖାଲି ଆଖିରେ ଦେଖାଯାଉ ନ ଥିବାରୁ ଏହାକୁ ପାଳନ କରାଯିବ ନାହିଁ ବୋଲି ଜ୍ୟୋତିର୍ବିଦ୍‌ମାନେ ମତ ଦେଇଛନ୍ତି। ସୂଚନା ମୁତାବକ ୧୦ ତାରିଖ ରାତି ୧୦ଟା ୩୭ରୁ ଚନ୍ଦ୍ରଗ୍ରହଣ ଆରମ୍ଭ ହେବାକୁ ଥିବାବେଳେ ୧୧ ତାରିଖ ଭୋର ୨ଟା ୪୨ ମିନିଟରେ ଛାଇଟି ଚନ୍ଦ୍ର ଉପରୁ ସମ୍ପୂର୍ଣ୍ଣ ଅପସରିଯିବ। ଅର୍ଥାତ୍ ଚନ୍ଦ୍ର ପୃଥିବୀର ଉପଚ୍ଛାୟାରେ ୧୦ ତାରିଖ ରାତି ୧୦ଟା ୩୭ରୁ ☞ପୃଷ୍ଠା-୨

## ପେଣ୍ଠ ବେଳାଭୂମି ଅସୁରକ୍ଷିତ

# ଜିଓ ସିନ୍ଥେଟିକ୍ ୱାଲରେ ପୁଣି ଅଗ୍ନିକାଣ୍ଡ



ଅଗ୍ନିଶମ ବାହିନୀ ନିଆଁ ଲିଭାଉଛନ୍ତି।

ରାଜନଗର,୯।୧(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବଙ୍ଗୋପସାଗର ତଟବର୍ତ୍ତୀ ପେଣ୍ଠ ଗ୍ରାମ ନିକଟରେ ସମୁଦ୍ର ଜୁଆରକୁ ପ୍ରତିହତ କରିବା ପାଇଁ ନିର୍ମାଣ କରାଯାଇଥିବା ଜିଓ ସିନ୍ଥେଟିକ ୱାଲରେ ଗୁରୁବାର ୩ୟ ଥର ପାଇଁ ଅଗ୍ନିକାଣ୍ଡ ଘଟିଛି। ଏହି ଅଗ୍ନିକାଣ୍ଡରେ ୩୦ଟି ଗ୍ୟାବିଅନ ବକ୍ସ ନଷ୍ଟ ହୋଇଥିବା ଜଣାପଡିଛି। ନିଆଁ କିପରି ଲାଗୁଛି ତାର ପ୍ରକୃତ ତଥ୍ୟ ଏଯାଏଁ ପଦାକୁ ଆସିନାହିଁ। ଭାରତର ଦ୍ୱିତୀୟ ଏବଂ ଓଡିଶାର ସର୍ବପ୍ରଥମ ଜିଓ ସିନ୍ଥେଟିକ ୱାଲରେ ଅଗ୍ନିକାଣ୍ଡକୁ ନେଇ ପେଣ୍ଠ ସମେତ ସ୍ଥାନୀୟ ସମୁଦ୍ରକୂଳିଆ ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଛି।

ପ୍ରକାଶ ଯେ, ଗୁରୁବାର ସକାଳ ୬ଟା ସମୟରେ ଜିଓ ସିନ୍ଥେଟିକ ୱାଲ ଜଳୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗ ଓ ତଟବନ୍ଧ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ରାଜନଗର ଅଗ୍ନିଶମ ବାହିନୀ ପେଣ୍ଠ ସମୁଦ୍ର କୂଳରେ ପହଞ୍ଚି ୮ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଅକ୍ଳାନ୍ତ ପରିଶ୍ରମ କରି ନିଆଁକୁ ଆୟତ୍ତ କରିଥିଲେ। ୨୦ଫୁଟ ଲମ୍ବ ଓ ୧୦ଫୁଟ ଚଉଡା ମଧ୍ୟରେ ଥିବା ପ୍ରାୟ ୩୦ଟି ଗ୍ୟାବିଅନ ବକ୍ସର ଜାଲି ପୋଡି ପାଉଁଶ ହୋଇଯାଇଛି। ଖବରପାଇ ତଟବନ୍ଧ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଉମେଶ ଚନ୍ଦ୍ର ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅଞ୍ଜନ କୁମାର ବେହେରା ସ୍ଥିତି ଅନୁଧ୍ୟାନ କରିଛନ୍ତି। ଟେକ୍ନିକାଲ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଗତବର୍ଷ ଅଗଷ୍ଟ ମାସରେ ଓ ଦୁଇ ବର୍ଷ ତଳେ ଜିଓ ସିନ୍ଥେଟିକ ୱାଲରେ ନିଆଁ ଲାଗିଥିଲା।

ସୂଚନାଯୋଗ୍ୟ ଯେ, ରାଜନଗର ବ୍ଲକ ପେଣ୍ଠ ନିକଟରେ ସମୁଦ୍ର କୂଳ ଲଂଘୁ ଥିବାରୁ ୫୦୫ ମିଟର ଜିଓ ସିନ୍ଥେଟିକ ୱାଲ ନିର୍ମାଣ କରାଯାଇଥିଲା। ଜୁଆର ଓ ଅଲଟ୍ରା ଭାଓଲେଟ କିରଣରୁ ସିନ୍ଥେଟିକ ୱାଲକୁ ସୁରକ୍ଷା ଦେବା ପାଇଁ ଏହା ଉପରେ ଗ୍ୟାବିଅନ ବକ୍ସ ରଖାଯାଇଥିଲା। ପଲିମର ଜାତୀୟ ଦଉଡିରେ ତିଆରି ଜାଲି ମଧ୍ୟରେ ପଥରଖଣ୍ଡ ପୂରାଯାଇ ଏହି ସୁରକ୍ଷା ୱାଲ ନିର୍ମାଣ କରାଯାଇଥିଲା। ଏଥିପାଇଁ ୩୩ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ସମୁଦ୍ର ଜୁଆର ମାଡରେ ଅଧିକାଂଶ ସମୟରେ ଏହି ଗ୍ୟାବିଅନ ବକ୍ସ କ୍ଷତିଗ୍ରସ୍ତ ହୋଇଥାଏ। ଏଥିପାଇଁ ତଟବନ୍ଧ ବିଭାଗ ପକ୍ଷରୁ ସମୁଦ୍ର ଭିତରେ ବଡ ବଡ ପଥର ଖଣ୍ଡ ପକାଯାଇଛି। ବାରମ୍ବାର ଅଗ୍ନିକାଣ୍ଡରେ ଗ୍ୟାବିଅନ ବକ୍ସ ନଷ୍ଟ ହେଉଥିବାରୁ ଜିଓ ସିନ୍ଥେଟିକ ୱାଲର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ୧୮ ହଜାର କୋଟିର ୩

# ବୃହତ୍ ପ୍ରକଳ୍ପକୁ ମଞ୍ଜୁରୀ

- ୬ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ
- ଏନ୍‌ଟିପିସିର ତାଳଚେର ଷ୍ଟେଶନ ସମ୍ପ୍ରସାରଣ ହେବ

ଭୁବନେଶ୍ୱର,୯।୧(ବ୍ୟୁରୋ)

ରାଜ୍ୟର ୩ଟି ବୃହତ୍ ଶିଳ୍ପ ପ୍ରକଳ୍ପର ସମ୍ପ୍ରସାରଣ ପ୍ରସ୍ତାବକୁ ରାଜ୍ୟ ସରକାରଙ୍କ ଉଚ୍ଚସ୍ତରୀୟ କ୍ଲିୟରାନ୍ସ କମିଟି ଗୁରୁବାର ଅନୁମୋଦନ କରିଛନ୍ତି। ଏଥିରେ ସମୁଦାୟ ୧୭ ହଜାର ୮୩୩ କୋଟି ଟଙ୍କାର ପୁଞ୍ଜିନିବେଶ ହେବା ସହିତ ୬ ହଜାର ୫୩୯ ନିଯୁକ୍ତି ସୃଷ୍ଟି ହୋଇପାରିବ। ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ଉଚ୍ଚସ୍ତରୀୟ କମିଟି ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ରାୟଗଡ଼ା ଜିଲ୍ଲା କାଂସରୀଗୁଡାଠାରେ ବାର୍ଷିକ ୨୦ ଲକ୍ଷ ଟନ ବିଶିଷ୍ଟ ଏକ ଆଲୁମିନା ରିଫାଇନେରି ପ୍ରସ୍ତାବକୁ ଅନୁମୋଦନ କରିଛି। ଏଥିରେ ୮ ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ ହେବା ସହ ୪,୨୫୦ ଜଣଙ୍କୁ ନିଯୁକ୍ତି ଦିଆଯାଇ ପାରିବ। ସେହିପରି ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ(ଏନ୍‌ଟିପିସି) ତା'ର ତାଳଚେର ଥର୍ମାଲ ପାୱାର ଷ୍ଟେଶନର ସମ୍ପ୍ରସାରଣ କରିବ। ଏଥିରେ କର୍ପୋରେଶନ ପକ୍ଷରୁ ୩୬୯୮.୪୬ କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ। ସେହିପରି ସୁନ୍ଦରଗଡ ଜିଲାର କମନ୍ଦାଠାରେ ରୁଙ୍ଗଟା ମାଇନ୍ସ ଲିମିଟେଡ୍ ତା'ର ସମନ୍ୱିତ ଇସ୍ପାତ ପ୍ରକଳ୍ପର ଉତ୍ପାଦନ କ୍ଷମତା ୦.୨୭ ନିୟୁତ ଟନରୁ ୦.୯ ନିୟୁତ ଟନକୁ ବୃଦ୍ଧି କରିବ। ଏଥିରେ କମ୍ପାନୀ ୨ ହଜାର ୧୩୫ କୋଟି ଟଙ୍କାର ପୁଞ୍ଜିବିନିଯୋଗ କରିବ। ଏଥିରେ ୨ ହଜାର ୨୮୯ ଜଣଙ୍କୁ ନିଯୁକ୍ତି ସୁଯୋଗ ମିଳିପାରିବ ବୋଲି ବୈଠକରୁ ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ବୃହତ୍ ପ୍ରକଳ୍ପଗୁଡିକର ସମୀକ୍ଷା କରିଥିଲେ।

## ପଦୋନ୍ନତି ଅଦାଲତ ଗଠନ କଲେ ସରକାର

- ଠିକ୍ ସମୟରେ ପ୍ରକ୍ରିୟା ସାରିବାକୁ ଗୁରୁତ୍ୱ
- ଉପକୃତ ହେବେ ସଂଖ୍ୟାଧିକ କର୍ମଚାରୀ

ଭୁବନେଶ୍ୱର,୯।୧(ବ୍ୟୁରୋ)- ରାଜ୍ୟ ସରକାର କର୍ମଚାରୀଙ୍କ ପଦୋନ୍ନତି ସମସ୍ୟା ସମାଧାନ ପାଇଁ 'ପଦୋନ୍ନତି ଅଦାଲତ' ଗଠନ କରିବାର ନିଷ୍ପତ୍ତି ନେଇଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍‌ଓ) ପକ୍ଷରୁ ଗୁରୁବାର ଗଣମାଧ୍ୟମକୁ ଅବଗତ କରାଯାଇଛି। ନିକଟରେ ସରକାର ବିଭିନ୍ନ ବର୍ଗର କର୍ମଚାରୀ ଯେପରି ଠିକ୍ ସମୟରେ ପଦୋନ୍ନତି ପାଇବେ ସେଥିପାଇଁ ନିର୍ଦ୍ଦେଶ ଦେଇଥିଲେ। ପ୍ରତିବର୍ଷ ଡିସେମ୍ବର ୩୧ ସୁଦ୍ଧା ପଦୋନ୍ନତି ସମ୍ପର୍କିତ ପ୍ରକ୍ରିୟା ସାରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି କଡ଼ା ନିର୍ଦ୍ଦେଶ ମଧ୍ୟ ପ୍ରଶାସନରେ ପ୍ରତିଫଳିତ ହୋଇଥିଲା। ଏହା ଦ୍ୱାରା ରାଜ୍ୟର ୩୧୬୬ କର୍ମଚାରୀ ଗତ ଡିସେମ୍ବର ୩୧ ପୂର୍ବରୁ ପଦୋନ୍ନତି ପାଇଥିଲେ। ଏହି ସମୟ ମଧ୍ୟରେ ଯେଉଁମାନେ ପଦୋନ୍ନତି ପାଇପାରି ନାହାନ୍ତି, ତାହାକୁ ତ୍ୱରାନ୍ୱିତ କରିବାରେ ଏହି ଅଦାଲତ ସହାୟକ ହେବ ବୋଲି ଆଶା କରାଯାଉଛି। ବିଭିନ୍ନ ବିଭାଗର ପ୍ରଶାସନିକ ଦାୟିତ୍ୱରେ ଥିବା ଅତିରିକ୍ତ ମୁଖ୍ୟ ଶାସନ ସଚିବମାନଙ୍କ ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

## ଦୋହରା ଝଟକା

# ବିଦ୍ୟୁତ୍ କାଟ ପାଇଁ ସେସୁ ପ୍ରସ୍ତୁତ

- ୧୧,୫୯୭ ଗାଁ ଚିହ୍ନଟ
- ଆଦାୟ ହୋଇଛି ୨୧ କୋଟି

ଭୁବନେଶ୍ୱର,୯।୧(ବ୍ୟୁରୋ)

ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ଜାନୁୟାରୀ ୧୬ ତାରିଖ ପରଠାରୁ ବିଦ୍ୟୁତ୍ ବକେୟା ଦେଇ ନ ଥିବା ଉପଭୋକ୍ତାଙ୍କର ବିଦ୍ୟୁତ୍ ବିଚ୍ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। ଗଣମାଧ୍ୟମକୁ ସୂଚନା ଦେଇ ସେସୁର ସିଇଓ ଅରୁଣ ବୋଥ୍ରା କହିଛନ୍ତି ଯେ ବିଦ୍ୟୁତ୍ ବିଲ୍ ବାକି ରଖିଥିବା ଉପଭୋକ୍ତାଙ୍କ ବିଦ୍ୟୁତ୍ ବିଚ୍ଛିନ୍ନ କରିବା ପାଇଁ ୪୧୩ଟି ସ୍କ୍ୱାଡ ଗଠନ କରାଯାଇଛି। ସ୍ୱତନ୍ତ୍ର ଡ୍ରାଇଭ ଆସନ୍ତା ୧୬ ତାରିଖରୁ ଆରମ୍ଭ କରାଯିବ। ବକେୟା ରଖିଥିବା ୧୧,୫୯୭ଟି ଗାଁକୁ ଚିହ୍ନଟ କରାଯାଇଛି। ସେସୁର ୨୦ଟି ଡିଭିଜନରେ ଥିବା ଏହି ଗ୍ରାମଗୁଡିକରେ ବିଦ୍ୟୁତ୍ କାଟ ଅଭିଯାନ ଆରମ୍ଭ ହେବ। ବକେୟା ଦେଇ ନ ଥିବା ସମୁଦାୟ ୭ ଲକ୍ଷ ଉପଭୋକ୍ତାଙ୍କ ମଧ୍ୟରୁ ୧.୧୦ ଲକ୍ଷ ଗ୍ରାହକ ୨୧ କୋଟି ଟଙ୍କାର ବକେୟା ପ୍ରଦାନ କରିଛନ୍ତି। ବିଦ୍ୟୁତ୍ କାଟ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଏହା ଛଡା ସେସୁ ପାଖରେ ଅନ୍ୟ କିଛି ବିକଳ୍ପ ନାହିଁ। ଯଦି ଉପଭୋକ୍ତାମାନେ ନିୟମିତ ଭାବେ ବିଦ୍ୟୁତ୍ ବକେୟା ଦେବେ ନାହିଁ ତେବେ ବାଧ୍ୟ ହୋଇ ଏଭଳି ପଦକ୍ଷେପ ନେବାକୁ ପଡୁଛି ବୋଲି ବୋଥ୍ରା କହିଛନ୍ତି।

# ୨ ଶାବକଙ୍କୁ ଜନ୍ମଦେଲା ବାଘୁଣୀ ସ୍ନେହା



### ନନ୍ଦନକାନନ

ବାରଙ୍ଗ,୯।୧(ଡି.ଏନ୍.ଏ.)

ଗତ କିଛିଦିନର ବ୍ୟବଧାନ ପରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଏକାସଙ୍ଗେ ଦୁଇଟି ନୂଆ ଅତିଥି ମିଳିଛି। ଧଳାବାଘୁଣୀ ସ୍ନେହା ତା'ର ତୃତୀୟ ଗର୍ଭସ୍ଥରୁ ଦୁଇଟି ସନ୍ତାନକୁ ଗୁରୁବାର ବଡିଭୋର ସମୟରେ ଜନ୍ମ ଦେଇଛି। ପ୍ରଥମ ଶାବକ ୩.୩୮ମିନିଟ ଓ ଦ୍ୱିତୀୟଟି ୫.୪୪ମିନିଟରେ ଜନ୍ମଦେଇଛି। ଆସନ୍ତା ୧୦-୧୨ ତାରିଖରେ ସ୍ନେହା ଛୁଆ ଜନ୍ମ କରିବ ବୋଲି ଏଠାକାର ଡାକ୍ତରମାନେ ପୂର୍ବାନୁମାନ କରିଥିବାବେଳେ ତାହା ଭୁଲ ପ୍ରମାଣିତ ହୋଇଛି। ସ୍ନେହାର ନବଜାତକ ଛୁଆଦ୍ୱୟ ସୁସ୍ଥ ଥିବାବେଳେ ମା' ଠାରୁ କ୍ଷୀର ଖାଉଥିବାର ସିସିଟିଭିରେ ଦେଖିବାକୁ ମିଳିଛି। ଏହି ଛୁଆ ମଧ୍ୟରେ ଗୋଟିଏ ସାଧାରଣ ରଙ୍ଗର ହୋଇଥିବାବେଳେ ଅନ୍ୟଟି ଧଳା ବୋଲି ଜନ୍ତୁବିଭାଗ ଅନୁମାନ କରିଛି। ଗତ ସେପ୍ଟେମ୍ବର ୨୭ ଓ ୨୮ରେ ହାଇଦ୍ରାବାଦରୁ ଆସିଥିବା ଜଙ୍ଗଲୀ ମହାବଳବାଘ ସେଫ୍ ସହ ସ୍ନେହାର ମିଳନ ହୋଇଥିଲା। ତା'ର ରକ୍ତନମୁନା ସଂଗ୍ରହ କରାଯାଇ ଅଗଷ୍ଟରେ ପରୀକ୍ଷା ପରେ ସେ ଗର୍ଭବତୀ ଥିବା ଜାଣି ନନ୍ଦନକାନନ କର୍ତ୍ତୃପକ୍ଷ ବାଘୁଣୀ ସ୍ନେହା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇଥିଲେ। ଏନକ୍ଲୋଜର ନଂ୨୧ବି ପଛପଟରେ ସ୍ନେହାକୁ ରଖାଯିବା ସହ ୪ଟି ସିସିଟିଭି ଲଗାଯାଇ ତା'ର ଗତିବିଧିକୁ ଲକ୍ଷ୍ୟ କରାଯାଇଥିଲା। ସ୍ନେହା ନନ୍ଦନକାନନ ପାଇଁ ଗୁରୁତ୍ୱବହନ କରିଥିବାବେଳେ ଏହାପୂର୍ବରୁ ମନୀଷ ସହ ମିଶି ସ୍ନେହା ତା'ର ପ୍ରଥମଗର୍ଭସ୍ଥ ସନ୍ତାନକୁ ୨୮ଜୁଲାଇ ୨୦୧୪ରେ କ୍ରିଷ୍ଣା, ସ୍ନେହାଶିଷ, ଆନିନି ଓ ଶୁଭଶ୍ରୀକୁ ମିଶାଇ ୪ଟି ସନ୍ତାନ ଜନ୍ମ ଦେଇଥିଲା। ସେଥିମଧ୍ୟରେ କ୍ରିଷ୍ଣା ଥିଲା କଳାଲୋମଯୁକ୍ତ ବାଘଛୁଆ। ଯାହା ସେ ସମୟରେ ସମସ୍ତଙ୍କ ପାଇଁ ଚର୍ଚ୍ଚାର ବିଷୟ ସାଜିଥିଲା। ପରେ ପୁଣି ମନୀଷ ସହ ମିଶି ସ୍ନେହା ୫ ଅଗଷ୍ଟ୨୦୧୬ରେ ୨ୟ ଗର୍ଭସ୍ଥ ହୋଇ ଭିକି, ଚିନୁ, ମୌସୁମୀକୁ ମିଶାଇ ୩ଟି ଛୁଆ ଜନ୍ମ ଦେଇଥିଲା। ସେଥିରୁ ଭିକି ଥିଲା କଳାଲୋମଯୁକ୍ତ ବାଘଛୁଆ। ଏବେ ନନ୍ଦନକାନନରେ ବାଘ ସଂଖ୍ୟା ୨୭କୁ ବୃଦ୍ଧି ପାଇଛି। ସେଥିମଧ୍ୟରେ ୧୩ଟି ସାଧାରଣବାଘ ଥିବାବେଳେ ୫ ଅଣ୍ଡିରା ଓ ୮ମାଈ ରହିଛନ୍ତି। ସେହିପରି ୮ଟି ଧଳାବାଘ ଥିବାବେଳେ ୩ ଅଣ୍ଡିରା ଓ ୫ମାଈ ଅଛନ୍ତି। ୪ଟି କଳାଲୋମଯୁକ୍ତ ବାଘଛୁଆ ସହ ଏହି ୨ ନୂଆ ଶାବକର ଲିଙ୍ଗନିରୂପଣ ହୋଇ ନ ଥିବା ଜଣାପଡିଛି।


| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 82 | 135 | 145 |
| CTC | 79 | 131 | 141 |
| DKL | 80 | 132 | 142 |
| BDK | 75 | 126 | 136 |
| BLS | 74 | 124 | 134 |
| ANG | 82 | 135 | 145 |
| BHM | 82 | 135 | 145 |

Vencobb FRESH CHICKEN — 09.01.2020 — *Conditions Apply — Issued in the Interest of Consumers




* Terms and conditions apply. For detailed T&C, visit ace.tatamotors.com or the nearest TATA Motors dealership. Images and illustrations are indicative and for information purposes only. Financing scheme of 2.99% will be applicable on all 2020 make Ace Variants.

TATA MOTORS: 9748164499,7894470058,7337254400

Authorised Dealers:

Trupti Automotives — Angul, Jajpur, Dhenkanal, Cuttack, Jagatsighpur, Kendrapada — 9583040249, 9583040257

Consortium Automobiles — Khorda, Puri, Nayagarh, Kandhamal, Ganjam, Gajpati — 7375087787

Pal Movers — Balasore, Bhadrak, Mayurbhanj, Keonjhar — 9437960713, 8456911350

Jalan Automobiles — Sambalpur - 9437057804, Jharsuguda - 7381062270, Rourkella - 7381062291, Sundergarh - 7381002371 / 9437057827

Laxmi Sales and Service — Bargarh, Balangir, Sonepur, Boudh, Naupada — 8144917704, 8144917701

Kalinga Auto Syndicate — Koraput, Nabarangpur, Malkangiri, Kalahandi, Rayagada — 8763144444, 7682826345

**କିଛି ତଥ୍ୟ**

ଚଳିତ ଆର୍ଥିକ ବର୍ଷ ନଭେମ୍ବରରେ ଦେଶ ମଧ୍ୟରେ ଯାତ୍ରା କରୁଥିବା ବିମାନଯାତ୍ରୀ ଟ୍ରାଫିକରେ ୧୧.୩% ବୃଦ୍ଧି ଘଟିଛି।
– ଇଣ୍ଟରନ୍ୟାଶନାଲ ଏୟାର ଟ୍ରାଫିକ ଆସୋସିଏଶନ

**ଆଜିର ମନ୍ତବ୍ୟ**

"ଏକସଙ୍ଗେ ପାର୍ଲାମେଣ୍ଟ ଓ ରାଜ୍ୟ ବିଧାନସଭା ନିର୍ବାଚନ କରିବା ନେଇ ରାଜନୈତିକ ଦଳଗୁଡ଼ିକ ବିଚାର କରିବା ଆବଶ୍ୟକ।
–ଏମ୍. ଭେଙ୍କାୟା ନାଇଡୁ, ଉପରାଷ୍ଟ୍ରପତି

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................


ହୃଷିକେଶ
ପରିବାରବର୍ଗ


ଜଗବନ୍ଧୁ
ପରିବାରବର୍ଗ


ସନାତନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି–୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

**ପ୍ରଥମ ପୃଷ୍ଠାରୁ...**

### ଆଜି ବର୍ଷର...

୧୧ ତାରିଖ ଭୋର ୨ ଟା ୪୨ ମିନିଟ୍ ପର୍ଯ୍ୟନ୍ତ ରହିବ। ଆକାଶ ମେଘମୁକ୍ତ ଥିଲେ ଏହି ଦୃଶ୍ୟକୁ ଖାଲି ଆଖିରେ କିମ୍ବା ଛୋଟ ବାଇନାକୁଲର ସାହାଯ୍ୟରେ ଦେଖିହେବ। ୨୦୨୦ ବର୍ଷରେ ୪ଟି ଚନ୍ଦ୍ରଗ୍ରହଣ ଏବଂ ୨ଟି ସୂର୍ଯ୍ୟୋପରାଗ ଦେଖିବାକୁ ମିଳିବ। ଏ ନେଇ ଡ. ପଟ୍ଟନାୟକଙ୍କ ସୂଚନା ମୁତାବକ, ଚନ୍ଦ୍ରଗ୍ରହଣ ଏକ ବିରଳ ତଥା ସୁନ୍ଦର ମହାଜାଗତିକ ଦୃଶ୍ୟ। ଆକାଶ ମେଘମୁକ୍ତ ରହିଲେ ଏହା ଓଡିଶା ତଥା ଭାରତର ସବୁ ଅଞ୍ଚଳରୁ ଖାଲି ଆଖିରେ ଦେଖିହେବ। ପଠାଣି ସାମନ୍ତ ପ୍ଲାନେଟାରିୟମ୍ ତରଫରୁ ଲୋକମାନଙ୍କୁ ସଚେତନ କରାଯିବା ସହ ସୁଯୋଗକୁ ହାତଛଡ଼ା ନ କରିବା ପାଇଁ କୁହାଯାଇଛି।

### ପଦୋନ୍ନତି...

ଅଧ୍ୟକ୍ଷତାରେ ପଦୋନ୍ନତି ଅଦାଲତ ଗଠନ କରାଯିବ। ପ୍ରତିବର୍ଷ ଜାନୁୟାରୀ ମାସର ଚତୁର୍ଥ ସପ୍ତାହରେ ପଦୋନ୍ନତି ଅଦାଲତର ବୈଠକ ବସିବ। କୌଣସି କାରଣରୁ ପଦୋନ୍ନତି ପାଇପାରି ନ ଥିବା କର୍ମଚାରୀମାନଙ୍କ ସମସ୍ୟାର ସମାଧାନ ଅଦାଲତ ଜରିଆରେ କରାଯିବ। ଉଲ୍ଲେଖଯୋଗ୍ୟ, ବିଭିନ୍ନ କାରଣରୁ ପଦୋନ୍ନତି ପାଇ ପାରି ନ ଥିବା କର୍ମଚାରୀମାନେ ଅଦାଲତର ଦ୍ୱାରସ୍ଥ ହୋଇଥାଆନ୍ତି। ତେଣୁ ଏହି ଅଦାଲତ ଗଠିତ ହେବା ଦ୍ୱାରା କର୍ମଚାରୀମାନେ ଶୀଘ୍ର ନ୍ୟାୟ ପାଇପାରିବେ ବୋଲି ଆଶା କରାଯାଉଛି। ସରକାରଙ୍କ ଏହି ନିଷ୍ପତ୍ତିକୁ ସବୁ ମହଲରେ ସ୍ୱାଗତ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରଦତ୍ତ ୫–ଟି ମନ୍ତ୍ରକୁ ଏହି ପ୍ରକ୍ରିୟାରେ କାର୍ଯ୍ୟ କରାଯିବ। ଏହା ସମ୍ପୂର୍ଣ୍ଣ ପଦୋନ୍ନତିରେ ସଂସ୍କାର ଏବଂ ସ୍ୱଚ୍ଛତା ଆଣିବ ବୋଲି କୁହାଯାଉଛି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକାପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଣ୍ଡିବା ଶକ୍ତି ଯାର ଥାଇ
ସେ ପୁଣି କ୍ଷମା ଆଚରଇ।**

ଭଗବାନ ଗଧପାଦ ଧରିଥିବା ପୁରାଣରୁ ଜାଣିବାକୁ ମିଳିଥାଏ। ଶକ୍ତିଶାଳୀ ଲୋକ ମଧ୍ୟ ଦରକାର ବେଳେ ବିନୟଭାବ ପୋଷଣ କରିଥାଏ। ମନୁଷ୍ୟର ମହାନତାର ପରିଚୟ ତା'ର ପଦ, ଅଧିକାର, ଐଶ୍ୱର୍ଯ୍ୟ ବା ଧନସମ୍ପତ୍ତିରୁ ନୁହେଁ ବରଂ ତା'ର ବିନମ୍ରତା, ଉଦାରତା ଓ କର୍ତ୍ତବ୍ୟପରାୟଣତାରୁ ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଦେବାଠାରୁ ପୁଣ୍ୟ ନାହିଁ
ମାଗିବାଠାରୁ ହୀନ ନାହିଁ।**

ଦେବାରେ ଆନନ୍ଦ ଥାଏ। ମାଗିବାରେ ହୀନମନ୍ୟତା ପ୍ରକାଶ ପାଏ। ଦାନଶୀଳତା ଏକ ଉତ୍ତମ ଗୁଣ ହୋଇଥିବା ସ୍ଥଳେ ତାଙ୍କ ପ୍ରତି ଈଶ୍ୱରଙ୍କ କୃପାଶିଷ ରହିଥାଏ। ଦାନ କଲେ ଅଶେଷ ପୁଣ୍ୟ ମିଳିଥାଏ। ଯିଏ କିଛି କାମଧନ୍ଦା ନ କରି ଅନ୍ୟ ଆଗରେ ହାତ ପତେଇଥାଏ, ମାଗି ବୁଲୁଥାଏ ସେ ସବୁଠାରୁ ବଳି ଅଧମ ବୋଲାଇଥାଏ। ମାଗିବା ଠାରୁ ବଳି ହୀନକାର୍ଯ୍ୟ ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
–ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜି ଚନ୍ଦ୍ର ଭାଗ୍ୟସ୍ଥାନକୁ ଅବଲୋକନ କରି ଆପଣଙ୍କ ଚେଷ୍ଟା ଓ କର୍ମାନୁସରି ଅର୍ଥପ୍ରାପ୍ତିର ମାର୍ଗ ଉନ୍ମୁକ୍ତ କରିବେ। ଆଶଙ୍କା ଥିଲେ ହେଁ ସାହାଯ୍ୟ, ସହଯୋଗ ଲାଭକରି କାମ ହାସଲରେ ସମର୍ଥ ହେବେ। କଳା, ସାହିତ୍ୟ, କ୍ରୀଡା ଓ ଚଳଚ୍ଚିତ୍ରରେ ସଫଳତା ସାଙ୍ଗକୁ ଯାନବାହନ, ନିର୍ମାଣ, ଘର ସାଜସଜ୍ଜା କାମରେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ।

**ବୃଷ**
ଧନ ସ୍ଥାନରେ ତୃତୀୟାଧିପତି ଯୋଗୁ ବିଭିନ୍ନ ପ୍ରକାରର ମନଗଢା ଲୋଭନୀୟ ପ୍ରତିଶ୍ରୁତିଦେଇ ବନ୍ଧୁଙ୍କ ଦ୍ୱାରା କାମ ହାସଲ କରିପାରିବେ। ପାରିବାରିକ ଓ କର୍ମକ୍ଷେତ୍ରରେ ଅସ୍ଥିରତା ସହ ବିବାଦୀୟ ପରିସ୍ଥିତି ସୃଷ୍ଟିର ଆଶଙ୍କା ରହିଛି। ଏଜେନ୍ସିପ୍, ପ୍ରକାଶନ, ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇପାରିବ।

**ମିଥୁନ**
ଶୁକ୍ର ଭାଗ୍ୟସ୍ଥ ଓ ରାଶିରେ ବଳବାନ୍ ରାହୁଙ୍କ ସ୍ଥିତି ହେତୁ କୌଶଳର ସହ ସ୍ଥଗିତ କାମଗୁଡିକୁ ସମ୍ପାଦନ କରିପାରିବେ। ସଭାସମିତିରେ ବିଶିଷ୍ଟବ୍ୟକ୍ତିମାନଙ୍କର ସାନ୍ନିଧ୍ୟ ଲାଭ କରିପାରନ୍ତି। ସାଙ୍ଗଠନିକ କ୍ଷେତ୍ରରେ ନିଜର ପତିଆରା ଜାହିରକରି ସଫଳ ହେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ପରିମାଣ ବଢିଯିବ।

**କର୍କଟ**
ଦ୍ୱାଦଶଭାବକୁ ଗ୍ରହଙ୍କ ଦୃଷ୍ଟି ପ୍ରଭାବରେ ଆପଣ ଖର୍ଚ୍ଚାନ୍ତ ହୋଇ ବାରମ୍ବାର ସ୍ଥାନ ପରିବର୍ତ୍ତନ କରାଇପାରନ୍ତି। କର୍ମକ୍ଷେତ୍ର, ପ୍ରଶାସନିକ ସ୍ତରରେ ଉଚ୍ଚପଦବୀ, ସମାଜରେ ପ୍ରତିଷ୍ଠା, ବନ୍ଧୁବର୍ଗରେ ଆଦର ସମ୍ମାନ ପ୍ରାପ୍ତି ସକାଶେ ଅନୁକୂଳ ବାତାବରଣ ସୃଷ୍ଟି ହେବ। ଆର୍ଥିକ ଅନଟନ କିମ୍ବା ତତ୍ ସମ୍ବନ୍ଧିତ କୌଣସି ସମସ୍ୟାର ସମ୍ମୁଖୀନ ହେବାର ସୂଚନା ରହିଛି।

**ସିଂହ**
କର୍ମାଧିପ କେନ୍ଦ୍ରସ୍ଥ ଯୋଗୁ ଆପଣଙ୍କ କୌଣସି କାମ ଅସମ୍ପୂର୍ଣ୍ଣ ରହିବ ନାହିଁ। କିନ୍ତୁ ବିବାଦୀୟ ଘଟଣା ଅମୀମାଂସିତ ରହିବ ଏବଂ ଆତ୍ମୀୟମାନେ ଭିତରେ ଭିତରେ ଚେର କାଟିଲା ଭଳି କାମ କରିପାରନ୍ତି। ଅର୍ଥ ସମ୍ପର୍କିତ କଥାବାର୍ତ୍ତା, ବ୍ୟବସାୟିକ ସମ୍ପର୍କ, ଗବେଷଣା, ଅନୁସନ୍ଧାନ ଓ ବିଦେଶଯାତ୍ରାର ସୁଯୋଗ ପାଇବାର ସମ୍ଭାବନା ରହିଛି।

**କନ୍ୟା**
ମିତ୍ରଗୃହୀ ଧନାଧିପତି ଯୋଗୁ ଅର୍ଥଲାଭ ସାଙ୍ଗକୁ ବନ୍ଧୁଙ୍କ ସହ ସଦ୍‌ଭାବ ବୃଦ୍ଧି ମନରେ ନୂତନ ଉତ୍ସାହ, ଉଦ୍ଦୀପନା ସୃଷ୍ଟି କରିବ। ପାରିବାରିକ ସମସ୍ୟା, ବ୍ୟବସାୟିକ ପ୍ରତିଦ୍ୱନ୍ଦ୍ୱିତା, ଅଧ୍ୟାପନା ଓ ବିଦେଶ ଯାତ୍ରାରେ ସଫଳତା ହାସଲ କରିବେ। କଳା, କାରିଗରି, ସାହିତ୍ୟ ଚର୍ଚ୍ଚା, ସଙ୍ଗୀତ ସମାରୋହ ପ୍ରଭୃତି କ୍ଷେତ୍ରରେ ସଫଳତା ଅର୍ଜନ କରିବେ।

**ତୁଳା**
ମଙ୍ଗଳ ସ୍ୱକ୍ଷେତ୍ରବର୍ତ୍ତୀ ହୋଇ ଅର୍ଥ ଓ ଭୂସମ୍ପତ୍ତି ପ୍ରାପ୍ତି, ବିବାଦରେ ବିଜୟ, ଦୂରଯାତ୍ରା, ଧୈର୍ଯ୍ୟର ସହ ବିଭିନ୍ନ ସମସ୍ୟାର ସମାଧନ କରିବାରେ ସମର୍ଥ ହେବେ। ପ୍ରଶାସନିକ ସ୍ତର, ସଙ୍ଗୀତ, ଚଳଚ୍ଚିତ୍ର ପ୍ରଭୃତିରେ ସୁଫଳ ପ୍ରଦାନ କରିବେ। ପରିବହନରେ ଝଗଡ଼ା, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା, ଆନୁଷ୍ଠାନିକ କ୍ଷେତ୍ରର ବ୍ୟତିକ୍ରମକୁ ସୁଧାରି ନେଇପାରନ୍ତି।

**ବିଛା**
ଅଭାବ ଅସୁବିଧା ନ ଥିଲେ ମଧ୍ୟ ପାପଯୁକ୍ତ ଚନ୍ଦ୍ର ମନରେ ଅସ୍ଥିରତା ସୃଷ୍ଟି କରିବ। ବ୍ୟବସାୟ ଓ ପରିବହନରେ ଝଗଡ଼ାର ଆଶଙ୍କାକୁ ଏଡ଼ାଇହେବ ନାହିଁ। ଆଗାମୀ ମାଙ୍ଗଳିକ କାମ ସକାଶେ ଘର ସାଜସଜ୍ଜାରେ ସମୟ ଅତିବାହିତ କରିପାରନ୍ତି। ଶିଳ୍ପ, ବାଣିଜ୍ୟ, ଆଇନ ଅଦାଲତରେ ସଫଳତା ହାସଲ କରିବେ।

**ଧନୁ**
ରାଶ୍ୟାଧିପତି ସ୍ୱେକ୍ଷତ୍ରସ୍ଥ ହୋଇ ଏକାଧିକ ଗ୍ରହ ସଙ୍ଗତ୍ୱ ଯୋଗୁ ଆନୁଷ୍ଠାନିକ କାମ, ଗଠନମୂଳକ କାର୍ଯ୍ୟ ଓ ରାଜନୈତିକ ସ୍ଥିତି ବେଶ୍ ଅନୁକୂଳ ରହିବ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମୟାନ୍ତରରେ ସମାଧାନ ହୋଇଯିବ। ଶେୟାରବଜାର, ପ୍ରକଳ୍ପ କାମ, ରପ୍ତାନି ବ୍ୟବସାୟ କ୍ଷେତ୍ର ସନ୍ତୋଷଜନକ ରହିବ।

**ମକର**
ଏକାଦଶସ୍ଥ ମଙ୍ଗଳ ଓ ଧନଭାବସ୍ଥ ଶୁକ୍ର ହେତୁ କୌଣସି ଅଭାବ, ଅସୁବିଧା ରହିବ ନାହିଁ। ପାରିବାରିକ ଜୀବନ, ସାମାଜିକ ସ୍ଥିତି, ଯାନବାହନ, ଲୋକସମ୍ପର୍କ କ୍ଷେତ୍ର ବହୁତ ଭଲ ରହିବ। ବନ୍ଧୁମାନଙ୍କ ସାହାଯ୍ୟ, ସହଯୋଗର ଆବଶ୍ୟକତା ଅନୁଭବ କରିପାରନ୍ତି। ପୂର୍ବପରିକଳ୍ପିତ ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିପାରେ।

**କୁମ୍ଭ**
ରାଶ୍ୟାଧିପତିଙ୍କ ଶୁଭଦୃଷ୍ଟିରୁ ଦୈହିକ ସ୍ୱାସ୍ଥ୍ୟ ଅପରିବର୍ତ୍ତିତ ରହିଲେ ମଧ୍ୟ ବୃତ୍ତି, ବାଣିଜ୍ୟ ଓ ଲୋକ ସମ୍ପର୍କରେ ନ୍ୟୂନତା ପରିଲକ୍ଷିତ ହେବ। ସାମାଜିକ ସ୍ଥିତି ଦୁର୍ବଳରୁ ଦୁର୍ବଳତର ହୋଇପାରେ। ମାଲିମକଦ୍ଦମା, ପ୍ରଶାସନିକ ସ୍ତରରେ, କଳା, ସାହିତ୍ୟରେ ସୁଫଳ ପାଇବେ। ନିର୍ମାଣ, ଆମଦାନୀ, ରେଷ୍ଟୁରାଣ୍ଟ, ହୋଟେଲ ଶିଳ୍ପ ବହୁତ ଭଲ ରହିବ।

**ମୀନ**
କର୍ମକ୍ଷେତ୍ରରେ ଏକାଧିକ ଗ୍ରହ ବିଭିନ୍ନ ପ୍ରକାର ସମସ୍ୟା ସୃଷ୍ଟି କଲେ ମଧ୍ୟ ବିଶେଷ ଅସୁବିଧା ହେବନାହିଁ। ପାରିବାରିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା ମନକୁ ଆନ୍ଦୋଳିତ କରିବ। ଉପରିସ୍ଥଙ୍କ ଅନୁକମ୍ପା ପ୍ରତ୍ୟେକ କ୍ଷେତ୍ରରେ ସାହାଯ୍ୟ କରିବା ସହ ମାନସିକ ସ୍ଥିତିକୁ ସ୍ଥିର ରଖିବାରେ ସହାୟକ ହେବ।

ଆଜି ଜାନୁୟାରୀ ୧୦ ତାରିଖ, ପୌଷମାସର ଦେବାଭିଷେକ ପୂର୍ଣ୍ଣିମା ଶୁକ୍ରବାର, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର(ରାଜବେଶ), ସୁନାବେଶ, ପୂଜ୍ୟ ଶ୍ରୀଶଙ୍କରାଚାର୍ଯ୍ୟଙ୍କ ମହୋଦଧି ଆଳତି, ବରଗଡ଼ର ପ୍ରସିଦ୍ଧ ଧନୁଯାତ୍ରା ଶେଷ, ପୂର୍ଣ୍ଣିମାର ଚନ୍ଦ୍ରପୂଜା ଓ ଉପବାସ, ରାଶିନକ୍ଷତ୍ର–ଆରଦ୍ରା /ମିଥୁନ, କନ୍ୟାରାଶିର ଘାତଚନ୍ଦ୍ର, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ୭।୧୦ମି. ମଧ୍ୟେ ଘ୭।୫୪ମି. ଗତେ, ଘ୧୦।୦୫ମି. ମଧ୍ୟେ ଅମୃତବେଳା। ଦିବା ଘ୭।୪୮ମି. ଗତେ ଘ୯।୧୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୧୦।୩୨ମି. ଗତେ ଘ୧୧।୫୩ମି. ମଧ୍ୟେ ରାହୁକାଳ।

# ଟ୍ରେନ୍ ଲାଇନରୁ ମୃତଦେହ ଉଦ୍ଧାର

**ଛେଣ୍ଡିପଦା,୯।୧(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଜରପଡା ଥାନା ଅଞ୍ଚଳ ଦେଇ ଯାଇଥିବା ଅନୁଗୋଳ–ସମ୍ବଲପୁର ରେଳ ଲାଇନ ଭାଗୀରଥିପୁର ଗ୍ରାମ ନିକଟରୁ ଗୁରୁବାର ଛେଣ୍ଡିପଦା ଥାନା ନୂଆଗାଁ ଗ୍ରାମର ରଞ୍ଜିତ ସାହୁ(୨୩)ଙ୍କ କ୍ଷତବିକ୍ଷତ ମୃତଦେହ ପୋଲିସ ଉଦ୍ଧାର କରିଛି। ପୋଲିସ କହିଛି, ସମ୍ବଲପୁର–ରାଉରକେଲା ପାସେଞ୍ଜର ଟ୍ରେନ୍ ଆଗକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଖବର ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। କେଉଁ ପରିସ୍ଥିତିରେ ଯୁବକ ଜଣକ ଆତ୍ମହତ୍ୟା କରିଥିଲେ ତାହାର ପ୍ରକୃତ କାରଣ ଜଣାପଡିନାହିଁ। ଏ ନେଇ ପୋଲିସ ଜରପଡା ଥାନାରେ ନଂ.୧/୨୦ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ପରିବାର ଲୋକଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦିଆଯାଇଛି।

# ବାଣ ଭିଡ଼ିବାବେଳେ ବିସ୍ଫୋରଣ: ଜଣେ ମୃତ

**ଚଣ୍ଡିଖୋଲ,୯।୧(ଡି.ଏନ.ଏ)**

ଯାଜପୁର ଜିଲା ବୈରୀ ଥାନା ଅନ୍ତର୍ଗତ ଶାଳପଡା କୁଆଁରିଆକୂଳ ଗ୍ରାମରେ ଗୁରୁବାର ଅପରାହ୍ନରେ ବାଣ ଭିଡୁଥିବା ସମୟରେ ବିସ୍ଫୋରଣ ଘଟି ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ଉକ୍ତ ଗ୍ରାମର ଖଗେଶ୍ୱର ମଲ୍ଲିକ (୪୫) ବୋଲି ଜଣାପଡ଼ିଛି। ଆହତଙ୍କ ପରିଚୟ ମିଳିପାରି ନାହିଁ। ତେବେ ସେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିବା ଜଣାଯାଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ଖଗେଶ୍ୱରଙ୍କ ଘରେ ଉଭୟ ବାଣ ଭିଡୁଥିବା ସମୟରେ କୌଣସି କାରଣରୁ ସେଠାରେ ବିସ୍ଫୋରଣ ଘଟିଥିଲା। ଫଳରେ ବାଣ ଭିଡ଼ା ଯାଉଥିବା ଚାଳଘରଟି ସମ୍ପୂର୍ଣ୍ଣ ଜଳିଯିବା ସହ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଶବ୍ଦ ଶୁଣି ଘଟଣାସ୍ଥଳରେ ଗ୍ରାମବାସୀ ପହଞ୍ଚି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କ ଶରୀର ପୋଡିଯାଇଥିବା ବେଳେ ସେମାନଙ୍କୁ ତୁରନ୍ତ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ଖଗେଶ୍ୱରଙ୍କୁ ମୃତ ଘୋଷଣା କରିଥିବାବେଳେ ଅଚିହ୍ନା ବ୍ୟକ୍ତିଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ପଠାଯାଇଥିଲା। ଖବର ପାଇ ବୈରୀ ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି ଦୀପକ କୁମାର ଗୋଚ୍ଛାୟତ ଓ ଏସଆଇ ବିଶ୍ୱଜିତ ବିଶ୍ୱାଳ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆହତ ବ୍ୟକ୍ତିଙ୍କ ନାମ ପଞ୍ଜୀକରଣ ହୋଇ ନ ଥିବାରୁ ଯେଉଁ ଦୁଇଜଣ ବ୍ୟକ୍ତି ସେମାନଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ ସେମାନଙ୍କୁ ପୋଲିସ ଅଟକ ରଖିଥିବା ଜଣାପଡ଼ିଛି। ପୋଲିସ ଘଟଣାସ୍ଥଳରୁ ସୁତୁଲି, ବାରୁଦ, ଅଖା ଆଦି ବାଣ ଭିଡାରେ ବ୍ୟବହୃତ ବିଭିନ୍ନ ସରଞ୍ଜାମ ଜବତ କରିଛି। ଅଧିକ ତଦନ୍ତ ନିମନ୍ତେ ଡିଏସପି ଗୋଚ୍ଛାୟତ ଓ ବଡଚଣା ଥାନାଧିକାରୀ ଦୀପକ କୁମାର ଜେନା ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ କୌଣସି ମାମଲା ରୁଜୁ ହୋଇନାହିଁ।

# ଗ୍ରୀଷ୍ମ ଅବକାଶରେ ଅତିରିକ୍ତ କ୍ଲାସ୍

**ଭୁବନେଶ୍ୱର, ୯।୧(ବ୍ୟୁରୋ)**

**ଗଣଶିକ୍ଷା ମନ୍ତ୍ରୀଙ୍କ ସୂଚନା**

ଆସନ୍ତା ଗ୍ରୀଷ୍ମ ଅବକାଶରେ ରାଜ୍ୟ ସରକାର ଦୁର୍ବଳ ପିଲାଙ୍କ ପାଇଁ ଅତିରିକ୍ତ କ୍ଲାସ କରିବା ପାଇଁ ଚିନ୍ତା କରୁଛନ୍ତି। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଗୁରୁବାର ଏହି ସୂଚନା ଦେଇଛନ୍ତି। ସକାରାତ୍ମକ ଭାବେ ପିଲାମାନଙ୍କୁ ଯେପରି ପାଠପଢାମନସ୍କ କରାଯାଇ ପାରିବ, ସେ ଦିଗରେ ସରକାର ପଦକ୍ଷେପ ନେଉଛନ୍ତି। ସେହିପରି ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଦୁର୍ବଳ ପିଲାଙ୍କ ପାଇଁ ଚଳିତ ମାସ ୩୧ ଯାଏ ସ୍ୱତନ୍ତ୍ର କ୍ଲାସ କରାଯିବ ବୋଲି ଜଣାପଡିଛି। ମାଟ୍ରିକ ପରୀକ୍ଷାରେ ପଡୁଥିବା ଭଳି ମକ୍ ପ୍ରଶ୍ନାବଳୀକୁ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯାଉଛି। ଦୁର୍ବଳ ପିଲାଙ୍କୁ ଛୋଟ ଛୋଟ ଦଳରେ ବିଭକ୍ତ କରି ଗୋଷ୍ଠୀଗତ ଜ୍ଞାନ ଆହରଣ ଏବଂ ଆଲୋଚନା କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରତି ସ୍କୁଲରେ ଉତ୍କର୍ଷ ଏବଂ ଉତ୍‌ଥାନ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। କଟକ, କେନ୍ଦ୍ରାପଡ଼ା, କନ୍ଧମାଳ ପ୍ରଭୃତି ଜିଲାରେ ଯେପରି କୌଣସି ସ୍କୁଲରେ ଶୂନ ଫଳାଫଳ ନ ହୁଏ, ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି।

# ବହିର୍ବ୍ୟାପାର ବିଭାଗୀୟ ପରାମର୍ଶ କମିଟିରେ ସସ୍ମିତ

**ଭୁବନେଶ୍ୱର,୯।୧(ବ୍ୟୁରୋ)**

ବିଜେଡି ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ରଙ୍କୁ ବହିର୍ବ୍ୟାପାର ମନ୍ତ୍ରଣାଳୟର ବିଭାଗୀୟ ପରାମର୍ଶ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ କମିଟିରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଅଧ୍ୟକ୍ଷ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି କମିଟିରେ ଶଶି ଥରୁର, ରାହୁଲ ଗାନ୍ଧୀ, ଆନନ୍ଦ ଶର୍ମା, ଜି.ଭି.ଏଲ୍. ନରସିଂହ ରାଓ, କିରଣ ଖେର ଏବଂ ମନୀଷ ଗୁପ୍ତା ପ୍ରମୁଖ ସଦସ୍ୟ ଅଛନ୍ତି। ସସ୍ମିତ ପୂର୍ବରୁ ମାନବ ସମ୍ବଳ ମନ୍ତ୍ରଣାଳୟର ପାର୍ଲାମେଣ୍ଟ ଷ୍ଟାଣ୍ଡିଂ କମିଟି, ଅଫିସ ଅଫ୍ ପ୍ରଫିଟ୍ ଏଣ୍ଡ ପ୍ରିଭିଲେଜ୍ ସମ୍ପର୍କିତ ପାର୍ଲାମେଣ୍ଟ ଯୁଗ୍ମ କମିଟି(ରାଜ୍ୟ ସଭା)ର ମଧ୍ୟ ସଦସ୍ୟ ଅଛନ୍ତି। ଗତବର୍ଷ ସସ୍ମିତ ବିଜେଡି ପକ୍ଷରୁ ରାଜ୍ୟ ସଭା ସଦସ୍ୟଭାବେ ମନୋନୀତ ହୋଇଥିଲେ।


classifieds Everyday 0674-2580101, 2549302

automobile

SALE

Tata Dumper Model 2011, Dala 12CM for sale Rs. 6,50,000, 7008503089. D-59868

real estate

SALE

2BHK Simplex 26,00,000/- finishing Hanspal, Lowcost gharabari plot Atala, 8093465134. D-68643

Bhubaneswar Infocity-II ମଦନପୁର ନିକଟରେ sqft.499/- demarcation plot କିଣନ୍ତୁ 9861218400 D-68463

Bhubaneswar ପିତାପଲ୍ଲୀଛକରେ NHକୁ ଲାଗିକି plot ମିଳୁଅଛି। 9090963952. D-68451

ସୁନ୍ଦରପଦା Hitech backside 30'road electricity yellowzone plot ବିକ୍ରିହେବ। 7894216209. D-68465

ମଙ୍ଗୁଳି ଛକ ଶାଳଗାଁ ଷ୍ଟେସନ୍ ପାଖରେ ଟ.1,75,000ରେ ପ୍ଲଟ୍ ମିଳୁଛି। Contact: 8908492594. D-15790

ଭୁବନେଶ୍ୱର କଟଣିଗେଟ୍ ଠାରେ sqft.-180/-, ଅରଗୁଳ ରେଲ୍‌ୱେଷ୍ଟେସନ ପାଖରେ sqft.-180/-, ନଖରା ତ୍ରିନାଥ ବଜାର SC ପ୍ଲଟ୍ 370/- ଘରବାରି outright/ instalment- 9348817649, 7750909843. D-68462

New Year Dhamaka: Discount Rs.100/- available @ landmark Ph-2, Sundarpada. It offers ready to move 2 & 3 BHK flat with huge open space, club, garden, jugging track @ 2800 per sqft. 9938569014, 9861433014. D-16001

1.50 Acre gharabari plot with boundarywall ready with ploted scheme (30' road) at Brahmanjharilo Cuttack, 13Km. to Bhubaneswar, 20Km Cuttack, 1.5 Crore- 7809525452. D-68749

Yellowzone sthitiban plot having boundary wall 1200sqft. 2Nos. 1500sqft. 1No. for sale near Audi Showroom service centre, Bhubaneswar. Contact: 8260114933. D-16063

Fully developed gated community advance boundary wall with electricity, gharabari plot sale Gudiapokhari near KEC College, Bhubaneswar. 8763887357, 9438331183. D-68468

213 Decml yellowzone gharabari sthitiban plot on 60ft. road, close to 200ft. wideroad, Mouza- Sundarpur, Bhubaneswar. Contact Owner: 9338342502. D-68959

construction

Construct your building as per your terms and condition. Contact: 9937064680. D-27284

packers & movers

Shivam logistic packers movers. Household/ car relocation countrywide. 9777044177, 9338461133. D-16087

healthcare

Rejuvenate and ayurvedic full body massage by smart therapist. 9114402304. D-68946

Sai herbal spa refresh your body with smart, expert therapist. 7608062524. D-68954

Refresh your mind and soul with best therapy at Orchid Salon/Spa. 9937287222. D-68745

Newly open SPA Station 3rd floor, Big Bazar, Nayapalli. 7655024727, 8118079281. D-68747

Ayurvedic full body massage ladies and gents. Contact: 9861064981. D-68746

Completely stress management therapy, visit us our clinic. Contact: 7852986810. D-68532

Newly open full body massage by ladies, gents therapist. 8018656899 D-60860

Ayurvedic full body massage by ladies, gents therapist. 7008773793 D-60861

Newly open full body massage with gents and ladies, 9090377418. D-59942

Full body herbal massage with refreshment expert therapist. 7381239385, 06742540855. D-68955

Experience full body massage with us (expert). Call: 7377048581, 06742597822. D-68956

Herbal full body massage by smart / expert therapist. Contact: 8338067247. D-68957

Experience winter therapeutic Abhyanga massage feeling refreshing energetic: Appointment- 9668374480. D-68958

Ayurvedic full body massage ladies & gents smart therapist, 9668814589. D-68750


AFFIDAVIT

By virtue of affidavit before Executive Magistrate dt. 24.12.19 state that my name is SK. Abul Basar Sahed, S/o- SK. Abubakar, At/ Po- Sirlo, PS- Kishore Nagar, Dist- Cuttack, 754131, but name has been wrongly mentioned in some of my documents. Henceforth my name will be considered as SK. Abul Basar Sahed for all purposes. D-16112

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:– classifieddharitri@gmail.com




# ଆଜି ମହାପ୍ରଭୁଙ୍କ ସୁନାବେଶ

**ପୁରୀ ଅଫିସ, ୯।୧:** ଶୁକ୍ରବାର ପବିତ୍ର ପୌଷ ପୂର୍ଣ୍ଣିମା। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ହେବ। ରତ୍ନସିଂହାସନରେ ବିରାଜିତ ଦାରୁବିଗ୍ରହ ସୁନାବେଶରେ ସଜ୍ଜିତ ହୋଇ ଭକ୍ତଙ୍କୁ ଦର୍ଶନ ଦେବେ। ପୌରାଣିକ ତଥ୍ୟ ଅନୁଯାୟୀ, ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ପ୍ରତ୍ୟାବର୍ତ୍ତନ କରି ପୌଷ ପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ପ୍ରତିବର୍ଷ ଏହି ପବିତ୍ର ତିଥିରେ ମହାପ୍ରଭୁଙ୍କର ଅଭିଷେକ ଉତ୍ସବ ଅନୁଷ୍ଠିତ ହୋଇଥାଏ। ବର୍ଷକ ମଧ୍ୟରେ ହେଉଥିବା ପାଞ୍ଚଥର ସୁନାବେଶ ମଧ୍ୟରୁ ଏହି ସୁନାବେଶ ଅନ୍ୟତମ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରାଯାଇଛି। ରାତି ୨ଟାରେ ଦ୍ୱାରଫିଟା, ୩ଟାରେ ମଙ୍ଗଳ ଆଳତି ହୋଇ ଅନ୍ୟାନ୍ୟ ନୀତି ଚାଲିବ। ଭୋର ୫ଟାରୁ ୬ଟା ମଧ୍ୟରେ ପହିଲି ଭୋଗ ନୀତି, ସକାଳ ୬ଟା ୩୦ରୁ ୭ଟା ୩୦ ମଧ୍ୟରେ ସକାଳ ଧୂପ (କେବଳ କୋଠ ଭୋଗ), ପୂର୍ବାହ୍ନ ୧୧ଟା ୧୫ରେ ମହାଲକ୍ଷ୍ମୀ ବିଜେ, ୧୧ଟା ୩୦ରୁ ଅପରାହ୍ନ ୧ଟା ମଧ୍ୟରେ ଶ୍ରୀପୟର ଲାଗି ଅଭିଷେକ ବେଶ, ୧ଟା ୪୫ରେ ଭୋଗମଣ୍ଡପ, ଅପରାହ୍ନ ୪ଟା ୩୫ରେ ଆଜ୍ଞାମାଳ ପାଇଁ ରଘୁନାଥଦେବ ଲକ୍ଷ୍ମୀମନ୍ଦିରକୁ ବିଜେ, ୫ଟାରେ ଭୋଗମଣ୍ଡପ ପୂଜା ଶେଷ, ରାତି ୭ଟା ୩୦ରେ ସନ୍ଧ୍ୟା ଆଳତି, ୧୦ଟାରେ ଅଭିଷେକ ନୀତି ଶେଷ, ୧୧ଟାରେ ବଡ଼ସିଂହାର ବେଶ, ସାଢେ ୧୧ଟାରେ ବଡ଼ସିଂହାର ଭୋଗ, ୧୧ଟା ୪୫ରେ ଟୋପର ଲାଗି ସରି ରାତି ୧୨ଟାରେ ରାତ୍ର ପହୁଡ଼ ହେବାକୁ ନୀତି ନିର୍ଘଣ୍ଟ କରାଯାଇଛି।

## ପାଠିକା / ପାଠକଙ୍କ ପାଇଁ ସୂଚନା

ଆପଣଙ୍କ ଅଞ୍ଚଳରେ ଯଦି 'ଧରିତ୍ରୀ' ପାଇବାରେ କୌଣସି ଅସୁବିଧା ହେଉଥାଏ, ତେବେ ନିମ୍ନୋକ୍ତ ମୋବାଇଲ୍ ନମ୍ବରରେ ଯୋଗାଯୋଗ କରନ୍ତୁ।

୯୪୩୭୦୦୯୪୪୧, ୮୯୦୮୧୫୭୧୭୦

# ମରାମତି ପାଇଁ ୨ ଟ୍ରେନ୍ ବାତିଲ୍

ଭୁବନେଶ୍ୱର, ୯।୧(ବ୍ୟୁରୋ)

ପୂର୍ବତଟ ରେଳପଥର ୱାଲ୍‌ଟିୟର ଡିଭିଜନ୍‌ରେ ମରାମତି କାର୍ଯ୍ୟ ପାଇଁ ୨ଟି ପାସେଞ୍ଜର ଟ୍ରେନକୁ ବାତିଲ୍ କରାଯାଇଛି। ସମ୍ବଲପୁର-କୋରାପୁଟ-ସମ୍ବଲପୁର ୧୦ ଜାନୁୟାରୀରୁ ୩୧ ମାର୍ଚ୍ଚ ପର୍ଯ୍ୟନ୍ତ ଉଭୟ ଦିଗରୁ ବାତିଲ୍ ରହିବ। ସେହିଭଳି ରାୟପୁର-ବିଶାଖାପାଟଣା-ରାୟପୁର ୧୦ ଜାନୁୟାରୀରୁ ୧ ଏପ୍ରିଲ ପର୍ଯ୍ୟନ୍ତ ଉଭୟ ଦିଗରୁ ଚଳାଚଳ ବନ୍ଦ ରହିବ।

■ ନବନିର୍ମାଣ କୃଷକ ସଂଗଠନର ଆଇନଅମାନ୍ୟ ଆନ୍ଦୋଳନ

# କୃଷିମନ୍ତ୍ରୀଙ୍କ ବାସଭବନକୁ ଧସେଇ ପଶିଲେ ଚାଷୀ

ଭୁବନେଶ୍ୱର, ୯।୧ (ବ୍ୟୁରୋ)

■ ଏୟାରଫିଲ୍ଡ ଥାନା ସମ୍ମୁଖରେ ଚାଷୀ-ପୋଲିସ ଧସ୍ତାଧସ୍ତି
■ ଅନଶନ ଭାଙ୍ଗିଲେ ଚାଷୀନେତା ଅକ୍ଷୟ କୁମାର
■ ମେ' ମାସରେ ମହାସଂଗ୍ରାମ

କାଳିଆ ଯୋଜନାକୁ ନେଇ ଗତ ଡ଼ିସେମ୍ବର ୨୬ରୁ ନବନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଚାଷୀଙ୍କ ସହ ଅନଶନରେ ବସିଥିଲେ। ସରକାର ଦାବି ପୂରଣ ନ କରିବାରୁ ଗୁରୁବାର ଚାଷୀମାନେ ଆଇନ ଅମାନ୍ୟ ଆନ୍ଦୋଳନ କରିଥିଲେ। ରାଜ୍ୟର କୋଣ ଅନୁକୋଣରୁ ମହିଳା ଓ ପୁରୁଷ ଚାଷୀମାନେ ବିଭିନ୍ନ ଦିଗରୁ ରାଜଧାନୀକୁ ପଶିଥିଲେ। କାଳିଆ ଯୋଜନା କାହିଁକି ବନ୍ଦ ହେଲା, ଚାଷୀଙ୍କୁ ଦେଇଥିବା କାଳିଆ ଟଙ୍କାର ପ୍ରତିଶ୍ରୁତି କୁଆଡ଼େ ଗଲା ଆଦି ନାନା ନାରା ଦେଇ ରାଜଧାନୀ ରାଜରାସ୍ତାରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପୋଲିସର ସୁରକ୍ଷା ବଳୟକୁ ଭେଦକରି କୃଷିମନ୍ତ୍ରୀ ଅରୁଣ ସାହୁଙ୍କ ବାସଭବନକୁ ଘେରାଉ କରିବା ସହ ଭିତରକୁ ଧସେଇ ପଶିଥିଲେ। କେତେଜଣ ଚାଷୀ ତଳେ ଶୋଇ ରହି ନାନା ସ୍ଲୋଗାନ ଦେଇଥିଲେ। ଶେଷରେ କ୍ୟାପିଟାଲ ଥାନା ପୋଲିସ ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତା ଓ ଚାଷୀଙ୍କୁ ଗିରଫ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା।

ଅନ୍ୟପକ୍ଷରେ ଜଟଣୀ-ସୁନ୍ଦରପଦା ରାସ୍ତାର ବୀରବନ୍ଧସ୍ଥିତ ସଂଗଠନର ରାଜ୍ୟ କାର୍ଯ୍ୟାଳୟରୁ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦଙ୍କ ନେତୃତ୍ୱରେ ଚାଷୀ ଶୋଭାଯାତ୍ରା ନବୀନ ନିବାସ ଅଭିମୁଖେ ବାହାରିଥିଲା। ଶୋଭାଯାତ୍ରା ଏୟାରଫିଲ୍ଡ ଥାନା ସମ୍ମୁଖରେ ପହଞ୍ଚିବା ମାତ୍ରେ ପୋଲିସ ସେମାନଙ୍କୁ ଅଟକାଇଥିଲା। ଫଳରେ ଚାଷୀ ଓ ପୋଲିସ ମଧ୍ୟରେ ବହୁ ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଏ ସମ୍ପର୍କରେ ଅକ୍ଷୟ କୁମାର କହିଥିଲେ, ଆଗାମୀ ମେ' ମାସରେ ସଙ୍ଗଠନ ତରଫରୁ ଯେଉଁ ମହାସଂଗ୍ରାମ ଆରମ୍ଭ ହେବ, ସେଥିପାଇଁ ସାଙ୍କେତିକ ଯୁଦ୍ଧ ଏବେଠୁ ଆରମ୍ଭ ହୋଇଛି। ଏହି ଅବସରରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯେଭଳି ଭାବେ ଚାଷୀଙ୍କୁ ଅପମାନିତ କରି କାଳିଆ ଯୋଜନାରେ ୬ ହଜାର ଟଙ୍କା ଲେଖାଏ ହ୍ରାସ କଲେ ତାହା ବିରୋଧରେ ଗାଁଗଣ୍ଡାରେ ବ୍ୟାପକ ପ୍ରଚାର ହେବା ଜରୁରୀ। ଚାଷୀ ଏବେ ସଚେତନ ହେବା ଆବଶ୍ୟକ। କେତେଥର ଆଉ ପ୍ରତାରଣା ପାଇବା ପରେ ଚାଷୀ ଚେତିବ। ଏବେ ସ୍ୱର ଉତ୍ତୋଳନ କରିବାର ସମୟ ଆସିଛି, ଏକ ହୁଅ ବୋଲି ସେ କହିଥିଲେ। ଆନ୍ଦୋଳନ ସମୟରେ ଚାଷୀନେତା ସ୍ନେହାଂଶୁ ଜେନା, ଦୁର୍ଗା ବାରିକ, ପ୍ରସନ୍ନ କୁଅଁର, ସୁରେଶ ଚନ୍ଦ୍ର ମାନସିଂହ, ଦେବୀ ପ୍ରସାଦ ମହାରଣାଙ୍କ ନେତୃତ୍ୱରେ ଆସିଥିବା ଚାଷୀଙ୍କୁ ପୋଲିସ ଗିରଫ କରିଥିଲା। ସନ୍ଧ୍ୟାରେ ପୋଲିସ ସମସ୍ତ ଚାଷୀଙ୍କୁ ଛାଡି ଦେଇଥିବା ସୂଚନା ମିଳିଛି।


କୃଷିମନ୍ତ୍ରୀଙ୍କ ବାସଭବନ ପରିସରରେ ଶୋଇରହି ପ୍ରତିବାଦ କରୁଥିବା ଚାଷୀଙ୍କୁ ପୋଲିସ ଉଠାଇ ନେଉଛି।


■ ଯୁକ୍ତ୨ କଲେଜଗୁଡ଼ିକୁ କଡ଼ା ଚେତାବନୀ

# ସିସିଟିଭି ନ ଲଗାଇଲେ ପରୀକ୍ଷାକେନ୍ଦ୍ର ବନ୍ଦ

ଭୁବନେଶ୍ୱର,୯।୧(ବ୍ୟୁରୋ)

ଜାନୁୟାରୀ ୨୭ରୁ ଯୁକ୍ତ୨ ପ୍ରାକ୍ଟିକାଲ ଏବଂ ମାର୍ଚ୍ଚ ୩ରୁ ଥିଓରି ପରୀକ୍ଷା ଆରମ୍ଭ ହେବାକୁ ଥିବାବେଳେ ଏହାପୂର୍ବରୁ ପରୀକ୍ଷାକେନ୍ଦ୍ରଗୁଡ଼ିକର ଭିତ୍ତିଭୂମି ସଜାଡ଼ିବାକୁ କଡ଼ା ଚେତାବନୀ ଦେଇଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ)। ଚଳିତବର୍ଷ ସମସ୍ତ ପରୀକ୍ଷାକେନ୍ଦ୍ରରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହୋଇଥିବାବେଳେ ଜାନୁୟାରୀ ୧୦ ବା ଶୁକ୍ରବାର ସୁଦ୍ଧା ସମସ୍ତ ପରୀକ୍ଷାକେନ୍ଦ୍ରଗୁଡ଼ିକରେ ସିସିଟିଭି ଲଗାଇବା କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିପାଇଁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଗୁରୁବାର ସମସ୍ତ କଲେଜଗୁଡ଼ିକୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। ଜାନୁୟାରୀ ୭ ସୁଦ୍ଧା ସିସିଟିଭି ଲଗାଇ ରିପୋର୍ଟ ଦାଖଲ କରିବାକୁ କୁହାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ଅଧିକାଂଶ ପରୀକ୍ଷାକେନ୍ଦ୍ର ଏ ଦିଗରେ ପଦକ୍ଷେପ ନେଇ ନ ଥିବାରୁ ନିର୍ଦ୍ଦେଶାଳୟ ପକ୍ଷରୁ ପୁଣିଥରେ ଚିଠି ଲେଖାଯାଇଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ସିସିଟିଭି ଲଗାଇବା ସମ୍ପର୍କରେ ସମସ୍ତ ତଥ୍ୟ ଅନ୍‌ଲାଇନ୍‌ରେ ସାମ୍ସ ଇ-ସ୍ପେସ୍‌ରେ ଥିବା ସିସିଟିଭି ଲିଙ୍କ୍ ମାଧ୍ୟମରେ ପରିଷଦ ନିକଟରେ ଦାଖଲ କରିବାକୁ କୁହାଯାଇଛି। ପରିଷଦର ଗାଇଡ୍‌ଲାଇନ୍ ଅନୁଯାୟୀ ପରୀକ୍ଷାକେନ୍ଦ୍ରର ସମସ୍ତ ହଲ୍, ସିଲ୍ ପ୍ରଶ୍ନପତ୍ର ରହିଥିବା ସ୍ଥାନ, ପ୍ରଶ୍ନପତ୍ର ପ୍ୟାକେଟ୍ ଖୋଲାଯିବା ସ୍ଥାନ, ଅଫିସ୍ ରୁମ୍, ପ୍ରବେଶ ପଥର ମୁଖ୍ୟ ଫାଟକ ତଥା ଯାଞ୍ଚସ୍ଥଳରେ ସିସିଟିଭି ଲଗାଇବା ବାଧ୍ୟତାମୂଳକ ହୋଇଛି। ଏହାବ୍ୟତୀତ କ୍ୟାମ୍ପସ୍ ପରିସର, କ୍ଲାସରୁମ୍‌ରୁ ଅଫିସ୍ କାର୍ଯ୍ୟାଳୟକୁ ସଂଯୋଗ କରୁଥିବା ରାସ୍ତା, କ୍ୟାମ୍ପସ୍‌ର ଅନ୍ୟାନ୍ୟ ପ୍ରମୁଖ ସ୍ଥାନ ଏବଂ ଲୋକାରଣ୍ୟ ଅଞ୍ଚଳରେ ସିସିଟିଭି ଲଗାଇବାକୁ କୁହାଯାଇଛି। ଯଦି କୌଣସି କେନ୍ଦ୍ର ସିସିଟିଭି ଲଗାଯିବା ସମ୍ପର୍କିତ ତଥ୍ୟ ନ ଦିଅନ୍ତି, ସେଠାରେ ପରୀକ୍ଷାକେନ୍ଦ୍ର କରାଯିବ ନାହିଁ ବୋଲି ପରିଷଦ ପକ୍ଷରୁ କଡ଼ା ଚେତାବନୀ ଦିଆଯାଇଛି।



## ଜିଲା ଚିଠି
## ଜଗତ୍‌ସିଂହପୁର

# ସରୁନି ମାଷ୍ଟର ପ୍ଲାନ୍

୧୯୮୫ ପରଠାରୁ ଜଗତ୍‌ସିଂହପୁର ସହର ସମେତ ଜିଲାରେ ମାଷ୍ଟର ପ୍ଲାନ୍ ହୋଇନାହିଁ। ଏଥିଯୋଗୁ ଦିନକୁ ଦିନ ଟ୍ରାଫିକ ସମସ୍ୟାଠାରୁ ଆରମ୍ଭ କରି ବର୍ଜ୍ୟବସ୍ତୁ ପରିଚାଳନା ଆଦି ବିଭିନ୍ନ କ୍ଷେତ୍ରରେ ଅସୁବିଧା ହେଉଛି। ୨୦୧୭ରୁ ରାଜ୍ୟ ସରକାର ମାଷ୍ଟର ପ୍ଲାନ୍ କରିବା ନେଇ ଟେଣ୍ଡର କରିଥିଲେ ସୁଦ୍ଧା ବହୁ ବିଳମ୍ବରେ ଏହା ଚୂଡ଼ାନ୍ତ ହୋଇଥିଲା। ବେଙ୍ଗାଲୁରୁର ସ୍କାଏ ଗ୍ରୁପ୍ ନାମକ ସଂସ୍ଥା ଯୋଜନା ପ୍ରସ୍ତୁତ କରିବ ବୋଲି ସ୍ଥିର ହୋଇଛି। ଏହି ସଂସ୍ଥା ଓଡ଼ିଶା ଟାଉନ୍ ପ୍ଲାନିଂ ନିର୍ଦ୍ଦେଶାଳୟ ଅଧୀନରେ ଥିବା ଜଗତ୍‌ସିଂହପୁର ଆଞ୍ଚଳିକ ଉନ୍ନୟନ ଟ୍ରଷ୍ଟ (ଜେଆର୍‌ଆଇଟି) ସହ ରାଜିନାମା ସ୍ୱାକ୍ଷର କରିଛି। ରାଜିନାମା ଅନୁଯାୟୀ, ସ୍କାଏ ଗ୍ରୁପ୍ ୨୦୧୯ ଜୁଲାଇ ଭିତରେ ଯୋଜନା ସାରିବା କଥା। କିନ୍ତୁ ଇତିମଧ୍ୟରେ ଚୂଡ଼ାନ୍ତ ଯୋଜନା ପ୍ରସ୍ତୁତ କରିବା ତ ଦୂରର କଥା ଚିଠା ମାଷ୍ଟର ପ୍ଲାନ୍ ବି ପ୍ରସ୍ତୁତ ହୋଇପାରିନାହିଁ। ୨୬।୫।୧୮ରେ ସ୍କାଏ ଗ୍ରୁପ୍ ଟେଣ୍ଡର ପାଇ ୨୩।୭।୧୯ ଭିତରେ ମାଷ୍ଟର ପ୍ଲାନ୍ ସାରିବ ବୋଲି ସମୟ ଧାର୍ଯ୍ୟ କରାଯାଇଥିଲା। କିନ୍ତୁ ଧାର୍ଯ୍ୟ ସମୟଠାରୁ ୫ ମାସ ଅଧିକ ଅତିକ୍ରମ ହୋଇସାରିଛି। ଆଗକୁ ଚିଠା ମାଷ୍ଟର ପ୍ଲାନ୍, ବିଭାଗ ପକ୍ଷରୁ ସ୍କାଏ ଗ୍ରୁପ୍ ସହାୟତାରେ ସମସ୍ତ ବିଭାଗ ସହ ବୈଠକ, କର୍ମଶାଳା ତଥା ସେମିନାର ମାଧ୍ୟମରେ ବ୍ୟାପକ ଚର୍ଚ୍ଚା ହେବ। କାହାର କିଛି ଆପତ୍ତି ଅଭିଯୋଗ ଥିଲେ ତା' ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହେବ। ଏତେ କାମ ବାକି ଥିବା ବେଳେ ସଂସ୍ଥା ମନ୍ଥର ଗତିରେ କାମ କରୁଛି। ଯେଉଁଥିପାଇଁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ରାଜିନାମା ଅନୁଯାୟୀ, ଏହି ଗ୍ରୁପ୍ ଜଗତ୍‌ସିଂହପୁର ସହର ସମେତ ଜଗତ୍‌ସିଂହପୁର ବ୍ଲକ, ବାଲିକୁଦା, ତିର୍ତ୍ତୋଲ, ରଘୁନାଥପୁର ଓ ବିରିଡ଼ି ବ୍ଲକ ଅଞ୍ଚଳ ଅଧୀନ ୯୩ଟି ରାଜସ୍ୱ ମୌଜାର ୧୧୪.୫୩ ବର୍ଗ କିଲୋମିଟର ଅଞ୍ଚଳକୁ ନେଇ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ। ସେଥିମଧ୍ୟରୁ ଜଗତ୍‌ସିଂହପୁର ପୌର ପରିଷଦ ସମେତ ଏହି ବ୍ଲକର ୧୦ଟି ପଞ୍ଚାୟତକୁ ସାମିଲ କରାଯାଇଛି। ଏଥିରେ ରାସ୍ତା, ଡ୍ରେନ୍ ଆଦିର ଭିତ୍ତିଭୂମି, ସହରାଞ୍ଚଳର ସ୍ଥିତି, ସମସ୍ୟା ଓ ଏହାର ସମାଧାନର ବାଟ ବାହାରିବ। ମୁଖ୍ୟ କଥା ହେଲା ସାଟେଲାଇଟ୍ ଚିତ୍ର ଏବଂ ଜିଆଇଏସ୍ ପ୍ଲାଟ୍‌ଫର୍ମରେ ରାଜସ୍ୱ କାଡାଷ୍ଟ୍ରାଲ ମ୍ୟାପ୍‌କୁ ଦେଖି ଜମିର ଉପଯୁକ୍ତ ବିନିଯୋଗ ହେବ। ସ୍ଥାନ, ପାଣିପାଗ, ପ୍ଲଟ ଅନୁଯାୟୀ ଜମିର ବ୍ୟବହାର, ପରିବେଶଜନିତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ, ଲୋକ ସଂଖ୍ୟା, ଲିଙ୍ଗ ଅନୁପାତ, ଶିକ୍ଷାହାର ଆଦିକୁ ଅନୁଧ୍ୟାନ କରାଯିବ। ଆର୍ଥିକ ସ୍ଥିତି ଓ ନିଯୁକ୍ତି ଯଥା-ପ୍ରଶାସନ, କୃଷି, ଖଣି, ଖାଦାନ ଆଦିକୁ ଦେଖାଯିବ। କେତେ ସାଧାରଣ ଓ ବସ୍ତି ବାସିନ୍ଦାଙ୍କ ବାସୋପଯୋଗୀ ଘର, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ମନୋରଞ୍ଜନ ସୁବିଧା ଅଛି ତାହା ଅନୁଧ୍ୟାନ ହେବ। ଜଳ ଯୋଗାଣ, ବର୍ଷା ଜଳ ବିନିଯୋଗ, ଡ୍ରେନେଜ୍, ସ୍ୱେରେଜ, ବିଦ୍ୟୁତ୍ ଯୋଗାଣ, ପୋଲିସ, ଅଗ୍ନିଶମ, ଶ୍ମଶାନ, ପାଣି, ପବନ, ମୃତ୍ତିକା ପରିବେଶ, ବର୍ଜ୍ୟବସ୍ତୁ ପରିଚାଳନା ଓ ପର୍ଯ୍ୟଟନ ବିଷୟରେ ଧ୍ୟାନ ଦିଆଯିବ। ପ୍ରାଥମିକ ଓ ଦ୍ୱିତୀୟ ପର୍ଯ୍ୟାୟ ସର୍ବେକ୍ଷଣ ସମୟରେ ପରିବେଶ ଯଥା-ଜଳାଶୟ, ପ୍ରାକୃତିକ ନାଳ, ଜଙ୍ଗଲ, ବୃକ୍ଷଲତା, ଖାଲୁଆ ଜମି, କୃଷି ଜମି, ପ୍ରଦୂଷଣ ମାତ୍ରା, ପର୍ଯ୍ୟଟନ ସ୍ଥଳ ଓ ପର୍ଯ୍ୟଟକଙ୍କ ସଂଖ୍ୟା ଇତ୍ୟାଦିକୁ ମଧ୍ୟ ପ୍ରାଥମିକତା ଦିଆଯିବ। ବର୍ଜ୍ୟବସ୍ତୁ ପରିଚାଳନା ନେଇ ମାଇକ୍ରୋ ଲେଭଲ ଷ୍ଟଡି କରାଯିବ। ଶେଷରେ କେଉଁସବୁ ପ୍ରକଳ୍ପ କରାଯିବା ବାଧ୍ୟତାମୂଳକ ଓ କେଉଁଟା ଇଚ୍ଛାଧୀନ ତାହା ସ୍ପଷ୍ଟ କରାଯିବ। ବାସୋପଯୋଗୀ ଘର, ବ୍ୟବସାୟିକ ସ୍ଥାନ, ପାର୍କ, ସ୍ୱାସ୍ଥ୍ୟକେନ୍ଦ୍ର, କଲୋନୀରେ ବିବାହ, ବ୍ରତ ଘର ପାଇଁ ସ୍ଥାନ, ପାର୍କିଂ ଅଞ୍ଚଳ ଆଦିକୁ ଏକାଧିକ ଜୋନ୍‌ରେ ବିଭକ୍ତ କରାଯିବ। ଏ ସବୁକୁ ଦେଖି ଏକ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ ହେବ।

– ପ୍ରମୋଦ କୁମାର ନାୟକ

# ସେସୁର ବିଦ୍ୟୁତ୍ କାଟ

ଭୁବନେଶ୍ୱର,୯।୧(ବ୍ୟୁରୋ)

ବିଦ୍ୟୁତ୍ ଭିତ୍ତିଭୂମିର ମରାମତି କାର୍ଯ୍ୟ ପାଇଁ ଶୁକ୍ରବାର ଓ ଶନିବାର ସେସୁର କେତେକ ସ୍ଥାନରେ ବିଦ୍ୟୁତ୍ କାଟ କରାଯିବ ବୋଲି ସିଇଓ ଅରୁଣ ବୋଥ୍ରା ସୂଚନା ଦେଇଛନ୍ତି। ଶୁକ୍ରବାର ଭୁବନେଶ୍ୱର ସହରାଞ୍ଚଳର ଦାରୁଠେଙ୍ଗ, କୃଷ୍ଣ ନଗର, ଚନ୍ଦକା, ପଥରଗାଡିଆ, ସୁନ୍ଦରପୁର, କୁଜି ମହଲ, ବାରିକ ସାହି, ମାଉସୀମାଛକ, ଭୋଇସାହି, ସାମନ୍ତରାପୁର, ଦିବ୍ୟବିହାର, ସୂର୍ଯ୍ୟବିହାରରେ ସକାଳ ୯ଟାରୁ ଦିନ ୧ଟା ଯାଏ ବିଦ୍ୟୁତ୍ କାଟ କରାଯିବ। ସେହିପରି କଟକ ସହର ମତଗଜପୁର, ଚାଉଳିଆଗଞ୍ଜ, ମାଲଗୋଦାମ, ଓଏମ୍‌ପିରେ ସକାଳ ୧୦ଟାରୁ ଦିନ ୨ଟା, କଟକ ଗ୍ରାମାଞ୍ଚଳର ଆଠଗଡ ଓ ନିଆଳିରେ ସକାଳ ୮ଟାରୁ ମଧ୍ୟାହ୍ନ ୧୨ଟା, ଖୋର୍ଦ୍ଧାର କାଠଖୁଣ୍ଟିଆ, ପାଟଣିବରା, କୁମ୍ଭିଲୋ, ଗୌଡପୁଟରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ। ସେହିପରି ନୟାଗଡ ଜିଲାର ସିମିଳିସାହିରେ ସକାଳ ୮ଟାରୁ ମଧ୍ୟାହ୍ନ ୧ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବା ବେଳେ ଢେଙ୍କାନାଳ ଜିଲାର କାମାକ୍ଷାନଗର, ମଠକରଗୋଲା, ହିନ୍ଦୋଳ ରୋଡ, ଗୋବିନ୍ଦପୁର, ଦେଉଳିସାହିରେ ସକାଳ ୯ଟାରୁ ଅପରାହ୍ନ ୪ଟା ଯାଏ ଏବଂ ନିମାପଡାର କୁରୁଜଙ୍ଗ, ସମକୁଳ ଖଣ୍ଡାଳ, ମୂଷାପଡା ଏବଂ ତଣ୍ଡାହାରରେ ବିଦ୍ୟୁତ କାଟ ସକାଳ ୧୦ଟାରୁ ମଧ୍ୟାହ୍ନ ୨ଟା ଯାଏ ବଳବତ୍ତର ରହିବ ବୋଲି ସୂଚନା ଦିଆଯାଇଛି।

ସେହିପରି ଶନିବାର ଭୁବନେଶ୍ୱର ସହରାଞ୍ଚଳର ବିଜେବି ନଗର, ଗୌରୀ ନଗର ଏବଂ ରବି ଟକିଜରେ ସକାଳ ୧୦ଟାରୁ ମଧ୍ୟାହ୍ନ ୧ଟା, କଟକ ସହରାଞ୍ଚଳର କଲ୍ୟାଣୀ ନଗର, ରାଜେନ୍ଦ୍ର ନଗରରେ ସକାଳ ୧୦ଟାରୁ ଅପରାହ୍ନ ୪ଟା ଏବଂ ଗୋଡିଝରାରେ ସକାଳ ୯ରୁ ଦିନ ୧୨ଟା, କଟକ ଗ୍ରାମାଞ୍ଚଳର ଚାରବାଟିଆରେ ସକାଳ ୯ଟାରୁ ଅପରାହ୍ନ ୫ଟା, ଖୋର୍ଦ୍ଧାର କାଠଖୁଣ୍ଟିଆ, ପାଟଣୀବରା, କୁମ୍ଭିଲୋ, ଗୌଡପୁଟରେ ସକାଳ ୯ଟାରୁ ୩ଟା, ଢେଙ୍କାନାଳର ଦେଉଳି ସାହିରେ ସକାଳ ୯ଟାରୁ ଅପରାହ୍ନ ୪ଟା ଏବଂ ନିମାପଡାର କୁରୁଜଙ୍ଗା, ସମକୁଳ, ଖଣ୍ଡାଲ, ମୁଷାପଡା, ତଣ୍ଡାହରରେ ସକାଳ ୧୦ଟାରୁ ଦିନ ୨ଟା ମଧ୍ୟରେ ବିଦ୍ୟୁତ୍ କାଟ ହେବ ବୋଲି ସେସୁ ପକ୍ଷରୁ ସୂଚନା ଦିଆଯାଇଛି।

 କ୍ରାଇମବ୍ରାଞ୍ଚ ପକ୍ଷରୁ କର୍ମଶାଳା

# ଅନ୍‌ଲାଇନ୍ ଠକାମି ରୋକିବାକୁ ଗୁରୁତ୍ୱ

**କଟକ ଅଫିସ, ୯।୧:** ରାଜ୍ୟରେ ଅନ୍‌ଲାଇନ ଠକେଇ ଦିନକୁ ଦିନ ବଢିବାରେ ଲାଗିଛି। ସାଧାରଣତଃ ପୂର୍ବ ଭଳି ଏବେ ଲୋକମାନେ ବ୍ୟାଙ୍କ ଉପରେ ନିର୍ଭରଶୀଳ ହେଉନାହାନ୍ତି। ଘରେ ବସି ନିଜ ମୋବାଇଲ ଫୋନରେ ଟଙ୍କା ନେଣ ଦେଣ କରୁଛନ୍ତି। ଏଥିସହିତ ମୋବାଇଲ ବ୍ୟାଙ୍କିଙ୍ଗ ମାଧ୍ୟମରେ ବିଭିନ୍ନ ଅନ୍‌ଲାଇନ ସାଇଟ୍‌ରୁ ଜିନିଷ କିଣୁଛନ୍ତି। ତେବେ ଏଥିରେ ଅନେକ ଲୋକ ଠକାମିର ଶିକାର ହେଉଛନ୍ତି। ଅନ୍‌ଲାଇନ ଠକ ବିଭିନ୍ନ ଉପାୟରେ ଲୋକଙ୍କ ଟଙ୍କା ଠକି ନେଉଛନ୍ତି। ଏ ନେଇ ବିଭିନ୍ନ ସମୟରେ ସାଇବର ସେଲ୍‌ରେ ଅଭିଯୋଗ ହେଉଛି। ହେଲେ ପୋଲିସ ସେମାନଙ୍କ ନିକଟରେ ପହଞ୍ଚିବାରେ ଅନେକାଂଶରେ ବିଫଳ ହେଉଛି। ତେଣୁ ଏହାକୁ ରୋକିବା ପାଇଁ କ୍ରାଇମବ୍ରାଞ୍ଚ ଏବେ ତତ୍ପର ହୋଇଉଠିଛି। ଏ ନେଇ କ୍ରାଇମବ୍ରାଞ୍ଚ ଓ ଆଇସିଆଇସିଆଇ ବ୍ୟାଙ୍କର ମିଳିତ ଆନୁକୂଲ୍ୟରେ ଗୁରୁବାର ଏକ ଯୋଗ୍ୟତା ନିର୍ମାଣ କର୍ମଶାଳା କ୍ରାଇମବ୍ରାଞ୍ଚ ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ କ୍ରାଇମବ୍ରାଞ୍ଚ ଏଡିଜି ସୌମେନ୍ଦ୍ର ପ୍ରିୟଦର୍ଶୀ ଉଦ୍‌ଘାଟନ କରିଥିଲେ। ଏଟିଏମ୍, କ୍ରେଡିଟ୍ କାର୍ଡ ଓ ୟୁପିଆଇ ଠକାମି ସହିତ ଅନ୍ୟାନ୍ୟ ଅନ୍‌ଲାଇନ୍ ଠକାମିର ତଦନ୍ତ କିଭଳି ଭାବେ ତ୍ୱରାନ୍ୱିତ କରାଯାଇପାରିବ ସେ ସମ୍ପର୍କରେ କର୍ମଶାଳାରେ ଆଲୋଚନା କରାଯାଇଥିଲା। ବିଶେଷକରି ଅନ୍‌ଲାଇନ ଠକାମିକୁ ପ୍ରାଥମିକ ସ୍ତରରୁ କିଭଳି ରୋକାଯାଇପାରିବ, ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଥାନା ସ୍ତରରୁ ଏଭଳି ଠକାମିକୁ ଚିହ୍ନଟ କରାଯାଇ ଏହାର ନିରାକରଣ କରାଯାଇପାରିବ। ଏହି କର୍ମଶାଳାରେ କମିଶନରେଟ୍ ପୋଲିସ ଓ କେନ୍ଦ୍ରାଞ୍ଚଳ ପୋଲିସ ରେଞ୍ଜର ୩୫ଜଣ ଅଧିକାରୀ, ଆଇସିଆଇସିଆଇ ବ୍ୟାଙ୍କର ବମ୍ବେ ଓ ଭୁବନେଶ୍ୱର ଶାଖାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।




## ସର୍ବସାଧାରଣଙ୍କ ପାଇଁ ଘୋଷଣା

INDIAN READERSHIP SURVEY | Media Research Users Council

**ପୃଥିବୀର ସବୁଠାରୁ ବଡ଼ ପାଠକୀୟ, ଗଣମାଧ୍ୟମ ତଥା ଉତ୍ପାଦ ଉପଯୋଗ ସର୍ବେକ୍ଷଣରେ ଭାଗ ନିଅନ୍ତୁ**

ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି) ପୃଥିବୀର ସବୁଠାରୁ ବଡ଼ ପାଠକୀୟ ଏବଂ ଉପଯୋଗ ସର୍ବେକ୍ଷଣ ଆରମ୍ଭ କରିଛି - **ଭାରତୀୟ ପାଠକୀୟ ସର୍ବେକ୍ଷଣ (ଆଇଆର୍‌ଏସ୍)** । ଆଇଆର୍‌ଏସ୍ ହେଉଛି ଏକ ସର୍ବଭାରତୀୟ **ପାଠକୀୟ ଏବଂ ଉପଯୋଗ ଅଧ୍ୟୟନ,** ଯାହା ଖବରକାଗଜ ଓ ମାଗାଜିନ୍‌ର ପାଠକ; ଟିଭି, ରେଡିଓ, ଇଣ୍ଟରନେଟ୍ ଭଳି **ଅନ୍ୟାନ୍ୟ ଗଣମାଧ୍ୟମର ଉପଯୋଗ** ତଥା **ବିଭିନ୍ନ ଘରୋଇ ଉତ୍ପାଦ ମାଲିକାନା,** ଜୀବନଶୈଳୀ ସମ୍ବନ୍ଧୀୟ ସୂଚନା ଓ **ବ୍ୟକ୍ତିଗତ ଏବଂ ପାରିବାରିକ ଆର୍ଥିକ ଅଭ୍ୟାସ** ସମ୍ବନ୍ଧରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉପଲବ୍ଧ କରାଇଥାଏ । ସର୍ବେକ୍ଷଣ ସଞ୍ଚାଳନ ପାଇଁ ଅଞ୍ଚଳ ଓ ପରିବାରଗୁଡ଼ିକୁ ମତଦାତା ସୂଚୀ ସହାୟତାରେ ଯାଦୃଚ୍ଛିକ ଭାବେ ଚୟନ କରାଯିବ। ପ୍ରଭାବୀ ଗଣମାଧ୍ୟମ ତଥା ବିପଣନ ରଣନୀତି ପ୍ରସ୍ତୁତ କରିବା ଏବଂ ନିଜ ନିଜର ବ୍ୟବସାୟ ଲକ୍ଷ୍ୟକୁ ହାସଲ କରିବାରେ ଆଇଆର୍‌ଏସ୍ ବିପଣନ ବା ମାର୍କେଟିଂ କମ୍ପାନୀଗୁଡ଼ିକୁ ସକ୍ଷମ କରିଥାଏ । ବିପଣନ ବା ମାର୍କେଟିଂ କମ୍ପାନୀଗୁଡ଼ିକୁ ସେମାନଙ୍କ ବ୍ୟବସାୟ ଲକ୍ଷ୍ୟଗୁଡ଼ିକୁ ହାସଲ କରିବା ନିମନ୍ତେ ପ୍ରଭାବୀ ଗଣମାଧ୍ୟମ ତଥା ବିପଣନ ରଣନୀତି ପ୍ରସ୍ତୁତ କରିବାରେ ଆଇଆର୍‌ଏସ୍ ସକ୍ଷମ କରିଥାଏ । ଏହି ସର୍ବେକ୍ଷଣ **ନୀଲସେନ ଇଣ୍ଡିଆ** - ଭାରତର ଏକ ସୁପ୍ରତିଷ୍ଠିତ ବଜାର ଗବେଷଣା ଏଜେନ୍ସି ଦ୍ୱାରା ସଞ୍ଚାଳନ କରାଯାଉଛି।

**ଦେଶର ସମସ୍ତ ଗଣମାଧ୍ୟମ ତଥା ବିପଣନ କମ୍ପାନୀଗୁଡ଼ିକ ତରଫରୁ ଏହି ଅତି ଗୁରୁତ୍ୱପୂର୍ଣ୍ଣ ସର୍ବେକ୍ଷଣ** ସଞ୍ଚାଳନ ପାଇଁ ଆପଣଙ୍କ ଘରକୁ ଆସିଥିବା **ନୀଲସେନ୍** ସର୍ବେକ୍ଷକଙ୍କୁ ସହଯୋଗ କରିବା ଲାଗି ଆମେ **ଆପଣ** ଓ ଆପଣଙ୍କ ପରିବାର ସଦସ୍ୟ ତଥା **କର୍ତ୍ତୃତ୍ୱଧାରୀ ବ୍ୟକ୍ତିମାନଙ୍କୁ** ଅନୁରୋଧ କରୁଛୁ । ଆପଣ **ପରିଚୟ ଯାଞ୍ଚ** କରିବାକୁ ଚାହିଁଲେ, ନୀଲସେନ ସର୍ବେକ୍ଷକଙ୍କୁ ତାଙ୍କ **ପରିଚୟପତ୍ର** ମାଗିପାରନ୍ତି ।

**ମିଡିଆ ରିସର୍ଚ୍ଚ ୟୁଜର୍ସ କାଉନସିଲ୍ (ଏମ୍‌ଆର୍‌ୟୁସି)** ହେଉଛି ଏକ ପଞ୍ଜୀକୃତ ଅଣ-ଲାଭକାରୀ ଶିଳ୍ପ ସଂସ୍ଥା, ଯେଉଁଥିରେ ପ୍ରମୁଖ ବିଜ୍ଞାପନଦାତା, ପ୍ରକାଶକ, ବିଜ୍ଞାପନ ଏଜେନ୍ସି ଓ ପ୍ରସାରଣକାରୀ / ଅନ୍ୟାନ୍ୟ ଗଣମାଧ୍ୟମ ସ୍ୱତ୍ୱାଧିକାରୀଙ୍କ ପ୍ରତିନିଧିତ୍ୱ ରହିଛି । ଅଧିକ ବିବରଣୀ ପାଇଁ ଦୟାକରି www.mruc.netରେ ଲଗ୍ ଅନ୍ କରନ୍ତୁ।

ପ୍ରଥମେ ନିଜର ପ୍ରକୃତିକୁ ଭଲ ଭାବରେ ଜାଣରଖ। ତା'ପରେ ନିଜର ଚିନ୍ତା, ଅନୁଭୂତି, କ୍ରିୟାକର୍ମ ଓ କଥାବାର୍ତ୍ତା ଉପରେ କର୍ତ୍ତୃତ୍ୱ ରଖ। ତା'ଫଳରେ ତୁମ ପ୍ରକୃତି ଉପରେ ତୁମର ପ୍ରଭୁତ୍ୱ ଆସିବ ଏବଂ ତା'ର ରୂପାନ୍ତର ସମ୍ଭବ ହେବ। -ଶ୍ରୀମା



# ଦୋହରା ଝଟକା

ଇରାନର ଜେନେରାଲ କାସିମ ସୋଲେମାନୀଙ୍କୁ ଆମେରିକା ଶୁକ୍ରବାର ବିମାନ ଆକ୍ରମଣ କରି ହତ୍ୟାକରିବା ପରେ ୱାଶିଂଟନ ଓ ତେହେରାନ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଏହାର ଜବାବରେ କ୍ଷୁବ୍ଧ ଇରାନ ବାଗଦାଦସ୍ଥିତ ମାର୍କିନ ବିମାନଘାଟୀଗୁଡ଼ିକ ଉପରେ ଏକ ଡଜନରୁ ଅଧିକ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମାଡ଼ କରି ଅଞ୍ଚଳରେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି କରିଛି। ଆମେରିକା ସୋଲେମାନୀଙ୍କୁ ହତ୍ୟାକରିବା ଏବଂ ଏହାର କଡ଼ା ଜବାବ ଦିଆଯିବ ବୋଲି ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମିନୀଙ୍କ ଦମ୍ଭୋକ୍ତି ପରେ ପରେ ତୁରନ୍ତ ବ୍ରେଣ୍ଟ ଅଶୋଧିତ ତୈଳର ବ୍ୟାରେଲ ପିଛା ମୂଲ୍ୟ ୩ ପ୍ରତିଶତ ବୃଦ୍ଧିପାଇ ୬୮.୨୫ ଡଲାରରେ ପହଞ୍ଚିଥିଲା। ଏହା ଫଳରେ ୱେଷ୍ଟ ଟେକ୍ସାସ ଇଣ୍ଟରମିଡିଏଟ୍ ତୈଳ ଦର ୨.୭୧ ପ୍ରତିଶତ ବୃଦ୍ଧିପାଇବା ସହ ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ମାସକର ସର୍ବନିମ୍ନ ସ୍ତରକୁ ହ୍ରାସ ପାଇ ଟ୭୧.୬୧ରେ ପହଞ୍ଚିଛି। ବଜାରରେ ତୈଳ ସମ୍ପର୍କିତ ଷ୍ଟକ୍ ମଧ୍ୟ ହ୍ରାସ ପାଇଛି। ଭାରତୀୟ ତୈଳ ନିଗମ (ଆଇଓସିଏଲ୍), ହିନ୍ଦୁସ୍ତାନ ପେଟ୍ରୋଲିୟମ୍ (ଏଚ୍‌ପିସିଏଲ୍) ଓ ଭାରତ ପେଟ୍ରୋଲିୟମ୍ (ବିପିସିଏଲ୍) ପରି ତୈଳ ବିପଣନକାରୀ କମ୍ପାନୀଗୁଡ଼ିକର ବେପାର ହ୍ରାସ ପାଇଛି। ନିବେଶକମାନେ ନିରାପଦ ନିବେଶସ୍ଥଳ ଖୋଜୁଥିବାରୁ ଷ୍ଟକ୍ ବଜାରଗୁଡ଼ିକ ଅନ୍ତେବନ୍ତୁତେ ମାନ୍ଦା ପଡ଼ିଯାଇଛି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଚଳିତ ସପ୍ତାହରେ ସୁନାର ମୂଲ୍ୟ ୧୦ ଗ୍ରାମ୍ ପିଛା ଐତିହାସିକ ସର୍ବୋଚ୍ଚ ସ୍ତର ୪୧,୦୦୦ ଟଙ୍କାକୁ ଟପିଯାଇଛି। ଯଦି ଏପରି ବାଷ୍ପଶୀଳ ଅବସ୍ଥା ପ୍ରାୟ ମାସେ ଯାଏ ଲାଗିରହେ, ତେବେ ଏହା ଭାରତୀୟ ଅର୍ଥନୀତି ଉପରେ ଅତ୍ୟନ୍ତ କୁପ୍ରଭାବ ପକାଇବ। ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୮୦ ଡଲାର ବା ତା'ଠୁ ଅଧିକ ହୋଇପାରେ। ତୈଳ ବିପଣନକାରୀ କମ୍ପାନୀଗୁଡ଼ିକ ଲାଭ ହ୍ରାସ ପାଇବା ସହ ତାହା ଆର୍ଥିକ ମାନ୍ଦାବସ୍ଥାକୁ ତ୍ୱରାନ୍ୱିତ କରିପାରେ।

ଭାରତ ତା'ର ଅଶୋଧିତ ତୈଳ ଚାହିଦାର ୮୦ ପ୍ରତିଶତ ଆମଦାନି କରୁଥିବା ବେଳେ ଏହାର ୬୦ ପ୍ରତିଶତରୁ ଅଧିକ ମଧ୍ୟପ୍ରାଚ୍ୟରୁ ଆମଦାନି କରିଥାଏ। ବର୍ତ୍ତମାନ ଭାରତ ଇରାନରୁ ଖୁବ୍ କମ୍ ବା ନଗଣ୍ୟ ତୈଳ ଆମଦାନି କରୁଛି କାରଣ ଆମେରିକା ତେହେରାନ ଉପରେ କଟକଣା ଲାଗୁକରିବା ପରଠାରୁ ଭାରତ ପରି ଦେଶଗୁଡ଼ିକ ଶିୟା ଦେଶରୁ ତୈଳ ଆମଦାନି କରିବା ଏକପ୍ରକାର ବନ୍ଦ କରିଦେବାକୁ ବାଧ ହୋଇଛନ୍ତି। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ପରିପ୍ରେକ୍ଷୀରେ ଭାରତ ନିଜର ଶକ୍ତି ସୁରକ୍ଷା ତଥା ପଶ୍ଚିମ ଏସିଆରେ ରହୁଥିବା ୮ ନିୟୁତରୁ ଅଧିକ ଓ ସୌଦୀ ଆରବରେ ରହୁଥିବା ୨.୫ ନିୟୁତରୁ ଅଧିକ ପ୍ରବାସୀ ଭାରତୀୟଙ୍କ ସ୍ୱାର୍ଥ ବିଷୟରେ ଚିନ୍ତାକରି ଏହା ଉପରେ ସତର୍କତାର ସହ ପ୍ରତିକ୍ରିୟା ପ୍ରକାଶ କରିବା ଦରକାର। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ୨୦୧୮ରେ ପ୍ରକାଶିତ ରିପୋର୍ଟ ଅନୁସାରେ ୨୦୧୬-୧୭ରେ ବିଦେଶରୁ ଭାରତକୁ ଆସିଥିବା ଅର୍ଥ ମଧ୍ୟରୁ ସଂଯୁକ୍ତ ଆରବ ଏମିରେଟ୍‌ସ, ସୌଦୀ ଆରବ, କାତାର, କୁଏଟ୍ ଓ ଓମାନ ଏବଂ ପଶ୍ଚିମ ଏସିଆର ସମସ୍ତ ଦେଶରେ ରହୁଥିବା ପ୍ରବାସୀ ଭାରତୀୟମାନେ ପଠାଇଥିବା ଅର୍ଥ ୫୩.୫ ପ୍ରତିଶତ ଥିଲା। ଏହାଦ୍ୱାରା ଉଭୟ ଫରେନ୍ ଏକ୍ସଚେଞ୍ଜ (ବିଦେଶୀ ମୁଦ୍ରା) ଓ ବିଦେଶରୁ ଆସୁଥିବା ଅର୍ଥ ଉପରେ ନିର୍ଭର କରୁଥିବା ଭାରତୀୟମାନଙ୍କର ଘରୋଇ ଚାହିଦା ପ୍ରଭାବିତ ହୋଇପାରେ।

## ଆଜିର ଅର୍ଥନୀତି

ଆମେରିକା ଓ ଇରାନ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଲେ ପାରସ୍ୟ ଉପସାଗରରେ ଥିବା ସାମୁଦ୍ରିକ ପଥ ଏବଂ ତୈଳ ମୂଲ୍ୟ ଓ ଯୋଗାଣ ପ୍ରଭାବିତ ହେବ। ଉଭୟ ଆମେରିକା ଓ ଇରାନ ସହ ଭାରତର ସୁସମ୍ପର୍କ ରହିଆସିଛି। ତେଣୁ ପଶ୍ଚିମ ଏସିଆରେ ଦେଖାଦେଇଥିବା ଉତ୍ତେଜନା ନୂଆଦିଲ୍ଲୀକୁ ଅଡୁଆ ପରିସ୍ଥିତିରେ ପକାଇଦେଇଛି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ସ୍ଥିର ଥିବାବେଳେ ବ୍ୟାରେଲ ପିଛା ଅଶୋଧିତ ତୈଳ ଦର ଯଦି ୧ ଡଲାର ବୃଦ୍ଧି ପାଏ, ତେବେ ବିପଣନ ଲାଭ ଲିଟର ପିଛା ପ୍ରାୟ ୪୫ ପଇସା ହ୍ରାସ ପାଇବ। ଯଦି ଦେଶକୁ ବିଦେଶୀ ମୁଦ୍ରା ଆସିବା କମିଯାଏ, ତେବେ ବାଣିଜ୍ୟିକ ନିଅଣ୍ଟ ବୃଦ୍ଧି ପାଇବା ସହ ତୈଳ ମୂଲ୍ୟ ବୃଦ୍ଧି ଯୋଗୁ ମୁଦ୍ରାସ୍ଫୀତି ବୃଦ୍ଧି ପାଇବ, ଯାହା ଭାରତୀୟ ଅର୍ଥନୀତି ପାଇଁ ଦୋହରା ଝଟକା ସଦୃଶ ହେବ। ଗତ ଚାରିବର୍ଷ ଧରି ତୈଳ ମୂଲ୍ୟରେ ବିଶେଷ ବୃଦ୍ଧି ଘଟି ନ ଥିଲା। ୨୦୧୧-୧୨ରୁ ୨୦୧୩-୧୪ ପର୍ଯ୍ୟନ୍ତ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୦୦ ଡଲାରରୁ ଅଧିକ ରହିଥିବା ବେଳେ ୨୦୧୫-୧୬ରେ ବ୍ୟାରେଲ ପିଛା ଦର ୫୦ ଡଲାର ତଳକୁ ଖସିଯାଇଥିଲା। ୨୦୧୬-୧୭ରେ ଏହି ଦର ବ୍ୟାରେଲ ପିଛା ୫୬ ଡଲାର ହୋଇଥିବା ବେଳେ ୨୦୧୭-୧୮ ଓ ୨୦୧୮-୧୯ରେ ଏହା ୭୦ ଡଲାର ରହିଥିଲା। ଖାଦ୍ୟଦ୍ରବ୍ୟର ମୂଲ୍ୟବୃଦ୍ଧି ଯୋଗୁ ଶିରୋରେଖା ମୁଦ୍ରାସ୍ଫୀତି ବୃଦ୍ଧି ପାଉଥିବାବେଳେ ତୈଳଦର ବଢ଼ିଲେ ତାହା ବର୍ତ୍ତମାନର ମୁଦ୍ରାସ୍ଫୀତିଜନିତ ସ୍ଥିତିକୁ ଆହୁରି ବିଗାଡ଼ିଦେବ। ଅଶୋଧିତ ତୈଳଦର ବଢ଼ିଲେ ଚଳନ୍ତି ଖାତା ନିଅଣ୍ଟ (ସିଏଡି) ବୃଦ୍ଧି ପାଇବ କାରଣ ଏହାଦ୍ୱାରା ତୈଳ ଆମଦାନି ଖର୍ଚ୍ଚ ଉଲ୍ଲେଖନୀୟ ଭାବେ ବଢ଼ିଯିବ। ମୁଦ୍ରାସ୍ଫୀତି ବୃଦ୍ଧି ପାଇଲେ ଆର୍‌ବିଆଇ ସୁଧହାର ହ୍ରାସକରିବା ସମ୍ଭାବନା ମଉଳିଯିବ। ସରକାରଙ୍କ ନିଜ ଆକଳନ ଅନୁସାରେ ୨୦୨୦ରେ ଦେଶର ଅଭିବୃଦ୍ଧି ହାର ୫ ପ୍ରତିଶତରେ ସୀମିତ ରହିବାକୁ ଥିବାବେଳେ ଉକ୍ତ ମୁଦ୍ରାସ୍ଫୀତିଜନକ ପରିସ୍ଥିତି ଦେଶର ଅର୍ଥନୀତି ପାଇଁ ଦୋହରା ଝଟକା ସଦୃଶ ହେବ।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜାନୁୟାରୀ ୧୯୯୫

- ବମ୍ବେ ବୋମା ବିସ୍ଫୋରଣ ମାମଲାର ବିଚାରପତି ଜେ.ଏନ. ପଟେଲ ଅଭିଯୁକ୍ତ ୫ ଜଣଙ୍କ ଜାମିନ ଆବେଦନକୁ ଅଗ୍ରାହ୍ୟ କରିଦେଇଛନ୍ତି।
- ଜଷ୍ଟିସପ୍ରଦୀପ୍ତରାୟଓଡ଼ିଶାହାଇକୋର୍ଟରବିଚାରପତିଭାବେଶପଥନେଲେ।

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | 1 | | | | | 7 | | | C | 0 |
| 0 | B | | 8 | 7 | | | | | | | | | | 1 |
| | | 1 | 2 | B | | C | A | | 5 | | | | | |
| | A | | 5 | D | | | 7 | | | | | 6 | | 2 |
| 9 | | 7 | | | | | 2 | 6 | | D | | | | |
| | 9 | | D | 2 | | | 4 | | B | E | 3 | | | |
| C | | | 3 | | | | E | | | | D | 0 | 4 | |
| A | 2 | | | | | 9 | 6 | | | | | | D | |
| | | | | | | B | | | 2 | | 7 | 1 | | 5 |
| | 6 | B | A | | 8 | 0 | | | 1 | | | | | |
| | 5 | | 1 | | | 7 | | | | | E | | | 8 |
| | | 9 | | | | | | | | | C | | | |
| | | | | | | 5 | D | | | | 2 | 9 | 7 | |
| | 0 | | | 9 | 3 | | | C | 4 | | | | 2 | A |
| | | 8 | 7 | | 0 | 6 | | E | | B | 5 | | 1 | D |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | E | D | 7 | B | 2 | 9 | A | 1 | 4 | 0 | 6 | 5 | 8 | C |
| 4 | 1 | 2 | D | 9 | 5 | 7 | 8 | 0 | 3 | C | B | E | A | 6 |
| C | 8 | 5 | A | E | 3 | 6 | 2 | 4 | D | 7 | 1 | 0 | 9 | B |
| 7 | 6 | A | 0 | 8 | C | B | E | D | 5 | 9 | 2 | 1 | 3 | 4 |
| 9 | 0 | B | 6 | 1 | 4 | C | 3 | 5 | E | A | 8 | D | 7 | 2 |
| A | 4 | 7 | 5 | C | 9 | 3 | 6 | 8 | B | 1 | D | 2 | E | 0 |
| D | 9 | E | 4 | A | 0 | 5 | 1 | B | 8 | 2 | C | 7 | 6 | 3 |
| 6 | B | 8 | 1 | 3 | D | 2 | 9 | A | 7 | E | 0 | 4 | C | 5 |
| 0 | 2 | 1 | 8 | 6 | E | 4 | C | 7 | 9 | 5 | 3 | B | D | A |
| 5 | C | 3 | 2 | 7 | B | 0 | D | E | A | 6 | 4 | 9 | 1 | 8 |
| B | A | 9 | 3 | 4 | 7 | 8 | 5 | 6 | 2 | D | E | C | 0 | 1 |
| 1 | 5 | 6 | C | D | 8 | E | 4 | 3 | 0 | B | 7 | A | 2 | 9 |
| 2 | 3 | 0 | E | 5 | A | 1 | 7 | C | 6 | 4 | 9 | 8 | B | D |
| E | D | C | B | 2 | 6 | A | 0 | 9 | 1 | 8 | 5 | 3 | 4 | 7 |
| 8 | 7 | 4 | 9 | 0 | 1 | D | B | 2 | C | 3 | A | 6 | 5 | E |

ଗତକାଲିର ଉତ୍ତର

# ବୈଷମ୍ୟର ପାଚେରି

ନାରାୟଣ ପଣ୍ଡା

"ଈଶ୍ୱର ନାହାନ୍ତି, ଈଶ୍ୱରଙ୍କ ଅସ୍ତିତ୍ୱ ନାହିଁ। ଯେ ଈଶ୍ୱରଙ୍କୁ ସୃଷ୍ଟି କରିଛନ୍ତି ସେ ନିର୍ବୋଧ। ଯିଏ ତାଙ୍କ ମହିମା ପ୍ରଚାର କରନ୍ତି ସେ ଜଣେ ଅସାଧୁ। ଯେ ତାଙ୍କର ପୂଜା କରନ୍ତି ସେ ଅସଭ୍ୟ।" ତାମିଲନାଡୁର ତ୍ରିଚି ସହରର ବସ୍‌ଷ୍ଟାଣ୍ଡରେ ସ୍ଥାପିତ ପେରିୟାର ଇ.ଭି. ରାମସ୍ୱାମୀଙ୍କ ପ୍ରତିମୂର୍ତ୍ତିର ପାଦପ୍ରସ୍ଥରେ ଏହା ହିଁ ଖୋଦିତ ହୋଇଛି। ଏହାକୁ ବିରୋଧ କରି ଜନୈକ ଈଶ୍ୱରବିଶ୍ୱାସୀ ଭକ୍ତ, ଏହା ତାଙ୍କ ଧାର୍ମିକ ବିଶ୍ୱାସକୁ ଆଘାତ କରୁଛି ଅଭିଯୋଗ କରି ଉକ୍ତ ଲେଖାଟିକୁ ଉଠାଇଦେବା ପାଇଁ ମାଡ୍ରାସ୍ ହାଇକୋର୍ଟରେ ମାମଲା ଦାଏର କରିଥିଲେ। ବିଚାରପତି ଏସ୍. ମଣିକୁମାର ଓ ସୁବ୍ରମଣ୍ୟମ୍ ପ୍ରସାଦଙ୍କ ଦୁଇଜଣିଆ ବେଞ୍ଚ ଉକ୍ତ ଆବେଦନକୁ ଖାରଜ କରି କହିଥିଲେ- ଯଦି ସମ୍ବିଧାନର ଧାରା ୧୯ ଅନୁସାରେ ଆବେଦନକାରୀଙ୍କର ଧର୍ମ ଓ ଈଶ୍ୱରଙ୍କ ଅସ୍ତିତ୍ୱ ଉପରେ ମତ ପ୍ରକାଶ କରିବାର ସାମ୍ବିଧାନିକ ଅଧିକାର ରହିଛି, ସୁପ୍ରିମ୍‌କୋର୍ଟର 'ଲାଲାଇ ସିଂ ଯାଦବ' କେସ୍‌ର ଉଦାହରଣ ଦେଇ ସେମାନେ କହିଥିଲେ, ସମାନ ସମ୍ବିଧାନର ଧାରା ଅନୁସାରେ ପେରିୟାରଙ୍କ ସମର୍ଥକ ଓ ଦ୍ରାବିଡ କାଜାଗମ୍‌ର ଈଶ୍ୱରଙ୍କ ଅସ୍ତିତ୍ୱକୁ ଅସ୍ୱୀକାର କରିବାର ଅଧିକାର ମଧ୍ୟ ରହିଛି। ଏହା ନିର୍ବିବାଦୀୟ ସତ୍ୟ, ପେରିୟାର ୧୯୨୮ରୁ ତାଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଈଶ୍ୱର ନାହାନ୍ତି, ତାଙ୍କର ଅସ୍ତିତ୍ୱ ନାହିଁ ବୋଲି ତାଙ୍କର ବିଭିନ୍ନ ଲେଖା ଓ ଭାଷଣ ମାଧ୍ୟମରେ ପ୍ରଚାର କରିଆସିଛନ୍ତି। ୧୭ ସେପ୍ଟେମ୍ବର ୧୯୬୭ରେ ପେରିୟାରଙ୍କ ଜୀବଦ୍ଦଶାରେ ଉକ୍ତ ପ୍ରତିମୂର୍ତ୍ତି ରାଜ୍ୟର ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ସି.ଏନ୍. ଆନ୍ନାଦୁରାଇ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ କେ. କାମରାଜଙ୍କ ଉପସ୍ଥିତିରେ ଅନାବରଣ କରାଯାଇଥିଲା।

ପେରିୟାର ଇ.ଭି ରାମସ୍ୱାମୀ (୧୭।୯।୧୮୭୯-୨୪।୧୨।୧୯୭୩) ତାମିଲନାଡୁର ଜଣେ ବିଶିଷ୍ଟ ସମାଜ ସଂସ୍କାରକ ଥିଲେ। ଏହା ବ୍ୟତୀତ ସେ ଥିଲେ ରାଜ୍ୟର ଜଣେ ଚର୍ଚ୍ଚିତ ସାମାଜିକ କର୍ମୀ, ରାଜନେତା, 'ଆତ୍ମସମ୍ମାନ ଆନ୍ଦୋଳନ' ଓ 'ଦ୍ରାବିଡ ଆନ୍ଦୋଳନ'ର ସ୍ରଷ୍ଟା। ତାମିଲନାଡୁର ସାମାଜିକ କ୍ଷେତ୍ରରେ ବିଶେଷ ଅବଦାନ ରଖୁଥିବା ବରିଷ୍ଠ ବ୍ୟକ୍ତିବିଶେଷଙ୍କୁ ପେରିୟାର ରୂପେ ସମ୍ବୋଧନ କରାଯାଏ। ସମାଜରେ ବ୍ରାହ୍ମଣମାନଙ୍କ ଆଧିପତ୍ୟ, ଜାତିଗତ ବୈଷମ୍ୟ ଓ ନାରୀମାନଙ୍କ ଉପରେ ଅତ୍ୟାଚାର ବିରୋଧରେ ଆଜୀବନ ସଂଗ୍ରାମ କରିଥିଲେ ସେ। ବ୍ରାହ୍ମଣବାଦର ବିଲୋପ ତାଙ୍କ ଜୀବନର ସର୍ବଶ୍ରେଷ୍ଠ ବ୍ରତ ଥିଲା। ପ୍ରଥମରୁ ସେ ନାସ୍ତିକ ନ ଥିଲେ। ଅନ୍ୟ ସାଧାରଣ ହିନ୍ଦୁଙ୍କ ପରି ତାଙ୍କ ହୃଦୟରେ ଭଗବତ୍‌ବିଶ୍ୱାସ ରହିଥିଲା। କିନ୍ତୁ ଗୋଟିଏ ଘଟଣା ତାଙ୍କ ଜୀବନର ଗତିପଥକୁ ବଦଳାଇଦେଲା। ଆସ୍ତିକରୁ ନାସ୍ତିକ ପାଲଟିଗଲେ ସେ। ୧୯୦୪ରେ କାଶୀ ବିଶ୍ୱନାଥଙ୍କ ଦର୍ଶନ ପାଇଁ ସେ ଯାଇଥାନ୍ତି। ସେଠାରେ ଅବସ୍ଥାନ କାଳରେ ଥରେ ମନ୍ଦିର ପାଖରେ ଥିବା ଏକ ଦାତବ୍ୟ ଭୋଜନାଳୟ ତାଙ୍କ ଦୃଷ୍ଟିପଥାରୂଢ଼ ହେଲା। ଜଣେ ଭକ୍ତ ଭାବେ ସେ ଭୋଜନାଳୟରେ ପ୍ରବେଶ କରିବା ପାଇଁ ଉଦ୍ୟମ କରିବା ବେଳେ ଦ୍ୱାରପାଳ ରାମସ୍ୱାମୀ ବ୍ରାହ୍ମଣ ନ ଥିବାରୁ ତାଙ୍କ ପ୍ରବେଶକୁ ବାରଣ କଲେ। ହାତରେ ତାଙ୍କର ନ ଥିଲା ପର୍ଯ୍ୟାପ୍ତ ଅର୍ଥ। ଅଗତ୍ୟା ସେ ଅନ୍ୟ ଏକ ଭୋଜନାଳୟ ସନ୍ଧାନରେ ବାହାରିଗଲେ, ଏଥର କିନ୍ତୁ ସେ ଏକ ଯଜ୍ଞୋପବୀତ ଧାରଣ କରିଥିଲେ। କିନ୍ତୁ ତାଙ୍କ ମୁହଁରେ ନିଶ ଥିବାରୁ ଦ୍ୱାରପାଳ ସେ ବ୍ରାହ୍ମଣ ନୁହନ୍ତି ଜାଣିପାରି ତାଙ୍କୁ ବାହାର କରିଦେଲେ।

ଅପମାନ ଓ କ୍ଷୁଧାଜ୍ୱାଳାରେ ଅତିଷ୍ଠ ହୋଇପଡୁଥିଲେ ରାମସ୍ୱାମୀ। ରାସ୍ତାକଡ଼ରେ ପଡ଼ିଥିବା ଅଇଁଠାପତ୍ରରେ ଥିବା ଖାଦ୍ୟର ଅବଶିଷ୍ଟାଂଶରେ ଉଦର ପୂରଣ କଲେ ସେ। ପରେ ସେ ଜାଣିବାକୁ ପାଇଲେ ଯେ, ଉକ୍ତ ଭୋଜନାଳୟଟି ଦକ୍ଷିଣ ଭାରତର ଜଣେ ଅବ୍ରାହ୍ମଣଙ୍କ ଦାନରେ ପରିଚାଳିତ ହେଉଥିଲା। କାଶୀ ପରି ଏକ ପବିତ୍ର ଧର୍ମସ୍ଥାନରେ ମଣିଷଙ୍କୁ ଏପରି ଜାତିଗତ ବୈଷମ୍ୟର ଶିକାର ହେବାକୁ ପଡୁଛି ଏବଂ ଜଣେ କ୍ଷୁଧାର୍ତ୍ତ ପାଇଁ ଅପମାନ ଓ ଅର୍ଦ୍ଧଚନ୍ଦ୍ରର ବ୍ୟବସ୍ଥା ରହିଛି, ଏହା ଦେଖି ତାଙ୍କ ମନରେ ବ୍ରାହ୍ମଣ ଓ ଉଚ୍ଚଜାତି ତଥା ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରତି ଘୃଣା ସୃଷ୍ଟି ହେଲା। ସେତେବେଳେ ତାମିଲନାଡୁ ଓ କେରଳ ସମେତ ସମଗ୍ର ଦକ୍ଷିଣ ଭାରତରେ ଦଳିତମାନଙ୍କୁ ଜାତିଆଣ ଆକ୍ଷେପ କରିବା ଏକ ସାଧାରଣ ଘଟଣା ଥିଲା। କେରଳର ମନ୍ଦିରମାନଙ୍କୁ ଯାଉଥିବା ରାସ୍ତାଗୁଡ଼ିକରେ ହରିଜନମାନେ ଚାଲିବାରୁ ବଞ୍ଚିତ ହେଉଥିଲେ। ନିଜ ମାଟିରେ ସେମାନେ ସ୍ୱାଧୀନ ଭାବେ ବିଚରଣ କରିପାରୁ ନ ଥିଲେ। ଅପମାନ ଓ ଅସମ୍ମାନରୁ ତାଙ୍କ ହୃଦୟରେ ଜାତହେଲା ପ୍ରତିଶୋଧର ସ୍ଫୁଲିଙ୍ଗ, ଅନ୍ତରରେ ଜଳିଉଠିଲା ବିଦ୍ରୋହର ନିଆଁ। ଏହି ଅମାନବୀୟ ବୈଷମ୍ୟର ଅବସାନ ପାଇଁ ସେ ଆରମ୍ଭ କଲେ 'ଆତ୍ମସମ୍ମାନ ଆନ୍ଦୋଳନ।' ବ୍ରାହ୍ମଣବିରୋଧୀ ଅଭିଯାନକୁ ତୀବ୍ର କରିବା ପାଇଁ ସେ ପ୍ରତିଷ୍ଠା କଲେ ଦ୍ରାବିଡ କାଜାଗାମ। ଉକ୍ତ ଅଭିଯାନରେ ସାହାଯ୍ୟ କରିବା ପାଇଁ କଂଗ୍ରେସରେ ସେ ଯୋଗଦେଲେ, କିନ୍ତୁ କଂଗ୍ରେସ ବ୍ରାହ୍ମଣବାଦକୁ ସମର୍ଥନ କରିବା ଦେଖି ସେଥିରୁ ମୁହଁ ଫେରାଇଲେ। ଏପରି କି ତାଙ୍କ ନାମ ପଛରେ ଲାଗିଥିବା ନାୟକର ଉପାଧିକୁ ସବୁଦିନ ପାଇଁ ପରିତ୍ୟାଗ କଲେ। ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନ ତଥା ଭାରତର ଜନଜୀବନରେ ଆବିର୍ଭାବର ବହୁ ପୂର୍ବରୁ ରାମସ୍ୱାମୀ ଉକ୍ତ ଆନ୍ଦୋଳନ ଜାରି ରଖିଥିଲେ। ଦେଶ ସ୍ୱାଧୀନତା ପରେ ଏହି ଜାତିଗତ ବୈଷମ୍ୟର ବିଲୋପ ପାଇଁ ଅନେକ ଆଇନ ତିଆରି ହୋଇଛି। ସମ୍ବିଧାନ ଜାତି ଆଧାରରେ କାହାକୁ ଉଚ୍ଚାସନ ଦେଇନାହିଁ ଅଥବା କୌଣସି ନିର୍ଦ୍ଦିଷ୍ଟ ଜାତିକୁ ଛୋଟ କହି ସେମାନଙ୍କୁ ହୀନମନ୍ୟତାର ଗହ୍ୱରକୁ ଠେଲିଦେଇନାହିଁ ବରଂ କଠୋର ଆଇନ ପ୍ରଣୟନ କରି ଜାତିଆଣ ଆକ୍ଷେପ କରୁଥିବା ବ୍ୟକ୍ତିଙ୍କ ପାଇଁ ଦଣ୍ଡର ବ୍ୟବସ୍ଥା ରଖିଛି। କିନ୍ତୁ ଭାରତୀୟ ସମାଜ ବ୍ୟବସ୍ଥାରେ ମଣିଷସୃଷ୍ଟ ଏହିପରି ପରମ୍ପରା ଭାରତର ଆତ୍ମାକୁ ଦୀର୍ଘଦିନରୁ କଳୁଷିତ କରିବା ସହ ଦେଶର ଏକତା ଓ ଭାଇଚାରା ପ୍ରତି ଭୟାନକ ଆହ୍ୱାନ ସୃଷ୍ଟି କରିଛି। ଏହି କାରଣରୁ ଦେଶର ବିଭିନ୍ନ ପ୍ରାନ୍ତରେ ଅନେକ ରାମସ୍ୱାମୀ ସୃଷ୍ଟିହୋଇ ଜାତିବାଦ ବିରୋଧରେ ସଂଗ୍ରାମ କରୁଛନ୍ତି। ସ୍ୱାଧୀନତା ପ୍ରାପ୍ତିର ୭୦ ବର୍ଷ ପରେ ମଧ୍ୟ ଦେଶର ମୋଟ ଜନସଂଖ୍ୟାର ୧୬.୬% ଲୋକଙ୍କୁ ଆଜିପର୍ଯ୍ୟନ୍ତ ଛୋଟଜାତି କହି ସେମାନଙ୍କ ଆତ୍ମସମ୍ମାନକୁ ଭୂଲୁଣ୍ଠିତ କରାଯାଉଛି।

ଦେଶରେ ସର୍ବତ୍ର ଆଜି ବୈଷମ୍ୟର ନିଦାରୁଣ ପାଚେରି। ଏ ପାଚେରି ମଣିଷକୁ ମଣିଷଠାରୁ ବିଚ୍ଛିନ୍ନ କରିରଖୁଛି ଏବଂ ସୃଷ୍ଟି କରିଚାଲିଛି ଘୃଣା। ଏ ପାଚେରିର ଅନ୍ତ ନ ହେଲାଯାଏ ଭାରତ ଏକ ପୁରାତନ ଓ ସମ୍ଭ୍ରାନ୍ତ ସଂସ୍କୃତିର ଦାୟାଦ, ଏ କଥା କହିବାକୁ ଆଜି ସଙ୍କୋଚବୋଧ ହେଉଛି। ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ 'ଅନୁସୂଚିତ ଜାତି ଓ ଜନଜାତି ନୃଶଂସତା ପ୍ରତିରୋଧ ଆଇନ'ର ଏକ ପ୍ରସଙ୍ଗ ବିଚାର କରିବା ସମୟରେ ଅତ୍ୟନ୍ତ କ୍ଷୋଭର ସହିତ କହିଥିଲେ- ଭାରତ ବିଶ୍ୱର ଏକମାତ୍ର ଦେଶ, ଯେଉଁଠି ମଣିଷମାନଙ୍କୁ ମରିବା ପାଇଁ ଗ୍ୟାସ୍ ଚାମ୍ବରକୁ ପଠେଇ ଦିଆଯାଏ। ଆଜିପର୍ଯ୍ୟନ୍ତ ଦେଶରେ ନିନ୍ଦନୀୟ ଜାତିପ୍ରଥା ବଳବତ୍ତର ରହିଛି। ସମ୍ପ୍ରତି ଅସ୍ପୃଶ୍ୟତା ପରି ସମ୍ବେଦନଶୀଳ ପ୍ରଥା ଆଇନରେ ଉଚ୍ଛେଦ କରାଯାଇଛି। କିନ୍ତୁ ସମସ୍ତଙ୍କୁ ଗୋଟିଏ ପ୍ରଶ୍ନ- ଆପଣ 'ହାତରେ ନର୍ଦ୍ଦମା ସଫା କରୁଥିବା ବ୍ୟକ୍ତି'ଙ୍କ ସହିତ କେବେ କରମର୍ଦ୍ଦନ କରିବାକୁ ଚାହିଁଛନ୍ତି କି? ଉଚ୍ଚତମ ନ୍ୟାୟାଳୟର ଉକ୍ତ ଶାଣିତ କଟାକ୍ଷ ହୃଦୟଙ୍ଗମ କରିବାର ମାନସିକତା ବାସ୍ତବରେ ଆଜି ଆମେ ହରେଇ ବସିଛୁ। କେବଳ ଭାଷଣରେ, ଲେଖନୀରେ ଓ ବିଜ୍ଞାପନରେ ଆମର ଜାତିଗତ ବୈଷମ୍ୟ ଦୂରୀକରଣର ସଂକଳ୍ପ ସୀମିତ। ନିର୍ବାଚନ ଆସିଲେ ଆମ ରାଜନେତାମାନେ ହରିଜନ ଭାଇମାନଙ୍କ ଘରେ ପ୍ରାୟୋଜିତ ଭୋଜନଯଜ୍ଞ ନିର୍ବାହ କରି ଆତ୍ମତୃପ୍ତି ଲାଭ କରନ୍ତି। ଆଜି ଦେଶର ଅନେକ ମନ୍ଦିର ଏମାନଙ୍କ ପାଇଁ ନିଷିଦ୍ଧାଞ୍ଚଳ। ନିକଟରେ ଗୁଜୁରାଟର ଜଣେ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବଲ୍ମୀକ ସମ୍ପ୍ରଦାୟର ଶିକ୍ଷକ ସବର୍ଣ୍ଣ ଶିକ୍ଷକଙ୍କ ପାଇଁ ଉଦ୍ଦିଷ୍ଟ କଳସୀରୁ ଜଳପାନ କରିବାରୁ ତାଙ୍କୁ ଅପମାନିତ କରାଗଲା। ଏପରି କି କିଛିଦିନ ପରେ ତାଙ୍କର ସ୍ଥାନାନ୍ତର ଆଦେଶ ମିଳିଥିଲା। ମହାରାଷ୍ଟ୍ର ପୁରନ୍ଦରର ଜଣେ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିଛିଦିନ ପାଇଁ ବନ୍ୟା ସହାୟତା ଲାଗି ସରକାରୀ ଆଦେଶରେ ଅନ୍ୟତ୍ର ଗଲେ। ମାସକ ପରେ ଫେରି ଜାଣିଲେ, ତାଙ୍କ ଅନୁପସ୍ଥିତିରେ ଦାୟିତ୍ୱ ନିର୍ବାହ କରୁଥିବା ଜଣେ କନିଷ୍ଠ ଅଧିକାରୀ ବିଡିଓଙ୍କ କୋଠରିରେ ବସି କାର୍ଯ୍ୟ କରୁଥିଲେ। ବିଡିଓ ଏଥିରେ ବିରକ୍ତି ପ୍ରକାଶ କରି ସମଗ୍ର କୋଠରିକୁ ଗୋମୂତ୍ର ସିଞ୍ଚନ ଓ ପୂଜାପାଠ କରି ପବିତ୍ର କଲେ। କାରଣ ଉକ୍ତ କନିଷ୍ଠ ଅଧିକାରୀ ଜଣକ ଥିଲେ ଦଳିତ ବର୍ଗର। ଏହା ଆମ ଦେଶରେ ଘଟୁଥିବା ନିତିଦିନିଆ ଘଟଣା। ଭାରତ ଆଜି ଚନ୍ଦ୍ର ଜୟ କରିବାକୁ ପାଦ ବଢ଼ାଇଛି। ଦେଶର ଗଣତନ୍ତ୍ରର ତୂର୍ଯ୍ୟନାଦ ପ୍ରତିଧ୍ୱନିତ ହେଉଛି ସମଗ୍ର ବିଶ୍ୱରେ। କିନ୍ତୁ ମଣିଷ ମଣିଷ ମଧ୍ୟରେ ଏ ଅସମାନତା କଳଙ୍କିତ କରୁଛି ଦେଶକୁ।

ନୂଆବନ୍ଧ ସାହି, ନବରଙ୍ଗପୁର, ମୋ-୯୪୩୭୧୧୮୯୬୨

# ଆତ୍ମହତ୍ୟା: କାରଣ ଓ ନିରାକରଣ

ରମେଶ ଚନ୍ଦ୍ର ସାମଲ

ଆଜିକାଲି ସମାଜରେ ବହୁ ଅପରାଧ ଘଟୁଛି। ନିଜର ସ୍ୱାର୍ଥ ପାଇଁ ଅନ୍ୟର କ୍ଷତି ଓ ହତ୍ୟା କରିବା ଜଣେ ଅପରାଧୀଠାରୁ ଆଶା କରାଯାଇପାରେ, କିନ୍ତୁ ସ୍ୱାର୍ଥ ପୂରଣରେ ବାଧା ଉପୁଜିଲେ ନିଜକୁ ନିଜେ ହତ୍ୟା କରିବା ବା ଆତ୍ମହତ୍ୟା କରିବା ପାଇଁ କେତେକ ଅପରାଧୀ କାହିଁକି ଶ୍ରେୟସ୍କର ମନେକରନ୍ତି? ଏହାର ଗଭୀର ଆଲୋଚନା, ଅନୁସନ୍ଧାନ ଆଜି ନିହାତି ଆବଶ୍ୟକ ମନେହେଉଛି।

ଆତ୍ମହତ୍ୟା ଏକ ଜଘନ୍ୟ ଅପରାଧ। ମଣିଷ ମନରେ ଦୁଇପ୍ରକାର ଭାବନା ଥାଏ, ଗୋଟିଏ ନକାରାତ୍ମକ ଅନ୍ୟଟି ସକାରାତ୍ମକ। ସକାରାତ୍ମକ ଭାବନା ମଣିଷକୁ ବୁଦ୍ଧିମାନ, ବିକାଶମୁଖୀ କରୁଥିବା ବେଳେ ନକାରାତ୍ମକ ଚିନ୍ତାଧାରା ବିନାଶ ପଥରେ ଅଗ୍ରସର ହେବାକୁ ଖୋରାକ ଯୋଗାଇଥାଏ। ଯେତେବେଳେ ନକାରାତ୍ମକ ଭାବନା ପାଖରେ ସକାରାତ୍ମକ ଚିନ୍ତା ହାରିଯାଏ ସେତେବେଳେ ସେ ନାନା କୁକାର୍ଯ୍ୟ, ଅପରାଧ କରିବସେ। ଏଥିରେ ସଫଳ ହୋଇ ନ ପାରିଲେ ସେ ନିଜ ଜୀବନକୁ ତୁଚ୍ଛ ମନେକରି ହରାଇ ଦେବାକୁ ପଶ୍ଚାତ୍‌ପଦ ହୁଏନା। ସେତେବେଳେ ଜୀବନ ତୁଳନାରେ କାର୍ଯ୍ୟର ଅସଫଳତା ତା' ପାଇଁ ବହୁ ଗୁରୁତ୍ୱପୂର୍ଣ୍ଣ ମନେହୁଏ।

ଏହା ଏକ ମାନସିକ ରୋଗ, ମନୋବିଜ୍ଞାନୀ ସିଗ୍‌ମଣ୍ଡ ଫ୍ରଏଡଙ୍କ ମତରେ, ଆତ୍ମହତ୍ୟା କରୁଥିବା ଲୋକ ଏହା କରିବା ପୂର୍ବରୁ ତିନୋଟି ପର୍ଯ୍ୟାୟ ଦେଇ ଗତି କରେ। (୧) ଯାହାକୁ ସିଏ ନିଜର କର୍ମସିଦ୍ଧି ପଛରେ ଅନ୍ତରାୟ ସୃଷ୍ଟି କରୁଛି ବୋଲି ଭାବେ ସେ ତାକୁ ହତ୍ୟା କରିବାକୁ ଚେଷ୍ଟାକରେ। (୨) ଏଥିରେ ବିଫଳ ହେଲେ ସେ ନିଜ ଜୀବନକୁ ତୁଚ୍ଛ ମନେକରି ଭାବେ ସେ ଯଦି ତା' ପ୍ରତିପକ୍ଷର କିଛି କ୍ଷତି କରିପାରିଲାନି ତେବେ ତା' ଜୀବନରେ ଲାଭ କ'ଣ। (୩) ଏହି ପରିସ୍ଥିତିରେ ସେ ଆତ୍ମହତ୍ୟା କରିବାକୁ ସିଦ୍ଧାନ୍ତ ନିଏ ଓ ଆତ୍ମହତ୍ୟା କରେ। ଏହି ସମୟରେ ତା'ର ନିକଟ ସମ୍ପର୍କୀୟମାନେ ଏହାକୁ ଅନୁଧ୍ୟାନ କରି ମନ ଉଦାସ ଓ ବିଷଣ୍ଣତାର କାରଣ ଜାଣି ନିଦାନ କରିପାରିଲେ, ତାକୁ ମାନସିକ ସାନ୍ତ୍ୱନା ଦେଇ ମନର ଦୁଃଖକୁ ଲାଘବ କରିପାରିଲେ ଓ ମାନସିକ ଚିକିତ୍ସକଙ୍କ ଦ୍ୱାରା ଉପଯୁକ୍ତ ଚିକିତ୍ସା କରିପାରିଲେ ଆତ୍ମହତ୍ୟା ଇଚ୍ଛୁକ ଲୋକଟିର ମନ ପରିବର୍ତ୍ତନ ହୋଇପାରେ।

ଅନ୍ୟ ଜଣେ ମନୋବିଜ୍ଞାନୀ ଦୁର୍ଖେଇମ୍‌ଙ୍କ ମତରେ, ଜଣେ ଅହଂବାଦୀ ଯିଏ ନିଜକୁ ଖୁବ୍ ବଡ଼ ମନେକରେ ଯିଏ ଭାବେ ସେ ଠିକ୍, ଅନ୍ୟମାନେ ଭୁଲ। ତେଣୁ ଅନ୍ୟମାନେ ତା'ର ନିର୍ଦ୍ଦେଶରେ ପରିଚାଳିତ ହେବା ଉଚିତ। ଏଥିରେ କିଛି ବ୍ୟତିକ୍ରମ ହେଲେ ସେ ଏହା ସହି ନ ପାରି ଅପମାନ ବୋଧରେ ନିଜ ଜୀବନକୁ ତୁଚ୍ଛ ମନେକରି ଆତ୍ମହତ୍ୟା କରେ। କାରଣ ନିଜ ଅହଂତ୍ୱ ତୁଳନାରେ ଜୀବନ ତା' ପାଇଁ ଖୁବ୍ ଗୌଣ ବୋଲି ସେ ମନେକରେ। ଏଣୁ ସେମାନେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନିଅନ୍ତି। ଚାଷ, ବାଣିଜ୍ୟ ବ୍ୟବସାୟରେ କରଜ କରି ପଇସା ଖଟାଇ ଏଥିରେ କ୍ଷତି ହୋଇଗଲେ କରଜ ଶୁଝି ନ ପାରି ବହୁ ଲୋକ ଆତ୍ମହତ୍ୟା କରିବାର ନଜିର ଏବେ ସମାଜରେ ଦେଖିବାକୁ ମିଳୁଛି। ମଣିଷ ଯେତେବେଳେ ମନ ମୁତାବକ ଯାହା ଭାବେ ସେଭଳି କର୍ମଫଳ ପାଏନି, ସେ ହତୋତ୍ସାହ ହୋଇ ଭାବେ ଏହା ତା'ର ଭାଗ୍ୟର କ୍ରୂର ପରିହାସ। ସେ ନିଜକୁ ହତଭାଗା ମନେକରି ଭାବେ ଯେ, ତା' ଜୀବନରେ କୌଣସି ସଫଳତା ନାହିଁ, ତେଣୁ ଏଭଳି ଜୀବନ ରଖି ଲାଭ କ'ଣ। ଏଭଳି ପରିସ୍ଥିତିରେ ମଣିଷ ଆତ୍ମହତ୍ୟା କରେ।

ଏହିଭଳି ବହୁ ମନୋବିଜ୍ଞାନୀ ଆତ୍ମହତ୍ୟାର ବିଭିନ୍ନ କାରଣ ଦର୍ଶାଇଛନ୍ତି। ଏହିସବୁ କାରଣକୁ ଅନୁଧ୍ୟାନ କଲେ ଆମେ ଏହି ସିଦ୍ଧାନ୍ତରେ ଉପନୀତ ହେବା ଯେ, ମଣିଷ ଯେତେବେଳେ ଇଚ୍ଛା ମୁତାବକ କାମରେ ସଫଳତା ପାଏନି କିମ୍ବା ଅସଫଳ ହୁଏ ଓ ଏସବୁର ପଥରେ ଆସୁଥିବା ସମସ୍ତ ଅନ୍ତରାୟକୁ ଦୂରକରିବା ପାଇଁ ସମର୍ଥ ହୋଇପାରେନା, ତା'ର ଜୀବନକୁ ସେ ସେତେବେଳେ ନିରର୍ଥକ ମନେକରି ଆତ୍ମହତ୍ୟା କରେ କିମ୍ବା ଏଭଳି କାମ କରେ ଯାହାର ଫଳାଫଳ ମୃତ୍ୟୁ ହୋଇପାରେ ବୋଲି ସେ ମରିବା ପୂର୍ବରୁ ନିଶ୍ଚିତ ଭାବେ ଜାଣିଥାଏ। ଆତ୍ମହତ୍ୟା କରିବାକୁ ବିଭିନ୍ନ ଲୋକ ବିଭିନ୍ନ ପନ୍ଥା ଅନୁସରଣ କରିଥାନ୍ତି। ବେକରେ ଫାଶୀ ଲଗାଇ, ଘରେ ଫ୍ୟାନରେ କିମ୍ବା ବାହାରେ ଗଛ ଡାଳରେ ଓହଳି କେତେକେ ଆତ୍ମହତ୍ୟା କରୁଥିବା ବେଳେ ଆଉ କେତେକେ ନଦୀ, ପୁଷ୍କରିଣୀର ଗଭୀର ପାଣି କିମ୍ବା ଚଳନ୍ତା ଟ୍ରେନ, ଗାଡି ମୋଟର ଆଗକୁ ଡେଇଁ ଆତ୍ମହତ୍ୟା କରିଥାନ୍ତି। ନିଜ ଦେହରେ କିରୋସିନ, ପେଟ୍ରୋଲ ଢାଳି ନିଆଁ ଲଗାଇ, ବିଷ ପିଇ ଅଥବା ପାଖରେ ଥିବା ବନ୍ଧୁକରୁ ଗୁଳି ଫୁଟାଇ କେତେକେ ମଧ୍ୟ ଆତ୍ମହତ୍ୟା କରିଥାନ୍ତି। ଆତ୍ମହତ୍ୟା ସମ୍ବନ୍ଧୀୟ ବିଭିନ୍ନ ଖବର ଅନୁଧ୍ୟାନ କଲେ ଦେଖାଯାଏ ବିଷ ପିଇ, ବେକରେ ରଶି ଲଗାଇ କିମ୍ବା ଦେହରେ ନିଆଁ ଲଗାଇ ଆତ୍ମହତ୍ୟା କରୁଥିବା ଲୋକଙ୍କ ମଧ୍ୟରେ ସ୍ତ୍ରୀଲୋକଙ୍କ ସଂଖ୍ୟା ଅଧିକ। କାରଣ ଲୁଚିଛପି ହଠାତ୍ ସେମାନେ ଏଭଳି କାଣ୍ଡ କରିବାକୁ ସକ୍ଷମ ହୋଇଥାନ୍ତି।

ଯେଉଁ ପ୍ରକାରେ ଯିଏ ଆତ୍ମହତ୍ୟା କରୁନା କାହିଁକି ନିଶ୍ଚୟ ଏହା ଏକ ଅକଥନୀୟ ଯନ୍ତ୍ରଣାଦାୟକ ମୃତ୍ୟୁ। କ୍ଷଣିକ ମାନସିକ ଉତ୍ତେଜନା ଓ ଭାବପ୍ରବଣତାରେ ଏହା କେତେକେ ଆପଣେଇ ନେଉଥିଲେ ମଧ୍ୟ ଜୀବନର ଶେଷ ମୁହୂର୍ତ୍ତରେ ସେମାନେ ଅନୁଭବ କରିପାରୁଥିବେ ଏହାର ଗଭୀର ଯନ୍ତ୍ରଣା ଓ ଏଥିରୁ ରକ୍ଷା ପାଇବାକୁ ସଚେଷ୍ଟ ହେଉଥିବେ, କିନ୍ତୁ ସେତେବେଳେ ସମୟ ନ ଥାଏ ନିଜକୁ ରକ୍ଷା କରିବାକୁ। କାରଣ ନେଡି ଗୁଡ଼ କହୁଣିକୁ ବୋହିଯାଇଥାଏ। କୌଣସି ସମାଜରେ ଆତ୍ମହତ୍ୟା ଗ୍ରହଣୀୟ ନୁହେଁ।

ପ୍ରାୟ ସମସ୍ତଙ୍କ ଜୀବନରେ କିଛି ଦୁର୍ଦ୍ଦିନ ଆସେ। ସମସ୍ତେ କିନ୍ତୁ ଏଥିରେ କାତର ହୋଇ ଆତ୍ମହତ୍ୟା କରନ୍ତିନି। ଏହା ଏକ ମାନସିକ ରୋଗ। ଏହି ରୋଗର ଲକ୍ଷଣ ମଧ୍ୟ ଆତ୍ମହତ୍ୟାକାରୀଠାରେ ଆତ୍ମହତ୍ୟା କରିବା ପୂର୍ବରୁ ଦେଖାଯାଏ। ସେ ଭାବପ୍ରବଣ, ବିଷଣ୍ଣ ହୋଇ କେତେବେଳେ କ'ଣ କରେ ନିଜେ ମଧ୍ୟ ଜାଣିପାରେନା। ଇତସ୍ତତଃ ହୋଇ ସବୁ ଏପଟ ସେପଟ ଚିନ୍ତା କରେ। ତା'ର ନିକଟ ସମ୍ପର୍କୀୟମାନେ ଏହା ଉପରେ ସାମାନ୍ୟ ନଜର ରଖିଲେ ଖୁବ୍ ସହଜରେ ଏହା ଜାଣିପାରିବେ ଓ ପ୍ରତିକାର ବିଧାନ ମଧ୍ୟ କରିପାରିବେ।

ରାମିଆଗଞ୍ଜ, ମାର୍ଶାଘାଇ, କେନ୍ଦ୍ରାପଡ଼ା,
ମୋ- ୯୪୩୯୮୭୯୦୨୨

## ଏଇ ଭାରତରେ

ଜଣେ ରେଲୱେ ଅଧିକାରୀ ଦାୟିତ୍ୱ ତୁଲାଇବା ସହ ଅସହାୟଙ୍କୁ ସାହାଯ୍ୟ କରି ତାଙ୍କ ସେବା ମନୋବୃତ୍ତିର ପରିଚୟ ଦେଇଛନ୍ତି। ସେ ହେଉଛନ୍ତି ଇଣ୍ଡିଆନ୍ ରେଲୱେ ଟ୍ରାଫିକ୍ ସର୍ଭିସ୍ ଅଧିକାରୀ ସଞ୍ଜୟ କୁମାର। ଟ୍ରେନ୍‌ରେ ଯାଉଥିବା ଗରିବ ଯାତ୍ରୀମାନଙ୍କୁ ପ୍ରବଳ ଶୀତରୁ ରକ୍ଷା କରିବା ଲାଗି ସେ ଶୀତ ପୋଷାକ ବାଣ୍ଟୁଛନ୍ତି। ଗତବର୍ଷ ପ୍ରଥମାର୍ଦ୍ଧରେ ସଞ୍ଜୟଙ୍କୁ ପ୍ରଥମେ ମଧ୍ୟପ୍ରଦେଶର ଝାନ୍ସି ଷ୍ଟେଶନରେ ନିଯୁକ୍ତି ମିଳିଥିଲା। ପରେ ସେ ଉତ୍ତରପ୍ରଦେଶର ଟୁଣ୍ଡଲା ସବ୍‌ଡିଭିଜନରେ ଆସିଷ୍ଟାଣ୍ଟ ଟ୍ରାଫିକ ମ୍ୟାନେଜରଭାବେ ଯୋଗଦେଇ ଏହି ଉଦାର କାର୍ଯ୍ୟ କରୁଛନ୍ତି। ଏହି ସବ୍‌ଡିଭିଜନ ଅଧୀନରେ ଗାଜିଆବାଦଠାରୁ କାନପୁର ମଧ୍ୟରେ ୫୯ଟି ଷ୍ଟେଶନ ରହିଛି। ଏଥି ମଧ୍ୟରୁ ୫୦ରୁ ଊର୍ଦ୍ଧ୍ୱ ଷ୍ଟେଶନରେ ସଞ୍ଜୟ ଷ୍ଟଲ୍ ଖୋଲିଛନ୍ତି। ଷ୍ଟଲ୍‌ର ନାମ ରଖିଛନ୍ତି 'ନେକି କି ଦିୱାର' (ୱାଲ୍ ଅଫ୍ ଗଡ୍)। ସବୁ ଷ୍ଟଲ୍‌ରେ ଲୋକେ ସ୍ୱେଟର, ଜ୍ୟାକେଟ, ଶାଲ୍ ଆଦି ଶୀତପୋଷାକ ଦାନ କରୁଛନ୍ତି। ଯେଉଁମାନେ ସାଧାରଣ ବଗିରେ ଯାତ୍ରା କରୁଛନ୍ତି ସେମାନେ ଏଠାରୁ ପୋଷାକ ନେଉଛନ୍ତି। ଏଠାରେ ଯିଏ ପୋଷାକ ଦାନ କରୁଛନ୍ତି କିମ୍ବା ନେଉଛନ୍ତି ସେମାନଙ୍କ ସମ୍ପର୍କରେ ଉଲ୍ଲେଖ କରାଯାଉଛି। ସଞ୍ଜୟ ସ୍ୱେଟର ଓ ଜ୍ୟାକେଟ୍‌ଠାରୁ ଶାଲ୍ ସଂଗ୍ରହ କରିବା ଉପରେ ବେଶି ଗୁରୁତ୍ୱ ଦେଉଛନ୍ତି। ସଞ୍ଜୟଙ୍କ ସହକର୍ମୀଙ୍କ ସହ ଅନ୍ୟମାନେ ବି ତାଙ୍କୁ ଏଥିପାଇଁ ସହଯୋଗ କରୁଛନ୍ତି। ଏହି ରୁଟ୍ ଦେଇ ଉତ୍ତରପ୍ରଦେଶ ଓ ବିହାରରୁ ଶ୍ରମିକମାନେ ରାଜସ୍ଥାନ, ଗୁଜରାଟ କିମ୍ବା ମୁମ୍ବାଇକୁ ଯାଉଛନ୍ତି ଓ ସେମାନେ ଏହାଦ୍ୱାରା ବେଶି ଉପକୃତ ହେଉଛନ୍ତି ବୋଲି କୁହନ୍ତି ସଞ୍ଜୟ।

## ଚିରନ୍ତନୀ

ନିତି ଏହି କୋଉତୁକ ଦେଖାଇ ଥରକୁ ଥର
ସେହିମିତି ଜର କଫ ସେହି ତ କୁଡିଆ ଘର।
ସେହି ତ ଖଜଣା ସୁଧ ଆଗ ପରି ଚଢା ଦରେ
ନାହିଁ ଲାଭ କହି ଖାଲି ଥିବ ଯାହା ବରାଦରେ!
ଆପଣା ବରାଦ ଆପେ କରିବାକୁ ହେବ ଆଜି
ଗଲାଣି ସେ ବେଳକାଳ କରିବାକୁ ହାଁ ଜୀ ହାଁ ଜୀ!
କରିବାକୁ ହେବ ରଡି ନାହିଁ ନାହିଁ ଯାହା
କରାମତି ଦେଖାଇବ ଖାଲି ଘାସକଟା ଦାଆ!
(ଚାଷୀର ଭାଗ୍ୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ଦିରକୁ ମୁଖଶାଳା ବଳି ପଡୁଛି

ମହାଶୟ,

ପ୍ରତିଦିନ ବଳାତ୍କାର, ହତ୍ୟା, ଲୁଣ୍ଠନ ଓ ସଡକ ଦୁର୍ଘଟଣାଜନିତ ମୃତ୍ୟୁ ଖବର ନଜରକୁ ଆସୁଛି। ଏଭଳି ଜଘନ୍ୟ ଘଟଣା ଘଟାଇବାରେ ମଦର ଭୂମିକା ଅଧିକ। ମଦ ନିଶାରେ କବଳିତ ହୋଇ ନିଜର ସମ୍ପର୍କୀୟମାନଙ୍କୁ ହତ୍ୟା, ବଳାତ୍କାର କରିବାକୁ ପଛାଉ ନାହାନ୍ତି। ମଦ ପିଇ ଗାଡି ଚଳାଇ ନିଜର ଭାରସାମ୍ୟ ହରାଇ ଅନେକେ ଜୀବନ ନଷ୍ଟ କରୁଛନ୍ତି। ମଦରୁ କୁଆଡ଼େ ଅଧିକ ରାଜସ୍ୱ ମିଳୁଛି। ମଦ ପିଇ ଓ ସଡକ ଦୁର୍ଘଟଣାରେ ମରୁଥିବା ବ୍ୟକ୍ତିଙ୍କୁ ସରକାର କ୍ଷତିପୂରଣ ଦେଉଛନ୍ତି ଓ ଚିକିତ୍ସା ଖର୍ଚ୍ଚ ମଧ୍ୟ ବହନ କରୁଛନ୍ତି। ଦୁର୍ଘଟଣା ଯୋଗୁ ଅକ୍ଷମ ହେଲେ ସରକାର ସାରାଜୀବନ ପାଇଁ ଭତ୍ତା ପ୍ରଦାନ କରୁଛନ୍ତି। ଏ ବାବଦରେ ସରକାର ଖର୍ଚ୍ଚ କରୁଥିବା ଅର୍ଥର ହିସାବ କଲେ ଏହା ମଦରୁ ମିଳୁଥିବା ରାଜସ୍ୱ ଆୟଠାରୁ ଅଧିକ ହେବ। ତେଣୁ ମନ୍ଦିରକୁ ମୁଖଶାଳା ବଳି ପଡୁଛି ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ଭଗବାନ ଦାସ, 'ହରି ନିବାସ' ନାରାୟଣପୁର, କେନ୍ଦ୍ରାପଡ଼ା

### ଓଡ଼ିଆ ଭାଗବତ ପଢ଼ନ୍ତୁ

ଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତ ଏକ ପବିତ୍ର ଧର୍ମଗ୍ରନ୍ଥ। ସମୟ ଥିଲା ପ୍ରତ୍ୟେକ ଘରେ ଏହି ଭାଗବତ ପ୍ରତିଦିନ ଅଧ୍ୟୟନ କରାଯାଉଥିଲା। କିନ୍ତୁ ଆଜିକାଲି ଟିଭିର ବହୁଳ ପ୍ରସାର ଯୋଗୁ ଭାଗବତ ପଢ଼ା ଓଡ଼ିଆ ଘରୁ ଲୋପ ପାଇବାକୁ ବସିଲାଣି। ଫଳରେ ଆମ୍ଭମାନଙ୍କ ମନରୁ ଧର୍ମଭାବନା ଲୋପ ପାଇବାକୁ ବସିଲାଣି। ବସ୍ତୁତଃ ଏହି ପବିତ୍ର ଧର୍ମଗ୍ରନ୍ଥ ପ୍ରତ୍ୟେକ ଓଡ଼ିଆ ଅଧ୍ୟୟନ ପାଇଁ ଅଭ୍ୟାସ କଲେ ଆମ୍ଭମାନଙ୍କ ହୃଦୟରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ହେବା ସଙ୍ଗେ ସଙ୍ଗେ ଧର୍ମଧାରଣା ଉଜ୍ଜୀବିତ ହୁଅନ୍ତା। ଭାଗବତରେ ଅଛି: କୃଷ୍ଣ ଚରିତ ଭାଗବତ। ଅଭ୍ୟାସ କରୁଥିବ ନିତ୍ୟ॥

ପୂର୍ଣ୍ଣଚନ୍ଦ୍ର ସାଥୁଆ, ନାରାୟଣପୁର, ସରସରା, ବୌଦ୍ଧ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ

**କେନ୍ଦ୍ରାପଡା ଅଫିସ, ୯।୧:** ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ କାର୍ଯ୍ୟାଳୟ ସଭାଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ସମର୍ଥ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏ ସମ୍ପର୍କରେ ବିଶଦ ଆଲୋଚନା ହୋଇଥିଲା । କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ୨୨ ତାରିଖରୁ ୩ ଦିନ ପର୍ଯ୍ୟନ୍ତ ପ୍ରତିଯୋଗୀଙ୍କ ଅଭ୍ୟାସ, ୨୬ ତାରିଖ ସକାଳ ସାଢେ ୮ଟାରେ ପତାକା ଉତ୍ତୋଳନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ବୋଲି ସ୍ଥିର ହୋଇଥିଲା । ଏଥିସହିତ ସ୍ୱାଧୀନତା ସଂଗ୍ରାମୀ, ବିଭିନ୍ନ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆ ଯାଇଥିଲା । ଏହି ବୈଠକରେ ଜିଲା ଏଡିଏମ ବସନ୍ତ କୁମାର ରାଉତ, ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ର, ଡିଇଓ କଳ୍ପନା କୁମାରୀ ବେହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକଙ୍କ ସମେତ ଜିଲାସ୍ତରୀୟ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ ।

### ମଦ ଦୋକାନ ନିକଟରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଡେରାବିଶ,୯।୧(ସ୍ୱ.ପ୍ର.) - କେନ୍ଦ୍ରାପଡା ସଦର ଥାନା ତଥା ଚାନ୍ଦୋଳ ଫାଣ୍ଡି ଅନ୍ତର୍ଗତ ଚାନ୍ଦୋଳ ବଜାରରେ ଥିବା ଏକ ବିଦେଶୀ ମଦ ଦୋକାନ ନିକଟରୁ ଲଳିତ ମିଶ୍ର (୪୧) ନାମକ ଜଣେ ଯୁବକଙ୍କ ମୃତଦେହ ଗୁରୁବାର ଉଦ୍ଧାର କରାଯାଇଛି । କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟରେ ଯୁବକଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ, ଦାନପୁର ପଞ୍ଚାୟତ ନରସିଂହପୁର ଗ୍ରାମର ରବୀନ୍ଦ୍ର କୁମାର ମିଶ୍ରଙ୍କ ପୁଅ ଲଳିତ ସକାଳେ ମଦ ଦୋକାନ ନିକଟରେ ପଡ଼ିଥିବା ଦେଖିବାକୁ ମିଳିଥିଲା । ମୃତ୍ୟୁର କାରଣ ଜଣାପଡିନାହିଁ ବୋଲି ଫାଣ୍ଡି ଅଧିକାରୀ ସୁଦର୍ଶନ ସାହୁ ପ୍ରକାଶ କରିଛନ୍ତି । ମୃତକର ସ୍ତ୍ରୀ ଏବଂ ଦୁଇ ପୁଅ ଅଛନ୍ତି । ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

# ଓଡ଼ିଆ ଭାଷା ସୁରକ୍ଷା ପାଇଁ ସଚେତନତା ରାଲି

କେନ୍ଦ୍ରାପଡା ଅଫିସ, ୯।୧



ଗୋପ ନିକଟରୁ ଭାଷା ସୁରକ୍ଷା ରାଲି ବାହାରିଛି ।

ସାରଳା ଶାସ୍ତ୍ରୀୟ ଓଡିଆ ଭାଷା ବିକାଶ ଅଭିଯାନ ପକ୍ଷରୁ ଓଡିଆ ଭାଷା ସୁରକ୍ଷା ପାଇଁ ଏକ ସଚେତନତା ରାଲି ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ସହରର ଗୋପଠାରୁ ବାହାରି ପୁରୁଣା ବସଷ୍ଟାଣ୍ଡରେ ଶେଷ ହୋଇଥିବା ଏହି ରାଲିକୁ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ଓ ଡା. ବି .କେ. ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏଥିରେ ବୁଦ୍ଧିଜୀବୀ ମାତୃଦତ୍ତ ମହାନ୍ତି, ରାଧାକାନ୍ତ ମହାନ୍ତି, ଗୟାଧର ଧଳ, ଭ୍ରମରବର ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ ପ୍ରକାଶ କରିଥିଲେ ଯେ, ଆଦିକବି ସାରଳାଙ୍କ କୃତି, ବିଗତ ୩ ହଜାର ବର୍ଷର ତାତ୍ତ୍ୱିକ ବିଶ୍ଳେଷଣ ପରେ ଓଡିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ଗତ ୨୦୧୪ ମସିହାରେ ମିଳିଛି । ଏହି ଭାଷାରେ ଲିଖିତ ସାରଳା ମହାଭାରତ ଓଡିଆ ଭାଷାର ଅସ୍ମିତାକୁ ବହନ କରିଛି । ଓଡିଆ ଭାଷାର ପ୍ରଚାର ପ୍ରସାରରେ ଜଗନ୍ନାଥ ସଂସ୍କୃତିକୁ ପୁନସ୍ଥାପନା କରା ଯାଇପାରିବ । ରାଜ୍ୟ ସରକାର ମଧ୍ୟ ଏହି ଭାଷାର ସୁରକ୍ଷା ନିମନ୍ତେ ଦପ୍ତରରେ ଚଳାଇବା ପାଇଁ ବିଭିନ୍ନ ନିୟମ କରିଛନ୍ତି । ଏହି ସଚେତନତା ରାଲିରେ ଶତାଧିକ ଛାତ୍ରୀଛାତ୍ର ଯୋଗ ଦେଇଥିବା ବେଳେ ଏହାକୁ ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ ପରିଚାଳନା କରିଥିଲେ ।

## କନିକା ତହସିଲ କୋଠାରୁ ରେକର୍ଡ ସ୍ଥାନାନ୍ତର ନେଇ ଥାନାରେ ଏତଲା

ରାଜକନିକା,୯।୧(ଡି.ଏନ୍.ଏ.)

ରାଜକନିକା ବ୍ଲକ ଅନ୍ତର୍ଗତ କନିକା ତହସିଲର ପୁରୁଣା କୋଠା ଭଙ୍ଗାଯିବା ଘଟଣାକୁ ନେଇ ତହସିଲଦାର ଦେଇଥିବା ମନ୍ତବ୍ୟକୁ କନିକା ବାର ଆସୋସିଏଶନ ପକ୍ଷରୁ ବିରୋଧ କରାଯାଇଛି । ଏ ନେଇ ଗୁରୁବାର ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି । ପ୍ରକାଶ ଯେ, କନିକା ତହସିଲରେ ରାଜରାଜୁଡା ଅମଳରୁ ନିର୍ମିତ ହୋଇଥିବା କୋଠା ସମ୍ପୂର୍ଣ୍ଣ ସୁରକ୍ଷିତ ଥିଲେ ମଧ୍ୟ ଏହାକୁ ଭାଙ୍ଗି ନୂଆ କୋଠା କରିବାକୁ ମସୁଧା ଚାଲିଛି । ଏଥିପାଇଁ ଏହି କୋଠାରେ ରହିଥିବା କନିକା ଇଷ୍ଟେଟର ବହୁ ଗୁରୁତ୍ୱପୂର୍ଣ୍ଣ ରେକର୍ଡପତ୍ରକୁ ଗତ ଦୁଇ ଦିନ ହେବ ସ୍ଥାନାନ୍ତର କରାଯାଉଛି । ବୁଧବାର ରାତିରେ କେତେକ ରେକର୍ଡପତ୍ରକୁ ପୋଡି ଦିଆଯାଇଥିବା ଅଭିଯୋଗ ହେବା ପରେ ଆଜି କନିକା ବାର ଆସୋସିଏଶନ ପକ୍ଷରୁ ତହସିଲଦାର ଡି.ଏସ ଶୁଭଦର୍ଶୀ ଯୋଶୀଙ୍କୁ ପଚରା ଯାଇଥିଲା । ସେ ଏ ନେଇ ଦେଇଥିବା ମନ୍ତବ୍ୟ ବାର ଆସୋସିଏଶନର କର୍ମକର୍ତ୍ତାଙ୍କ ମଧ୍ୟରେ ପ୍ରତିକ୍ରିୟା ସୃଷ୍ଟି କରିଛି । ଉକ୍ତ କୋଠାରୁ ଟ୍ରାକ୍ଟର ଯୋଗେ ପୁରୁଣା ରେକର୍ଡ ସ୍ଥାନାନ୍ତର ହେବା ନେଇ ଏହା ପୂର୍ବରୁ କନିକା ଡେଭଲପମେଣ୍ଟ ଫୋରମ ପକ୍ଷରୁ ତୀବ୍ର ବିରୋଧ କରାଯାଇଥିଲା । କନିକାର ଏହି ଐତିହ୍ୟ ସଂପନ୍ନ କୋଠାକୁ ନ ଭାଙ୍ଗି ସେହି ପରିସରରେ ଯଥେଷ୍ଟ ଜାଗା ଥିବାରୁ ନୂଆ କୋଠା ନିର୍ମାଣ କରିବାକୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି ।

## ବିଧାୟକଙ୍କ ସହ ଖରସ୍ରୋତା ନଦୀ ଜଳ ସମ୍ପର୍କରେ ଆଲୋଚନା

ରାଜକନିକା,୯।୧(ଡି.ଏନ.ଏ.)

ଖରସ୍ରୋତା ସଂଗ୍ରାମ ସମିତିର ସଭାପତି କପିଳେନ୍ଦ୍ର ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଆଜି ବିଧାୟକ ପ୍ରତାପ କେଶରୀ ଦେବଙ୍କୁ ତାଙ୍କ ସ୍ଥାନୀୟ ବାସଭବନରେ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ପ୍ରତିନିଧି ଦଳ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଖରସ୍ରୋତାରେ ଆରମ୍ଭ ହୋଇଥିବା ଏକ ମେଗା ପାନୀୟ ଜଳ ପ୍ରକଳ୍ପ ସଂପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ବିଧାୟକ ଦେବ ରାଜକନିକା ଓ ଆଳି ଅଞ୍ଚଳର ଜନସାଧାରଣଙ୍କୁ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ ମାଧ୍ୟମରେ ଖରସ୍ରୋତାରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦିଆଯିବା ନେଇ ସୂଚନା ଦେଇଥିଲେ । ଏଥିପାଇଁ ସରକାରୀ ସ୍ତରରେ ସର୍ଭେ କାର୍ଯ୍ୟ ଚାଲୁ ରହିଛି । ଖୁବଶୀଘ୍ର ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି ସେ ପ୍ରତିନିଧି ଦଳଙ୍କୁ ପ୍ରତିଶ୍ରୁତି ଦେଇଥିଲେ । ତେବେ ଭଦ୍ରକ ପ୍ରଶାସନ ପକ୍ଷରୁ ଆରମ୍ଭ ହେଉଥିବା ପାନୀୟ ଜଳ ପ୍ରକଳ୍ପକୁ ବିରୋଧ କରୁଥିବା ରାଜକନିକା ଓ ଆଳି ଅଞ୍ଚଳ ଜନସାଧାରଣଙ୍କ ସ୍ୱାର୍ଥ ପାଇଁ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ ବୋଲି କହିଥିଲେ । ଏହି ପ୍ରତିନିଧି ଦଳରେ ଖରସ୍ରୋତା ସଂଗ୍ରାମ ସମିତିର ଉପସଭାପତି ଦୁର୍ଯ୍ୟୋଧନ ମହାନ୍ତି, ଅକ୍ଷୟ ମଲ୍ଲିକ , ସଂପାଦକ ବିଧାନ ଦାସ , ଯୁଗ୍ମ ସଂପାଦକ ଗୁଣନିଧି ବଳ, ଧନେଶ୍ୱର ରାଉତ, କୋଷାଧ୍ୟକ୍ଷ ଦିବାକର ନାୟକ ଓ ସଭ୍ୟ ବେଣୁଧର ପରିଡା ପ୍ରମୁଖ ସାମିଲ ହୋଇ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଅଗ୍ନିକାଣ୍ଡରେ ୨ ବଖରା ଭସ୍ମୀଭୂତ

କେନ୍ଦ୍ରାପଡା ଅଫିସ,୯।୧

ସହରର ଫକିରାବାଦ ଗ୍ରାମରେ ଗୁରୁବାର ଅଗ୍ନିକାଣ୍ଡ ଘଟି ସେକ୍ ଇବ୍ରାହିମଙ୍କ ୨ ବଖରା ପୋଡିଯାଇଛି । ଖବର ପାଇ କେନ୍ଦ୍ରାପଡା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଅଗ୍ନିକାଣ୍ଡରେ ଧାନ, ଚାଉଳ ସମେତ ଘରକରଣା ଆସବାବପତ୍ର ଭସ୍ମୀଭୂତ ହୋଇଯାଇଛି । ଅଗ୍ନିବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।


## ଓଡ଼ିଶା ସରକାର
## ବାଣିଜ୍ୟ ଓ ପରିବହନ ବିଭାଗ
### ୩୧ତମ ଜାତୀୟ ସଡକ ସୁରକ୍ଷା ସପ୍ତାହ ୨୦୨୦
### ଅନ୍‌ଲାଇନ୍ ପ୍ରତିଯୋଗିତା ଓ ପୁରସ୍କାର

| ପ୍ରତିଯୋଗିତାର ପ୍ରକାର | ସମୟ | ବିଷୟ | ପୁରସ୍କାର ରାଶି |
|---|---|---|---|
| କୁଇଜ୍ ପ୍ରତିଯୋଗିତା | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା | ୧ମ - ଟ.୨୦,୦୦୦/-<br>୨ୟ - ଟ.୧୦,୦୦୦/-<br>୩ୟ - ଟ.୬,୦୦୦/- |
| ନୂତନ ଚିନ୍ତାଧାରା ପ୍ରତିଯୋଗିତା (ଭିଡିଓ) | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା ବିଷୟ ବସ୍ତୁ ଆଧାରିତ (୧୧ଟି ବିଭାଗ) | ୧ମ - ଟ.୫୦,୦୦୦/-<br>୨ୟ - ଟ.୩୦,୦୦୦/-<br>୩ୟ - ଟ.୨୦,୦୦୦/-<br>ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ୧୦,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯିବ |
| କାର୍ଟୁନ୍ / ପୋଷ୍ଟର ପ୍ରତିଯୋଗିତା | ୧୧ ରୁ ୧୫ ଜାନୁଆରୀ ୨୦୨୦ | ସଡକ ସୁରକ୍ଷା ବିଷୟ ବସ୍ତୁ ଆଧାରିତ (୧୧ଟି ବିଭାଗ) | ୧ମ - ଟ.୧୦,୦୦୦/-<br>୨ୟ - ଟ.୬,୦୦୦/-<br>୩ୟ - ଟ.୪,୦୦୦/-<br>ପ୍ରତ୍ୟେକ ବିଭାଗରୁ ଶ୍ରେଷ୍ଠ ପ୍ରତିଯୋଗିଙ୍କୁ ୩,୦୦୦ଟଙ୍କା ପୁରସ୍କାର ପ୍ରଦାନ କରାଯିବ |
| ସଡକ ସୁରକ୍ଷା ଲାଗି ମାସକଟ୍ ଡିଜାଇନ୍ | ୧୧ ରୁ ୧୫ ଜାନୁଆରୀ ୨୦୨୦ | | ଟ. ୫୦,୦୦୦/- |
| ସଡକ ସୁରକ୍ଷା ମାସକଟ୍ ର ନାମକରଣ ଲାଗି ଅଭିମତ | ୧୧ ରୁ ୧୫ ଜାନୁଆରୀ ୨୦୨୦ | | ଟ. ୨୦,୦୦୦/- |

**କୁଇଜ୍ ପ୍ରତିଯୋଗିତାର ପ୍ରଣାଳୀ**

୧. ଏହି କୁଇଜ୍ ପ୍ରତିଯୋଗିତା ଅନ୍‌ଲାଇନ୍ ମାଧ୍ୟମରେ ଅନୁଷ୍ଠିତ ହେବ । ଏହା **www.odisharoadsafety.org** ପ୍ଲାଟ୍‌ଫର୍ମରେ ଉପଲବ୍ଧ ।
୨. ପ୍ରତିଯୋଗି ମାନେ କୁଇଜ୍ ପ୍ରତିଯୋଗିତା ରେ ଭାଗ ନେବା ପାଇଁ ୱେବ୍‌ସାଇଟ୍ visit କରିବେ ଓ ସଡକ ସୁରକ୍ଷା ପ୍ରତି ଅଙ୍ଗୀକାର ବଦ୍ଧ ହେବେ ।
୩. ଦୟାକରି ଆମର ଟୁଇଟର **www.twitter.com /STAOdisha** ଅନୁସରଣ କରନ୍ତୁ ଏବଂ ଆମର ଫେସ୍‌ବୁକ୍ ପେଜ୍ **www.facebook.com/OdishaSTA** କୁ ଲାଇକ୍ କରନ୍ତୁ ।
୪. ଏହି କୁଇଜ୍ ପ୍ରତିଯୋଗିତା ୧୧ ରୁ ୧୫ ଜାନୁୟାରୀ ୨୦୨୦ ପର୍ଯ୍ୟନ୍ତ ଚାଲୁ ରହିବ ।
୫. ପ୍ରତ୍ୟେକ ଦିନ ପ୍ରତିଯୋଗିଙ୍କୁ କୁଇଜ୍ ପ୍ରତିଯୋଗିତାରେ ଭାଗ ନେବାକୁ ପଡିବ । ୫ଦିନର ମୋଟ ସ୍କୋରକୁ ମିଶାଇ ଶ୍ରେଷ୍ଠ ପ୍ରତିଯୋଗି ମାନଙ୍କୁ ବଛାଯିବ ।
୬. ଯଦି ଏକାଧିକ ପ୍ରତିଯୋଗି ସମାନ ସ୍କୋର ଲାଭ କରି ଟାଇ ଫଳାଫଳ ହୁଏ ତେବେ ଯେଉଁ ପ୍ରତିଯୋଗି ଆମର ଟୁଇଟର ପେଜ୍‌କୁ ଅନୁସରଣ କରିଥିବବେ ଏବଂ ଫେସ୍‌ବୁକ୍ ପେଜ୍‌କୁ ଲାଇକ୍ କରିଥିବେ ତାଙ୍କୁ ବିଜୟୀ ଘୋଷଣା କରାଯିବ । ଯଦି ଏଥିରେ ମଧ ଟାଇ ହୁଏ ତେବେ ଲଟେରି ମାଧମରେ ବିଜେତା ଚୟନ କରାଯିବ ।

**ନୂତନ ଚିନ୍ତାଧାରା (ଭିଡିଓ) ଓ କାର୍ଟୁନ୍ / ପୋଷ୍ଟର ପ୍ରତିଯୋଗିତା**

୧. ନୂତନ ଚିନ୍ତାଧାରା (ଭିଡିଓ), କାର୍ଟୁନ୍ ଏବଂ ପୋଷ୍ଟର ସଡକ ସୁରକ୍ଷା ର ନିମ୍ନଲିଖିତ ୧୧ଟି ବିଭାଗ ଉପରେ ଆଧାରିତ ହୋଇଥିବା ଆବଶ୍ୟକ :

**(କ) ନିଶାସକ୍ତ ଭାବେ ଗାଡିଚାଳନା (ଖ) ଦ୍ରୁତ ଗତିରେ ଗାଡିଚାଳନା (ଗ) ଗାଡିଚାଳନା ସମୟରେ ମୋବାଇଲ୍ ବ୍ୟବହାର (ଘ) ଟ୍ରାଫିକ୍ ନିୟମ ନ ମାନି ବିପରୀତ ଦିଗରେ ଗାଡିଚାଳନା (ଙ) ସିଟ୍ ବେଲଟ୍ ବ୍ୟବହାର କରିବା (ଚ) ହେଲ୍‌ମେଟ୍ ପିନ୍ଧିବା (ଛ) ଦୁଇ ଚକିଆରେ ୩ଜଣ ଯାତ୍ରା କରିବା (ଜ) ଅଳ୍ପ ବୟସର ସ୍କୁଲ ପିଲାମାନଙ୍କ ଦ୍ୱାରା ଗାଡିଚାଳନା (ଝ) ଟ୍ରାଫିକ୍ ରେଡ୍ ଲାଇଟ୍‌କୁ ଅତିକ୍ରମ କରିବା (ଞ) ଦୁର୍ଘଟଣାରେ ଆଘାତ ଯାତ୍ରୀଙ୍କୁ ସାହାଯ୍ୟ କରିବା (ଟ) ଟ୍ରାଫିକ୍ ନିୟମ ମାନିବା ଓ ନିଜର ସୁରକ୍ଷାକୁ ବଢାଇବା**

୨. ପ୍ରତିଯୋଗି ମାନେ ୩୦ ସେକେଣ୍ଡରୁ ୧ମିନିଟ୍ ସମୟ ସୀମା ମଧ୍ୟରେ ଭିଡିଓ ପ୍ରସ୍ତୁତ କରି ୟୁଟ୍ୟୁବ୍‌ରେ ଅପ୍‌ଲୋଡ୍ କରିବେ ଏବଂ ଏହି ଭିଡିଓ କୁ **www.odisharoadsafety.org** site ରେ ଲିଙ୍କ୍ share କରିବେ ।
୩. ପ୍ରତିଯୋଗି ମାନେ ପ୍ରସ୍ତୁତ କରିଥିବା କାର୍ଟୁନ୍/ପୋଷ୍ଟର କୁ **www.odisharoadsafety.org** ରେ ଅପ୍‌ଲୋଡ୍ କରିବେ ।

**www.odisharoadsafety.org site ୧୧ ଜାନୁୟାରୀ, ୨୦୨୦ ରେ ଖୋଲାଯିବ ।**

**ପୁରସ୍କାର ବିଜୟୀ ପ୍ରତିଯୋଗିଙ୍କ ନାମ ତା.୧୬.୧.୨୦୨୦ ରିଖ ଅପରାହ୍ନ ୫ଟାରେ ୱେବ୍‌ସାଇଟ୍‌ରେ ଘୋଷଣା କରାଯିବ ।**

ପରିବହନ ଆୟୁକ୍ତ, ଓଡ଼ିଶା

ସୁରକ୍ଷିତ ରୁହନ୍ତୁ, ସୁଖି ରୁହନ୍ତୁ


# ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ମିଳନୀ

କେନ୍ଦ୍ରାପଡା ଅଫିସ,୯।୧



ସମ୍ମିଳନୀରେ ଅତିଥିମାନେ ।

ସହରର କାକଟସ୍ଥିତ କଲ୍ୟାଣ ମଣ୍ଡପରେ କେନ୍ଦ୍ରାପଡା ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଦ୍ୱିବାର୍ଷିକ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀକୁ ମୁଖ୍ୟ ଉପଦେଷ୍ଟା ଈଶ୍ୱରଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ । ସଂଘ ସଭାପତି କୁଞ୍ଜବିହାରୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ସଦସ୍ୟଙ୍କ ସମସ୍ୟା ଓ ନିରାକରଣ, ଜିଲା ବିକାଶରେ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଅଶୋକ କୁମାର ଜେନା ଓ ସମ୍ମାନିତ ଅତିଥି ଭାବେ ପ୍ରିୟବ୍ରତ ସାମଲ, ମାନସଭୂଷଣ ପଣ୍ଡିତ,ହୃଷୀକେଶ ରଥ ଯୋଗ ଦେଇଥିଲେ । ଅତିଥିମାନେ ଅବସରପ୍ରାପ୍ତ କର୍ମଚାରୀଙ୍କ ଚିକିତ୍ସା ଓ ମହଙ୍ଗା ଭତ୍ତା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ଜିଲା ବିକାଶ ପାଇଁ ପର୍ଯ୍ୟଟନ ଶିଳ୍ପକୁ ଉନ୍ନତ କରିବା, ମାନବ ସମ୍ବଳ ଓ ଜିଲାର ଜଳ ପରିଚାଳନାକୁ ଗୁରୁତ୍ୱ ଦେଇଥିଲେ । ସମ୍ମିଳନୀରେ ବ୍ରଜ କିଶୋର ଜେନା, ଭଜକୃଷ୍ଣ ରାଉତ, ପୀତାମ୍ବର ଦାସ, ଅକ୍ଷୟ କୁମାର ନାୟକ, ଅଭିମନ୍ୟୁ ନାୟକ, ରଙ୍ଗାଧର ସାହୁ, ଦିବାକର ଜେନା ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ । ଏହି ଅବସରରେ ଆସନ୍ତା ଦୁଇ ବର୍ଷ ପାଇଁ ସଂଘର କର୍ମକର୍ତ୍ତା ଚୟନ ହୋଇଥିଲା । ଏଥିରେ ସର୍ବସମ୍ମତି କ୍ରମେ ସଭାପତି ଭାବେ କୁଞ୍ଜବିହାରୀ ସାହୁ, କାର୍ଯ୍ୟକାରୀ ସଭାପତି ବ୍ରଜକିଶୋର ଜେନା, ସମ୍ପାଦକ ହେମନ୍ତ କୁମାର ଜେନା, ସୁବାସ ଚନ୍ଦ୍ର ପାତ୍ର, ଉପସଭାପତି ସୟଦ ମହମ୍ମଦ ଜାହିଦ୍, ଯୁଗ୍ମ ସଂପାଦକ ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ସଂଗଠନ ସମ୍ପାଦକ ଦିବାକର ଜେନା, କୋଷାଧ୍ୟକ୍ଷ ଗଙ୍ଗାଧର ସାହୁ, ହିସାବ ସମୀକ୍ଷକ ଭାବେ ନିରଞ୍ଜନ ଜେନାଙ୍କୁ ମନୋନୀତ କରା ଯାଇଥିଲା । ସମ୍ମିଳନୀ ପ୍ରାରମ୍ଭରେ ସଂଘର ପୃଷ୍ଠପୋଷକ ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଓ ସଂଘର ପୂର୍ବତନ ସଭାପତି ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ବିୟୋଗରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଘର ମୁଖପତ୍ର ସାୟାହ୍ନକୁ ଅତିଥିମାନେ ଉନ୍ମୋଚିତ କରିଥିଲେ । ସୁବାସ ଚନ୍ଦ୍ର ପାତ୍ର, ଦିବାକର ଜେନା, ହେମନ୍ତ କୁମାର ଜେନା ଓ ନିରଞ୍ଜନ ଜେନା ସମ୍ମିଳନୀ ପରିଚାଳନା କରିଥିଲେ ।

## ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀ ସ୍ମାରକୀ ଉତ୍ସବ

ପଟ୍ଟାମୁଣ୍ଡାଇ,୯।୧ (ସ୍ୱ.ପ୍ର):

ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପଟ୍ଟାମୁଣ୍ଡାଇ ବ୍ଲକ ପକ୍ଷରୁ ନରସିଂହପୁର ପ୍ରାଥମିକ ବିଦ୍ୟାଳୟ ଠାରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ଚତୁର୍ବିଂଶତମ ସ୍ମାରକୀ ଉତ୍ସବ -୨୦୨୦ ଇତିମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ସଂଘ ସଭାପତି ରବି ନାରାୟଣ ମହାପାତ୍ର ପୌରୋହିତ୍ୟ କରିଥିଲେ । ମୁଖ୍ୟଅତିଥି ଭାବେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଚନ୍ଦ୍ର ଜେନା ଓ ମୁଖ୍ୟବକ୍ତା ଭାବେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭ୍ରମରବର ବିଶ୍ୱାଳ ଯୋଗଦେଇଥିଲେ । ଅତିଥିମାନେ ବକ୍ତବ୍ୟରେ କହିଥିଲେ ଯେ, ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ନୀତି ଆଦର୍ଶ ବଜାୟ ରଖିଲେ ଜଣେ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବେ ନିଜର ପରିଚୟ ସୃଷ୍ଟି କରିପାରିବ । ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ରାଜ୍ୟ ସଭାପତି ଗୋଲୋକ ବିହାରୀ ସାହୁ, ଜନାର୍ଦ୍ଦନ ପତି, ପ୍ରାକ୍ତନ ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ରଥ, ଆଳି ବ୍ଲକ ଶିକ୍ଷାଧିକାରୀ ପାବନୀ କୁମାର ରାଉତ, ବ୍ଲକ ସହକାରୀ ଶିକ୍ଷାଧିକାରୀ ପ୍ରଦୀପ କୁମାର ସାମନ୍ତରାୟ ଓ ଗୋବିନ୍ଦ ଚନ୍ଦ୍ର ପରିଡା ଯୋଗ ଦେଇଥିଲେ । ବ୍ଲକ ସଂଘ ପ୍ରାକ୍ତନ ସଭାପତି ସୁନାମଣି ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ବ୍ଲକ ସଂଘ ସମ୍ପାଦକ କରୁଣାକର ଭଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂଘ ସଭାପତି ଦୟାନିଧି ସ୍ୱାଇଁ, ପରିଚାଳନା କମିଟି ସଭାପତି ସଞ୍ଜୟ କୁମାର ବିଶ୍ୱାଳ, ସିଆରସିସି ସଞ୍ଜୟ କୁମାର ସାହୁ, ଆଳି ବ୍ଲକ ସମ୍ପାଦକ ତ୍ରିଲୋଚନ ପରିଡା, ଜିଲା ପରିଷଦ ଶିକ୍ଷକ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶ, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ବଳଭଦ୍ର ପ୍ରସାଦ ରାଉତ, ଆଳି ବ୍ଲକ ସମ୍ପାଦକ ତ୍ରିଲୋଚନ ପରିଡା, ଶିକ୍ଷକ ନେତା ଅନ୍ତର୍ଯାମୀ ବେଜ ବକ୍ତବ୍ୟ ରଖିଥିଲେ । ଶେଷରେ ଶିକ୍ଷକ ବୀରକିଶୋର ସାହୁ ଧନ୍ୟବାଦ ଦେଇଥିଲେ ।


**ପୂର୍ବ ତଟ ରେଳପଥ**

**ଭୁବନେଶ୍ୱର ଷ୍ଟେସନ ଠାରେ ପେ ଆଣ୍ଡ୍ ୟୁଜ୍ ଶୌଚାଳୟ ଗୁଡ଼ିକର ପରିଚାଳନା ଏବଂ ରକ୍ଷଣାବେକ୍ଷଣ**

ସଂ. SDCM/KUR/Pay & Use Toilet/BBS (PF.1&6)/2020, ତା: 03.01.2020

**ବିବରଣୀ :** ଭୁବନେଶ୍ୱର ରେଳ ଷ୍ଟେସନ ଠାରେ ପ୍ଲାଟ୍‌ଫର୍ମ ନଂ. 1 ଏବଂ 6 ସ୍ଥିତ "ପେ ଆଣ୍ଡ୍ ୟୁଜ୍ ଶୌଚାଳୟ" ର ପରିଚାଳନା ଏବଂ ରକ୍ଷଣାବେକ୍ଷଣ । **ଶୌଚାଳୟ:** 08 ସଂଖ୍ୟକ (ପ୍ଲାଟ୍‌ଫର୍ମ 1ରେ 04 ଗୋଟି ଏବଂ ପ୍ଲାଟ୍‌ଫର୍ମ 6 ରେ 04 ଗୋଟି), **ସ୍ନାନ ସୁବିଧା :** ପ୍ଲାଟ୍‌ଫର୍ମ 6ରେ 04 ଗୋଟି, **ପରିସ୍ରାଗାର :** ପ୍ଲାଟ୍‌ଫର୍ମ 6 ରେ 07 ଗୋଟି (ପୁରୁଷଙ୍କ ପାଇଁ - 04 ଗୋଟି ଏବଂ ମହିଳାଙ୍କ ପାଇଁ - 03 ଗୋଟି ) ।

**05 ବର୍ଷ ପାଇଁ ମୋଟ୍ ସଂରକ୍ଷଣ ମୂଲ୍ୟ (ଟଙ୍କାରେ) :** 23,78,580.00, **EMD :** ₹ 2,37,900.00, ଟେଣ୍ଡର କାଗଜପତ୍ରର ମୂଲ୍ୟ : ₹ 3,540.00, କାର୍ଯ୍ୟ ସମାପ୍ତିର ଅବଧି:05 (ପାଞ୍ଚ) ବର୍ଷ ।

**ଟେଣ୍ଡର ଖୋଲା ହେବାର ତାରିଖ ଓ ସମୟ :** 13.02.2020 ର 1600 ଘଟିକା ।

ଏହି ଇ-ଟେଣ୍ଡର କ୍ଷେତ୍ରରେ ଡାକ/କୋରିଅର/ଫ୍ୟାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ Firm ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫର ଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ହେବ ।

ଦ୍ରଷ୍ଟବ୍ୟ : ଏହି ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍ କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ବାଣିଜ୍ୟ)/ ଖୋର୍ଦ୍ଧା ରୋଡ଼
PR-639/K/19-20





# ମାନବ ଚୋରା ଚାଲାଣକୁ ଗୁରୁତ୍ୱ ନାହିଁ

**କେନ୍ଦ୍ରାପଡା ଅଫିସ, ୯।୧**

କେନ୍ଦ୍ରାପଡା ଜିଲାପାଳଙ୍କ କାର୍ଯ୍ୟାଳୟରେ ମାନବ ଚୋରାଚାଲାଣ ସମ୍ପର୍କରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ବାଟନେଟ, ପିକସ, କୈଳାସ ସତ୍ୟାର୍ଥୀ ଫାଉଣ୍ଡେଶନ ଓ ଜିଲା ପ୍ରଶାସନ ପକ୍ଷରୁ ନିକଟରେ ଆୟୋଜିତ ଏହି କର୍ମଶାଳାରେ ମାନବ ଚୋରାଚାଲାଣ ଏହି ଜିଲାରେ ଭୟାବହ ପରିସ୍ଥିତି ସୃଷ୍ଟି କରିଥିବା ଆଲୋଚନାରୁ ଜାଣିବାକୁ ମିଳିଛି। ତେବେ ଏ ନେଇ ପ୍ରଶାସନିକ ସ୍ତରରେ କୌଣସି ରେକର୍ଡ ନ ଥିବାରୁ ନିର୍ଦ୍ଦିଷ୍ଟ ଉତ୍ତର କାହାଠାରୁ ମିଳି ପାରିନାହିଁ । ମାନବ ଚାଲାଣ ସମ୍ପର୍କରେ ପୋଲିସ ପ୍ରଶାସନ ପକ୍ଷରୁ ମାମଲା ପଞ୍ଜୀକୃତ ହେଉଥିଲେ ମଧ୍ୟ ଆଇପିସି ଧାରା ୩୭୦ରେ ଏପରି ମାମଲାରେ ଜଣେ ହେଲେ ଏଜେଣ୍ଟଙ୍କୁ ଅଭିଯୁକ୍ତ କରାଯାଇ ନ ଥିବା ଏଠାରେ ଦର୍ଶାଯାଇଥିଲା । ଦେଶ ବିଦେଶରେ ଚାକିରୀ କରାଇ ଦେବା ଲୋଭ ଦେଖାଇ ଜିଲାର ଯୁବବର୍ଗଙ୍କୁ ନିଆ ଯାଉଥିବା ବେଳେ ନାବାଳିକା ଓ ଯୁବତୀଙ୍କୁ ବିବାହ ଓ ଉନ୍ନତ ଶୈଳୀର ଜୀବନଯାପନ ପ୍ରଲୋଭନ ଦେଖାଇ ନିଆଯାଉଥିବା କର୍ମଶାଳାରେ ମତ ପ୍ରକାଶ ପାଇଥିଲା ।



କର୍ମଶାଳାରେ ଉପସ୍ଥିତ ଆଲୋଚକମାନେ।

ବିଶେଷକରି ବଙ୍ଗଭାଷୀ ଅଧ୍ୟୁଷିତ ମହାକାଳପଡା, ରାଜନଗର, ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରୁ ଏହି ମାନବ ଚୋରାଚାଲାଣ ହେଉଥିବାରୁ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଥିଲା ।

ଶିଶୁ ଅଧିକାର ଆଇନ ଅଭିଯାନ କର୍ମୀ ଅନୁରାଧା ମହାନ୍ତି ଏଠାରେ ଦର୍ଶାଇଥିଲେ ଯେ, ଜିଲାର ବଙ୍ଗଭାଷୀ ଅଞ୍ଚଳରୁ ବର୍ଷକୁ ୧୦୦ରୁ ଊର୍ଦ୍ଧ୍ୱ ନାବାଳିକା ଚାଲାଣ ହେଉଛନ୍ତି। ଜିଲାରେ ଏପରି ମାମଲା ଅଦ୍ୟାବଧି ମାତ୍ର ୧୮୨ଟି ରୁଜୁ ହୋଇଛି। ତେବେ ପ୍ରଶାସନର କାର୍ଯ୍ୟାନୁଷ୍ଠାନରେ ସୁଫଳ ମିଳି ପାରୁନାହିଁ। ଏହି ନାବାଳିକାଙ୍କୁ ବିବାହ ନାମରେ ଶୋଷଣ କରା ଯାଇଥିବା ପରବର୍ତ୍ତୀ ସମୟରେ ଲୋକଲୋଚନକୁ ଆସିଛି । ଏପରି କି କେତେକ ନାବାଳିକାଙ୍କୁ ବେଶ୍ୟାବୃତ୍ତି ପାଇଁ ବାଧ୍ୟ କରାଯାଇଥିବା ପ୍ରମାଣ ଅଛି । ସେହିପରି ବାଟନେଟର ବିନାୟକ ସ୍ୱାଇଁ ଦର୍ଶାଇଥିଲେ ଯେ, ଜିଲାରେ ନାବାଳିକା ବିବାହ ବଢ଼ିଚାଲିଛି । ଶିଶୁ ଶ୍ରମିକ ଓ ଦାଦନ ସମସ୍ୟା ରହିଛି । ଶିଶୁଙ୍କ ପାଇଁ ପୋକ୍‌ସୋ ଆଇନ ଥିଲେ ମଧ୍ୟ ସଚେତନତା ସୃଷ୍ଟି ହୋଇ ନ ଥିବାରୁ ଜିଲାରେ ଏହି ଆଇନର ସୁଫଳ ମିଳି ପାରିନାହିଁ । ଅଭାବ ଅନାଟନ, ସାମାଜିକ ରୀତିନୀତିରେ ପଛୁଆ ଓ ପରମ୍ପରାର ଦ୍ୱାହି ଦେଇ ନାବାଳିକା ବିବାହ ନାମରେ ଚୋରା ଚାଲାଣକୁ ପ୍ରୋତ୍ସାହିତ କରାଯାଉଛି । କର୍ମଶାଳାରେ ଶିକ୍ଷାବିତ୍ ଅଜୟ କୁମାର ସାମଲ ଯୋଗଦେଇ ଗତ ୫ ବର୍ଷ ମଧ୍ୟରେ ୫୦ରୁ ଊର୍ଦ୍ଧ୍ୱ ଯୁବ ଶ୍ରମିକ ଦେଶବିଦେଶରେ ନିଖୋଜ ହୋଇଥିବା ଦର୍ଶାଇଥିଲେ ।

**କେନ୍ଦ୍ରାପଡ଼ା ଜିଲା**

ବୁଦ୍ଧିଜୀବୀ ରଶ୍ମିରଞ୍ଜନ ମହାପାତ୍ର ଏଠାରେ ଦର୍ଶାଇଥିଲେ ଯେ, ମାନବ ଚୋରା ଚାଲାଣ ଓ ନାବାଳିକା ନିଖୋଜ ହେବା ସମସ୍ୟା ସମ୍ପର୍କରେ ପ୍ରତିମାସରେ ଥାନାରେ ୧୦ରୁ ୧୨ଟି ମାମଲା ରୁଜୁ ହେଉଛି । ପ୍ରତି ରାଜସ୍ୱ ଗ୍ରାମରେ ଏନେଇ ଏକ କମିଟି ଗଠନ କରାଯାଇ ପାରିଲେ ମାନବ ଚୋରା ଚାଲାଣ ସମ୍ପର୍କରେ ସୂଚନା ମିଳିପାରିବ । ଏଜେଣ୍ଟଙ୍କୁ ମଧ୍ୟ ଚିହ୍ନଟ କରି ହେବ । ସଚେତନତା ସୃଷ୍ଟି, ଆଇନର ପ୍ରୟୋଗ, ଶିକ୍ଷା ପ୍ରଦାନ, ପରମ୍ପରା ନାମରେ ବାଲ୍ୟ ବିବାହକୁ ରୋକିବା, ମଦ ଉପରେ ନିଷେଧାଜ୍ଞା, ଇଣ୍ଟରନେଟରୁ ପର୍ଣ୍ଣ ସାଇଟ ହଟାଇବା ଆଦି କାର୍ଯ୍ୟକ୍ରମରେ ଏହାର ସମାଧାନ ହୋଇପାରିବ । ବିଭିନ୍ନ ଅନାଥାଶ୍ରମ ଓ ସ୍ୱଧାର ଗୃହ ପ୍ରତି ପ୍ରଶାସକମାନେ ଦୃଷ୍ଟି ଦେବା ଆବଶ୍ୟକ ହୋଇପଡିଛି । ସିଡବ୍ଲ୍ୟୁସିକୁ କାର୍ଯ୍ୟକ୍ଷମ କରିବା ଦ୍ୱାରା ଶିଶୁ ଶ୍ରମିକ ଓ ନାବାଳିକା ବିବାହ ସମସ୍ୟାର ଆଶୁ ସମାଧାନ ହୋଇପାରିବ । ମାନବ ଚୋରାଚାଲାଣ ରୋକିବା ପାଇଁ ଜିଲାର ମାନବ ସମ୍ବଳକୁ ଜିଲାରେ କର୍ମସଂସ୍ଥାନ ଯୋଗାଇବା ବର୍ତ୍ତମାନ ପରିସ୍ଥିତିରେ ଏକ ବଡ ଆହ୍ୱାନ ହୋଇଛି।

## ସଂକ୍ଷେପରେ

### ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ମାର୍ଶାଘାଇ ,୯।୧(ଡିଏନ୍‌ଏ) :** ମାର୍ଶାଘାଇ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଇତିମଧ୍ୟରେ ବାଳିକା ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟ ଅଧକ୍ଷ ଡ଼. ଅମୀୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦ୍‌ଯାପନୀ ଉତ୍ସବରେ ଜିଲା ଆରକ୍ଷୀ ଅଧୀକ୍ଷକ ନୀତିଶେଖର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲା ବାଳିକା ଆତ୍ମରକ୍ଷା ତାଲିମ କାର୍ଯ୍ୟକ୍ରମର ନୋଡ଼ାଲ ଅଧିକାରୀ ଡ. ଶ୍ରୀଧର ସାମଲ ,ମାର୍ଶାଘାଇ ମହାବିଦ୍ୟାଳୟ ପଦାର୍ଥ ବିଜ୍ଞାନ ଅଧାପକ ପ୍ରଭାତ ରଞ୍ଜନ ଲେଙ୍କା,ଓଡିଆ ବିଭାଗ ମୁଖ୍ୟ ଅଧାପକ ସୁକାନ୍ତ କୁମାର ପ୍ରଧାନ ଯୋଗଦେଇ ଏହି ତାଲିମ କାର୍ଯ୍ୟକ୍ରମର ଲକ୍ଷ୍ୟ ଏବଂ ଉପଯୋଗିତା ଉପରେ ଆଲୋକପାତ କରିଥିଲେ । ପ୍ରଶିକ୍ଷିକା ପୁଷ୍ପାଞ୍ଜଳୀ ନାୟକ ଏବଂ ରୁନୁପ୍ରିୟା ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯୁକ୍ତ ୨ ଓ ଯୁକ୍ତ ୩ ଶ୍ରେଣୀର ୨୧୦ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଉଦ୍‌ଯାପନୀ ଉତ୍ସବରେ ଛାତ୍ରୀମାନଙ୍କ ଦ୍ୱାରା ଆତ୍ମସୁରକ୍ଷାର ବିଭିନ୍ନ ଶୈଳୀ ପ୍ରଦର୍ଶନ କରାଯାଇଥିଲା । କୃତି ଛାତ୍ରୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ । ଏଥିରେ କାର୍ଯ୍ୟକ୍ରମ ସଂଯୋଜିକା ଅଧାପିକା ଡ. ଲକ୍ଷ୍ମୀପ୍ରିୟା ମଲ୍ଲିକ, ଅଧାପିକା ଗାୟତ୍ରୀ ପାଣି ,ଅନ୍ନପୂର୍ଣ୍ଣା ବେହେରା,ଅନୁରାଧା ଦାସଙ୍କ ସହ ଅନ୍ୟମାନେ ଯୋଗ ଦେଇଥିଲେ । ଶେଷରେ ଅଧାପିକା ବନିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

### ଏଡ୍‌ସ ଆକ୍ରାନ୍ତଙ୍କୁ ସହାୟତା ଦେବାକୁ ଦାବି

**ପଟ୍ଟାମୁଣ୍ଡାଇ,୯।୧(ଡି.ଏନ.ଏ.) :** ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳରେ ଜଣେ ଯୁବକ ଏଡ୍‌ସ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସାଧୀନ ଅଛନ୍ତି । ସେ ଦୀର୍ଘଦିନ ହେବ ଦିଲ୍ଲୀରେ ପାଣି ପାଇପ ମିସ୍ତ୍ରୀ ଭାବେ କାମ କରୁଥିଲେ । କଟକ ବଡ ଡାକ୍ତରଖାନାରେ ୫ ଦିନ ଧରି ଚିକିତ୍ସିତ ହୋଇ ନିକଟରେ ସେ ଘରକୁ ଫେରି ଆସିଛନ୍ତି । ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ନ ପାଇ ସେ ଜୀବନମରଣ ସହ ସଂଗ୍ରାମ ଚଳାଇଛନ୍ତି । ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି ।

### ରଘୁନାଥଜୀଉ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ

**ଡେରାବିଶ,୯।୧(ସ୍ୱ.ପ୍ର.) :** ଡେରାବିଶ ବ୍ଲକ ଯଥାଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଅର୍ଡାମୂଳ ଗ୍ରାମର ଇଚ୍ଛାବିହାରୀସ୍ଥିତ ରଘୁନାଥଜୀଉ ମନ୍ଦିରର ପ୍ରଥମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ସ୍ଥାନୀୟ ଅର୍ଡାମୂଳ, ଖାନନଗର ଓ ପାଣିଓଳା ଗ୍ରାମବାସୀଙ୍କ ସହଯୋଗରେ ଅର୍ଡାମୂଳର ଶ୍ରୀ ରଘୁନାଥଜୀଉ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଏହି ପ୍ରତିଷ୍ଠା ଉତ୍ସବ ହୋଇଥିଲା । ଗତ ୫ ତାରିଖରୁ ଅଙ୍କୁରାରୋପଣ, କଳସଯାତ୍ରା, ଯଜ୍ଞାରମ୍ଭ, ସୂର୍ଯ୍ୟପୂଜା, ଗୋପୂଜା ଆଦି କରାଯାଇ ବୁଧବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୂତି ଦିଆଯାଇଥିଲା । ଏହି ଅବସରରେ ପ୍ରତ୍ୟହ ସନ୍ଧ୍ୟାରେ କଳାକାରଙ୍କ ଦ୍ୱାରା ଭଜନ ଓ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା । ଯଜ୍ଞ ଓ ପ୍ରତିଷ୍ଠା ଉତ୍ସବରେ ସହଯୋଗ କରିଥିବା ଅଞ୍ଚଳବାସୀଙ୍କୁ କୃପା ପରିଷଦର ସଭାପତି ରତ୍ନାକର ନାୟକ କୃତଜ୍ଞତା ଜଣାଇଛନ୍ତି ।

## ହାଇସ୍କୁଲ ପରିସରକୁ ଡ୍ରେନେଜ୍ ପାଣି ଛାଡିବା ଯୋଜନାକୁ ବିରୋଧ

**ପଟ୍ଟାମୁଣ୍ଡାଇ, ୯।୧ (ସ୍ୱ.ପ୍ର)**

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବପୁରାତନ ଶିକ୍ଷାନୁଷ୍ଠାନ ଏମ୍‌ଏନ୍ ହାଇସ୍କୁଲ ପରିସରକୁ ଡ୍ରେନେଜ୍ ପାଣି ଛାଡିବା ଯୋଜନାକୁ ପୁରାତନ ଛାତ୍ର ସଂସଦ ଦୃଢ ବିରୋଧ କରିଛମି । ପଟ୍ଟାମୁଣ୍ଡାଇ ବଜାର ଠାରୁ ଯାଇଥିବା କଲେଜ ରାସ୍ତାରେ ଏବେ ଡ୍ରେନେଜ ନିର୍ମାଣ ଚାଲିଛି । ଡ୍ରେନେଜ ମାଧ୍ୟମରେ ଆବର୍ଜନା ପାଣିକୁ ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପଛରେ ଥିବା ପୋତା ନଈ ମଧ୍ୟକୁ ଛାଡିବାକୁ ଯୋଜନା ଚାଲିଛି । ଏଥିପାଇଁ ରାସ୍ତା କଡରେ ନିର୍ମାଣାଧୀନ ଡ୍ରେନେଜ୍ ପଥ ହାଇସ୍କୁଲ ସମ୍ମୁଖରେ ଥିବା ଏକ ପୋଖରୀ ମଧ୍ୟକୁ ଛଡାଯାଇଛି । ଏହାଦ୍ୱାରା ଶିକ୍ଷାନୁଷ୍ଠାନର ମର୍ଯ୍ୟାଦା ହାନି ହେବା ସହିତ ପରିବେଶ ଦୂଷିତ ହେବାର ଆଶଙ୍କା ରହିଛି । ପୁରାତନ ଛାତ୍ର ସଂସଦର ଅଭୟ କୁମାର ବେହେରା, ଭୂପତି ନାୟକ, ପ୍ରଭାତ ରଞ୍ଜନ ବେହୁରା, ଲକ୍ଷ୍ମୀଧର ବାରିକ, କସ୍ତୁରୀ ଚରଣ ସ୍ୱାଇଁ, ପ୍ରାକ୍ତନ ଅଧକ୍ଷ ଦେବବ୍ରତ ପ୍ରଧାନ, ନିମାଇଁ ଚରଣ ସ୍ୱାଇଁ, ରବୀନ୍ଦ୍ର କୁମାର ବେହେରା, ପ୍ରାକ୍ତନ ଅଧକ୍ଷ କୈଳାସ ଚନ୍ଦ୍ର ପାତ୍ରଙ୍କ ସମେତ ବହୁ ପୁରାତନ ଛାତ୍ର ହାଇସ୍କୁଲର ସୁରକ୍ଷା ପାଇଁ ଦାବି କରିଛନ୍ତି ।

## ସ୍ୱାଧୀନତା ସଂଗ୍ରାମୀ ସରସ୍ୱତୀ ଦେବୀଙ୍କ ଜୟନ୍ତୀ ପାଳନ

**କେନ୍ଦ୍ରାପଡା ଅଫିସ, ୯।୧**

କେନ୍ଦ୍ରାପଡା ଜିଲା ରାଜନଗର ବିଧାନସଭା ନିର୍ବଚନମଣ୍ଡଳୀର ପ୍ରଥମ ବିଧାୟିକା ସ୍ୱର୍ଗତା ସରସ୍ୱତୀ ଦେବୀଙ୍କର ୧୦୬ତମ ଜୟନ୍ତୀ ଉତ୍ସବ ସହରର ଗରାପୁର ଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡା ଜିଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଜୟ ସାମଲ ଓ ସଂଘର ସଭାପତି ଡକ୍ଟର ଉପେନ୍ଦ୍ର ନାଥ ପ୍ରଧାନ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏଥିସହିତ ଡ. ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସ୍ୱର୍ଗତା ସରସ୍ୱତୀ ଦେବୀଙ୍କ ସ୍ମୃତିଚାରଣ କରାଯାଇଥିଲା । ଅତିଥିମାନେ ପ୍ରକାଶ କରିଥିଲେ ଯେ, ୧୯୫୨ ମସିହା ପ୍ରଥମ ବିଧାନସଭା ନିର୍ବାଚନରେ ସରସ୍ୱତୀ ଦେବୀ ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ନିର୍ବାଚିତ ହୋଇଥିଲେ । ସ୍ୱାଧୀନତା



ଅତିଥିମାନେ ସରସ୍ୱତୀଦେବୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି।

ସଂଗ୍ରାମରେ ତାଙ୍କର ସହଯୋଗ, ରାଜନୈତିକ ଜୀବନ, ସମାଜ ଗଠନରେ ତାଙ୍କର ଭୂମିକା ଅତୁଳନୀୟ ଥିଲା । ଏଥିରେ କରୁଣାକର ଦାସ, ଡ. ଗିରିଶ ଚନ୍ଦ୍ର ପାତ୍ର, ବୈଷ୍ଣବ ଚରଣ ସ୍ୱାଇଁ, କୃତ୍ତିବାସ ସ୍ୱାଇଁ, ଅରୁଣ କୁମାର ମହାନ୍ତି, ନିରଞ୍ଜନ ଜେନା, ଗୌରାଙ୍ଗ ସାହୁ, ସୁରେଶ ଚନ୍ଦ୍ର ପଟ୍ଟନାୟକ, ଶ୍ରୀନିବାସ ପରିଡା, କୃଷ୍ଣଚନ୍ଦ୍ର ମହାରଣା ସରସ୍ୱତୀ ଦେବୀଙ୍କ ସ୍ମୃତିଚାରଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗୋଖେଇ ପାତ୍ର, ଚଣ୍ଡିଦାସ ଶତପଥୀ, କୈଳାସ ଚନ୍ଦ୍ର ବାରିକ, କୈଳାସ ଚନ୍ଦ୍ର ମହାନ୍ତି, ଅଜିତ ରାଉତ, ଅଲେଖ ଚନ୍ଦ୍ର ମହାନ୍ତି, ପତିତପାବନ ମହାନ୍ତି, ମଧୁସୁଦନ ବାରିକ, ବଳରାମ ସାହୁ, ବିଜୟ କୁମାର ମହାନ୍ତି ପ୍ରମୁଖ ସରସ୍ୱତୀ ଦେବୀଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ ।

## ଆଗ୍ରାରୁ ଶ୍ରମିକଙ୍କ ମୃତଦେହ ଗାଁକୁ ଫେରିଲା

**ରାଜନଗର,୯।୧(ଡି.ଏନ.ଏ.)**

ରାଜନଗର ଥାନା ଅନ୍ତର୍ଗତ ରାଜପୁର ପଞ୍ଚାୟତ ବଳଭଦ୍ରପ୍ରସାଦ ଗାଁର ପ୍ରଫୁଲ୍ଲ ଦାସ (୫୫)ଙ୍କର ଉତ୍ତରପ୍ରଦେଶର ଆଗ୍ରାରେ ଗତ ୩ ତାରିଖ ଦିନ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଥିଲା। ପ୍ରଫୁଲ୍ଲଙ୍କ ପରିବାର ଲୋକେ ସେଠାରୁ ମୃତଦେହ ଆଣିବାକୁ ଜିଲାପାଳଙ୍କୁ ନିବେଦନ କରିଥିଲେ। ଜିଲାପାଳ ଘଟଣାର ଗୁରୁତ୍ୱ ବୁଝି ନିର୍ଦ୍ଦେଶ ଦେବା ପରେ ବି ଜିଲା ଶ୍ରମ ବିଭାଗ ପ୍ରଥମେ ଏ ନେଇ ସହଯୋଗ କରି ନ ଥିଲା । ପ୍ରଫୁଲ୍ଲଙ୍କ ପତ୍ନୀ ଟ୍ରେନ ଯୋଗେ ଆଗ୍ରା ଯାଇଥିଲେ। ଏହା ଜଣାପଡିବା ପରେ ଜିଲାପାଳ ତାଗିଦ କରିବାରୁ ଲେବର ଇନ୍ସପେକ୍ଟର ଦେବାଶିଷ ଜେନା ମହାପ୍ରୟାଣ ଗାଡି ନେଇ ଆଗ୍ରା ଯାଇଥିଲେ। ସେଠାରୁ ପ୍ରଫୁଲ୍ଲଙ୍କ ମୃତଦେହ ଆଣି ଗୁରୁବାର ସକାଳ ୬ଟାରେ ବଳଭଦ୍ରପ୍ରସାଦ ଗାଁରେ ପହଞ୍ଚି ଥିଲେ। ଜିଲା ଶ୍ରମ ଅଧିକାରୀ ରାମଚନ୍ଦ୍ର ବେହେରା ଓ ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ମହାନ୍ତି ବଳଭଦ୍ରପୁର ଗାଁରେ ଉପସ୍ଥିତ ଥିଲେ। ଜିଲାପାଳଙ୍କ ରେଡକ୍ରସ ପାଣ୍ଠିରୁ ଶବ ସତ୍କାର ପାଇଁ ଅତିରିକ୍ତ ତହସିଲଦାର ୧୦ହଜାର ଟଙ୍କା ପ୍ରଦାନ କରିଛନ୍ତି । ପ୍ରଫୁଲ୍ଲଙ୍କୁ ନେଇ ସେଠାରେ କାମ କରାଉଥିବା ଠିକାଦାର କାମଦେବ ଧଳ ୨୫ହଜାର ଟଙ୍କା ଦେଇଥିବା ଜିଲା ଶ୍ରମ ଅଧିକାରୀ ସୂଚନା ଦେଇଛନ୍ତି। ଅଭିଯୋଗ ମୁତାବକ, ନରେନ୍ଦ୍ରପୁର ଗାଁର କାମଦେବଙ୍କ ନିକଟରେ ପ୍ରଫୁଲ୍ଲ ଆଗ୍ରାରେ ଦୀର୍ଘ ୨୦ବର୍ଷ ହେଲା କାମ କରୁଥିଲେ । ୩ ତାରିଖ ସକାଳେ ପ୍ରଫୁଲ୍ଲଙ୍କ ମୃତ୍ୟୁ ହୋଇଥିବା ନେଇ କାମଦେବ ଫୋନ ଯୋଗେ ପରିବାର ଲୋକଙ୍କୁ ଜଣାଇଥିଲେ। କିପରି ମୃତ୍ୟୁ ହୋଇଛି ପ୍ରଫୁଲ୍ଲଙ୍କ ପରିବାର ଲୋକେ ପଚାରିବାରୁ ସେ ଫୋନ କାଟି ଦେଇଥିଲେ।

## ସାହିତ୍ୟିକ ଦିବାକର ବିଶ୍ୱାଳଙ୍କ ସ୍ମୃତିଚାରଣ ସଭା



ସ୍ମରଣିକାକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

**ପଟ୍ଟାମୁଣ୍ଡାଇ, ୯।୧ (ସ୍ୱ.ପ୍ର)**

ବିଶିଷ୍ଟ ସାହିତ୍ୟିକ, ଲେଖକ, ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସଙ୍ଗୀତକାର, ଖବରଦାତା ସ୍ୱର୍ଗତ ଦିବାକର ବିଶ୍ୱାଳଙ୍କ ଏକାଦଶାହ ଉପଲକ୍ଷେ ତାଙ୍କ ବାସଭବନ ଠାରେ ବୁଧବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବହୁ ନେତା, କବି, ଖବରଦାତା, ସାମାଜିକ କର୍ମୀ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଅନିରୁଦ୍ଧ ରାଉଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ସିପିଆଇଏମ୍ ନେତା ବାବାଜୀ ପରିଡା, ଜିଲା ସମ୍ପାଦକ ଗୟାଧର ଧଳ, ରମଣୀ ରଞ୍ଜନ ରାଉତରାୟ, ବିଜେଡି ନଗର ସଭାପତି ଭୋଳାନାଥ ପାତ୍ରୀ, ମ୍ୟୁନିସିପାଲିଟି ପୂର୍ବତନ ଅଧକ୍ଷ ହେମନ୍ତ ସାହୁ, ବସନ୍ତ ମଲ୍ଲିକ, ପ୍ରାଧାପକ ଦୁର୍ଯ୍ୟୋଧନ ପରିଡା, ନିର୍ମଳ ଚନ୍ଦ୍ର ବିଶ୍ୱାଳ, ରମେଶ ଚନ୍ଦ୍ର ଜେନା, ଡା. ଗଦାଧର ମଲ୍ଲିକ, ରାଜକୁମାର ବିଶ୍ୱାଳ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ । ଗୋପୀବଲ୍ଲଭ ନାୟକ, ଗୋପୀବଲ୍ଲଭ ତ୍ରିପାଠୀ, ଗଣେଶ ଚନ୍ଦ୍ର ସାମଲ, ଜଗନ୍ନାଥ ଦାସ, ପତିତପାବନ ଭଦ୍ର, ଅକ୍ଷୟ ବିଶ୍ୱାଳ, ଅମୀୟ ପାଣ୍ଡବ, ଶତ୍ରୁଘ୍ନ ତରାଇ, ଶିକ୍ଷୟିତ୍ରୀ ଆରାଧନା ଦାଶ ପ୍ରମୁଖ ଯୋଗଦେଇ ଓଡିଆ ସାହିତ୍ୟକୁ ସ୍ୱର୍ଗତ ବିଶ୍ୱାଳଙ୍କ ଅବଦାନ ସଂପର୍କରେ ଅବତାରଣା କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସଭାରେ ଜିଲାର ବିଭିନ୍ନ ବ୍ଲକର ବହୁ ନେତା ଯୋଗଦେଇ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହିତ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ ଅନେକ ନଈର ସୁଅ ସ୍ମରଣିକା ଅତିଥିମାନେ ଉନ୍ମୋଚନ କରିଥିଲେ । ଶେଷରେ ଶରତ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ ।

## କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କ ସମୀକ୍ଷା ବୈଠକ

**କେନ୍ଦ୍ରାପଡା ଅଫିସ, ୯।୧**

ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ଉନ୍ନୟନ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ରାଜସ୍ୱ ଆୟୁକ୍ତ ସାମଲଙ୍କୁ ଚଳିତ ଆର୍ଥିକ ବର୍ଷରେ ଜିଲାରେ ୫୮ ପ୍ରତିଶତ ରାଜସ୍ୱ ଆଦାୟ ହୋଇଥିବା ସୂଚନା ଦିଆ ଯାଇଥିଲା । ଏଥିସହିତ ପୂର୍ବବର୍ଷରେ ହୋଇଥିବା ଜନଶୁଣାଣି ଶିବିର ଅଭିଯୋଗର ସମୀକ୍ଷା ହୋଇଥିଲା । ଜବରଦଖଲ ମାମଲାର ତୁରନ୍ତ ସମାଧାନ କରାଯିବା, ଡାକ୍ତରଖାନା ଓ ଶିକ୍ଷାନୁଷ୍ଠାନ ଜବରଦଖଲ ମାମଲାଗୁଡିକର ଅବିଳମ୍ବେ ସମାଧାନ କରାଯିବା, ହରିଦାସପୁର-ପାରାଦୀପ ରେଳପଥ ନିର୍ମାଣର ଅଗ୍ରଗତି, ଧାନମଣ୍ଡିରେ ଧାନ ସଂଗ୍ରହ, ମମତା ଯୋଜନା, ଅଙ୍ଗନୱାଡି କେନ୍ଦ୍ର ଗୃହ ନିର୍ମାଣ, ସାମାଜିକ ସୁରକ୍ଷା ବିଭାଗର



ସମୀକ୍ଷା ବୈଠକରେ ଆରଡିସି, ଜିଲାପାଳ ଓ ଅନ୍ୟମାନେ।

ଭତ୍ତା, ଜରୁରୀ ବିଭାଗରେ ସହାୟତା ପାଇଁ ଦରଖାସ୍ତ ସମ୍ପର୍କରେ ଆଲୋଚନା ହୋଇଥିଲା । ସେହିପରି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ ଓ ତାର ବିନିଯୋଗ ପ୍ରମାଣପତ୍ର ପ୍ରଦାନରେ ବିଳମ୍ବ ନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ହରିଶ୍ଚନ୍ଦ୍ର ଯୋଜନାରେ ଠିକ ସମୟରେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ ସମ୍ପର୍କରେ ପରାମର୍ଶ ଦେଇଥିଲେ । କନିକା ତହସିଲରେ ରେକର୍ଡ ସଂଶୋଧନ ଓ ରାଜସ୍ୱ ଆଦାୟକୁ ସେ ଗୁରୁତ୍ୱ ପ୍ରଦାନ କରିଥିଲେ । ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମା, ଏଡିଏମ ବସନ୍ତ କୁମାର ରାଉତ, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ଜିଲା ସମାଜମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ବେସାମରିକ ଯୋଗାଣ ଅଧିକାରୀ ରଜନୀକାନ୍ତ ଦାସ, ଡେପୁଟି କଲେକ୍ଟର ଡ. ବିରଜା ପ୍ରସାଦ ରାଉତରାୟ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ଖବରଦାତା ଗୁରୁତର

**କେନ୍ଦ୍ରାପଡା ଅଫିସ, ୯।୧**

କେନ୍ଦ୍ରାପଡା ସହର ମଧ୍ୟରେ ସଡକ ଦୁର୍ଘଟଣାରେ ବରିଷ୍ଠ ଖବରଦାତା ପରେଶ ଦାସ ଗୁରୁତର ଆହତ ହୋଇଛନ୍ତି । ଖବରଦାତା ଦାସ ଗୁରୁବାର ପୂର୍ବାହ୍ନରେ ଖବର ସଂଗ୍ରହ ପାଇଁ ଯାଉଥିବା ବେଳେ ସହରର ମାଧପୁର ଛକରେ ଏକ ଦସ୍ତା ବୋଝେଇ ଡାଲା ଅଟୋ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଅଟୋରେ ଥିବା ଦସ୍ତା ତାଙ୍କ ମୁଣ୍ଡ ଓ ମୁହଁରେ ପଡିଯିବାରୁ ସେ ପଡି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ । ତାଙ୍କର ମୁଣ୍ଡ, ମୁହଁ ଓ ନାକଦଣ୍ଡା ଫାଟଯାଇଛି । ଆଇନଜୀବୀ ଦେବଦାସ ମହାନ୍ତି, ପୂର୍ବତନ କାଉନସିଲର କାଳୀପ୍ରସାଦ ମିଶ୍ର, ଅଧ୍ୟାପକ ଅଜୟ କୁମାର ରାଉତ, ସଞ୍ଜୟ କୁମାର ରାଉତଙ୍କ ସମେତ ବହୁ ଖବରଦାତା ତାଙ୍କୁ ଭେଟି ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

**ରାଜନଗର,୯।୧(ଡି.ଏନ.ଏ.)**

ଗୁରୁବାର ରାଜନଗର ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବେଲପାଳ ବାଲିସାହିପାଟଣା ଓ ଡେରା ପଞ୍ଚାୟତରେ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସକ୍ରିୟ ସଦସ୍ୟମାନଙ୍କୁ ନେଇ ପଞ୍ଚାୟତ କମିଟି ଚୟନ କରାଯାଇଛି। ରାଜନଗର ବ୍ଲକ ବେଲପାଳ ଗ୍ରାମ ପଞ୍ଚାୟତରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ଧ୍ରୁବ ସାହୁ ଯୋଗଦେଇ ଦଳର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ଉପରେ ମତ ରଖିଥିଲେ। ଏଥିରେ ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର ନାଥ ସେଠୀ, ସମିତି ସଭ୍ୟ ଗୋବର୍ଦ୍ଧନ ପ୍ରଧାନ, ରାଧାମାଧବ ପଣ୍ଡା, ରାଜନଗର ବ୍ଲକ ବିଜୁ ଜନତା ଦଳ ନିର୍ବାଚନ ଅଧିକାରୀ ବିଜ୍ଞାନ ରଞ୍ଜନ ଜେନା ଯୋଗଦେଇ ନିଜ ନିଜର ମତ ରଖିଥିଲେ। ସେହିପରି



ବୈଠକରେ ଉପସ୍ଥିତ ନେତୃମଣ୍ଡଳୀ।

ବାଲିସାହିପାଟଣା ଓ ଡେରା ପଞ୍ଚାୟତରେ ପଞ୍ଚାୟତ କମିଟି ଗଠନ କରାଯାଇଛି। ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରସାଦ ରାଉତ, ବ୍ଲକ ବିଜେଡି ଉପସଭାପତି ନିରଞ୍ଜନ ରାଉତ, ମହିଳା ବିଜେଡି ସଭାନେତ୍ରୀ ରଶ୍ମି ରଞ୍ଜିତା ସ୍ୱାଇଁ, ବରିଷ୍ଠ ନେତା ବୈକୁଣ୍ଠ ବିହାରୀ ପରିଡା, ବସନ୍ତ ପାତ୍ର, ତପନ ବଳ, ଜୟନ୍ତ ପରିଡା, ବଂଶୀଧର ବରାଳ, ଏକାଦଶୀ ବେହେରା, ନାଗେଶ୍ୱର ଖଟୁଆ, ଫକୀର ବେହେରା ଓ ଜ୍ଞାନ ରଞ୍ଜନ ପାତ୍ର, ରୋହିତ ରାଉତ, ଅଂଶୁମାନ ପରିଡା ପ୍ରମୁଖ ଯୋଗ ଦେଇଥିଲେ।

## ବିଜୁ ପଟ୍ଟନାୟକ କପ୍ ଫୁଟ୍‌ବଲ: ସୁରଜ ସ୍ପୋର୍ଟିଂ ଚାମ୍ପିୟନ

**କେନ୍ଦ୍ରାପଡା ଅଫିସ, ୯।୧**

କେନ୍ଦ୍ରାପଡ଼ା ସରକାରୀ ହାଇସ୍କୁଲ ଖେଳପଡ଼ିଆରେ ଗତ ଶୁକ୍ରବାରଠାରୁ ଚାଲିଥିବା ରାଜ୍ୟସ୍ତରୀୟ ବିଜୁ ପଟ୍ଟନାୟକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଛି । ଉଦ୍‌ଯାପନୀ ଦିବସରେ କେନ୍ଦ୍ରାପଡା ଜିଲାର ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ସୁରଜ ସ୍ପୋର୍ଟିଂ ଓ ଲେବର ସ୍ପୋର୍ଟିଂ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଏଥିରେ ସୁରଜ ସ୍ପୋର୍ଟିଂ ୪-୧ ଗୋଲରେ ବିଜୟୀ ହୋଇଥିଲା। ଫାଇନାଲ ମ୍ୟାଚ ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ଆଳିର ମହିଳା ଫୁଟବଲ ଦଳ ଏବଂ କଟକ ଜିଲାର ଭୂଆସୁଣୀ ମହିଳା ଫୁଟବଲ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ ଖେଳାଯାଇଥିଲା। ଏଥିରେ ଆଳି ଦଳ ୩-୨ ଟାଇବ୍ରେକରେ



ଟ୍ରଫି ସହ ଚାମ୍ପିୟନ ଦଳ।

ଭୂଆସୁଣୀ ଦଳକୁ ହରାଇ ବିଜୟୀ ହୋଇଥିଲା। ଏହି ଉପଲକ୍ଷେ ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଶଶିଭୂଷଣ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ସୁରଜ ସ୍ପୋର୍ଟିଂ କ୍ଲବକୁ ବିଜୁ ପଟ୍ଟନାୟକ ଟ୍ରଫି ଓ ଲେବର ସ୍ପୋର୍ଟିଂ କ୍ଲବକୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ସୁରଜ ସ୍ପୋର୍ଟିଂ କ୍ଲବର ଫଗୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ମହିଳା ଟିମଙ୍କୁ ମଧ ପୁରସ୍କୃତ କରାଯାଇଥିଲା । ଉତ୍ସବରେ ମୁଖ୍ୟବକ୍ତା ଭାବେ ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ସମ୍ମାନିତ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ଯୋଗଦେଇ କ୍ରୀଡାର ପ୍ରସାର ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପ୍ରତିଯୋଗିତାକୁ ପ୍ରଦୀପ୍ତ ମହାନ୍ତି, ରିୟାଜ ଖାଁ, ମହମ୍ମଦ ଜୋହା, କୀର୍ତ୍ତି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥଲେ । କେନ୍ଦ୍ରାପଡ଼ା ଫୁଟବଲ ସଙ୍ଘ ସଭାପତି ମହମ୍ମଦ ଆମିର, ସମ୍ପାଦକ ସେକ୍ ସଲ୍ଲାଉଦ୍ଦିନ, ସେକ୍ ନସିମୁଦ୍ଦିନ, ସେକ୍ ଅସଲାମ, ସୟଦ ଅବଦୁଲ ସତ୍ତାର, କଲିମ ଖାଁ, ଜ୍ୟୋତିର୍ମୟ ଦାସ ପ୍ରମୁଖ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

## ସଂକ୍ଷେପରେ

### ବାରିପଦା ଫାଶୀଦଣ୍ଡ ମାମଲା
## ୧୪ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୯।୧:** ୮ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା କରିବା ଘଟଣାର ଅଭିଯୁକ୍ତ ଯାମିନୀକାନ୍ତ ମହନ୍ତଙ୍କୁ ତଳକୋର୍ଟ ଫାଶୀଦଣ୍ଡରେ ଦଣ୍ଡିତ କରିଛନ୍ତି। ଉକ୍ତ ଫାଶୀ ଦଣ୍ଡାଦେଶ ମାମଲାର ଶୁଣାଣି ଗୁରୁବାର ହାଇକୋର୍ଟରେ ହୋଇଥିଲା। ବିଚାରପତି ଜଷ୍ଟିସ ଅକ୍ଷୟ କୁମାର ମିଶ୍ର ଓ ବିଚାରପତି ଜଷ୍ଟିସ ଏସ୍.କେ. ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି। ସୂଚନାଥାଉ କି, ୨୦୧୮ ଜୁନ୍ ୧୮ ତାରିଖରେ ଉକ୍ତ ଘଟଣା ଘଟିଥିଲା। ରଜ ସମୟରେ ଗ୍ରାମ ଉତ୍ସବମୁଖର ଥିବାବେଳେ ନାବାଳିକା ଜଣକ ସାଇକେଲ ଶିଖୁଥିଲେ। ଏହି ସମୟରେ ଯାମିନୀକାନ୍ତ ତାଙ୍କୁ ସାଇକେଲ ଶିଖାଇବା ବାହାନାରେ ଜଙ୍ଗଲ ଭିତରକୁ ଡାକିନେଇ ବଳାତ୍କାର ପରେ ହତ୍ୟା କରିଥିଲେ।

### ■ ୫-ଟି ସଚିବଙ୍କ କୋଣାର୍କ ଗସ୍ତ
# ସୂର୍ଯ୍ୟମନ୍ଦିର ବୁଲିଲେ, ବିକାଶ ସଂକ୍ରାନ୍ତ ନକ୍ସା ଦେଖିଲେ

**କୋଣାର୍କ, ୯।୧(ଡି.ଏନ୍.ଏ.)**

ପୁରୀ ଏବଂ ଭୁବନେଶ୍ୱର ପରେ ବିଶ୍ୱ ପ୍ରସିଦ୍ଧ ଐତିହ୍ୟ କୀର୍ତ୍ତିରାଜି କୋଣାର୍କ ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ ଉପରେ ଫୋକସ କରିଛନ୍ତି ରାଜ୍ୟ ସରକାର। ଏ ନେଇ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗୁରୁବାର ପ୍ରତ୍ୟୁଷରୁ ଅଚାନକ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିଛନ୍ତି। ସେ ଏ ସଂକ୍ରାନ୍ତ ନକ୍ସା ଅନୁଧ୍ୟାନ କରିବା ସହ କୋଣାର୍କର ପାରିପାର୍ଶ୍ୱିକ ବିକାଶ ଉପରେ ଗୁରୁତ୍ୱ ଦେଇଛନ୍ତି।

ସୂର୍ଯ୍ୟମନ୍ଦିରର ପାରିପାର୍ଶ୍ୱିକ ବିକାଶ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସହ କୋଣାର୍କକୁ ବିଶ୍ୱରେ ଏକ ସ୍ୱତନ୍ତ୍ର ସହରର ମାନ୍ୟତା ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ଯୋଜନା ପ୍ରସ୍ତୁତ ହୋଇଛି। ଏହାକୁ ଦୃଷ୍ଟିରେ ରଖି ୫-ଟି ସଚିବ ପାଣ୍ଡିଆନ କୋଣାର୍କ ଗସ୍ତରେ ଆସି ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ବେଳାଭୂମି ସମେତ ବିଭିନ୍ନ ସ୍ଥାନ ପରିଦର୍ଶନ କରିଥିଲେ। କୋଣାର୍କର ପାରିପାର୍ଶ୍ୱିକ ବିକାଶ ପାଇଁ ପୂର୍ବରୁ ପ୍ରସ୍ତୁତ କରାଯାଇଥିବା ନକ୍ସାକୁ ସେ ଦେଖିବା ସହ ପୁରୀ ଜିଲାପାଳ ବଳୱନ୍ତ ସିଂ ଏବଂ ପୂର୍ତ୍ତ ବିଭାଗ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାରଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଏଏସ୍ଆଇ ସୁପରିଣ୍ଟେଣ୍ଡେଣ୍ଟ ଅରୁଣ କୁମାର ମଲ୍ଲିକ, କୋଣାର୍କ ଏନ୍ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, କୋଣାର୍କ ଥାନା ଅଧିକାରୀ ସଞ୍ଜୀବ କୁମାର ପ୍ରଧାନ, ଗୋପ ତହସିଲଦାର ପୃଥ୍ୱୀରାଜ ମଣ୍ଡଳଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।


ସୂର୍ଯ୍ୟମନ୍ଦିର ସମ୍ମୁଖ ଅଞ୍ଚଳ ବୁଲି ଦେଖୁଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ ଏବଂ ଅନ୍ୟମାନେ।

### ସୁପ୍ରିମକୋର୍ଟରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ଅଭିଯାନ ମାମଲା
# ଜିଲାପାଳଙ୍କ ବିରୋଧରେ ଅବମାନନା ପିଟିଶନ

**ନୂଆଦିଲ୍ଲୀ,୯।୧**

ପଞ୍ଜାବୀ ମଠର ପୂଜକ ପୁରୀ ଜିଲାପାଳଙ୍କ ବିରୋଧରେ ସୁପ୍ରିମକୋର୍ଟରେ ଏକ ଅଦାଲତ ଅବମାନନା ପିଟିଶନ ଦାଏର କରିଛନ୍ତି। ଜିଲାପାଳ ଜମି ଅଧିଗ୍ରହଣ ଓ ପୁନଃ ଥଇଥାନ ନେଇ ସର୍ବୋଚ୍ଚ ଅଦାଲତଙ୍କ ରାୟର ଅନୁପାଳନ କରିନ ଥିବା ଦର୍ଶାଇ ଉକ୍ତ ପିଟିଶନ ଦାଏର କରାଯାଇଛି।

ଅଦାଲତ ଅବମାନନା ଆବେଦନର ଶୁଣାଣି ଗୁରୁବାର ତିନିଜଣିଆ ଖଣ୍ଡପୀଠରେ ହେବାର ଥିଲା। ହେଲେ ଜଷ୍ଟିସ୍ ଅରୁଣ ମିଶ୍ର, ଇନ୍ଦିରା ବାନାର୍ଜୀ ଏବଂ ଭି. ରାମାସୁବ୍ରମଣ୍ୟମ୍ଙ୍କୁ ନେଇ ଗଠିତ ଖଣ୍ଡପୀଠ ମଧ୍ୟାହ୍ନଭୋଜନ ପରେ ନ ବସିବାରୁ ଏହାର ଶୁଣାଣି ହୋଇପାରିନାହିଁ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ସୁବିଦତ୍ତ ଏମ୍ଏସ୍ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ ଗତବର୍ଷ ଅଗଷ୍ଟ ୨୭ରେ ସୁପ୍ରିମକୋର୍ଟ ଦେଇଥିବା ରାୟକୁ ପୁରୀ ଜିଲାପାଳ ଜାଣିଶୁଣି ଅବମାନନା କରିଛନ୍ତି।



ତେଣୁ ତାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ରୁଜୁ କରାଯାଉ। ଆବେଦନକାରୀ କହିଛନ୍ତି, ପୁନର୍ବାସ ଓ ପୁନଃ ଥଇଥାନ ଆଇନ, ୨୦୧୩ରେ ପ୍ରଦତ୍ତ କ୍ଷତିପୂରଣ ଅଧିକାର ନିୟମ ଅନୁଯାୟୀ ପ୍ରକ୍ରିୟାର ଅନୁସରଣ ନ କରି ଆଇନାନୁସାରେ କୌଣସି ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ବୋଲି ଓଡ଼ିଶା ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡଭୋକେଟ ଜେନେରାଲ ଦର୍ଶାଇଛନ୍ତି। ତେବେ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଇଚ୍ଛାଧୀନ ଭାବେ ସମ୍ପୃକ୍ତ ଆଇନକୁ ମାନିନାହାନ୍ତି। ଏହାସହ ସମ୍ପତ୍ତିଗୁଡ଼ିକୁ ଅତି କମ୍ ଦର (ବଜାର ମୂଲ୍ୟଠାରୁ ଅଧା)ରେ କିଣାଯାଉଥିବା ଆବେଦନକାରୀ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସପ୍ତଗିରି
### ମୌଳିକ ସମସ୍ୟାର ସମାଧାନ ପାଇଁ ରଖିଲେ ଦାବି

**ଭୁବନେଶ୍ୱର, ୯।୧(ବ୍ୟୁରୋ):** କୋରାପୁଟ ଏମ୍ପି ସପ୍ତଗିରି ଉଲ୍ଲାକା ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ନିଜ ସଂସଦୀୟ କ୍ଷେତ୍ର ସମ୍ପର୍କିତ ସମସ୍ୟା ଉପସ୍ଥାପନ କରିଛନ୍ତି। ସେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ୯ ଦଫା ଦାବି ରଖିଥିବା ଜଣାପଡିଛି। ଏହି ଦାବି ସମ୍ପର୍କିତ ଏକ ସ୍ମାରକପତ୍ର ମଧ ଉଲ୍ଲାକାଙ୍କ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଛି। ସାକ୍ଷାତ୍ ପରେ ସପ୍ତଗିରି ନିଜ ଟୁଇଟରରେ ଉଲ୍ଲେଖ କରିଛନ୍ତି ଯେ, ରାୟଗଡାରେ ଜିଲା ମୁଖ୍ୟ ଚିକିତ୍ସାଳୟ ରହିଛି। ଏଥିସହିତ ସରକାରୀ ମେଡିକାଲ କଲେଜ ସ୍ଥାପନ ପାଇଁ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛି। ପଦମପୁର ଏବଂ ବିଷମକଟକ ଦେଇ ଗୁଣୁପୁର-ଥେରୁବାଲି ରେଳ ଲାଇନ, କୋଲାବ ନଦୀ ଉପରେ ରେଳ ତଥା ସଡକ ଓଭରବ୍ରିଜ୍ ନିର୍ମାଣ , ରାୟଗଡା, କୋରାପୁଟ ଏବଂ କାକିରଗୁଡାରେ ବାଇପାସ୍ ନିର୍ମାଣ ପାଇଁ ଦାବି କରିଛି। ସେହିପରି ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା, ସ୍ୱଦେଶ ଦର୍ଶନ ଯୋଜନାରେ କୋରାପୁଟ-ରାୟଗଡାରେ ସ୍ୱତନ୍ତ୍ର ଟୁରିଷ୍ଟ ସର୍କିଟ ସ୍ଥାପନ, ଝୋଡିଆ ସମ୍ପ୍ରଦାୟକୁ ଅନୁସୂଚିତ ଜନଜାତି(ଏସ୍ଟି)ରେ ସ୍ଥାନ ଦେବା ଭଳି ଦାବି ସପ୍ତଗିରି ଉପସ୍ଥାପନ କରିଥିଲେ।

# ମଧ୍ୟାହ୍ନଭୋଜନ ଡାଲମାରେ ବୁଢ଼ିଆଣୀ

**କଟକ ଅଫିସ, ୯।୧**

■ ୫୮ ଛାତ୍ରୀଛାତ୍ର ଅସୁସ୍ଥ, ଶିଶୁଭବନରେ ଭର୍ତ୍ତି
■ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

ମଧ୍ୟାହ୍ନଭୋଜନ ଡାଲମାରେ ବୁଢିଆଣୀ। ବୁଢିଆଣୀ ମିଶା ଡାଲମା ଖାଇ ଅସୁସ୍ଥ ହୋଇଛନ୍ତି ୫୮ ଜଣ ଛାତ୍ରୀଛାତ୍ର। ବାରଙ୍ଗ ବ୍ଲକ ଅଧୀନ ଷଣ୍ଢପୁର ପ୍ରାଥମିକ ବିଦ୍ୟାଳୟରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଅସୁସ୍ଥ ଛାତ୍ରୀଛାତ୍ରଙ୍କୁ ଚିକିତ୍ସା ନିମନ୍ତେ ଶିଶୁଭବନରେ ଭର୍ତ୍ତି କରାଯାଇଛି। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ଗୁରୁତର ଥିବା ଶିଶୁଭବନ ପକ୍ଷରୁ କୁହାଯାଇଛି। ବାକି ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଆପାତତଃ ଭଲ ଥିଲାବେଳେ ସେମାନଙ୍କୁ ଅବ୍ଜରଭେଶନରେ ରଖାଯାଇଥିବା ଶିଶୁଭବନ ଅଧୀକ୍ଷକ ପ୍ରଫେସର ଡା. ସରୋଜ କୁମାର ଶତପଥୀ କହିଛନ୍ତି। ଖବରପାଇ ଜିଲାପାଳ ଭବାନୀ ଶଙ୍କର ଚୟନୀ, କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ ସାମଲ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଜିଲା ଶିଶୁ ମଙ୍ଗଳ କମିଟି, ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ପ୍ରମୁଖ ଶିଶୁଭବନରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। କ'ଣ ପାଇଁ ଏଭଳି ଘଟଣା ଘଟିଲା ତା'ର ତଦନ୍ତ ନିମନ୍ତେ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିକ୍ଷାଧିକାରୀ ଘଟଣାର ତଦନ୍ତ କରି ୭ ଦିନ ଭିତରେ ରିପୋର୍ଟ ଦେବାକୁ କୁହାଯାଇଥିବା ଜିଲାପାଳ ଚୟନୀ କହିଛନ୍ତି।

ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ନରେନ୍ଦ୍ର ବେହେରାଙ୍କ କହିବା ଅନୁଯାୟୀ, ଉକ୍ତ ସ୍କୁଲରେ ମୋଟ୍ ୯୬ ଜଣ ଛାତ୍ରୀଛାତ୍ର ପାଠ ପଢନ୍ତି। ପ୍ରତିଦିନ ଭଳି ଗୁରୁବାର ଅପରାହ୍ନ ସାଢେ ଗୋଟାଏରେ ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ଦିଆଯାଇଥିଲା। ମଧ୍ୟାହ୍ନଭୋଜନରେ ଭାତ, ଡାଲ୍ମା, ଖଟା ପ୍ରସ୍ତୁତ ହୋଇଥିଲା। ତେବେ ମଧ୍ୟାହ୍ନଭୋଜନ ଖାଉଥିବାବେଳେ ପଞ୍ଚମ ଶ୍ରେଣୀର ଜଣେ ଛାତ୍ରୀ ହଠାତ୍ ବାନ୍ତି କରିଥିଲେ। ଏହାପରେ ଜଣେ ପିଲା ଖାଦ୍ୟ ରଖାଯାଇଥିବା ସ୍ଥାନକୁ ଯାଇଥିଲେ। ସେଠାରେ ରଖାଯାଇଥିବା ଡାଲମାରେ ବୁଢିଆଣୀ ପଡ଼ିଥିବା ଦେଖିଥିଲେ। ଏହି ସମୟରେ ଶିକ୍ଷକମାନେ ମଧ ଡାଲମା ଦେଖିବାରୁ ସେଥିରେ ବୁଢିଆଣୀ ପଡ଼ିଥିଲା। ଏହାପରେ ଶିକ୍ଷକମାନେ ବାକି ଛାତ୍ରୀଛାତ୍ରଙ୍କୁ ମଧ୍ୟାହ୍ନଭୋଜନ ଖାଇବାକୁ ନ ଦେଇ ଘରକୁ ପଠାଇଦେଇଥିଲେ। ମାତ୍ର ପଞ୍ଚମ ଶ୍ରେଣୀ ଛାତ୍ରୀ ଜଣଙ୍କ ବାନ୍ତି କରିବା ପରେ ଅନ୍ୟ ପିଲାମାନେ ସମାନ ଧରଣର କଥା କହିଥିଲେ। କାହାର ମୁଣ୍ଡ ବୁଲାଉଥିଲା ତ କାହାର ପେଟ କାଟୁଥିବା ଭଳି ଘଟଣା ସ୍କୁଲରେ ଦେଖିବାକୁ ମିଳିଥିଲା। ଏଭଳି ଘଟଣା ପରେ ୩ଟି ପର୍ଯ୍ୟାୟରେ ମୋଟ୍ ୫୮ ଜଣ ଛାତ୍ରୀଛାତ୍ର ଶିଶୁଭବନରେ ଭର୍ତ୍ତି ହୋଇଥିବା ଜଣାପଡିଛି। ତେବେ ଉକ୍ତ ବିଦ୍ୟାଳୟକୁ ସରକାରଙ୍କ ସହିତ ଚୁକ୍ତି କରିଥିବା ଏକ ବେସରକାରୀ ଅନୁଷ୍ଠାନ ମଧ୍ୟାହ୍ନଭୋଜନ ରୋଷେଇ କରି ଯୋଗାଣ କରିଥାଏ। ଉକ୍ତ ମଧ୍ୟାହ୍ନଭୋଜନର ନମୁନା ଯାଞ୍ଚ କରାଯାଇଛି କି ନାହିଁ ତାହାର ଉତ୍ତରରେ ବାରଙ୍ଗ ବ୍ଲକ ଶିକ୍ଷାଧିକାରୀ ବେହେରା କୁହନ୍ତି, ସବୁଦିନ ପ୍ରଥମେ ପ୍ରଧାନ ଶିକ୍ଷକ ଖାଇବା ପରେ ଛାତ୍ରୀଛାତ୍ରମାନଙ୍କୁ ଖାଇବାକୁ ଦିଆଯାଇଥାଏ। ଗୁରୁବାର ମଧ ମଧ୍ୟାହ୍ନଭୋଜନ ପ୍ରଥମେ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ବେହେରା ଖାଇଥିବା ସେ ସୂଚନା ଦେଇଛନ୍ତି। ତେଣୁ ଖାଦ୍ୟର ମାନ ଉପରେ କୌଣସି ପ୍ରଶ୍ନ ନ ଥିବା ଶିକ୍ଷାଧିକାରୀ କହିଛନ୍ତି। ଜଣେ ପିଲା ବାନ୍ତି କରିବା ଏବଂ ଡାଲମାରେ ବୁଢିଆଣୀ ପଡିଥିବା ଭୟରେ ଅନ୍ୟ ପିଲାମାନେ ମେଡିକାଲକୁ ଆସିଥିବା ଶିକ୍ଷାଧିକାରୀ କହିଛନ୍ତି।


ଜିଲାପାଳ ଭବାନୀ ଶଙ୍କର ଚୟନୀ ଅସୁସ୍ଥ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି।

# କୋଇଲା ବୋଝେଇ ଟ୍ରେନରେ ନିଆଁ


ନିଆଁ ଲାଗିଥିବା କୋଇଲା ବୋଝେଇ ଟ୍ରେନ।

**ନିରାକାରପୁର,୯।୧(ଡି.ଏନ.ଏ.)**

ବ୍ରହ୍ମପୁରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ଚଳନ୍ତା କୋଇଲା ବୋଝେଇ ଟ୍ରେନ୍ ଡବାରେ ଗୁରୁବାର ଅପରାହ୍ନରେ ନିଆଁ ଲାଗିଥିବା ଦେଖାଯାଇଥିଲା। ତେବେ ଲେଭଲ କ୍ରସିଂ ଗେଟ୍ ଜଗୁଆଳିଙ୍କ ଉପସ୍ଥିତ ବୁଦ୍ଧି ଯୋଗୁ ବିଶେଷ କିଛି କ୍ଷତି ହୋଇ ନ ଥିବା ଜଣାପଡିଛି।

ଅପରାହ୍ନ ପ୍ରାୟ ୧ଟା ସମୟରେ ୭୦ ଡବାରେ କୋଇଲା ଭର୍ତ୍ତି ହୋଇଥିବା ଟ୍ରେନଟି ଖୋର୍ଦ୍ଧା ରେଳ ଡିଭିଜନର ଭୂଷଣ୍ଡପୁର ଷ୍ଟେଶନ ଅତିକ୍ରମ କରିଥିଲା। ଏହି ସମୟରେ ଭୂଷଣ୍ଡପୁର ଓ ନିରାକାରପୁର ଷ୍ଟେଶନ ମଧ୍ୟରେ ଥିବା ହରିପୁର ଲେଭଲ କ୍ରସିଂ ଗେଟ୍ ଜଗୁଆଳି ଟ୍ରେନ ଇଞ୍ଜିନ ପାଖରୁ ଗୋଟିଏ ଡବା ଛାଡି ଅନ୍ୟ ଡବାର ଚକା ବ୍ରେକରେ ନିଆଁ ଜଳୁଥିବା ଦେଖିଥିଲେ। ସଙ୍ଗେ ସଙ୍ଗେ ସେ ନାଲି ପତାକା ଦେଖାଇ ବିପଦ ସୂଚନା ଦେଇଥିଲେ। ପଛରେ ଥିବା ଗାର୍ଡ ଏହା ଦେଖି ବ୍ରେକ ମାରିବା ସହ ଚାଳକଙ୍କୁ ଖବର ଦେଇଥିଲେ। ଅନ୍ୟ ଷ୍ଟାଫ୍ଙ୍କ ସହ ଚାଳକମାନେ ଟ୍ରେନରୁ ଓହ୍ଲାଇ ନିଆଁ ଆୟତ୍ତ କରିବାରେ ଲାଗିପଡିଥିଲେ। ପରିସ୍ଥିତି ସ୍ୱାଭାବିକ ହେବାକୁ ପ୍ରାୟ ୫୦ ମିନିଟ ଲାଗିଥିଲା। ପରେ ଟ୍ରେନଟି ଗନ୍ତବ୍ୟ ପଥରେ ଯାତ୍ରା କରିଥିଲା । ଏହା ଦ୍ୱାରା କୋଟି କୋଟି ଟଙ୍କାର କୋଇଲା ପୋଡି ନଷ୍ଟ ହେବାରୁ ରକ୍ଷା ପାଇଯାଇଥିବା କୁହାଯାଉଛି।

## #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ


ରୁବିସ୍ମିତା ପଣ୍ଡା


ଅରୁଣ କୁମାର ବାଘ


ସୌମେଶ କୁମାର ପଣ୍ଡା


ସୀମା ସାହୁ

ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ
plasticfreeodishadht@gmail.com
ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର

# ଶ୍ରୀମନ୍ଦିରରେ ଭକ୍ତଙ୍କୁ ମାଡ଼

**ପୁରୀ ଅଫିସ, ୯।୧:** ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଦିଲ୍ଲୀର ଏକ ପରିବାର (୬ ସଦସ୍ୟ) ଗୁରୁବାର ସନ୍ଧ୍ୟାରେ ଶ୍ରୀମନ୍ଦିରକୁ ଆସିଥିଲେ। ସେମାନେ ସପରିବାର ଦର୍ଶନ କରୁଥିଲେ। ଏହି ସମୟରେ ଜଣେ ସେବାୟତ ଗୁଟ୍ଖା ଖାଇ ତାଙ୍କ ସମ୍ମୁଖରେ ଖୋଳି ଉଡ଼ାଇଥିଲେ। ଏହା ଦେଖି ସମ୍ପୃକ୍ତ ପରିବାରର ଜଣେ ସଦସ୍ୟ ମନ୍ଦିର ଭିତରେ ଠାକୁରଙ୍କ ସମ୍ମୁଖରେ ଗୁଟ୍ଖା କାହିଁକି ଖାଉଛ ବୋଲି କହିଥିଲେ। ଏଥିରେ ସମ୍ପୃକ୍ତ ସେବକ ଉତ୍କ୍ଷିପ୍ତ ହୋଇ ତାଙ୍କୁ ଧକ୍କା ମାରି ବାହାରକୁ ବାହାରିଯିବାକୁ କହିଥିଲେ। ଫଳରେ ସମ୍ପୃକ୍ତ ପରିବାର ବାହାରକୁ ପଳାଇ ଆସିଥିଲେ। ମାଡ଼ ଖାଇଥିବା ବ୍ୟକ୍ତି ଜଣେ ପ୍ରତିଷ୍ଠିତ ବ୍ୟବସାୟୀ। ତାଙ୍କର ଏକ ଫ୍ୟାକ୍ଟ୍ରି ରହିଛି। ତାଙ୍କ ଫ୍ୟାକ୍ଟ୍ରିରେ ୩୦୦ କର୍ମଚାରୀ କାମ କରୁଥିବାବେଳେ ଫ୍ୟାକ୍ଟ୍ରି ଭିତରେ କେହି ପାନ, ଗୁଟ୍ଖା ଖାଇ ନ ଥାନ୍ତି। ମାତ୍ର ଶ୍ରୀମନ୍ଦିର ଭିତରେ ସେବାୟତ ଏବଂ ଅନ୍ୟ କର୍ମଚାରୀମାନେ କିଭଳି ପାନ, ଗୁଟ୍ଖା ଖାଉଛନ୍ତି ବୋଲି ସେ କହିଥିଲେ। ପରେ ସେମାନେ ଶ୍ରୀମନ୍ଦିର ପ୍ରଶାସକଙ୍କ କାର୍ଯ୍ୟାଳୟକୁ ଯାଇ ଓଆଇସି (ନୀତି) ରବୀନ୍ଦ୍ର ନାଥ ଦାସଙ୍କୁ ଅଭିଯୋଗପତ୍ର ଦେଇଥିବା ଜଣାପଡ଼ିଛି। ଏ ସମ୍ପର୍କରେ ଓଆଇସି (ନୀତି)ଙ୍କୁ ପଚାରିବାରେ କହିଛନ୍ତି, ଅଭିଯୋଗ ହୋଇଛି। ତାଙ୍କ ନାମ ସ୍ପଷ୍ଟ ଭାବେ ଜଣାପଡୁ ନାହିଁ। କିନ୍ତୁ ମାଡ଼ ନୁହେଁ, ତାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ସେ ଉଲ୍ଲେଖ କରିଛନ୍ତି। ମନ୍ଦିର ଭିତରେ କେହି ଗୁଟ୍ଖା ଖାଇ ତାଙ୍କ ଆଗରେ ଖୋଳ ଉଡ଼ାଇବାରୁ ଏହି ଘଟଣା ଘଟିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।


## ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବରଗଡ଼

୧. ବିଷାକ୍ତ ଜୀବନାଶକର ସଠିକ ଓ ନିରାପଦ ବ୍ୟବହାର କରନ୍ତୁ ଏବଂ ସୁରକ୍ଷିତ ରୁହନ୍ତୁ।
୨. ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ମାଧମରେ ୬୨ଟି କୃଷି ଭିତ୍ତିକ ପ୍ରକଳ୍ପରେ ୪୦-୫୦% ରିହାତି ପାଆନ୍ତୁ।
୩. ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ ଓ ଅଭିନବ ପରିକଳ୍ପନା ପାଇଁ କୁଶଳୀ କାରିଗରମାନଙ୍କୁ ରାଜ୍ୟ ଓ ଜିଲ୍ଲା ସ୍ତରରେ ସମ୍ମାନ ଓ ପୁରସ୍କାର ବ୍ୟବସ୍ଥା କରାଯାଇଛି। ଅଭିନବ ଯନ୍ତ୍ରପାତି ପାଇଁ ରାଜ୍ୟ ସ୍ତରରେ ୩ଟି ପ୍ରଥମ ପୁରସ୍କାର ଓ ଜିଲ୍ଲା ସ୍ତରରେ (୩ ଜଣ ଜିଲ୍ଲା ପ୍ରତି) ୯୦ଜଣଙ୍କୁ ପୁରସ୍କାର ଦିଆଯିବ। ସେହିପରି ଅଭିନବ ପରିକଳ୍ପନା ପାଇଁ ରାଜ୍ୟ ସ୍ତରରେ ଗୋଟିଏ ଲେଖାଏଁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୁରସ୍କାର ଏବଂ ଜିଲ୍ଲାସ୍ତରରେ (୧ଜଣ ଜିଲ୍ଲା ପ୍ରତି) ୩୦ଜଣଙ୍କୁ ପୁରସ୍କୃତ କରାଯିବ।
୪. କୃଷି ଯାନ୍ତ୍ରିକରଣ ପାଇଁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ତରଫରୁ ସମସ୍ତ କୃଷି ଉପକରଣ ପାଇଁ ୪୦-୫୦% ରିହାତି ବ୍ୟବସ୍ଥା ରହିଛି।
୫. ଠିକ ମାନର ମାଣ୍ଡିଆ ନିକଟସ୍ଥ ମଣ୍ଡିରେ ବିକ୍ରିକରି ସରକାରୀ ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ପାଆନ୍ତୁ। ବରଗଡ଼ ଜିଲ୍ଲାର ୧୦ଗୋଟି PACS (ଏମ. ଶ୍ରୀଗିଡା/ବଡ ବାଉସେନ/କନସିଙ୍ଘା/ବୁଢ଼େନ/ପାଇକମାଳ/ଜାମସେଠ/ଡଭା/ଝାରବନ୍ଧ/କଣ୍ଟାବାହାଲ/କଠଉମାଲ)ରେ ମାଣ୍ଡିଆ କ୍ରୟ କରିବାର ବ୍ୟବସ୍ଥା ରହିଛି।
୬. kalia.co.in Portal ରେ କାଳିଆ ଯୋଜନା ସମ୍ବନ୍ଧିତ ଅଭିଯୋଗ ଦାଖଲ କରନ୍ତୁ।

ସ୍ୱା./-
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ, ବରଗଡ଼



## ସମ୍ବଲପୁରୀ ବସ୍ତ୍ରାଳୟ
### ମକର ଓ ପୋଙ୍ଗଲ ଉପଲକ୍ଷେ ବିଶେଷ ରିହାତି
## ୧୦%+୨୦%
ତା.୧୦।୦୧।୨୦୨୦ ରୁ ତା.୧୫।୦୧।୨୦୨୦ ପର୍ଯ୍ୟନ୍ତ
**ନୂତନ ବସ୍ତ୍ରର ସମ୍ଭାର**
ସମ୍ବଲପୁରୀ, ବମକେଇ, ଖଣ୍ଡୁଆ ଶାଢ଼ୀ, ଟସର ବସ୍ତ୍ର ତଥା ଲୁଙ୍ଗି, ଗାମୁଛା, ବେଡ୍ଶିଟ, ସୁଟ୍ ସେଟ ଇତ୍ୟାଦି।
**ଏହି ରିହାତି ସମ୍ବଲପୁରୀ ବସ୍ତ୍ରାଳୟର ସମସ୍ତ ବିକ୍ରୟ କେନ୍ଦ୍ର, ବିକ୍ରୟ ପ୍ରତିନିଧି ଓ ନିମ୍ନୋକ୍ତ ପ୍ରଦର୍ଶନୀମାନଙ୍କଠାରେ ଉପଲବ୍ଧ ଅଟେ ।**

| ସ୍ଥାନ | ଅବଧି |
|---|---|
| ୧. ବରଗଡ଼ ପ୍ରଦର୍ଶନୀ, ବ୍ଲକ ଅଫିସ ସାମନା, ବରଗଡ଼ | ତା.୨୦।୧୨।୨୦୧୯ ରୁ ତା.୧୫।୦୧।୨୦୨୦ |
| ୨. ଏନ୍.ଏଚ୍ ଏକ୍ସପୋ, ଷ୍ଟଲ ନଂ.୪୨, ବରଗଡ଼ | ତା.୨୮।୧୨।୨୦୧୯ ରୁ ତା.୧୯।୦୧।୨୦୨୦ |
| ୩. ଲାଠ ହାର୍ଡୱାର ସାମନା, ଏନ୍ ଏଚ୍-୬, ବରଗଡ଼ | ତା.୦୧।୦୧।୨୦୨୦ ରୁ ତା.୧୧।୦୧।୨୦୨୦ |
| ୪. କୁଚିଣ୍ଡା ପ୍ରଦର୍ଶନୀ, ପଞ୍ଚମୁଖୀ ଛକ, କୁଚିଣ୍ଡା | ତା.୧୦।୦୧।୨୦୨୦ ରୁ ତା.୧୯।୦୧।୨୦୨୦ |



## ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ ... ଭରସାର ପ୍ରତୀକ !
punjab national bank ...the name you can BANK upon !
ଆସେଟ୍ ରିକଭରୀ ମ୍ୟାନେଜ୍ମେଣ୍ଟ ଶାଖା, ପ୍ଲଟ୍ ନଂ.: ୮୦ଏ/୮୧ଏ, ପ୍ରଥମ ମହଲା, ଲୁଇସ୍ ରୋଡ୍, ଭୁବନେଶ୍ୱର - ୭୫୧୦୦୨, (ଓଡିଶା)

### ଦଖଲ ବିଜ୍ଞପ୍ତି (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଆସେଟ୍ ରିକଭରୀ ମ୍ୟାନେଜ୍ମେଣ୍ଟ ଶାଖା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ** ପକ୍ଷରୁ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟସ୍ ଆଣ୍ଡ ଏନ୍ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନଲିଖିତ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନଲିଖିତ ବକେୟା ରାଶି ନୋଟିସ୍ ପାଇବା ତାରିଖର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା ।

ଋଣଗ୍ରହୀତା/ଜାମିନଦାରମାନଙ୍କୁ ଦେୟ ପଇଠ ନକରିପାରିବାରୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିକୁ ନିମ୍ନଦର୍ଶିତ ତାରିଖରେ କଥିତ ଆଇନର ଧାରା ୧୩ ର ଉପଧାରା ୪ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ଦଖଲକୁ ନେଇଛନ୍ତି ।

କଥିତ ଆକ୍ଟର ଧାରା ୧୩ ର ଉପଧାରା ୮ ଅନୁଯାୟୀ ଋଣଗ୍ରହୀତା/ଜାମିନଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଛି କି ଉପଲବ୍ଧ ସମୟ ପୂର୍ବରୁ ସେମାନଙ୍କର ସୁରକ୍ଷିତ ସମ୍ପତ୍ତି କୁ ବନ୍ଧକ ମୁକ୍ତ କରନ୍ତୁ ।

ବିଶେଷକରି ଋଣଗ୍ରହୀତା/ଜାମିନଦାରମାନଙ୍କୁ ଓ ସର୍ବସାଧାରଣଙ୍କୁ ଏତଦ୍ଦ୍ୱାରା ସତର୍କ କରିଦିଆଯାଉଅଛି ଯେ ସେମାନେ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କଲେ **ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ, ଆସେଟ୍ ରିକଭରୀ ମ୍ୟାନେଜ୍ମେଣ୍ଟ ଶାଖା** ଠାରେ ନିମ୍ନ ଦର୍ଶିତ ଦେୟ ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ ଉତ୍ତରଦାୟୀ ରହିବେ ।

| ଋଣଗ୍ରହୀତାଙ୍କ/ଜାମିନଦାରମାନଙ୍କ ନାମ ଓ ଠିକଣା | ଡିମାଣ୍ଡ/ଦଖଲ ନୋଟିସ୍ ତାରିଖ | ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ସୋନୁ ପ୍ୟାଡି ପ୍ରୋସେସର ପ୍ରା.ଲି.,** ସା: ରସୁଲପୁର, ପୋ.: ଦଳେଇ ସାହି, ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା, ଓଡିଶା, ପିନ୍- ୭୫୨୦୫୫, | ୨୯.୧୧.୨୦୧୬ / ୦୬.୦୧.୨୦୨୦ | ଟ.୨,୨୮,୨୬,୦୪୬/- +ତା. ୩୧.୧୦.୨୦୧୬ଠାରୁ ସେବାବଦ ପରବର୍ତ୍ତି ସୁଧ ଏବଂ ଅନ୍ୟାନ୍ୟ ଦେୟ | **ଶ୍ରୀମତୀ ନସିମ ଆରା ବେଗମ୍, ସ୍ୱାମୀ: ମହମ୍ମଦ ସୁଲତାନ୍ ହକ୍ଙ୍କ** ନାମରେ ଥିବା ଜମି ଏବଂ ଗୃହ ସମ୍ପତ୍ତି ଯାହାର ମୌଜା: ଜାଜରସିଂହ, ଥାନା/ତହସିଲ: ଖୋର୍ଦ୍ଧା, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୬୪୮/୧୦୧୮, ପ୍ଲଟ୍ ନଂ.: ୨୬୪୮/୪୦୦୨, କ୍ଷେତ୍ର: ଏକର ୦.୦୮୦ ଡିସିମିଲି, କିସମ: ଘରବାରି। |

**ନିର୍ଦ୍ଦେଶକମାନେ : ୧) ଶ୍ରୀ ମିର୍ଜା ଆଫ୍ରୋଜ ଅଲ୍ଲି ବେଗ୍,** ପିତା: ମିର୍ଜା ଅମଜାଦ ଅଲ୍ଲି ବେଗ୍, ସା: ଦଳେଇ ସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ,ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ଓଡିଶା, **୨) ଶ୍ରୀ ପ୍ରଶାନ୍ତ କୁମାର ଶତପଥୀ,** ପିତା: ଗୋପିନାଥ ଶତପଥୀ, ସା: ମେନ୍ ରୋଡ୍, ଗାନ୍ଧୀ ମାର୍କେଟ ଲେନ୍, ପୋ./ଥାନା: ନୟାଗଡ, ଜିଲ୍ଲା: ନୟାଗଡ- ୭୫୨୦୬୯, ଓଡିଶା / **ଜାମିନ୍ଦାରମାନେ: ୧) ଶ୍ରୀ ମିର୍ଜା ଆଫ୍ରୋଜ ଅଲ୍ଲି ବେଗ୍,** ପିତା: ମିର୍ଜା ଅମଜାଦ ଅଲ୍ଲି ବେଗ୍, ସା: ଦଳେଇ ସାହି, ପୋ: ମାଣିକଗୋଡା, ଥାନା: ବୋଲଗଡ,ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬, ଓଡିଶା, **୨) ଶ୍ରୀ ପ୍ରଶାନ୍ତ କୁମାର ଶତପଥୀ,** ପିତା: ଗୋପିନାଥ ଶତପଥୀ, ସା: ମେନ୍ ରୋଡ୍, ଗାନ୍ଧୀ ମାର୍କେଟ ଲେନ୍, ପୋ./ଥାନା: ନୟାଗଡ, ଜିଲ୍ଲା: ନୟାଗଡ-୭୫୨୦୬୯, ଓଡିଶା, **୩) ଶ୍ରୀମତୀ କୁମୁଦିନି ଶତପଥୀ,** ସ୍ୱାମୀ: ଗୋପିନାଥ ଶତପଥୀ, ସା: ମେନ୍ ରୋଡ୍, ଗାନ୍ଧୀ ମାର୍କେଟ ଲେନ୍, ପୋ./ଥାନା: ନୟାଗଡ, ଜିଲ୍ଲା: ନୟାଗଡ: ୭୫୨୦୬୯, ଓଡିଶା, **୪) ନସିମ୍ ଆରା ବେଗମ,** ସ୍ୱାମୀ: ମହମ୍ମଦ ସୁଲତାନ ହକ, ସା/ପୋ: କେରଙ୍ଗ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୫୫, ଓଡିଶା, **୫) ନୁରଜାହାନ ବେଗମ ଓରଫ୍ ବିବି,** ସ୍ୱାମୀ: ହବିବୁର ରହମାନ ବେଗମ, ସା/ପୋ: ସିନ୍ଦୁରିଆ, ଜିଲ୍ଲା: ନୟାଗଡ-୭୫୨୦୬୯, ଓଡିଶା, **୬) ଅନୱର ଅଲ୍ଲି,** ପିତା: ରମଜାନ୍ ଅଲ୍ଲି, ସା/ପୋ: ସିନ୍ଦୁରିଆ, ଜିଲ୍ଲା: ନୟାଗଡ଼ ।

ତାରିଖ: ୦୯.୦୧.୨୦୨୦, ସ୍ଥାନ: ଭୁବନେଶ୍ୱର — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କ



ଯେଉଁ ଲୋକ ତୁମ ଜୀବନର ସବୁକଥା ଜାଣିବାକୁ ବରାବର ଚେଷ୍ଟା କରୁଛି, ତା' ଉଦ୍ଦେଶ୍ୟ ବିଷୟରେ ପ୍ରଥମରୁ ସନ୍ଦିହାନ ହେବା ଉଚିତ।
-କଲମ୍ବସ୍



## ସଂକ୍ଷେପରେ

### ଜନତା ହାଇସ୍କୁଲରେ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା

**ଚଣ୍ଡିଖୋଲ,୯।୧(ଡି.ଏନ.ଏ):** ବଡ଼ଚଣା ବ୍ଲକ ବନ୍ତଳାସ୍ଥିତ ଜନତା ସରକାରୀ ହାଇସ୍କୁଲରେ ଦୁଇଦିନ ଧରି ଅନୁଷ୍ଠିତ ହେବାକୁ ଥିବା ବାର୍ଷିକ କ୍ରୀଡା ପ୍ରତିଯୋଗିତା ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ହାଇସ୍କୁଲର ଖେଳ ପଡିଆରେ ଅନୁଷ୍ଠିତ ବାର୍ଷିକ କ୍ରୀଡା ପ୍ରତିଯୋଗିତାକୁ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। କ୍ରୀଡା ପ୍ରତିଯୋଗିତାରେ ଲମ୍ବ ଡିଆଁ, ଉଚ୍ଚ ଡିଆଁ, ପୁଚି, ଦଉଡି ଡିଆଁ, ଦୌଡ ଆଦି ଖେଳ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ବୀଣାପାଣି ସ୍ୱାଇଁ ଖେଳ ପରିଚାଳନା କରିଥିବା ବେଳେ ଶିକ୍ଷକ ଶରତ କୁମାର ସେଠୀ, ସଚ୍ଚିଦାନନ୍ଦ ପଣ୍ଡା, ହିମାଂଶୁ ରାଉତ, ସ୍ୱର୍ଣ୍ଣମୟୀ ନାୟକ, ବିଷ୍ଣୁଚରଣ କବି, ଅନୁସୂୟା ଜେନା, ପ୍ରିୟରଞ୍ଜନ ପଣ୍ଡା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ୧୪ ବର୍ଷରୁ କମ୍ ରାଜ୍ୟ ବାଳିକାବାଳକ ଦଳରେ ଯାଜପୁରରୁ ଦିବ୍ୟକଲ୍ୟାଣୀ, ସାହିଲ

**ରସୁଲପୁର,୮।୧(ଡି.ଏନ୍.ଏ.):** ଯାଜପୁର ଜିଲା କବାଡ଼ି ମାଟି ଭାବରେ ପରିଚିତ। ଏହି ଜିଲାରୁ କବାଡ଼ିରେ ବିଦ୍ୟାଳୟସ୍ତରରୁ ଆରମ୍ଭ କରି ସନିୟର ମହିଳା ଓ ପୁରୁଷ ଦଳରେ ବହୁ ପ୍ରତିଭାବାନ୍ ଖେଳାଳି ଜାତୀୟସ୍ତରରେ ନାଁ କରିଛନ୍ତି। କବାଡି ଖେଳାଳି ରଶ୍ମିତା ସାହୁ ଭାରତ ମହିଳା କବାଡ଼ି ଦଳରେ ସାମିଲ ହେବାଠାରୁ ଆରମ୍ଭ କରି ଜାତୀୟ ରେଫରୀ ଭାବରେ ଗୌରବ ଅର୍ଜନ କରିଥିବା ମନୋସ୍ୱିନୀ ସାହୁଙ୍କ ପର୍ଯ୍ୟନ୍ତ ହେଉଛି ଏହାର ଜ୍ୱଳନ୍ତ ପ୍ରମାଣ। ତେବେ ଜାତୀୟସ୍ତରରେ ୧୪ବର୍ଷରୁ କମ୍ ବାଳିକାବାଳକ ବିଭାଗର କବାଡ଼ି ପ୍ରତିଯୋଗିତା ପାଇଁ ଯାଜପୁର ଜିଲା ରସୁଲପୁର ବ୍ଲକ ଅଧିନସ୍ଥ ଖଣ୍ଡିତର ସରକାରୀ ଉଚ୍ଚବିଦ୍ୟାଳୟର ୮ମ ଶ୍ରେଣୀ ଛାତ୍ରୀ ଦିବ୍ୟକଲ୍ୟାଣୀ ପଣ୍ଡା ଓଡ଼ିଶା ବାଳିକା ଦଳ ଏବଂ ସୂର୍ଯ୍ୟନାରାୟଣ ଉଚ୍ଚବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର ଏସ୍.କେ ସାହିଲ ବାଳକ ଦଳ ପାଇଁ ମନୋନୀତ ହୋଇଛନ୍ତି। ଏହି ଖବର ଯାଜପୁର ଜିଲା ପାଇଁ ଗୌରବ ଆଣି ଦେଇଛି। ଆସନ୍ତା ୧୨ତାରିଖରେ ଛତିଶଗଡ଼ର ଦୁର୍ଗଠାରେ ଏହି ଜାତୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ।

### ସାଧାରଣତନ୍ତ୍ର ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା

**ଯାଜପୁର ଟାଉନ,୯।୧(ଡିଏନଏ):** ସାଧାରଣତନ୍ତ୍ର ଦିବସ ପାଳନ ଉପଲକ୍ଷେ ଯାଜପୁର ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଯାଜପୁର ଜିଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି। ଏଥିରେ ବିଭିନ୍ନ ଶିକ୍ଷାବିତ୍, ଶିକ୍ଷକ ପ୍ରମୁଖ ବିଚାରକଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଦକ୍ଷତା ଆଧାରରେ ପ୍ରତିଯୋଗିତା କରାଇ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବାଛିଥିଲେ। ଏ ସମସ୍ତ ପ୍ରତିଯୋଗୀଙ୍କୁ ସାଧରଣତନ୍ତ୍ର ଦିବସରେ ପୁରସ୍କୃତ କରାଯିବ। ତେଣୁ ବାଳାଶ୍ରମ ପଡିଆରେ ଅନୁଷ୍ଠିତ ହେବାକୁ ଥିବା ଉତ୍ସବରେ ସମସ୍ତ ପ୍ରତିଯୋଗୀ ଯୋଗଦାନ କରିବା ପାଇଁ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅନୁରୋଧ କରିଛନ୍ତି। ସାଧାରଣତନ୍ତ୍ର ଦିବସର ମୁଖ୍ୟ ଅତିଥି ଉପରୋକ୍ତ ପ୍ରତିଯୋଗୀଙ୍କୁ ସେଠାରେ ପୁରସ୍କୃତ କରିବେ।

### ମୃତ ଛାତ୍ରଙ୍କ ପରିବାରକୁ ସହାୟତା

**କୋରେଇ,୯।୧(ସ୍ୱ.ପ୍ର):** ପାଣିକୋଇଲି ଥାନା ଜହ୍ନା ପଞ୍ଚାୟତ କୁରୁପଦା ଗ୍ରାମରେ ସୋମବାର ଘଟକେଶ୍ୱର ନୋଡାଲ ୟୁପି ସ୍କୁଲର ୪ର୍ଥ ଶ୍ରେଣୀର ଛାତ୍ର ତଥା ସେହି ଗ୍ରାମର ସ୍ୱର୍ଗତ ଶଶିକାନ୍ତ ଦାସ ଓ ସୁଲୋଚନା ଦାସଙ୍କ ସାନପୁଅ ରାକେଶ (୧୦) ଏକ ସାଇକେଲ ଯୋଗେ ସ୍କୁଲରୁ ଘରକୁ ଫେରୁଥିବାବେଳେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ। ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନାଙ୍କ ନେତୃତ୍ୱରେ ଦୁର୍ଘଟଣା ଘଟାଇଥିବା ଟ୍ରକ ମାଲିକଙ୍କ ସହ ଆଲୋଚନା କରି ଆମ ପୋଲିସ ସଦସ୍ୟ ସୁବାସ ଧଳ, ତାରିଣୀ କୁମାର ପଟ୍ଟନାୟକ, ପ୍ରଫୁଲ୍ଲ କୁମାର ଦାସ, ଶ୍ରମିକ ନେତା ରଘୁନାଥ ମାଝୀ ପ୍ରମୁଖ କୁରୁପଦା ଗ୍ରାମକୁ ଯାଇ ମୃତକଙ୍କ ପରିବାରକୁ ୨୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ରାଜସ୍ୱ ମନ୍ତ୍ରୀଙ୍କ ନଗଡ଼ା ଗସ୍ତ

**କାଳିଆପାଣି,୯।୧(ଡିଏନଏ)**

ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଗୁରୁବାର ସକାଳେ ନଗଡ଼ା ଗସ୍ତ କରି ସେଠାକାର ସ୍ଥିତି ପରିଖି ଥିଲେ। ବୁଧବାର କାଳିଆପାଣିରେ ଚାଲିଥିବା ସୌରିକ ମହୋତ୍ସବ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଖଣି ନିଗମ ଅତିଥିଶାଳାରେ ରାତ୍ରିଯାପନ କରିଥିଲେ। ରାଜସ୍ୱ ମନ୍ତ୍ରୀ ନଗଡ଼ାଗସ୍ତ ପୂର୍ବରୁ କୁସୁମୁଣ୍ଡିଆ ଗ୍ରାମକୁ ଯାଇ ବାଡିବଗିଚା କାର୍ଯ୍ୟ ଦେଖିଥିଲେ। ଏହାପରେ ମନ୍ତ୍ରୀ ତଳ ନଗଡ଼ାରେ ପହଞ୍ଚି ଜୁଆଙ୍ଗ ଜନଜାତି ଲୋକଙ୍କ ସହିତ ଆଲୋଚନା କରିଥିଲେ। ଜମିପଟ୍ଟା, ସମସ୍ତଙ୍କୁ ଖାଦ୍ୟ ସାମଗ୍ରୀ, ପାନୀୟ ଜଳ, ଭତ୍ତା, ଆବାସ ଯୋଜନାରେ ଗୃହ ଓ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାର୍ଯ୍ୟ ମିଳୁଛି କି ନାହିଁ ଆଦି ସମ୍ପର୍କରେ ଆଲୋଚନା କରି ଜାଣିବାକୁ ଚାହିଁଥିଲେ। ସ୍ୱୟଂସହାୟକ ଗୋଷ୍ଠୀ, ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଅଙ୍ଗନୱାଡି କାର୍ଯ୍ୟକ୍ରମ ଦ୍ୱାରା ମାତୃ ଓ ଶିଶୁ ସୁରକ୍ଷା ସମ୍ପର୍କରେ ମହିଳାଙ୍କ ସହିତ ଆଲୋଚନା କରିଥିଲେ। ସେହିପରି ଜୁଆଙ୍ଗମାନେ କିପରି ଆତ୍ମନିର୍ଭରଶୀଳ ହେବେ, ସେମାନଙ୍କ କୌଳିକ ବୃତ୍ତି ଥିବା ବାଉଁଶଜାତ ସାମଗ୍ରୀ ନିର୍ମାଣ ପାଇଁ ପ୍ରୋତ୍ସାହନ ପ୍ରଦାନ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିବା ସହିତ ପ୍ରତ୍ୟେକ ପରିବାରରୁ ପିଲାମାନେ ସ୍କୁଲ ଯାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ମନ୍ତ୍ରୀଙ୍କ ଏହି ନଗଡ଼ା ଗସ୍ତରେ ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡେଇଙ୍କ ସହିତ ସୁକିନ୍ଦା ବ୍ଲକ ଅଧ୍ୟକ୍ଷା ପଦ୍ମାବତୀ ଜେନା, ଉପାଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ପୂର୍ବତନ ଉପାଧ୍ୟକ୍ଷ ବିବେକାନନ୍ଦ ବୋଷ ପ୍ରମୁଖ ଉପସ୍ଥିତ ଥିଲେ।

### ମା'ଖଣ୍ଡୁରାଇ ନୂତନ ପୀଠ ଉଦ୍‌ଘାଟିତ

ସୁକିନ୍ଦାର ଅଧିଷ୍ଠାତ୍ରୀ ଦେବୀ ମା'ଖଣ୍ଡୁରାଇ ପୀଠର ନୂତନ ଆସ୍ଥାନ, ଗୃହ ଓ ସଂଯୋଗୀକରଣ ରାସ୍ତାକୁ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ଏହି ଅବସରରେ ଉଦ୍‌ଘାଟନ କରିଥିଲେ। ଟାଟାଷ୍ଟିଲ ଦ୍ୱାରା ନିର୍ମିତ ଏହି କାର୍ଯ୍ୟର ଉଦ୍‌ଘାଟନ ସମୟରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ, ବିଧାୟକ ପ୍ରୀତିରଞ୍ଜନ ଘଡେଇ, ସୁକିନ୍ଦା ରାଜା ଭୂଦେବ ଭୂପତିହରିଚନ୍ଦନ ମହାପାତ୍ର ଉପସ୍ଥିତ ଥିଲେ। ସୁକିନ୍ଦା ରାଜବଂଶ ସହିତ ମା'ଖଣ୍ଡୁରାଇ ପୀଠ ଭାବାବେଗର ସମ୍ପର୍କ ଥିବା ରାଜା ଏହି ଅବସରରେ ପ୍ରକାଶ କରିଥିଲେ।

### ରୀନାଙ୍କୁ କଲେ ପୋଷ୍ୟ ସନ୍ତାନ

ତଳ ନଗଡାର ବୁଲୁ ପ୍ରଧାନଙ୍କ ବର୍ଷକର ଝିଅ ରୀନାଙ୍କୁ ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ପୋଷ୍ୟ ସନ୍ତାନ ଭାବେ ଗ୍ରହଣ କରିଥିଲେ। ମନ୍ତ୍ରୀ ରୀନାଙ୍କୁ କୋଳେଇ ନେଇ ତାଙ୍କର ସମସ୍ତ ଦାୟିତ୍ୱ ନିଜେ ନେବେ ବୋଲି ଘୋଷଣା କରିଥିଲେ। ରୀନାଙ୍କ ପାଠ ପଢ଼ିବା ଓ ବଢ଼ିବାର ସମସ୍ତ ଦାୟିତ୍ୱ ସେ ନେଲେ ବୋଲି କହିବା ସହିତ ଜୁଆଙ୍ଗ ସମ୍ପ୍ରଦାୟର ସମସ୍ତ ଛାତ୍ରୀଛାତ୍ରଙ୍କୁ ସାଙ୍ଗରେ ଧରି ଆମେ ପଢ଼ିବା, ଆମେ ଗଢ଼ିବା ନାରା ଦେଇଥିଲେ। ଆସନ୍ତା ଫେବୃୟାରୀରେ ସେ ପୁଣି ନଗଡ଼ା ଆସି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରିବା ସହିତ ରୀନାଙ୍କୁ ଦେଖା କରିବେ ବୋଲି କହିଥିଲେ।



### ଅତିଥି ଭବନରେ ସମୀକ୍ଷା

ନଗଡାରୁ ଫେରି ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ଓଡ଼ିଶା ଖଣି ନିଗମ ଅତିଥି ଭବନ ସଭାଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନଗଡାରେ ଚାଲିଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଜୁଆଙ୍ଗଙ୍କ ପାଇଁ ଗ୍ରହଣ କରାଯାଇଥିବା ଜୀବନଜୀବିକା କାର୍ଯ୍ୟକ୍ରମରେ ଅଧିକ ରୋଜଗାର ପାଇଁ ହଳଦୀ, ଅଦା, କୁକୁଡା, ଛେଳି, ମହୁ, ସୋରିଷ, ସପୁରି ସହିତ ବିଭିନ୍ନ ପ୍ରକାରର ଫଳଚାଷ କରିବା ପାଇଁ ମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ୧୩ କୋଟି ବ୍ୟୟରେ ନିର୍ମିତ ହୋଇଥିବା ନଗଡ଼ା ରାସ୍ତା ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ବୋଲି କହିଥିଲେ। ଜଙ୍ଗଲ ବିଭାଗର ଅନୁମତି ମିଳୁ ନ ଥିବାରୁ ପିଚୁ କି କଂକ୍ରିଟ ରାସ୍ତା ନିର୍ମାଣ ହୋଇପାରୁନାହିଁ ବୋଲି ଜିଲାପାଳ କହିଥିଲେ। ବୈଠକରେ ଉପସ୍ଥିତ ସହକାରୀ ବନ ସଂରକ୍ଷକ ଶରତ କୁମାର ସାହୁ ଗ୍ରାମ ଉନ୍ନୟନ ବିଭାଗ ପୂର୍ବ ଅନୁମତି ଆଧାରରେ ରାସ୍ତା କାର୍ଯ୍ୟ କରିପାରିବ ବୋଲି କହିଥିଲେ। ନଗଡ଼ାରେ ଜଣେ ଡିଲର ନିଯୁକ୍ତ କରାଯାଇ ଖାଦ୍ୟ ସୁରକ୍ଷା ଯୋଜନାରେ ଖାଦ୍ୟ ସାମଗ୍ରୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ନଗଡାରେ ନର୍ସ ଓ ଫାର୍ମାସିଷ୍ଟ ନିଯୁକ୍ତି ଦେବାକୁ ଜିଲାପାଳଙ୍କୁ କହିଥିଲେ। ବୈଠକ ଚାଲୁଥିବା ସମୟରେ ଦାନଗଦି ଓ ସୁକିନ୍ଦା ବ୍ଲକର ଜନପ୍ରତିନିଧିଙ୍କ ସହିତ ବହୁ ବୁଦ୍ଧିଜୀବୀ ୩ ଦଫା ଦାବି ନେଇ ରାଜସ୍ୱ ମନ୍ତ୍ରୀଙ୍କୁ ଭେଟିଥିଲେ। କଳିଙ୍ଗନଗରରେ ଶହେ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ପ୍ରତିଷ୍ଠା ପାଇଁ ଜିଲା ପ୍ରଶାସନ ଜମି ଯୋଗାଇ ଦେଉ ନ ଥିବା ଅଭିଯୋଗ କରିଥିଲେ। ଅକ୍ଟୋବର ୨, ୨୦୧୯ ସୁଦ୍ଧା ସୁକିନ୍ଦା ବ୍ଲକର ଏକ ହଜାରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମି ପଟ୍ଟା ବଣ୍ଟନ କରିବାକୁ ଜିଲାପାଳ ଘୋଷଣା କରିଥିଲେ। ମାତ୍ର ୪ମାସ ପରେ ବି ଜମି ପଟ୍ଟା ପ୍ରଦାନ ହୋଇ ନ ଥିବାରୁ ଆବାସ ଯୋଜନାରେ ଗୃହ ନିର୍ମାଣ ହୋଇ ପାରୁନାହିଁ ବୋଲି ସେମାନେ ଅଭିଯୋଗ କରିଥିଲେ। ୧୧୭ କୋଟି ବ୍ୟୟରେ ଟମକା-ମଙ୍ଗଳପୁର ରାସ୍ତା ନିର୍ମାଣ ପାଇଁ ଆଦ୍ୟାବଧି ଜମି ଅଧିଗ୍ରହଣ ହୋଇ ନ ଥିବାରୁ ଏହି ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଯାହାକୁ ନେଇ ସେମାନେ ଜିଲା ପ୍ରଶାସନକୁ ଦାୟୀ କରି ରାଜସ୍ୱ ମନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ୩ଟି ଅଭିଯୋଗର ସଙ୍ଗେ ସଙ୍ଗେ ସମାଧାନ ଦାବି କରି ସେମାନେ ସମୀକ୍ଷା ବୈଠକରେ ତଳେ ଧାରଣାରେ ବସିଥିଲେ। ମନ୍ତ୍ରୀ ଓ ବିଧାୟକ ଏହି ଘଟଣାରେ ହସ୍ତକ୍ଷେପ କରି ବିଭାଗୀୟ ଅଧିକାରୀଙ୍କଠାରୁ ଉତ୍ତର ଚାହିଁଥିଲେ। ମାତ୍ର ବିଭାଗୀୟ ଅଧିକାରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ପାଇ ଉଭୟେ ବିରକ୍ତି ପ୍ରକାଶ କରିଥିଲେ। ୭ଦିନ ଭିତରେ ଇଏସ୍‌ଆଇ ଡାକ୍ତରଖାନା ନିମନ୍ତେ ଜମି ଚିହ୍ନଟ କରି ଜିଲାପାଳ ରାଜସ୍ୱ ମନ୍ତ୍ରୀଙ୍କୁ ଜଣାଇବେ ବୋଲି କହିଥିଲେ। ସେହିପରି ମାସେ ମଧ୍ୟରେ ଜମି ପଟ୍ଟା ପ୍ରଦାନ କରିବାକୁ ଜିଲା ମଙ୍ଗଳ ଅଧିକାରୀ ଚେତନା ସେଠୀ ଓ ସୁକିନ୍ଦା ତହସିଲଦାର ବିଶ୍ୱଜିତ ଦାସ ମନ୍ତ୍ରୀଙ୍କୁ କହିଥିଲେ। ଟମକା-ମଙ୍ଗଳପୁର ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବାକୁ ଜିଲାପାଳ କହିଥିଲେ। ସମୀକ୍ଷା ବୈଠକରେ ରାଜସ୍ୱ ମନ୍ତ୍ରୀ, ସ୍ଥାନୀୟ ବିଧାୟକଙ୍କ ସହିତ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଡିଏମ୍‌ଏଫ୍‌ର ପିଏମ୍‌ୟୁ ମୁଖ୍ୟ କୁମାର ଶୁଭାଶିଷ, ଗ୍ରାମ ଉନ୍ନୟନ ବିଭାଗ, ଗ୍ରାମ୍ୟ ପାନୀୟ ଜଳ ଓ ପରିମଳ ବିଭାଗ, ଜଙ୍ଗଲ ବିଭାଗ, ଉଦ୍ୟାନ ବିଭାଗ, ସ୍ୱାସ୍ଥ୍ୟ ଓ ଜୀବିକା ମିଶନର ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



## ମହିଳା ମହାସଂଘର ତାଲିମ ଶିବିର



ଶିବିରରେ ତାଲିମ ନେଉଥିବା ମହିଳା।

**ଡୁବୁରୀ,୯।୧(ଡିଏନଏ)**

ଦାନଗଦୀ ବ୍ଲକ ଗୋବର୍ଦ୍ଧନପୁର ପଞ୍ଚାୟତ ମହିଳା ମହାସଂଘ ଆନୁକୂଲ୍ୟରେ ପଞ୍ଚାୟତର ସମସ୍ତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟଙ୍କୁ ନେଇ ଏକ ତାଲିମ ଶିବିର ଆୟୋଜିତ ହୋଇଛି। ଏହି ଶିବିର ଚଳିତ ମାସ ଶେଷ ପର୍ଯ୍ୟନ୍ତ ଚାଲିବ ବୋଲି ଜଣାଯାଇଛି। ଗୋବର୍ଦ୍ଧନପୁର ମହିଳା ମହାସଂଘ ଅଧୀନରେ ୧୨୬ଟି ସ୍ୱୟଂ ସହାୟକ ଗୋଷ୍ଠୀ କାର୍ଯ୍ୟ କରୁଛନ୍ତି। ମୋଟ ୧୩୨୦ ଜଣ ସଭ୍ୟ ଥିବା ଏହି ମହାସଂଘକୁ ୯ଟି ଆଞ୍ଚଳିକ ମଞ୍ଚରେ ବିଭକ୍ତ କରାଯାଇ ତାମିଲ କାର୍ଯ୍ୟକ୍ରମ କରାଯାଇଥିବା ବ୍ଲକ ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରଥମ ପର୍ଯ୍ୟାୟରେ ମା' ଦୁର୍ଗତିନାସିନୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ତାଲିମ ନେଉଛନ୍ତି। ଶିବିରରେ ମୁଖ୍ୟତଃ କିପରି ମହିଳା ସ୍ୱାବଲମ୍ବୀ ହୋଇପାରିବେ, ନାରୀ ସଶକ୍ତୀକରଣ, ଖାଦ୍ୟ ସଚେତନତା, ସ୍ୱାସ୍ଥ୍ୟ ସଚେତନତା, ଗୋଷ୍ଠୀର ନିୟମାବଳୀ, ପୁଅ ଝିଅଙ୍କ ମଧ୍ୟରେ ଥିବା ଲିଙ୍ଗଗତ ପ୍ରଭେଦ ଚିରସ୍ଥାୟୀ ଜୀବିକା ବିକାଶର ଯୋଗାଯୋଗ, ମହାସଂଘ ଋଣ ଆଦି ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ମା ଦୁର୍ଗତୀନାସିନୀ ଆଞ୍ଚଳିକ ମଞ୍ଚର ସିଆରପି କନକବାଳା ବାରିକ, ଏମ୍‌ବିକେ ପାରମାଣିକ ସାହୁ ଏବଂ ପ୍ରଶିକ୍ଷକ ଭାବେ ସସ୍ମିତ ମିଶ୍ର ଯୋଗଦେଇ ଶିବିରକୁ ପରିଚାଳନା କରିଥିଲେ।

## ବିରଜା ମନ୍ଦିରରେ ମାଗଣା ସମୂହ ବିବାହ ବ୍ୟବସ୍ଥା

**ଯାଜପୁର ଟାଉନ,୯।୧(ଡିଏନଏ)**

ସାଧାରଣତଃ ବିବାହ ସମୟରେ ଭୋଜିଭାତ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଅର୍ଥ ଖର୍ଚ୍ଚ କରାଯାଇଥାଏ। ମନ୍ଦିରରେ ଏ ପ୍ରକାର ବିବାହରେ ଯଦିଓ ଖର୍ଚ୍ଚ କମ ହୋଇଥାଏ ତେବେ ଏମିତି ପରିବାର ଅଛନ୍ତି ଯେଉଁମାନେ ମନ୍ଦିରରେ ମଧ ବିବାହ କାର୍ଯ୍ୟ କରିବା ପାଇଁ ଅସମର୍ଥ ଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ଯାଜପୁର ସହରର ପ୍ରଭାତୀ ପଣ୍ଡା ନାମକ ଜଣେ ସାମାଜିକ କର୍ମୀ ନିଜସ୍ୱ ଖର୍ଚ୍ଚରେ ଅଭାବୀ ପରିବାରର ପୁଅ ଝିଅଙ୍କୁ ବିବାହ କରାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ୨୯ ତାରିଖ ବୁଧବାର ପୂର୍ବାହ୍ନରେ ମା' ବିରଜାଙ୍କ ମନ୍ଦିର ପରିସରରେ ଏଭଳି ସମୂହ ବିବାହ କାର୍ଯ୍ୟକ୍ରମ କରିବା ପାଇଁ ଯାଉଛନ୍ତି। ଯେଉଁବ୍ୟକ୍ତି ମାଗଣାରେ ଏହି ସମୂହ ବିବାହ କାର୍ଯ୍ୟରେ ନିଜ ପିଲାଙ୍କୁ ସାମିଲ କରିବାକୁ ଚାହୁଁଛନ୍ତି, ସମ୍ପୃକ୍ତ ପରିବାରର ମୁରବୀ ବା ବିବାହ କରିବାକୁ ଚାହୁଁଥିବା ଯୁବତୀଯୁବକମାନେ ପଣ୍ଡାଙ୍କ ସହିତ ୭୭୮୮୪୧୮୨୬ ନମ୍ବରରେ ଯୋଗାଯୋଗ କରିବାକୁ ନିବେଦନ କରିଛନ୍ତି। ଏହି ସମୂହ ବିବାହ କାର୍ଯ୍ୟରେ ମନ୍ଦିରରେ ପଞ୍ଜୀକରଣଠାରୁ ଆରମ୍ଭ କରି କୋର୍ଟରେ ରେଜେଷ୍ଟ୍ରୀ ବାବଦକୁ ଏବଂ ବିବାହ ପାଇଁ ବିଭିନ୍ନ ଉପକରଣ ଓ ଲୁଗାପଟା ସମସ୍ତ ଖର୍ଚ୍ଚ ପଣ୍ଡା ନିଜେ ବହନ କରିବେ ବୋଲି କହିଛନ୍ତି। କେବଳ ସେତିକି ନୁହେଁ, ପ୍ରତ୍ୟେକ ପରିବାରରୁ ସର୍ବାଧିକ ୧୦ଜଣଙ୍କ ପାଇଁ ବିବାହ କାର୍ଯ୍ୟକ୍ରମ ପରେ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯିବ ବୋଲି ମଧ ପଣ୍ଡା ସୂଚନା ଦେଇଥିଲେ। ଉପରୋକ୍ତ ତାରିଖର ସର୍ବନିମ୍ନ ୧ ସପ୍ତାହ ପୂର୍ବରୁ ତାଙ୍କ ସହିତ ଯୋଗାଯୋଗ କରିବାକୁ ସେ ଜଣାଇଛନ୍ତି।

## ପୃଥକ୍ ସ୍ଥାନରେ ୨ ଦୁର୍ଘଟଣା: ଜଣେ ମୃତ, ଜଣେ ଗୁରୁତର

**ବରୀ/ରତ୍ନଗିରି,୯।୧ (ସ୍ୱ.ପ୍ର/ଡିଏନଏ)**

ବରୀ- କଳାମାଟିଆ ରାସ୍ତାରେ ଗୁରୁବାର ଅପରାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଜଣାଯାଇଛି ଯେ, ରାସ୍ତାର କଳାମାଟିଆ ମେଡିକାଲ ଛକରେ ଶରତ ପରିଡା (୪୫) ନାମକ ଜଣେ ବ୍ୟକ୍ତି ବାଇକ୍‌ରେ ନିଜ ଘରକୁ ତଳକାଇପଡା ଫେରୁଥିଲାବେଳେ ବରୀରୁ କଳାମାଟିଆ ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ ପଛରୁ ତାଙ୍କୁ ଶକ୍ତ ଧକ୍କା ଦେଇଥିଲା। ଏଥିରେ ଶରତ ଗୁରୁତର ହୋଇ ରାସ୍ତା ଉପରେ ଛଟପଟ ହେଉଥିଲାବେଳେ ସ୍ଥାନୀୟ ଲୋକେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। ଅବସ୍ଥା ଗୁରୁତର ହେବାରୁ ଶରତଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଲୋକେ କହିଛନ୍ତି। ସେହିପରି ବାଲିଆପାଳ ଛକରେ ଆଉ ଏକ ଦୁର୍ଘଟଣା ଘଟିଛି। ବରୀ ତଳସାହି ଗ୍ରାମର ମନୋଜ ଦାସ (୪୫) ବାଲିଆପାଳ ଅଭିମୁଖେ ବାଇକ୍ ଯୋଗେ ଯାଉଥିଲାବେଳେ ଆଗରେ ଏକ ଶିଆଳ ପଶି ଆସିବାରୁ ମନୋଜ ତଳେ ପଡି ଗୁରୁତର ହୋଇଛନ୍ତି। ତାଙ୍କ ଅବସ୍ଥା ଗୁରୁତର ହେବାରୁ ସନ୍ଧ୍ୟାରେ ତାଙ୍କୁ ମଧ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି।


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ASTROLOGY

FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଦୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋତାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋତାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା ୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରଷ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

BUSINESS

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କଶିଟ୍, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଳି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରବେ।
- ମଦନମୋହନ ମାଲବ୍ୟ



## ସଂକ୍ଷେପରେ

### ଆଦର୍ଶ ଶିକ୍ଷକଙ୍କ ଅକାଳ ବିୟୋଗ

**ରସୁଲପୁର,୯।୧(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦା ଅଞ୍ଚଳର ଆଦର୍ଶ ଶିକ୍ଷକ ରବୀନ୍ଦ୍ର ନାଥ ଦେଓ(୬୮)ଙ୍କ ବୁଧବାର ରାତିରେ ବିୟୋଗ ଘଟିଛି। ତାଙ୍କ ଆକାଳ ବିୟୋଗ ଖବରରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ବିଶେଷକରି ଗୁରୁବାର ପୂର୍ବାହ୍ନରେ ବ୍ରହ୍ମବରଦା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଶୋକବ୍ୟକ୍ତ କରାଯିବା ସହ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଛି। ବରୀ ବିଧାୟିକା ସୁନନ୍ଦା ଦାସ, ବିଜେଡି ନେତା ଦେବେନ୍ଦ୍ର ଦାସ, ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ ସ୍ଥାନୀୟ ସରପଞ୍ଚ ବିଜୟ ଦାସ, ଅର୍ଥଙ୍ଗା ସରପଞ୍ଚ ସୂର୍ଯ୍ୟମଣି ବେହେରା, ବିପିନ ବିହାରୀ ଦେଓ, ମଦନ ମଳିକଙ୍କ ସମେତ ଶତାଧିକ ବ୍ୟକ୍ତି ସ୍ୱର୍ଗତ ଶିକ୍ଷକଙ୍କ ବାସଭବନ ନିକଟରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

### ରାଜ୍ୟସ୍ତରୀୟ ମକର ମିଳନ,ସାରସ୍ୱତ ସମାରୋହ
### ୩ଜଣ ପାଇବେ ମକର ସମ୍ମାନ, ୧୫ଜଣ ହେବେ ସମ୍ବର୍ଦ୍ଧିତ

**ଯାଜପୁର ଅଫିସ,୯।୧:** ପବିତ୍ର ବରୁଣେଶ୍ୱର ପୀଠରେ ଚଳିତବର୍ଷ ରାଜ୍ୟସ୍ତରୀୟ ମକର ମିଳନ ଓ ସାରସ୍ୱତ ସମାରୋହ ଉପଲକ୍ଷେ ସାରସ୍ୱତ ଅନୁଷ୍ଠାନ ଅଖିଳଚକ୍ର ପକ୍ଷରୁ ରାଜ୍ୟ ଓ ଜିଲାର କୃତିତ୍ୱ ସମ୍ପନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବ। ଚଳିତ ବର୍ଷର ମକର ସମ୍ମାନ ଗଳ୍ପ କ୍ଷେତ୍ରରେ ରବି ପଣ୍ଡା, କଳା କ୍ଷେତ୍ରରେ ଚଳଚ୍ଚିତ୍ର ଅଭିନେତା ରବି ମିଶ୍ର, ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କୁ ଦିଆଯିବ। ଏହା ବ୍ୟତିତ କବି ପିନାକୀ ସିଙ୍ଗୁ ରବୀନ୍ଦ୍ର ପାଢ଼ୀ କବିତା ସମ୍ମାନ, ପ୍ରମିଳା ମଲ୍ଲିକଙ୍କୁ କପିଳଚରଣ ସଂଗ୍ରାମୀ ସମ୍ମାନ, କୁମାର ଦିଲ୍ଲିପଙ୍କୁ ନଟବର ନାୟକ କଳା ସମ୍ମାନ, ମନୋରଞ୍ଜନ ମହାନ୍ତିଙ୍କୁ ଶିକ୍ଷାବିତ ମୁରଲୀଧର ବଳିୟାର ସିଂ ସମ୍ମାନ, ଚିତ୍ତରଞ୍ଜନ ବେହେରାଙ୍କୁ ଆନନ୍ଦ ବିହାରୀ ବର୍ମା ସାମ୍ବାଦିକ ସମ୍ମାନରେ ସମ୍ମାନିତ କରାଯିବ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପ୍ରଦର୍ଶନ କରିଥିବା ପ୍ରଜ୍ଞା ପ୍ରବର୍ତିକା ଦାସଙ୍କୁ ଅକ୍ଷୟା ରାଣୀ କବୟତ୍ରୀ ସମ୍ମାନ, ଡାକ୍ତର ଅକ୍ଷୟକୁମାର ସାମଲଙ୍କୁ ପଞ୍ଚାନନ ନାୟକ ସେବା ସମ୍ମାନ, ମନୀନ୍ଦ୍ରନାଥ ସାମଲଙ୍କୁ ନୃସିଂହ ଚରଣ ଦାସ ସମାଜବିତ ସମ୍ମାନ, ଅଚ୍ୟୁତାନନ୍ଦ ସାମଲଙ୍କୁ ସମ୍ପିତ କୁମାର ପାଢୀ ବରିଷ୍ଠ ସମାଜସେବୀ ସମ୍ମାନ, ଅଜୟକାନ୍ତ ରାଉତ ଓ ଗୌରାଙ୍ଗ ଶତପଥୀଙ୍କୁ ଶରତ ଚନ୍ଦ୍ର ପରିଡା ନାଟ୍ୟ ସମ୍ମାନ, ପ୍ରଭଞ୍ଜନ ପତିଙ୍କୁ ଗୋପାଳ ସ୍ୱାଇଁ ଶିକ୍ଷକ ଗୌରବ ସମ୍ମାନ, ଜଗବନ୍ଧୁ ନାୟକଙ୍କୁ କାଶୀନାଥ ସେଠୀ କୃଷକ ସମ୍ମାନ ଓ ବାଉଲୀ ସାହୁ ସୃଜନୀ ସମ୍ମାନ ଶିକ୍ଷତ୍ରୀ ଟିଙ୍କିଲତା ବେହେରା, ଶିକ୍ଷକ ପ୍ରଭାକର ଦାଶଙ୍କୁ ପ୍ରଦାନ କରାଯିବାକୁ ଚୟନ କମିଟି ପକ୍ଷରୁ ସଭାପତି ପ୍ରସନ୍ନ କୁମାର ରାଉତ, ଶ୍ରୀହରି ଧଳ , ସମ୍ପାଦକ ହରେକୃଷ୍ଣ ପଣ୍ଡା ଘୋଷଣା କରିଛନ୍ତି।

### ବହୁଜନ କ୍ରାନ୍ତି ମୋର୍ଚ୍ଚା ପକ୍ଷରୁ ପ୍ରତିବାଦ ସଭା

**ଯାଜପୁର ଟାଉନ,୯।୧(ଡ଼ିଏନଏ):** ଏନଆରସି ଲାଗୁ କରିବା ବିରୋଧରେ ବୁଧବାର ବହୁଜନ କ୍ରାନ୍ତି ମୋର୍ଚ୍ଚା ଆନୁକୂଲ୍ୟରେ ଏକ ଶୋଭାଯାତ୍ରା ଓ ପ୍ରତିବାଦ ସଭା ଯାଜପୁର ସହରରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଗଠନ ପକ୍ଷରୁ କର୍ମକର୍ତ୍ତା ମନୋଜ ଜେନା, ସୁଶିଲ ସାହୁ, ଅବଦୁଲ ରଉ, ୱାସିୱାଲା, ପ୍ରତାପ ଦାସ, କ୍ଷୀରୋଦ ଦାସ, ରଣଜିତ ମଳିକ, କାର୍ତ୍ତିକ ମଲ୍ଲିକ, ନାରାୟଣ ମଲ୍ଲିକ, ଅନାମ ଚରଣ ମଲ୍ଲିକ, ବାମସେଫର କାର୍ଯ୍ୟକର୍ତ୍ତା ଭୀମସେନ ପଣ୍ଡା ପ୍ରମୁଖଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

## ଘରୋଇ ଜମିରେ ଆମ ଗାଁ ଆମ ବିକାଶ ଗୃହ ନିର୍ମାଣକୁ ନେଇ ବିବାଦ

# ଅଭିଯୋଗ ସତ୍ତ୍ୱେ ନିଆଯାଉନି କାର୍ଯ୍ୟାନୁଷ୍ଠାନ

**ରସୁଲପୁର,୯।୧(ଡି.ଏନ୍.ଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଂଚାୟତର ଇଚ୍ଛାପୁର ଗ୍ରାମରେ ଆମ ଗାଁ ଆମ ବିକାଶ ଅର୍ଥ ବିନିଯୋଗ କରି ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଉଛି। ଉକ୍ତ ନିର୍ମାଣ କାର୍ଯ୍ୟ ଘରୋଇ ଜମିରେ କରାଯାଉଛି ବୋଲି ଜମିର ମାଲିକ ଗୋବିନ୍ଦ ବାରିକ ରସୁଲପୁର ବ୍ଲକ ବିଡିଓ, ଯାଜପୁର ଜିଲାପାଳଙ୍କ ନିକଟରେ ବାରମ୍ବାର ଅଭିଯୋଗ କରି ଆସିଛନ୍ତି। ହେଲେ ଏହାକୁ ବନ୍ଦ କରିବା ପରିବର୍ତ୍ତେ ବିଭାଗୀୟ ଯନ୍ତ୍ରୀ ଓ କାର୍ଯ୍ୟ ତଦାରଖ କରୁଥିବା ସ୍ଥାନୀୟ ଅଞ୍ଚଳର କେତେଜଣ ବ୍ୟକ୍ତିଙ୍କ ଭିତିରି ବୁଝାବଣାରେ ସରକାରୀ ଅର୍ଥକୁ ହଡପ୍ କରିବାକୁ ମସୁଧା ଚାଲିଛି। ଏହା ଜଣାପଡ଼ିବା ପରେ ଅଭିଯୋଗକାରୀ ବାରିକ ପୁର୍ନବାର ବୁଧବାର ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ଲିଖିତ ଭାବରେ ଅବଗତ କରିଥିବା ଜଣାପଡ଼ିଛି।



- ଅର୍ଥ ଆତ୍ମସାତ କରିବାକୁ ଚାଲିଛି ଯୋଜନା
- ବିଡିଓଙ୍କ ନିକଟରେ ସାନି ଅଭିଯୋଗ

ଅଭିଯୋଗ ଅନୁସାରେ ଗତ ସାଧାରଣ ନିର୍ବାଚନ ପୂର୍ବରୁ ଆମ ଗାଁ ଆମ ବିକାଶ ଯୋଜନାରୁ ଇଚ୍ଛାପୁର ଗ୍ରାମରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ସକାଶେ ୩ଲକ୍ଷ ଟଙ୍କା ଓ କୋରେଇ ବିଧାୟକଙ୍କ ହାତପାଣ୍ଠିରୁ ୧ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ମୋଟ ୪ଲକ୍ଷ ଟଙ୍କା ବ୍ୟୟ କରାଯାଇ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଯାଉଛି। କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପୂର୍ବରୁ ଜମିଜମା ସମ୍ପର୍କିତ କାଗଜପତ୍ର ସମ୍ପର୍କରେ ଧ୍ୟାନ ଦିଆଯାଇ ନ ଥିଲା। ଏପରିକି ଏନେଇ ଖୋଲା ଯାଇଥିବା ଫାଇଲରେ ଜମିର କିସମ ସମ୍ପର୍କିତ ପ୍ରମାଣପତ୍ର ରଖାଯାଇ ନ ଥିଲା। ଗୃହ ନିର୍ମାଣ ଖତା ନଂ-୨୦, ପ୍ଲଟ ନଂ-୨୧୩ ଉପରେ କରାଯାଇଥିଲା। ଏହି ଜମିଟି ଗୋବିନ୍ଦ ବାରିକଙ୍କ ପିତା କପିଳ ବାରିକଙ୍କ ସ୍ଥିତିବାନ ସମ୍ପତି ଉପରେ ନିର୍ମାଣ ହୋଇଥିଲା। ଏହା ଜାଣି କଲିକତାରେ ଶ୍ରମିକ ଭାବରେ କାମ କରୁଥିବା ଗୋବିନ୍ଦ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ସେହି ମୁତାବକ ନିର୍ମାଣ କାର୍ଯ୍ୟ ବନ୍ଦ କରାଯାଇଥିଲା। ତେବେ କିଛି ଦିନ କାମକୁ ବନ୍ଦ କରିବା ପରେ ଏବେ ତହସିଲ ପ୍ରଶାସନକୁ ପ୍ରଭାବିତ କରି ଏକ ଭୂଲ ରିପୋର୍ଟ ଅଣାଯାଇଛି। ଏହି ଆଧାରରେ ବିଲ୍ ଉଠାଇବାକୁ ଭିତିରି ଯୋଜନା କରାଯାଉଛି। ତହସିଲ ପକ୍ଷରୁ ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ଖାତା, ପ୍ଲଟ ନମ୍ବର ଭିନ୍ନ ଅଟେ। ମାତ୍ର ଗୃହ ନିର୍ମାଣ ଏକ ଭିନ୍ନ ସ୍ଥାନରେ ହୋଇଛି ବୋଲି କୁହାଯାଉଛି। ଏଦିଗରେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ଗ୍ରାମ ପଞ୍ଚାୟତ ବୈଷୟିକ ଅଧିକାରିଣୀ ଅନିତା ବେହୁରାଙ୍କୁ ପଚାରିବାରୁ ତହସିଲଦାରଙ୍କ ପକ୍ଷରୁ ଜମିଜମା ସମ୍ପର୍କିତ ଏକ ରିପୋର୍ଟ ଆସିଛି। ତେବେ ତାକୁ ତର୍ଜମା କରିବା ପରେ ଯାଇ ଯାହାକିଛି ନିଷ୍ପତି ନିଆଯିବ ବୋଲି ପ୍ରକାଶ କରିଛନ୍ତି। ତେବେ ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ ଗୋଷ୍ଠୀ କେନ୍ଦ୍ରର ବିଲ୍ ପୈଠ କରିବା ପାଇଁ ସେ କାହାକୁ ପରାମର୍ଶ ଦେଇ ନାହାନ୍ତି ବୋଲି ପ୍ରକାଶ କରିଛନ୍ତି।

### ନାବାଳିକାବାଳକ ପ୍ରେମୀ ଯୁଗଳ ଛତିଶଗଡ଼ରୁ ଉଦ୍ଧାର

**ରସୁଲପୁର,୯।୧(ଡି.ଏନ୍.ଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ମହେଶ୍ୱରପୁର ପଞ୍ଚାୟତରୁ ଫେରାର ହୋଇଯାଇଥିବା ୨ଜଣ ନାବାଳିକାବାଳକ ପ୍ରେମୀଯୁଗଳଙ୍କୁ ୧୦ମାସ ପରେ ଛତିଶଗଡ଼ରୁ ଉଦ୍ଧାର କରାଯାଇଛି। ୨୦୧୯ ମାର୍ଚ୍ଚ ୭ତାରିଖରେ ଜଣେ ନାବାଳିକାଙ୍କୁ ଜଣେ ନାବାଳକ ଅପହରଣ କରି ନେଇଥିବାନେଇ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ।ଅଭିଯୋଗକୁଭିତ୍ତିକରିପୋଲିସ ଏକ ମାମଲା(ନଂ.୮୧/୨୦୧୯) ରୁଜୁ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରିଥିଲା। ଉଭୟ ନାବାଳିକାବାଳକ ଛତିଶଗଡ଼ ଭିଲାଇ ଅଞ୍ଚଳରେ ରହୁଥିବା ସୂଚନା ପାଇ ଧର୍ମଶାଳା ଥାନାଧିକାରୀ ସେଠାକୁ ଯାଇ ଉଭୟଙ୍କୁ ଉଦ୍ଧାର କରିଥିଲା। ଇତିମଧ୍ୟରେ ନାବାଳିକା ଜଣକ ମାତୃତ୍ୱ ଲାଭ କରିଛନ୍ତି। ୧୫ ଦିନ ତଳେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି। ପୋଲିସ ସେମାନଙ୍କୁ ଧରିଆଣି ଯାଜପୁରସ୍ଥିତ ସ୍ୱଧାର ଗୃହରେ ରଖିଛି। ଶୁକ୍ରବାର ଉଭୟଙ୍କ ଡାକ୍ତରୀମାଇନା କରାଯିବା ସହ ମାଜଷ୍ଟ୍ରେଟ ସମ୍ମୁଖରେ ବୟାନ ରେକର୍ଡ କରାଯିବ ବୋଲି ତଦନ୍ତ ଅଧିକାରୀ ଏସଆଇ ପରମାନନ୍ଦ ସେଠୀ ସୂଚନା ଦେଇଛନ୍ତି।

## ତହସିଲଦାର, ପୋଲିସ ମିଳିତ ଉଦ୍ୟମରେ ବ୍ୟାପକ ଚଢ଼ାଉ

**ରସୁଲପୁର,୯।୧(ଡି.ଏନ୍.ଏ.)**

ରସୁଲପୁର ତହସିଲ ଓ କୁଆଖିଆ ଥାନା ପୋଲିସ ମିଳିତ ଉଦ୍ୟମରେ ଗୁରୁବାର ବ୍ୟାପକ ଚଢ଼ାଉ କରାଯାଇଛି। ବେଆଇନ ବାଲି ଓ ଚିପ୍ସ ବୋଝେଇ ୧୫ଟି ଗାଡିକୁ ପୋଲିସ ଜବତ କରିବା ସହ ଜରିମାନା ଆଦାୟ କରିଛି। ଜରିମାନା ଆଦାୟ ପ୍ରକ୍ରିୟା ଜାରି ରହିଥିବାରୁ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ କେତେ ଜରିମାନା ଆଦାୟ ହୋଇଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ମିଳିଥିବା ସୂଚନା ଅନୁସାରେ ଗୁରୁବାର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ରାଜସ୍ୱ ନିରୀକ୍ଷକ, ସୁପରଭାଇଜରଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ କର୍ମଚାରୀ କୁଆଖିଆ ଥାନା ଅଧିକାରୀ ମନୋଜ କୁମାର ସ୍ୱାଇଁଙ୍କ ସମେତ ଏକ ସେକ୍ସନ ପୋଲିସ ଫୋର୍ସର ମିଳିତ ଉଦ୍ୟମରେ ଏକ ସ୍କ୍ୱାର୍ଡ ଗଠନ କରାଯାଇଥିଲା। ୧୬ନଂ ଜାତୀୟ ରାଜପଥର ବାରବାଟୀ ଠାରୁ ୨୦ନଂ ଜାତୀୟ ରାଜପଥର କୁଆଖିଆ ନିକଟସ୍ଥ ସାରଙ୍ଗପୁର ଛକ ନିକଟରେ ଚଢାଉ କରାଯାଇଥିଲା। ଏହି ସମୟରେ ଗୋଟିଏ ଚିପ୍ସ ବୋଝେଇ ହାଇୱା, ୧୦ଟି ଡମ୍ଫର ଜବତ କରାଯାଇଥିଲା। ସେହିପରି କୁଆଖିଆ ଥାନା ଅନ୍ତର୍ଗତ କଲଣ ପଞ୍ଚାୟତର ନୂଆହାଟ ନିକଟରେ ଚାଲିଥିବା ବେଆଇନ ବାଲି ଘାଟ ଉପରେ ଚଢାଉ କରି ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜବତ କରାଯାଇଥିଲା।ପୋଲିସ ଏହି ଗାଡି ଗୁଡ଼ିକୁ ତହସିଲ ଓ ଥାନା ପରିସରରେ ଅଟକ ରଖିଛି। ଏସବୁ ଜବତ ଗାଡିଗୁଡିକର ଚାଳକ ୱାଇ ଫର୍ମ, ସାମଗ୍ରୀ ଚାଲାଣ ପାଇଁ ଆବଶ୍ୟକୀୟ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିବାରୁ ସେଗୁଡିକୁ ଜବତ କରାଯାଇଥିଲା।




**୧୫ଗାଡ଼ି ଜବତ, ଜରିମାନା ଆଦାୟ ଜାରି**

## ୮୨ ହିତାଧିକାରୀଙ୍କୁ ୧.୨୩ଲକ୍ଷ ପ୍ରଦାନ

**ରସୁଲପୁର,୯।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତରେ ଭତ୍ତା ବଣ୍ଟନ ମେଳା ବୁଧବାର ସରପଞ୍ଚ ଆରତୀ ପହିଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ଉକ୍ତ ମେଳାରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ବାଣ୍ଟିବା ସହ ସରକାରୀ ଯୋଜନାର ସଫଳ ରୂପାୟନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ରସୁଲପୁର ବିଡିଓ ଉମାକାନ୍ତ ପରିଡା, ସମିତି ସଭ୍ୟ ପ୍ରଦୀପ୍ତ ନାୟକ, ଯୁବନେତା ସୌଭାଗ୍ୟ ରଞ୍ଜନ ବଳ, ଅଭିମନ୍ୟୁ ବଳ, କନିଷ୍ଠ ଯନ୍ତ୍ରୀ ରଜତ ମହାପାତ୍ର, ସଞ୍ଜୟ ମିଞ୍ଜ, ବିଶ୍ୱନାଥ ରଥ, ପୂର୍ବତନ ସରପଞ୍ଚ ହୃଦାନନ୍ଦ ସାହୁ, ଯୋଗେନ୍ଦ୍ର ନାୟକ, ଯୋଗମୟୀ ପଣ୍ଡା ପ୍ରମୁଖ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ବାଣ୍ଟିଥିଲେ। ଏହି ଅବସରରେ ମଧୁବାବୁ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ୪୫ଜଣ, ବିଧବା ଭତ୍ତା ୧୨ଜଣ, ଦିବ୍ୟାଙ୍ଗ ହିତାଧିକାରୀ ୯ଜଣଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ସେହିପରି ଜାତୀୟ ଇନ୍ଦିରାଗାନ୍ଧୀ ବାର୍ଦ୍ଧକ୍ୟ ଭତ୍ତା ୧୩ ଓ ବିଧବା ଭତ୍ତା ୩ଜଣଙ୍କ ସମେତ ମୋଟ ୮୨ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ପ୍ରତ୍ୟେକ ହିତାଧିକାରୀଙ୍କୁ ମାସିକ ୫ଶହ ଟଙ୍କା ହିସାବରେ ବକେୟା ୩ମାସର ୧୫ଶହ ଟଙ୍କା ଲେଖାଏ ମୋଟ ୧.୨୩ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା।



ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଉଛି।

**ଭତ୍ତା ବଣ୍ଟନ ମେଳା**

## ସବୁଜ ସଂକେତର ବୃକ୍ଷ ବଞ୍ଚାଅ ଅଭିଯାନ

**ଦଶରଥପୁର, ୯।୧ (ଡିଏନ୍ଏ)**

ପରିବେଷର ସୁରକ୍ଷା ଲାଗି ନିରବଚ୍ଛିନ୍ନ କାର୍ଯ୍ୟ କରୁଥିବା ଅନୁଷ୍ଠାନ ସବୁଜ ସଂକେତ ଜାନୁୟାରୀ ୧ରୁ ବୃକ୍ଷ ବଞ୍ଚାଅ ଅଭିଯାନ ଆରମ୍ଭ କରିଛି। ବୃକ୍ଷର ସୁରକ୍ଷା ତଥା ଯତ୍ନ ଉପରେ ଏହି ଅନୁଷ୍ଠାନ ବିଭିନ୍ନ ପଦକ୍ଷେପ ନେବା ମୁଖ୍ୟ ଉଦ୍ଦେଶ୍ୟ ବୋଲି ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ବୁଧବାର ଅନୁଷ୍ଠାନ ତରଫରୁ ସୁମନ ମହାପାତ୍ର, ସରୋଜ ବିଶ୍ୱାଳ, ଦଶରଥପୁର ବ୍ଲକର ବିଭିନ୍ନ ଗ୍ରାମକୁ ଯାଇ ଲୋକଙ୍କୁ ବୃକ୍ଷ ବଞ୍ଚାଅ ଉପରେ ସଚେତନ କରିଥିଲେ। ତେବେ ଅସନପୁର ପଞ୍ଚାୟତ କାନୁନଗୋ ପଡିଆରେ ଅନୁଷ୍ଠାନ ତରଫରୁ ପୂର୍ବରୁ ଲଗାଯାଇଥିବା ଗଛଗୁଡିକର ଚାରିପଟେ ମନ୍ଦା କରାଯିବା ସହ ଜୈବିକ ସାର ପ୍ରୟୋଗ କରାଯାଇଥିଲା। ସବ୍ୟସାଚୀ ମହାପାତ୍ର ପ୍ରମୁଖ ଉକ୍ତ କାର୍ଯ୍ୟରେ ସହଯୋଗ କରିଥିଲେ। ଚୌଧୁରୀ ମଲ୍ଲିକ, ନାରଣ ମଲ୍ଲିକ,



ସବୁଜ ସଂକେତ ଅନୁଷ୍ଠାନ ପକ୍ଷରୁ ବୃକ୍ଷରୋପଣ କରାଯାଉଛି।

### ଶାରଳା ବିଶ୍ୱଭାଷାର ପଦଯାତ୍ରା

**ଯାଜପୁର ଟାଉନ,୯।୧(ଡ଼ିଏନଏ)**

ବିରଜା ମନ୍ଦିର ନିକଟରୁ ଶାରଳା ବିଶ୍ୱଭାଷା ପଦଯାତ୍ରା ଶୁଭାରମ୍ଭ ହୋଇ ଜଗନ୍ନାଥ ମନ୍ଦିର ପାଖରେ ପହଞ୍ଚିଥିଲା। ଏହି ପଦଯାତ୍ରାକୁ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଉଦ୍‌ଘାଟନ କରିଥିଲେ। ଏହି ପଦଯାତ୍ରାରେ ଅତିଥି ଭାବେ ମା' ବିରଜା ପୂଜକମଣ୍ଡଳୀ ସଭାପତି ପଣ୍ଡିତ ସୁବାସ ଚନ୍ଦ୍ର ପାଣି, ଭାଗବତ ତତ୍ତ୍ୱ ପ୍ରଚାର ସମିତି ଯାଜପୁରର ନୀଳାବତାର, ଗୀତାଯୋଗୀ ବାବା ରବିନାରାୟନ, ରାହାସ ମୋହନ ଦାସ ମହାରାଜ, ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତି ବ୍ୟାସ ସୁଧୀର କୁମାର ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପଦଯାତ୍ରାରେ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀଛାତ୍ର ପ୍ଲା-କାର୍ଡ଼ ଧରି ପରିକ୍ରମା କରିଥିଲେ।

### ବଡ଼ଚଣା ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା
## ନୃତ୍ୟଗୀତରେ ମଜିଲେ ଦର୍ଶକ

**ଚଣ୍ଡିଖୋଲ,୯।୧(ଡିଏନ୍ଏ)**

ଲକ୍ଷ୍ମୀନାରାୟଣ ସାଂସ୍କୃତିକ ପରିଷଦ ତରଫରୁ ଆୟୋଜିତ ୪ର୍ଥ ବାର୍ଷିକ ବଡଚଣା ମହୋତ୍ସବ ଗୁରୁବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ବଡଚଣାଠାରେ ଅନୁଷ୍ଠିତ ମହୋତ୍ସବ ପଡିଆରେ ସନ୍ଧ୍ୟାରେ ଓଡ଼ିଶୀ ନୃତ୍ୟ ଉପସ୍ଥିତ ଦର୍ଶକ ଓ ଶ୍ରଦ୍ଧାଳୁଙ୍କୁ ବେଶ ବିଭୋର କରିଥିଲା। କେବଳ ସାଂସ୍କୃତିକ କାର୍ଯ୍ୟକ୍ରମ ନୁହେଁ, ରାଜ୍ୟ ସରକାରଙ୍କ ପକ୍ଷରୁ ହସ୍ତଶିଳ୍ପ ପ୍ରଦର୍ଶନୀ ଓ ବାଣିଜ୍ୟ ମେଳା ମହୋତ୍ସବ ପଡ଼ିଆରେ ଜନସାଧାରଣଙ୍କୁ ବେଶ ମୁଗ୍ଧ କରିଛି। ଠୁଙ୍କାପୁରୀ, ଦହିବରା, ଗୁପଚୁପ, ଫାଷ୍ଟଫୁଡ ସହିତ ଭଳିକିଭଳି ଚଟପଟା ଖାଦ୍ୟର ମଜା ଉଠାଉଛନ୍ତି ଦର୍ଶକ। ପିଲାମାନେ ବ୍ରେକଡ୍ୟାନ୍ସ, ଜମ୍ପଦୋଳି, ପାଣି ବୋଟ ପରି ଅନେକ ଦୋଳିର ମଜା ଉଠାଉଛନ୍ତି। ଅପରପକ୍ଷରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ପୋଲିସ କାର୍ଯ୍ୟାଳୟ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ମହୋତ୍ସବ ପଡିଆକୁ ଅପେରା ଦେଖିବା ପାଇଁ ଦୁରଦୁରାନ୍ତରୁ ଆସୁଥିବା ଦର୍ଶକମାନେ ରାତିସାରା ଭିଡ଼ ଲଗାଉଥିବା ଦେଖିବାକୁ ମିଳିଛି। ମହୋତ୍ସବ କମିଟି ତରଫରୁ ପଡ଼ିଆରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହିତ ପଡିଆକୁ ଆସୁଥିବା ଲୋକେ କିପରି ସହଜରେ କିଣାକିଣି କରିପାରିବେ ସେଥିପାଇଁ ସଦସ୍ୟ ଓ କର୍ମକର୍ତ୍ତାମାନେ ବେଶ୍ ସଜାଗ ଥିବା ଦେଖିବାକୁ ମିଳିଛି। ଗୁରୁବାର ମହୋତ୍ସବ ପଡିଆରେ ଓଡ଼ିଶୀ ନୃତ୍ୟ ଶିଳ୍ପୀ ଆଶିଷ ପାଢୀଙ୍କ ସମେତ ଅନ୍ୟ କଳାକାରଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ସୂର୍ଯ୍ୟ ଆସନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ରସୁଲପୁର,୯।୧(ଡି.ଏନ୍.ଏ.)**

ଶରୀରକୁ ସୁସ୍ଥ ରହିବାକୁ ହେଲେ ବାୟାମ ଅପରିହାର୍ଯ୍ୟ। ଏହାକୁ ନିୟମିତ ଅଭ୍ୟାସରେ ପରିଣତ କରିବା ଦରକାର। ଏଦିଗରେ ପିଲାବେଳୁ ଧ୍ୟାନ ଦେଲେ ଶରୀରକୁ ବହୁତ ଲାଭ ମିଳିଥାଏ। ଉଭୟ ଶିଶୁ ଓ ସମାଜକୁ ସୁସ୍ଥ ରଖିବାରେ ସୂର୍ଯ୍ୟ ନମସ୍କାର ସହାୟକ ହୋଇପାରିବ ବୋଲି ଆଜି ସୂର୍ଯ୍ୟ ନମସ୍କାର ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବରେ ମତ ପ୍ରକାଶ ପାଇଛି। ପ୍ରଧାନ ଆଚାର୍ଯ୍ୟ ସଞ୍ଜୟ କୁମାର ମିଶ୍ର, ପ୍ରଶିକ୍ଷକ ନିଗମାନନ୍ଦ ମିଶ୍ର, ସୁଶାନ୍ତ କୁମାର ବେହେରା ପ୍ରମୁଖ ବିଦ୍ୟାର୍ଥୀଙ୍କୁ ସୂର୍ଯ୍ୟ ନମସ୍କାର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇ କହିବା ସହ ଏହି ବ୍ୟାୟାମର ଉପକାରିତା ସମ୍ପର୍କରେ ବିଦ୍ୟାର୍ଥୀଙ୍କ ସମ୍ମୁଖରେ ସ୍ପଷ୍ଟ କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ସମସ୍ତ ୯୩୭ଜଣ ଛାତ୍ରୀଛାତ୍ର ଏହି ଶିବିରରେ ଯୋଗଦେଇ ସମୂହ ବାୟାମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଏହି ଶିବିର ୭ଦିନ ବ୍ୟାପି ଚାଲିଥିଲା।



ଶିବିରରେ ଛାତ୍ରୀଛାତ୍ରଙ୍କୁ ସୂର୍ଯ୍ୟ ଆସନ ପ୍ରଶିକ୍ଷଣ ଦିଆଯାଉଛି।

## 'ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନରେ ସହାୟକ ହେଉଛି ମହୋତ୍ସବ'

**କାଳିଆପାଣି,୯।୧(ଡିଏନଏ)**

ସୁକିନ୍ଦା ଖଣି ଅଞ୍ଚଳରେ ସୌରିକ ଯୁବ ମହୋତ୍ସବ କେବଳ ମନୋରଞ୍ଜନର କାର୍ଯ୍ୟକ୍ରମ ନୁହେଁ। ଦୀର୍ଘ ୫ବର୍ଷ ମଧ୍ୟରେ ଏହା ଏକ ଗଣମହୋତ୍ସବରେ ପରିଣତ ହୋଇସାରିଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଠନ ଦିଗରେ ଏହି ଯୁବ ମହୋତ୍ସବ କାର୍ଯ୍ୟକ୍ରମ ହାତକୁ ନେଇଛି। ଭବିଷ୍ୟତ ଗଠନ ପରାମର୍ଶ କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସଂଖ୍ୟକ ଛାତ୍ରୀଛାତ୍ର ଉପକୃତ ହେଉଛନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ବିଜେଡି ଉପସଭାପତି ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀଙ୍କ ସହଧର୍ମିଣୀ ପ୍ରତିମା ଘଡ଼େଇ ଯୁବ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ସୌରିକ ଯୁବ ମହୋତ୍ସବ ସମ୍ପାଦକ ନାରାୟଣ ଚନ୍ଦ୍ର ଧିର, ଯୁବନେତା ବିଦ୍ୟାଧର ପାତ୍ର, ପ୍ରଭାତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଯୁବ ମହୋତ୍ସବ ପାଇଁ ସୁକିନ୍ଦା, ହରିପୁର, ଝାଡେଶ୍ୱର ପ୍ରଭୃତି କଲେଜର ବହୁ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ ନେଇ ଦିନ ତମାମ ଚାଲିଥିବା କାର୍ଯ୍ୟକ୍ରମରେ କୃଷି, କୁଟୀର ଓ କ୍ଷୁଦ୍ରଶିଳ୍ପରୁ କିପରି ସ୍ୱାବଲମ୍ବୀ ହୋଇପାରିବ ସେଥିପାଇଁ ଭବିଷ୍ୟତ ଗଠନ ପରାମର୍ଶଦାତା ଗିରିଶ ପ୍ରସାଦ ସ୍ୱାଇଁ, ବାପୁନୀ ସାହୁ ପ୍ରମୁଖ ମାର୍ଗଦର୍ଶନ କରିଥିଲେ। ସନ୍ଧ୍ୟା କାର୍ଯ୍ୟକ୍ରମରେ ଖଣି କର୍ତ୍ତୃପକ୍ଷ ଓ ପରିବହନ ଠିକାଦାରଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଦିନ ତମାମ ହୋଇଥିବା ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମର କୃତି ଛାତ୍ରୀଛାତ୍ରଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ ବର୍ଷା କାରଣରୁ ଆୟୋଜନ ହେବାକୁ ଥିବା କାର୍ଯ୍ୟକ୍ରମ ସାମାନ୍ୟ ଫିକା ପଡିଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଲିଉଡ କଳାକାର ଶୁଭମ ଓ ବିଜୟିନୀଙ୍କ ସହିତ ସଂଗୀତକାର ତାନସେନ୍ ସିଂ, ତିଲକ୍ ଚକ୍ରବର୍ତ୍ତୀ, ସ୍ମୃତିମୟୀ ଚିରାକ ଏବଂ ତିତିଲ ଡ୍ୟାନସ୍ ଗୃପ୍ ଭାଗ ନେଇଥିବା ଆୟୋଜକ କମିଟି ପକ୍ଷରୁ ଜଣାପଡିଛି। ସେହିପରି ହାସ୍ୟ ଅଭିନେତା ନଟିଆ ଓ ଭାଷ୍ୟକାର ପିଙ୍କି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

**୨ୟ ଦିନରେ ସୌରିକ ଯୁବ ମହୋତ୍ସବ**



ସୌରିକ ଯୁବ ମହୋତ୍ସବ ଦ୍ୱିତୀୟ ଦିବସକୁ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରୁଛନ୍ତି।



ବଲିଉଡ୍ ସୁପରଷ୍ଟାର ହ୍ରିତିକ ରୋଶନ ଶୁକ୍ରବାର ୪୬ ବର୍ଷରେ ପଦାର୍ପଣ କରିଛନ୍ତି। ସେ ୧୯୭୪ ଜାନୁୟାରୀ ୧୦ରେ ମୁମ୍ବାଇଠାରେ ଜନ୍ମଗ୍ରହଣ କରିଥିଲେ। ସଞ୍ଜୟ ଖାଁଙ୍କ ସୁପୁତ୍ରୀ ସୁଜେନ୍ ଖାଁଙ୍କ ସହିତ ସେ ୨୦୦୦ରେ ପ୍ରେମବିବାହ କରିଥିଲେ। ତେବେ ଫିଲ୍ମ ସେଟ୍‌ରେ ଅନ୍ୟ ଅଭିନେତ୍ରୀଙ୍କ ସହିତ ପ୍ରେମସମ୍ପର୍କ ଯୋଗୁ ସୁଜେନ-ହ୍ରିତିକଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଦେଖାଦେଇଥିଲା । ପାରିବାରିକ ତିକ୍ତତା ଯୋଗୁ ୨୦୧୪ରେ ଦୁହିଁଙ୍କ ମଧରେ ବିବାହ ବିଚ୍ଛେଦ ଘଟିଥିଲା।



## ୫୦୦ବର୍ଷ ଇତିହାସରେ ଶ୍ରେଷ୍ଠ ଶାସକ

# ରଣଜିତ୍ ସିଂ

**ଅମୃତସର:** ଭାରତ ଇତିହାସରେ ଅନ୍ୟତମ ଶ୍ରେଷ୍ଠ ଶାସକ ଭାବେ ପରିଗଣିତ ହୁଅନ୍ତି ମହାରାଜା ରଣଜିତ୍ ସିଂ। ଏହି ପ୍ରଥମ ଶିଖ୍ ଶାସକଙ୍କ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଶାସନ ନୀତି ଦେଶବାସୀଙ୍କୁ ଏକତା ସୂତ୍ରରେ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲା। ମହାରାଜାଙ୍କ ବିୟୋଗକୁ ଇତିମଧ୍ୟରେ ବିତିଗଲାଣି ୧୮୦ବର୍ଷ। ହେଲେ ଏବେ ବି ତାଙ୍କ ଯଶଗାନ କରୁଛି ସାରା ବିଶ୍ୱ। ନିକଟରେ ଆମେରିକାନ୍ ୟୁନିର୍ଭସିଟି ଅଫ୍ ଆଲ୍‌ବାମା ପକ୍ଷରୁ ପ୍ରକାଶିତ ଏକ ରିପୋର୍ଟରେ ତାଙ୍କୁ ୫୦୦ବର୍ଷ ଇତିହାସରେ ସର୍ବଶ୍ରେଷ୍ଠ ଶାସକ ଭାବେ ଅଭିହିତ କରାଯାଇଛି। କାର୍ଯ୍ୟଶୈଳୀ, ରଣକୌଶଳ, ସେନା ନବୀକରଣ, ଆର୍ଥିକ ଏବଂ ବ୍ୟବସାୟିକ ନୀତି ଆଧାରରେ ସୂଚୀବଦ୍ଧ କରାଯାଇଥିବା ୧୦ ଶ୍ରେଷ୍ଠ ଶାସକଙ୍କ ମଧ୍ୟରେ ପ୍ରଥମ ସ୍ଥାନରେ ରହିଛନ୍ତି ମହାରାଜା ରଣଜିତ୍ ସିଂ। ଅନୁରୂପ ଭାବେ ଶ୍ରେଷ୍ଠ ୫ ଶାସନ କାଳ ମଧ୍ୟରେ କରାଯାଇଥିବା ସୂଚୀରେ ମହାରାଜାଙ୍କ ଶାସନ ସମୟକୁ ସର୍ବଶ୍ରେଷ୍ଠ ବୋଲି ଦର୍ଶାଯାଇଛି। ମହାରାଜା ରଣଜିତ୍‌ଙ୍କ ବଂଶଜ ଡା. ଯଶବିନ୍ଦର ସିଂ କହିଛନ୍ତି, ସ୍ୱାଧୀନତା ପରବର୍ତ୍ତୀ ସମୟରେ ଭାରତରୁ ରାଜତନ୍ତ୍ରର ଯୁଗ ଶେଷ ହୋଇଛି। ହେଲେ ମହାରାଜା ରଣଜିତ୍‌ଙ୍କ ଶାସନ କାଳକୁ ସବୁଠାରୁ ଶ୍ରେଷ୍ଠ ବୋଲି ଏବେ ବି ବିଚାର କରାଯାଏ। ତାଙ୍କ ରାଜତ୍ୱ କାଳରେ ବିଦେଶୀ ଆକ୍ରମଣକାରୀ ଭାରତ ଆଡ଼କୁ ଆଖି ଉଠାଇବାକୁ ଭୟ କରୁଥିଲେ। ସେ ପଶ୍ଚିମ ତଥା ଉତ୍ତର ପଶ୍ଚିମ ପାର୍ଶ୍ୱରେ ନିଜ ସାମ୍ରାଜ୍ୟ ବିସ୍ତାର କରିଥିଲେ। ତାଙ୍କ ସାମ୍ରାଜ୍ୟର ସୀମା ପେଶାୱାର, ପଖତୁନଖାଠାରୁ ଆରମ୍ଭ କରି କଶ୍ମୀର ଯାଏ ବିସ୍ତାରିତ ହୋଇଥିଲା। ତତ୍କାଳୀନ ସମୟରେ ତାଙ୍କର ବଳିଷ୍ଠ ଉଦ୍ୟମରେ ଆଭ୍ୟନ୍ତରୀଣ ଶାନ୍ତି କାଏମ ରହିଥିଲା। ନିଜ ନିଜ ମଧ୍ୟରେ ଲଢ଼େଇ କରୁଥିବା ରାଜାମାନଙ୍କୁ ଏକାଠି କରି ସେ ଦେଶରେ ଅଖଣ୍ଡତାକୁ ଅକ୍ଷୁଣ୍ଣ ରଖିଥିଲେ। ଯଶବିନ୍ଦର ଆହୁରି ମଧ୍ୟ କହିଛନ୍ତି, ମହାରାଜା ରଣଜିତ୍ ନିଜ ଶାସନ ସମୟରେ ଅନେକ ନିୟମ ଲାଗୁ କରିଥିଲେ। ହେଲେ ଜଣକୁ ବି ମୃତ୍ୟୁଦଣ୍ଡରେ ଦଣ୍ଡିତ କରି ନ ଥିଲେ। ତାଙ୍କ ସୁବା ଥିଲା ଧର୍ମନିରପେକ୍ଷ। କେବଳ ଏତିକି ନୁହେଁ, ସେ ହିନ୍ଦୁ ଏବଂ ଶିଖ୍‌ଙ୍କଠାରୁ ଆଦାୟ କରୁଥିବା ଜିଜିଆ କର ଉପରେ ରୋକ୍ ଲଗାଇଥିଲେ। କାହାରିକୁ ଶିଖ ଧର୍ମ ଗ୍ରହଣ କରିବାକୁ ବାଧ କରୁ ନ ଥିଲେ। ତାଙ୍କ ଉଦ୍ୟମରେ ଅନ୍ୟତମ ଶିଖ୍ ଧର୍ମସ୍ଥଳୀ ଅମୃତସରରେ ହରମିନ୍ଦର ସାହିବ ଗୁରୁଦ୍ୱାରରେ ଶଙ୍ଖ ମଲମଲ ପଥର ଲଗାଇବା ସହ ସୁନା ଛାଉଣି କରାଇଥିଲେ। ସେବେଠାରୁ ଏହି ଗୁରୁଦ୍ୱାର ସ୍ୱର୍ଣ୍ଣମନ୍ଦିର ନାମରେ ନାମିତ ହୋଇଛି।



**ଲାସ୍‌ଭେଗାସ୍/ ଅହମ୍ମଦାବାଦ:** ଆଧୁନିକ ଯୁଗରେ ମଣିଷର କାମ ରୋବୋ କରୁଛି। ପ୍ରତିଟି କାର୍ଯ୍ୟରେ ଏବେ ରୋବୋର ଉପଯୋଗ କରାଯାଉଛି। ପୃଥିବୀର ସର୍ବବୃହତ୍ ଇଲୋକ୍ଟ୍ରନିକ୍ସ ଶୋ ସିଇଏସ୍-୨୦୨୦ରେ ଲାସ୍‌ଭେଗାସ୍‌ଠାରେ ଅନୁଷ୍ଠିତ ହୋଇଛି। ଏହି ଶୋରେ ଗୁଜରାଟର ବୈଜ୍ଞାନିକ ଇଞ୍ଜିନିୟର ପ୍ରଣବ ମିସ୍ତ୍ରୀଙ୍କ ଦ୍ୱାରା ଆର୍ଟିଫିସିଆଲ୍ ହ୍ୟୁମାନ୍ ପ୍ରଦର୍ଶନ କରାଯାଇଛି। ସେ ସାମ୍‌ସଙ୍ଗ ପକ୍ଷରୁ ଏହି ଶୋରେ ଯୋଗ ଦେଇଛନ୍ତି। ଏହି ନୂଆ ଆର୍ଟିଫିସିଆଲ୍ ହ୍ୟୁମାନ୍ ରୋବୋ ମଣିଷ ଭଳି ଅବିକଳ କଥା ହେବା ସହିତ ଦୁଃଖ ସମୟରେ ସହାନୁଭୂତି ଦେବାକୁ ସକ୍ଷମ ବୋଲି ପ୍ରଣବ ସୂଚନା ଦେଇଛନ୍ତି। ଏହି ରୋବୋର ନାମ ନିୟନ ରଖାଯାଇଛି। ଏହା ନିୟନ ଆର୍-୩ ଜ୍ଞାନକୌଶଳ ଅର୍ଥାତ୍ ରିଲାୟବିଲିଟି, ରିୟଲ ଟାଇମ୍ ଏବଂ ରେସପନ୍ସ ଆଦି ଉପରେ କାର୍ଯ୍ୟ କରିବାକୁ ସକ୍ଷମ ବୋଲି ପ୍ରଣବ କହିଛନ୍ତି।

## ଗୁଜରାଟ ବୈଜ୍ଞାନିକଙ୍କ ନୂଆ ରୋବୋ



## ଦୁଃଖ ସମୟରେ ଦେବ ସହାନୁଭୂତି

## ଆଜି 'ତାନାଜୀ', 'ଛପାକ୍' ମୁହାମୁହିଁ

**ମୁମ୍ବାଇ:** ୨୦୨୦ ଆରମ୍ଭରେ ବକ୍ସ ଅଫିସ୍‌ରେ ହେବ ଚଳିତ ବର୍ଷର ପ୍ରଥମ ଟକ୍କର। ଜାନୁୟାରୀ ୧୦ ଅର୍ଥାତ୍ ଫ୍ରାଇଡେ ରିଲିଜ୍‌ରେ ପରଦାକୁ ଆସୁଛି ଦୁଇଟି ଫିଲ୍ମ। ଦୀପିକା ପାଦୁକୋନ୍‌ଙ୍କ ଫିଲ୍ମ 'ଛପାକ୍' ସହ ଟକ୍କର ଦେବ କାଜୋଲ-ଅଜୟ ଦେବଗନ୍‌ଙ୍କ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍'। ଉଭୟ ଫିଲ୍ମର ଜନର୍ ଭିନ୍ନ ଭିନ୍ନ ଅଟେ। ଦୀପିକାଙ୍କ 'ଛପାକ୍' ଏସିଡ୍ ଆଟାକ୍ ପୀଡ଼ିତା ଲକ୍ଷ୍ମୀ ଅଗ୍ରୱାଲଙ୍କ କାହାଣୀ ଉପରେ ଆଧାରିତ ହୋଇଥିବାବେଳେ ଅଜୟ ଦେବଗନ୍‌ଙ୍କ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ଛତ୍ରପତି ଶିବାଜୀ ମହାରାଜଙ୍କ ମରାଠା ସେନା ଉପରେ ଆଧାରିତ। ଗୋଟିଏପଟେ ୧୧ବର୍ଷ ପରେ କାଜୋଲ-ଅଜୟଙ୍କୁ ଏକାଠି ପରଦାରେ ଦେଖିବାକୁ ମିଳିବ। ଅନ୍ୟପଟେ ନିଜ କ୍ୟାରିୟରର ସବୁଠାରୁ ଭିନ୍ନ ଏକ ଅବତାରରେ ଦୀପିକା ନଜର ଆସିବେ।





ଉଭୟ ଫିଲ୍ମର ଟ୍ରେଲର୍ ଓ ପୋଷ୍ଟର ଦର୍ଶକଙ୍କୁ ଖୁବ୍ ପସନ୍ଦ ଆସିଥିବାବେଳେ ସିନେ ସମୀକ୍ଷକଙ୍କ କହିବା ଅନୁଯାୟୀ, ଦୁଇଟି ଯାକ ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିବେ ଏବଂ ପରସ୍ପରକୁ କଡ଼ା ଟକ୍କର ଦେବେ। ଗୋଟିଏ ଐତିହାସିକ ଡ୍ରାମା ତ ଆଉ ଗୋଟିଏ ସାମାଜିକ ସମସ୍ୟା ଉପରେ ଆଧାରିତ ଫିଲ୍ମ। ଦର୍ଶକଙ୍କ ୱିକ୍-ଏଣ୍ଡ୍ ନିଶ୍ଚୟ ଦୁଇଟି ଭଲ ଫିଲ୍ମ ସହ କଟିବ ବୋଲି ଆଶା କରାଯାଉଛି। ଏହାଛଡ଼ା ଅଜୟ ଦେବଗନ୍‌ଙ୍କ ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍' ୩ଡିରେ ରିଲିଜ୍ ହେବାକୁ ଥିବାବେଳେ ଦୀର୍ଘ ଦୁଇବର୍ଷ ପରେ ବଲିଉଡ୍ ମସ୍ତାନୀ ଦୀପିକା ଫିଲ୍ମ 'ଛପାକ୍' ସହ ବଲିଉଡ୍ ଫେରୁଛନ୍ତି। ଫିଲ୍ମ 'ତାନାଜୀ: ଦ ଅନ୍‌ସଙ୍ଗ୍ ୱାରିୟର୍'ରେ ଅଜୟ-କାଜୋଲ ଏବଂ ସୈଫ୍‌ଙ୍କୁ ମୁଖ୍ୟ ଭୂମିକାରେ ଦେଖିବାକୁ ମିଳିବ। ଏହାକୁ ନିଜେ ଅଜୟ ଦେବଗନ୍ ପ୍ରଯୋଜନା କରୁଛନ୍ତି। ସେହିଭଳି ଫିଲ୍ମ 'ଛପାକ୍'ରେ ଦୀପିକା ଏବଂ ବିକ୍ରାନ୍ତ ମାସୀ ମୁଖ୍ୟ ଭୂମିକାରେ ନଜରକୁ ଆସିବେ।



**କୋଲକାତା:** କୁହାଯାଏ, ଭାଗ୍ୟ କାହାକୁ କେତେବେଳେ କେଉଁଠି ନେଇ ପହଞ୍ଚାଇଥାଏ ତା'ର ଠିକଣା ନ ଥାଏ। ଫଳରେ କୋଟିପତି ଗରିବ ହୋଇଯାଉଥିବା ବେଳେ ଗରିବଟିଏ ରାତାରାତି କୋଟିପତି ହୋଇଯାଏ। ଏହାର ଅନେକ ଉଦାହରଣ ମଧ୍ୟ ରହିଛି। ଏହିପରି ଏକ ଉଦାହରଣ ଦେଖିବାକୁ ମିଳିଛି କୋଲକାତାରେ। ଯାହା ଚର୍ଚ୍ଚାର ବିଷୟ ପାଲଟିଛି। ଏଠାକାର ଜଣେ ପରିବା ଦୋକାନୀ ଲଟେରି ଟିକେଟ୍‌କୁ ରାଗି କି ଅଳିଆଗଦାରେ ଫିଙ୍ଗି ଦେଇଥିଲେ। ମାତ୍ର ଏହି ଟିକେଟ ତାଙ୍କୁ କୋଟିପଟି କରିଦେଇଛି। କୋଲକାତାର ଦମ୍‌ଦମ୍ ଅଞ୍ଚଳରେ ରହୁଥିବା ସାଦିକ୍ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଦିନେ ସ୍ତ୍ରୀଙ୍କ ସହ ସାଦିକ୍ ନାଗାଲାଣ୍ଡ ଲଟେରିର ୫ଟି ଟିକେଟ୍ କିଣିଥିଲେ। ୨ ଜାନୁୟାରୀରେ ଏହି ଲଟେରି ଉଠାଣ ହୋଇଥିଲା। କିଛି ଦୋକାନୀ ତାଙ୍କର ଲଟେରି ଉଠି ନ ଥିବା ସାଦିକ୍‌ଙ୍କୁ କହିଥିଲେ। ଏଥିରେ ରାଗି ଯାଇ ସମସ୍ତ ଟିକେଟ ନେଇ ସେ ଅଳିଆଗଦାରେ ଫିଙ୍ଗି ଦେଇଥିଲେ।

ଏକ ରିପୋର୍ଟ ଅନୁଯାୟୀ, ୩ ଜାନୁୟାରୀରେ ସାଦିକ୍ ୧ କୋଟି ଟଙ୍କାର ପୁରସ୍କାର ଜିତିଥିବା ଜାଣିବାକୁ ପାଇଥିଲେ। ଏହା ଶୁଣି ଖୁସିରେ ସାଦିକ୍‌ଙ୍କ ଗୋଡ଼ ତଳେ ଲାଗିଲାନି। ସେ ସଙ୍ଗେ ସଙ୍ଗେ ସ୍ତ୍ରୀ ଅସୀମାଙ୍କ ସହ ମିଶି ଅଳିଆଗଦାରୁ ଟିକେଟ୍ ଖୋଜିବାରେ ଲାଗିପଡ଼ିଲେ। ଦୀର୍ଘସମୟ ଖୋଜିବା ପରେ ୫ଟି ଯାକ ଟିକେଟ୍ ପାଇଥିଲେ। ପରେ ସେହି ଟିକେଟ୍ ଦେଖାଇ ସେ ପୁରସ୍କାର ରାଶି ଆଣିଥିଲେ।

## ପରିବା ବିକାଳି ସାଜିଲେ କୋଟିପତି

**ନ୍ୟୁୟର୍କ:** କପଡ଼ା ଆଲମିରା ପଡ଼ି ଜଣେ ୨ ବର୍ଷ ଶିଶୁର ମୃତ୍ୟୁ ଘଟଣାରେ ସମ୍ପୃକ୍ତ ଆଲମିରା କମ୍ପାନୀକୁ ୩୩୧ କୋଟି ଟଙ୍କାର କ୍ଷତି ପୂରଣ ଦେବାକୁ ପଡ଼ିଛି। ଆମେରିକା କାଲିଫର୍ନିଆରେ ୩୦ ଇଞ୍ଚ ଉଚ୍ଚା କପଡ଼ା ଆଲମିରା ପଡ଼ିଯିବାରୁ ୨୦୧୭ ମଇ ମାସରେ ଏହା ଘଟିଥିଲା। ଏନେଇ ଶିଶୁଙ୍କର ଅଭିଭାବକଙ୍କ ପକ୍ଷରୁ କୋର୍ଟରେ ଘରୋଇ ଆସବାବପତ୍ର ନିର୍ମାଣକାରୀ କମ୍ପାନୀ ଆଇକିଆ ବିରୋଧରେ ଏକ ମାମଲା ଦାଏର କରାଯାଇଥିଲା। କମ୍ପାନୀର ଆଲମିରା ନିର୍ମାଣରେ ତ୍ରୁଟି ଥିବା ଦର୍ଶାଇ ଏହି ମାମଲା ଦାଏର ହୋଇଥିଲା। ଶେଷରେ କମ୍ପାନୀ ଦାବି କରାଯାଇଥିବା କ୍ଷତିପୂରଣ ଦେଇଛି। ଏହାପୂର୍ବରୁ ୨୦୧୬ରେ ଏକ ଘଟଣାରେ କମ୍ପାନୀ ପକ୍ଷରୁ ୩ ପରିବାରଙ୍କୁ ଭିନ୍ନ ଭିନ୍ନ ମାମଲାରେ ୩୬୦ କୋଟି ଟଙ୍କାର କ୍ଷତି ପୂରଣ ଦିଆଯାଇଥିଲା। ସୂଚନାଯୋଗ୍ୟ, ୧୯୪୩ରେ ୧୭ ବର୍ଷ ବୟସ୍କ କୈମ୍ପ୍ରେଡ୍ ଏହି କମ୍ପାନୀର ସ୍ଥାପନା କରିଥିଲେ। ୨୦୧୯ରେ କମ୍ପାନୀ ୩ ଲକ୍ଷ ୨୫ ହଜାର କୋଟି କାରବାର କରିଥିଲା।



## ଶିଶୁ ମୃତ୍ୟୁ ଘଟଣାରେ ୩୩୧ କୋଟି କ୍ଷତିପୂରଣ




**ମୁମ୍ବାଇ:** ବଲିଉଡ୍‌ର ଟାଲେଣ୍ଟେଡ୍ ହିରୋ ଆୟୁଷ୍ମାନ୍ ଖୁରାନାଙ୍କୁ ନେଇ ଏବେ ବି-ଟାଉନରେ ବଡ଼ ଚର୍ଚ୍ଚା। ଲୋକପ୍ରିୟ ନିର୍ଦ୍ଦେଶକ ଇମ୍ତିୟାଜ୍ ଅଲିଙ୍କ ଆଗାମୀ ଫିଲ୍ମ କରିବାକୁ ଆୟୁଷ୍ମାନ୍ ମନାକରିଦେଇଥିବା ଜଣାପଡ଼ିଛି। ତେବେ ଏତେବଡ଼ ନିର୍ଦ୍ଦେଶକଙ୍କ ଫିଲ୍ମ ଅଫର୍‌କୁ ମନାକରିଦେବା ପରେ ଆୟୁଷ୍ମାନଙ୍କୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ନିକଟରେ ଆୟୁଷ୍ମାନଙ୍କ ଫିଲ୍ମ 'ବାଲା' ବକ୍ସ ଅଫିସ୍‌ରେ ଭଲ ପ୍ରଦର୍ଶନ କରିଥିଲା। ସେ ଖୁବ୍ କମ୍‌ଦିନରେ ବଲିଉଡ୍‌ରେ ଜଣେ ଆଗ ଧାଡ଼ିର ହିରୋ ଭାବେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି।

ଇମ୍ତିୟାଜ୍ ପଞ୍ଜାବୀ ଲୋକଗାୟକ ଅମର ସିଂ ଚମ୍‌କିଲାଙ୍କ ଉପରେ ଏକ ଫିଲ୍ମ ନିର୍ମାଣ କରିବାକୁ ଯୋଜନା ପ୍ରସ୍ତୁତ କରୁଛନ୍ତି। 'ଜବ୍ ୱି ମେଟ୍', 'ତମାଶା', 'ହାଇୱେ' ଭଳି ସୁପର୍‌ହିଟ୍ ଫିଲ୍ମ କରିସାରିଥିବା ଇମ୍ତିୟାଜ ଅମର ସିଂଙ୍କ ଭୂମିକା ପାଇଁ ଆୟୁଷ୍ମାନ୍‌ଙ୍କୁ ଯୋଗାଯୋଗ କରିଥିଲେ। ହେଲେ ଆୟୁଷ୍ମାନ୍ ବିନମ୍ରତାର ସହ ଏହି ଅଫର୍‌କୁ ମନା କରିଦେଇଥିଲେ। ଅମର ସିଂ ଚମ୍‌କିଲା ନିଜ ଗାୟକୀ ପାଇଁ ପଞ୍ଜାବରେ ଖୁବ୍ ଲୋକପ୍ରିୟ। ସେ ନିଜ ଗୀତଗୁଡ଼ିକ ପାଇଁ ଖୁବ୍ ବିବାଦରେ ଫସିଥିଲେ ହେଁ ତାଙ୍କ ଲୋକପ୍ରିୟତା କମ୍ ନ ଥିଲା। ମାତ୍ର ୨୮ ବର୍ଷ ବୟସରେ, ତାଙ୍କୁ ଓ ତାଙ୍କ ପତ୍ନୀଙ୍କୁ ହତ୍ୟା କରାଯାଇଥିଲା। ଅନ୍ୟପଟେ ଏକମାସ ପୂର୍ବେ ଇମ୍ତିୟାଜ୍ ଫିଲ୍ମର ସ୍କ୍ରିପ୍ଟ ନେଇ ଆୟୁଷ୍ମାନ୍‌ଙ୍କ ନିକଟକୁ ଯାଇଥିଲେ। ହେଲେ ନିଜ ଅପ୍‌କମିଂ ଫିଲ୍ମ 'ଗୁଲାବୋ ସିତାବୋ' ଏବଂ 'ଶୁଭମଙ୍ଗଳ ଜ୍ୟାଦା ସାବଧାନ' ପରେ ଆୟୁଷ୍ମାନ୍ ଅତି କମ୍‌ରେ ୪ ମାସ ବ୍ରେକ୍ ନେବାକୁ ଚିନ୍ତା କରୁଛନ୍ତି। ଏଥିଲାଗି ସେ ଇମ୍ତିୟାଜ୍‌ଙ୍କ ଫିଲ୍ମକୁ ମନାକରିଦେଇଥିବା କୁହାଯାଉଛି। ତେବେ କାର୍ତ୍ତିକ ଆର୍ଯ୍ୟନଙ୍କୁ ମଧ ଏହି ଭୂମିକା ପାଇଁ ଉପଯୁକ୍ତ ବୋଲି କୁହାଯାଉଥିଲା। ଏବେ ଇମ୍ତିୟାଜ୍ ନିଜ ଆଗାମୀ ଫିଲ୍ମ ପାଇଁ କାହାକୁ ଚୟନ କରୁଛନ୍ତି ଦେଖିବାକୁ ଅପେକ୍ଷା ରହିଲା।

## ଇମ୍ତିୟାଜ୍‌ଙ୍କ ଫିଲ୍ମକୁ ଆୟୁଷ୍ମାନ୍‌ଙ୍କ ନା

## ଆସିଲା ସ୍ମାର୍ଟ ଆଣ୍ଟି ଟିଜିଂ ଲିପ୍‌ଷ୍ଟିକ୍ ଗନ୍

**ବାରାଣସୀ:** ଏବେ ରୋଡ୍ ସାଇଡ୍ ରୋମିଓଙ୍କୁ ପାନେ ମିଳିବ। ବାରାଣସୀର ଜଣେ ଯୁବକ ମହିଳାଙ୍କ ସୁରକ୍ଷା ପାଇଁ ଏକ ନୂଆ ପ୍ରକାରର ଲିପ୍ ଷ୍ଟିକ୍ ତିଆରି କରିଛନ୍ତି। ଏହାର ନାମ ସ୍ମାର୍ଟ ଆଣ୍ଟି ଟିଜିଂ ଲିପ୍‌ଷ୍ଟିକ୍ ଗନ୍ ରଖାଯାଇଛି। ସ୍ଥାନୀୟ ଅଶୋକା ଇନଷ୍ଟିଚ୍ୟୁଟରେ ପାଠପଢୁଥିବା ଶ୍ୟାମ ଚୌରାସିଆ ନାମକ ଜଣେ ଯୁବକ ମହିଳାଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ଦୃଷ୍ଟିରେ ରଖି ଏହାକୁ ତିଆରି କରିଛନ୍ତି। ଏଥିରୁ ଗୁଳି ଫୁଟିଲେ ଏହାର ଶବ୍ଦ ଆଖପାଖର ଏକ କିଲୋମିଟର ପର୍ଯ୍ୟନ୍ତ ଶୁଭିବ। ଫଳରେ ଆଖପାଖରେ ଥିବା ଲୋକ ଏବଂ ପୋଲିସ କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଏହା ସକ୍ଷମ ହେବ ବୋଲି ଶ୍ୟାମ କହିଛନ୍ତି। ଏହାଦ୍ୱାରା ଏକୁଟିଆ ଯୁବତୀ ଏବଂ ମହିଳାଙ୍କୁ ହଇରାଣ କରୁଥିବା ରୋଡ୍ ସାଇଡ୍ ରୋମିଓ ସାବାଡ୍ ହୋଇପାରିବେ। ସୂଚନାଯୋଗ୍ୟ, ଏହା ପୂର୍ବରୁ ଶ୍ୟାମ ଏଭଳି ବହୁ ଉପଯୋଗୀ ଉପକରଣ ତିଆରି କରିସାରିଛନ୍ତି।



## ପୃଥିବୀଠାରୁ ବଡ଼ ଗ୍ରହର ସନ୍ଧାନ

**ୱାଶିଂଟନ:** ପୃଥିବୀଠାରୁ ବଡ଼ ଏକ ଗ୍ରହର ସନ୍ଧାନ ମିଳିଛି। ଏଲିଅନ୍‌ଙ୍କ ସମ୍ପର୍କରେ ତଥ୍ୟ ସଂଗ୍ରହ କରୁଥିବା ସ୍ପେସ୍‌କ୍ରାଫ୍ଟର ଟେଲିସ୍କୋପ୍ ଦ୍ୱାରା ଏହି ଗ୍ରହର ଉପସ୍ଥିତି ବିଷୟରେ ଜଣାପଡ଼ିଛି। ଏହା ପୃଥିବୀଠାରୁ ଶହେ ଆଲୋକ ବର୍ଷ ଦୂରରେ ରହିଛି। ଗ୍ରହର ଆକାର ପୃଥିବୀର ଆକାର ତୁଳନାରେ ୨୦ ପ୍ରତିଶତ ଅଧିକ ବୋଲି ନାସା ପକ୍ଷରୁ ସୂଚନା ଦିଆଯାଇଛି। ଏହି ଗ୍ରହକୁ ଟିଓଆଇ-୭୦୦-ଡି ଭାବେ ନାମକରଣ କରାଯାଇଛି। ଏହା ବାସଯୋଗ୍ୟ ବୋଲି ନାସାର କିଛି ମହାକାଶ ବିଜ୍ଞାନୀ ମତପୋଷଣ କରିଛନ୍ତି। ଏଠାରେ ଜଳ ରହିଥିବା କୁହାଯାଉଛି। ଗ୍ରହଟିର ନିଜସ୍ୱ ଏକ ସୂର୍ଯ୍ୟ ରହିଛି। ଏହା ଚାରିପଟେ ଘୂରିବା ଲାଗି ଗ୍ରହଟି ମାତ୍ର ୩୭ ଦିନ ନେଉଛି। ଅର୍ଥାତ୍ ଏଠାରେ ୩୭ ଦିନରେ ଗୋଟିଏ ବର୍ଷ ହେଉଛି। ପୃଥିବୀର ସୌରମଣ୍ଡଳରେ ଥିବା ସୂର୍ଯ୍ୟ ତୁଳନାରେ ଟିଓଆଇ-୭୦୦-ଡି'ର ସୂର୍ଯ୍ୟ କମ୍ ପରିମାଣର ଶକ୍ତି ପ୍ରଦାନ କରୁଛି। ଏଠାରେ କମ୍ ଗରମ ଅନୁଭୂତ ହେଉଥିବା ମହାକାଶ ବିଜ୍ଞାନୀ କହିଛନ୍ତି। ଏଠାରେ ବାସ ଉପଯୋଗୀ ଟିଓଆଇ-୭୦୦-ବି ଏବଂ ଟିଓଆଇ-୭୦୦-ସି ଗ୍ରହ ମଧ ରହିଥିବା ଜଣାପଡ଼ିଛି।



## ସଂକ୍ଷେପରେ

### ପ୍ରାଇମେରି ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟକୁ ବିରୋଧ

**ଏରସମା, ୯।୧ (ସ୍ୱ.ପ୍ର.):** ଏରସମା ବ୍ଲକ ଅଧୀନ ଜିରାଇଲୋ ପଞ୍ଚାୟତସ୍ଥିତ ଶରବା ପୋଲ ନିକଟରେ ନିର୍ମାଣ ହେବାକୁ ଥିବା ପ୍ରାଇମେରି ସି ଫୁଡ୍ ପ୍ରୋସେସିଂ ପ୍ଲାଣ୍ଟକୁ ସ୍ଥାନୀୟ ଲୋକେ ବିରୋଧ କରିଛନ୍ତି। ଏ ନେଇ ଗୁରୁବାର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ସିପିଆଇ ନେତା ଅଭୟ ସାହୁ, ପୂର୍ବତନ ସରପଞ୍ଚ ଅଧିକାରୀ ପ୍ରଶାନ୍ତ ଦାସ, ବିଜୟ ସାହୁ, ଜଟାଧାରୀ ସ୍ୱାଇଁ, ରବୀନ୍ଦ୍ର ପାଇଟାଳ, ଦେବେନ୍ଦ୍ର ହାତୀ, ଦେବେନ୍ଦ୍ର ସ୍ୱାଇଁ, ସୁଶାନ୍ତ ସେଠୀ, ଉତ୍ତମ ହାତୀ, ବିପ୍ଳବ ସ୍ୱାଇଁ, କାଳନ୍ଦୀ ଛାଟୋଇ ପ୍ରମୁଖ ଯୋଗଦେଇ ପ୍ଲାଣ୍ଟ ନିର୍ମାଣ ହେଲେ କ'ଣ ସବୁ ଅସୁବିଧା ହେବ, ସେ ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ପ୍ଲାଣ୍ଟ ହେଲେ ପରିବେଶ ବିଗିଡ଼ିବା ସହିତ ଚର୍ମ ରୋଗ ସୃଷ୍ଟି ହେବ। ପଚା ଚିଙ୍ଗୁଡ଼ି ମୁଣ୍ଡ ଜଳବାୟୁକୁ ଦୂଷିତ କରିବା ସହିତ ଦୁର୍ଗନ୍ଧ ସୃଷ୍ଟି କରିବ। ପାଣି ପ୍ରଦୂଷଣ ହେଲେ ଚିଙ୍ଗୁଡ଼ି ଚାଷ ମଧ କ୍ଷତିଗ୍ରସ୍ତ ହେବ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏଥିସହିତ ହଂସୁଆ ସଫେଇର ଏକ ଧାର ଶରବା ଓ କିମିଲେ ଗ୍ରାମର ସୀମା ମଧ ଦେଇ ଯାଇଛି। ସେହି ସଫେଇର ଜଳ ଦୂଷିତ ହେଲେ ଏହା ଉପରେ ନିର୍ଭର କରୁଥିବା ଲୋକେ ଅସୁବିଧା ଭୋଗିବେ। ସରକାରୀ ନିୟମ ଅନୁସାରେ ଜନବସତିଠାରୁ ୫୦୦ ମିଟର ଦୂରରେ ପ୍ଲାଣ୍ଟ ସ୍ଥାପନ କରାଯିବା କଥା। ମାତ୍ର ଶରବା ଗ୍ରାମଠାରୁ ୩୦ ମିଟର ଦୂରରେ ପ୍ଲାଣ୍ଟ ସ୍ଥାପନ ପାଇଁ ଯୋଜନା କରାଯାଉଥିବାରୁ ଅଞ୍ଚଳବାସୀ ଏହାର ବିରୋଧ କରିଛନ୍ତି। ଆସନ୍ତା ୧୧ରେ ଜିରାଇଲୋ ପଞ୍ଚାୟତବାସୀ ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଯୁବ ନେତା ଅଭିଜିତ ସାହୁ ସୂଚନା ଦେଇଛନ୍ତି।

### ଅଲଣାହାଟ ହାଇସ୍କୁଲ ପୁରାତନ ବିଦ୍ୟାର୍ଥୀ ପରିଷଦର ବନ୍ଧୁମିଳନ ୧୨ରେ

**ନାଉଗାଁ, ୯।୧ (ସ୍ୱ.ପ୍ର.):** ଜଗତ୍‌ସିଂହପୁର ଜିଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଅଲଣାହାଟ ହାଇସ୍କୁଲ୍ ପୁରାତନ ବିଦ୍ୟାର୍ଥୀ ପରିଷଦର ବାର୍ଷିକ ବନ୍ଧୁ ମିଳନ ଉତ୍ସବ ଆସନ୍ତା ୧୨ ତାରିଖରେ ସ୍କୁଲ୍ ପରିସରରେ ଅନୁଷ୍ଠିତ ହେବ। ଗତବର୍ଷ ଏହି ଦିନ ପାଳନ କରାଯାଇଥିବା ସ୍କୁଲ୍‌ର ୭୫ତମ ବାର୍ଷିକ ଉତ୍ସବରେ ବନ୍ଧୁ ମିଳନ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ଏହି ପ୍ରଥମ ବନ୍ଧୁ ମିଳନ ଉତ୍ସବରେ ସ୍କୁଲ୍‌ର ସମସ୍ତ ବ୍ୟାଚ୍‌ର ପୁରାତନ ଛାତ୍ରୀଛାତ୍ର ଯୋଗଦେବାକୁ ପରିଷଦ ଆବାହକ ଇଂ. ଅକ୍ଷୟ କୁମାର ସାହାଣୀ ନିବେଦନ କରିଛନ୍ତି।

# ପାରାଦୀପରେ ହେବ ରାଜ୍ୟର ପ୍ରଥମ ଇଓସି

**ପାରାଦୀପ, ୯।୧ (ସ୍ୱ.ପ୍ର.)**

ସମଗ୍ର ରାଜ୍ୟରେ ଥିବା ୩୫ ବୃହତ୍ ରାସାୟନିକ ଦୁର୍ଘଟଣା ପ୍ରବଣ କାରଖାନା ମଧ୍ୟରୁ ପାରାଦୀପରେ ୨୫ ପ୍ରତିଶତ ଅର୍ଥାତ୍ ୮ କାରଖାନା ଅଛି। ସେହି କାରଖାନାର ସମ୍ଭାବ୍ୟ ଦୁର୍ଘଟଣା ବେଳେ ଜରୁରିକାଳୀନ ପରିଚାଳନା ପାଇଁ ହେବ ଇଓସି (ଇମର୍ଜେନ୍ସି ଅପରେଶନ୍ ସେଣ୍ଟର)। ଏହା କେବଳ ରସାୟନ ପାଇଁ ଉଦ୍ଦିଷ୍ଟ ରହିବ। ଉକ୍ତ କେନ୍ଦ୍ର ରାଜ୍ୟରେ ପ୍ରଥମ ହେବ ବୋଲି କାରଖାନା ବାଷ୍ପିତ ବିଭାଗ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଇଓସି ଆସନ୍ତା ମାର୍ଚ୍ଚ ୪ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ଗୁରୁବାର ପାରାଦୀପର ରସାୟନଯୁକ୍ତ ଶିଳ୍ପ କର୍ତ୍ତୃପକ୍ଷ, କାରଖାନା ଓ ବାଷ୍ପିତ ବିଭାଗ ଏବଂ ଅତିରିକ୍ତ ଜିଲାପାଳଙ୍କ ମଧ୍ୟରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯାଇଛି। ଏହି ଇଓସିରେ ସାଟେଲାଇଟ୍ ଫୋନ୍, ହଟ୍‌ଲାଇନ୍, ପ୍ରତିକାରାତ୍ମକ ଯନ୍ତ୍ରପାତି ଆଦି ରହିବ। ବିପର୍ଯ୍ୟୟ ବେଳେ ୧୦ଜଣ ସେଫ୍ଟି ଅଫିସର ଏହାକୁ ପରିଚାଳନା କରିବେ। ଉକ୍ତ ଇଓସି ପାଇଁ ପାରାଦୀପର ୩ଟି ବୃହତ୍ ଶିଳ୍ପ ସଂସ୍ଥା ଆନୁଷଙ୍ଗିକ ବ୍ୟବସ୍ଥା କରିବେ। ଯଥା ପାରାଦୀପ ତୈଳ ବିଶୋଧନାଗାର ସମସ୍ତ ପ୍ରକାର ଆନୁଷଙ୍ଗିକ ପ୍ରତିକାର




- ମାର୍ଚ୍ଚ ୪ ସୁଦ୍ଧା କାର୍ଯ୍ୟକ୍ଷମ ନିଷ୍ପତ୍ତି
- ପରିଚାଳନା କରିବେ ୧୦ ସେଫ୍ଟି ଅଫିସର
- ଇଓସି ପାଇଁ ଆନୁଷଙ୍ଗିକ ବ୍ୟବସ୍ଥା କରିବେ ୩ ବୃହତ୍ କମ୍ପାନୀ

ଉପକରଣ ଯୋଗାଇଦେବ। ଯେଉଁଥିରେ ଆମୋନିଆ ଗ୍ୟାସ ପରିଚାଳନା ଉପକରଣ, କ୍ଲୋରିନ୍, ଅଗ୍ନିକ ଉପକରଣ ଆଦି ରହିଛି। ପିପିଏଲ୍ ଯୋଗାଯୋଗ ସାଧନ (ସାଟେଲାଇଟ ଫୋନ୍, ହଟ୍‌ଲାଇନ୍ ବ୍ୟବସ୍ଥା ଆଦି) ଦେବ। ଇଫ୍‌କୋ ଇଓସି ପାଇଁ ଭିତ୍ତିଭୂମି (ଘର ଓ ଅନ୍ୟ ସରଞ୍ଜାମ) ଦେବ। ଏହାକୁ ଆସନ୍ତା ମାର୍ଚ୍ଚ ୪ (ସେଫ୍ଟି ଦିବସ) ପୂର୍ବରୁ କାର୍ଯ୍ୟକ୍ଷମ କରାଯିବ ବୋଲି କାରଖାନା ଓ ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ କହିଛନ୍ତି। ପାରାଦୀପରେ ଥିବା ୮ ଦୁର୍ଘଟଣା ରସାୟନ ପ୍ରବଣ କାରଖାନା ମଧ୍ୟରେ ଅଛି ଇଫ୍‌କୋ, ପିପିଏଲ୍, ତୈଳ ବିଶୋଧନାଗାର, ୪ଟି ଟର୍ମିନାଲ (ବିପିସିଏଲ୍, ଏଚ୍‌ପିସିଏଲ୍, ଇଣ୍ଡିଆନ ଅଏଲ୍, ଏଲ୍‌ପିଜି ଗ୍ୟାସ) ଏବଂ ପାରାଦୀପ ହରିଦାସପୁର ବୈତରଣୀ ପାଇପ ଲାଇନ ପ୍ରକଳ୍ପ। ଏହା ବ୍ୟତିରେକେ ୧୭ଟି ଆଇସ୍ ଫ୍ୟାକ୍ଟରୀ, ୩ ଚିଙ୍ଗୁଡ଼ି ପ୍ରୋସେସିଂ ପ୍ଲାଣ୍ଟ ଓ ଏସାର ଷ୍ଟିଲ (ବର୍ତ୍ତମାନର ଆର୍ସେଲର ମିତ୍ତଲ ନିପ୍ପନ ଷ୍ଟିଲ) କାରଖାନାରେ ସ୍ୱଳ୍ପ ମାତ୍ରାରେ ରସାୟନ ବ୍ୟବହାର ହେଉଛି। ସେହିସବୁ ଫ୍ୟାକ୍ଟ୍ରିରେ ଥିବା ଅଭିଜ୍ଞ ଅଧିକାରୀଙ୍କୁ ବିପର୍ଯ୍ୟୟ ବେଳେ ପରିଚାଳନା ପାଇଁ ଚୟନ କରାଯିବ, ଯାହାକୁ ଜିଲା ପ୍ରଶାସନ ଓ କାରଖାନା ବାଷ୍ପିତ ବିଭାଗ ମନିଟରିଂ କରିବେ।

ସୂଚନାଯୋଗ୍ୟ, ରାଜ୍ୟରେ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଆପାତକାଳୀନ ପରିଚାଳନା କେନ୍ଦ୍ର ରହିଛି। ସେସବୁ ପ୍ରାକୃତିକ ବିପର୍ଯ୍ୟୟ (ବାତ୍ୟା, ବନ୍ୟା, ବର୍ଷା, ଖରା, ଶୀତ) ବେଳେ କାମରେ ଲାଗିଥାଏ। କିନ୍ତୁ ରସାୟନିକ ବିପର୍ଯ୍ୟୟ ପାଇଁ ଏହା ରାଜ୍ୟର ପ୍ରଥମ ଇଓସି ହେବ ବୋଲି ସହକାରୀ ନିର୍ଦ୍ଦେଶକ ଦଳାଇ କହିଛନ୍ତି।

### ୨୦୧୯ରେ ଗୋଟିଏ ଦୁର୍ଘଟଣା

ପାରାଦୀପରେ ଥିବା ୧୫ ବୃହତ୍ ଶିଳ୍ପ (୮ ରାସାୟନିକ) ମଧ୍ୟରେ ୨୦୧୯ରେ ମାତ୍ର ଗୋଟିଏ ଦୁର୍ଘଟଣା ଘଟିଛି ବୋଲି କାରଖାନା ବାଷ୍ପିତ ବିଭାଗ ପକ୍ଷରୁ କୁହାଯାଇଛି। ନଭେମ୍ବର ମାସରେ ପିପିଏଲ୍‌ର ଜଣେ ଶ୍ରମିକ ରେଳ ଲାଇନ୍‌ରେ କଟିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏହାବାଦ୍ ସେପରି ଦୁର୍ଘଟଣା କିମ୍ବା ରସାୟନ ବିପର୍ଯ୍ୟୟ ଘଟିନାହିଁ। ୨୦୧୮ ବର୍ଷରୁ ବିଭାଗ ବ୍ୟାପକ ଜନ ସଚେତନତା କାର୍ଯ୍ୟକ୍ରମ ଓ ମକ୍‌ଡ୍ରିଲ୍ କରିଛି। ୧୦ ଥର ସଚେତନତା କାର୍ଯ୍ୟକ୍ରମ ଓ ୧୮ଥର ଭିନ୍ନ ଭିନ୍ନ ସ୍ଥାନରେ ମକ୍‌ଡ୍ରିଲ୍ ହୋଇଛି। ଏଥିସହ କାରଖାନାର ମାନ ଓ ଗୁଣବତ୍ତାକୁ ନିୟମିତ ଯାଞ୍ଚ କରିବା ଦ୍ୱାରା ଶିଳ୍ପ ସଂସ୍ଥାମାନେ କେତେକାଂଶରେ ସୁଧାର ଆଣିଛନ୍ତି ବୋଲି କାରଖାନା ବାଷ୍ପିତ ବିଭାଗର ସହକାରୀ ନିର୍ଦ୍ଦେଶକ ଚନ୍ଦ୍ରକାନ୍ତ ଦଳାଇ କହିଛନ୍ତି। ପୂର୍ବ ବର୍ଷଗୁଡ଼ିକରେ ଏକାଧିକ ଦୁର୍ଘଟଣା, ତୈଳ ନିର୍ଗତ, ଅଗ୍ନିକ, ରସାୟନ ଲିକେଜ, କାରଖାନାର କିଛି ଅଂଶ ଭାଙ୍ଗିବା, ଅଗ୍ନିକାଣ୍ଡ ଭଳି ଦୁର୍ଘଟଣା ଏକାଧିକ ଥର ଘଟିଥିଲା। ଏବେ ସେହି ଧାରା ଆଗାମୀ ଦିନରେ ବଳବତ୍ତର ରହିବ ବୋଲି କୁହାଯାଇଛି।

### ଆବାସ ବଣ୍ଟନ ଚଞ୍ଚକତା ବିରୋଧରେ ଅନଶନ
## ଲିଖିତ ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

**ରତ୍ନଗିରି,୯।୧(ଡି.ଏନ୍.ଏ.):** ବରୀ ବ୍ଲକ ଗୋଲକୁଣ୍ଡ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ବଣ୍ଟନ କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ହେବା ଓ ଯୋଗ୍ୟ ବିବେଚିତ ହିତାଧିକାରୀଙ୍କ ନାମକୁ ଉଦ୍ଦେଶ୍ୟମୂଳକଭାବେ ବାଦ୍ ଦିଆଯିବାକୁ ବିରୋଧ କରି ଉକ୍ତ ପଞ୍ଚାୟତବାସୀ ମଙ୍ଗଳବାର ବରୀ ବ୍ଲକ କାର୍ଯ୍ୟାଳୟରେ ଅନଶନରେ ବସିଥିଲେ। ଘଟଣାସ୍ଥଳରେ ବରୀ ବ୍ଲକ ଅଧ୍ୟକ୍ଷା ସୁବାଶିନୀ ଶର୍ମା, ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ଭଞ୍ଜ ଓ ବରୀ ବିଡିଓ ଶୁଭଶ୍ରୀ ତ୍ରିପାଠୀ ପହଞ୍ଚି ଅନଶନକାରୀଙ୍କ ସହିତ ଆଲୋଚନା କରିଥିଲେ ବି ଏହା ସଫଳ ହୋଇ ନ ଥିଲା। ବୁଧବାର ଦ୍ୱିତୀୟ ଦିନ ଅନସନ ଚାଲୁ ରହିଥିବାବେଳେ ବରୀ ବ୍ଲକ୍ ଅଧ୍ୟକ୍ଷା ଓ ବରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋଲକୁଣ୍ଡ ପଞ୍ଚାୟତର ସମିତିସଭ୍ୟ ଅଶୋକ ଜେନାଙ୍କ ଉପସ୍ଥିତିରେ ଅନଶନକାରୀଙ୍କ ସହିତ ଆଲୋଚନା କରି ହିତାଧିକାରୀ ଚୟନ କ୍ଷେତ୍ରରେ ହୋଇଥିବା ତ୍ରୁଟିକୁ ତଦନ୍ତ ପରିସରଭୁକ୍ତ କରାଯିବ ଓ ଏହି ପଞ୍ଚାୟତର କୌଣସି ଯୋଗ୍ୟ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଞ୍ଚିତ ହେବେ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଅନଶନ ପ୍ରତ୍ୟାହୃତ ହୋଇଛି। ଘଟଣାକୁ ଗୁରୁତ୍ୱ ଦେଇ ଶୃଙ୍ଖଳା ରକ୍ଷିବା କ୍ଷେତ୍ରରେ ବରୀ ଥାନାଧିକାରୀ ମାର୍କଣ୍ଡ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

### ପାରାଦୀପ ଟ୍ରକ୍ ସଂଘ ବିବାଦ ପ୍ରସଙ୍ଗ
## ବୈଠକ ବସିଲା, ସମାଧାନ ହେଲାନି

**ପାରାଦୀପ, ୯।୧ (ସ୍ୱ.ପ୍ର.)**


ପାରାଦୀପ ଟ୍ରକ ମାଲିକ ସଂଘଗୁଡ଼ିକ ମଧ୍ୟରେ ଚାଲିଥିବା ବିବାଦ ସମାଧାନ ପାଇଁ ଗୁରୁବାର ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ତ୍ରିପାକ୍ଷିକ ବୈଠକ ବସିଥିଲେ ବି କିଛି ନିଷ୍କର୍ଷ ବାହାରି ପାରିନାହିଁ। ହାଇକୋର୍ଟ ନିଷ୍ପତ୍ତିକୁ ନେଇ ଅଙ୍କ ଛିଡୁ ନ ଥିବାରୁ ପୁଣି ଥରେ ବୈଠକ ବସିବ ବୋଲି ଏଡିଏମ୍ କାହ୍ନୁଚରଣ ଧୀର୍ କହିଛନ୍ତି।

ପାରାଦୀପର ୩ ଟ୍ରକ ମାଲିକ ସଂଘ (ପାରାଦୀପ ଟ୍ରକ ମାଲିକ ସଂଘ, ଜଗନ୍ନାଥ ଟ୍ରକ ମାଲିକ ସଂଘ ଓ ଜଗତ୍‌ସିଂପୁର ଜିଲା ଟ୍ରକ ମାଲିକ ସଂଘ) ପାରାଦୀରେ ପରିବହନକୁ ବ୍ୟବସ୍ଥିତ କରିବା ପାଇଁ ଜଏଣ୍ଟ କୋଅର୍ଡିନେଶନ କମିଟି (ଜେସିସି) ଗଠନ କରିଛନ୍ତି। ଏଥିରେ ସଂଘ ମଧ୍ୟରେ ପଣ୍ୟ ପରିବହନ ପାଇଁ ବ୍ୟବସ୍ଥା ହୋଇଛି। ଅର୍ଥାତ୍ ୧୦୦ ଗାଡ଼ି ଆବଶ୍ୟକ ହେଲେ ସେଥିରେ ପାରାଦୀପ ସଂଘ ୫୨, ଜଗନ୍ନାଥ ସଂଘ ୩୩ ଓ ଜଗତ୍‌ସିଂହପୁର ସଂଘ ୧୫ଟି ଗାଡ଼ି ଦେବେ। ଏଥିସହ ଯେକୌଣସି ସଂସ୍ଥାର ପଣ୍ୟ ପରିବହନ କ୍ଷେତ୍ରରେ ଜାଲିଆତି, ଚୋରି ଆଦି ହେଲେ ଜେସିସି ଉତ୍ତରଦାୟୀ ରୁହେ। ଏହା ମଧ୍ୟରେ କୌଣସି ନୂଆ ମାଲିକଙ୍କ ସଦସ୍ୟତା ଗ୍ରହଣ କରିବା କ୍ଷେତ୍ରରେ ଅଙ୍କୁଶ ଲଗାଯାଇଥିବାରୁ ବର୍ଷେ ହେଲା ୪-ଟି (ଟ୍ରକ୍, ଟିପ୍ପ, ଟ୍ରଲର ଓ ଟ୍ୟାଙ୍କର) ସଂଘ ମୁଣ୍ଡ ଟେକିଛି। ଏହି ସଂଘ ପ୍ରଥମ କରି ପିପିଏଲ୍‌ରେ ଜିପସମ୍ ପରିବହନ ପାଇଁ ଗତ ଡିସେମ୍ବରରେ ଅଗ୍ରାଧିକାର ପାଇଥିଲା। ମାତ୍ର ୪-ଟି ସଂଘ ପିପିଏଲ୍ ଭିତରକୁ ଯାଉଥିବା ବେଳେ ଅନ୍ୟ ୩ ପୁରୁଣା ସଂଘ ଏହାକୁ ବିରୋଧ କରିଥିଲେ। ଏପରିକି ପରିବହନ କାମ ଉଦ୍‌ଘାଟନ କରିବାକୁ ଆସିଥିବା ମନ୍ତ୍ରୀ, ବିଧାୟକ ଅଧାରୁ ଫେରି ଯାଇଥିଲେ। ଏହା ବିରୋଧରେ ଗତ ୨ ତାରିଖରେ ୪-ଟି ସଂଘ ଏଡିଏମ୍ ଅଫିସ୍ ଆଗରେ ଧାରଣା ଦେଇଥିଲେ। ସେହି ଆଧାରରେ ଗୁରୁବାର ଆଲୋଚନା ପାଇଁ ଦିନ ସ୍ଥିର କରାଯାଇଥିଲା। ଆଲୋଚନାରେ ଜେସିସି ଦର୍ଶାଇଥିଲା ଯେ, ୨୦୧୨ରେ ସେମାନେ ଜିପସମ୍ ପରିବହନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେତେବେଳେ ହାଇକୋର୍ଟ ତାଙ୍କ ଜିପସମ୍ ପରିବହନର ୩୦ ପ୍ରତିଶତ ଟ୍ରକ ସଂଘକୁ ଦେବେ ବୋଲି ନିଷ୍ପତ୍ତି ହୋଇଥିଲା। ନିଷ୍ପତ୍ତି ମୁତାବକ, ସେହି ୩୦ ପ୍ରତିଶତକୁ କିଏ ପରିବହନ କରିବ ତାହା ସ୍ପଷ୍ଟ କରନ୍ତୁ ବୋଲି ଯୁକ୍ତି ବାଢ଼ିଥିଲେ। ତେଣୁ ଆଗାମୀ ବୈଠକରେ ହାଇକୋର୍ଟଙ୍କ ନିଷ୍ପତ୍ତି ସମ୍ପର୍କରେ ତର୍ଜମା କରାଯିବ। ସେତେବେଳେ ବୈଠକରେ ସଂଘ ବ୍ୟତୀତ ପିପିଏଲ୍, ଟ୍ରାନ୍ସପୋର୍ଟ ସଂସ୍ଥା ପ୍ରମୁଖ ଉପସ୍ଥିତ ରହିବେ ବୋଲି ଏଡିଏମ୍ ଧୀର କହିଛନ୍ତି।

### ଯାଜପୁରକୁ ହରାଇ ଭୁବନେଶ୍ୱର ଚାମ୍ପିୟନ

**ବିଞ୍ଝାରପୁର,୯।୧(ଡି.ଏନ.ଏ):** ହର୍ମ୍ବଦ କ୍ଲବ ଆନୁକୂଲ୍ୟରେ ହେଉଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ମ୍ୟାଚ ଯାଜପୁରର ଏମ୍‌ସିସି ଓ ଭୁବନେଶ୍ୱର ସ୍କାନ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଭୁବନେଶ୍ୱର ସ୍କାନ ଚାମ୍ପିୟନ ହୋଇଛି। ଏମ୍‌ସିସି ୨୫ଓଭରରେ ୮ୱିକେଟ ହରାଇ ୧୮୯ ରନ୍ କରିଥିଲା। ଜବାବରେ ଭୁବନେଶ୍ୱର ସ୍କାନ ୨୪ଓଭରରେ ୮ୱିକେଟ ହରାଇ ୧୯୦ ରନ୍ କରି ବିଜୟୀ ହୋଇଥିଲା। ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ଭୁବନେଶ୍ୱର ସ୍କାନର ସନ୍ତୋଷ ଦେବକାନ୍ତ ଓ ସୁକାନ୍ତ ଦାଶ ଯଥାକ୍ରମେ ସମ୍ମାନିତ ହୋଇଥିବାବେଳେ ବେଷ୍ଟ ଅଧିନାୟକ ଭାବେ ଏମ୍‌ସିସି ଦଳର ଅଧିନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଟୁର୍ନାମେଣ୍ଟରେ ୧୨ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ପ୍ରଭାତ ଦାସ ଓ ଅଞ୍ଜୁମାନ ହୁସେନ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଧାୟିକା ପ୍ରମିଳା ମଲ୍ଲିକ ବିଜେତା ଦଳକୁ ଟ୍ରଫି ପ୍ରଦାନ କରିଥିବାବେଳେ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ନନ୍ଦକିଶୋର ସାମଲ, ବିଡିଓ ମୀନତି ଜଗଦେବ, ଉପାଧ୍ୟକ୍ଷା କୁମୁଦିନୀ ଦାସ, ଲାୟକ ଅଲ୍ଲୀ ଖାନ୍, ଅଧ୍ୟାପକ ଶରତ ସାହୁ, ଗଣିନାଥ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଜିଲା ବୈଶ୍ୟ ବଣିଆ ସଂଗଠନର ବୈଠକ



ବୈଠକରେ ଉପସ୍ଥିତ ଥିବା ସଙ୍ଗଠନର ସଦସ୍ୟମାନେ।

**ଯାଜପୁର ଟାଉନ,୯।୧ (ଡିଏନଏ)**

ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ବସବାସ କରୁଥିବା ପୁରୁଳି ବୈଶ୍ୟଙ୍କର ଏକ ବୈଠକ ସ୍ଥାନୀୟ ଅଫିସର୍ସ କ୍ଲବରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ବୈଶ୍ୟ ସମାଜର ରାଜ୍ୟ ଉପସଭାପତି କୈଳାଶ ଚନ୍ଦ୍ର ନାୟକଙ୍କ ଆବାହକତ୍ୱ କ୍ରମେ ଏହି ବୈଠକରେ ବରିଷ୍ଠ ଶିକ୍ଷାବିତ ଦିଗମ୍ବର ସାହୁ ଅଧ୍ୟକ୍ଷତା କରିଥିଲେ। ବୈଶ୍ୟ ବଣିଆ ଜାତିକୁ ପଛୁଆବର୍ଗରେ ସାମିଲ କରାଯିବା, ଜିଲାରେ ଏକ ସଶକ୍ତ ସଂଗଠନ ଗଠନ କରାଯାଇ ଜାତିର ଅସହାୟ ଏବଂ ଅଭାବୀ ଲୋକଙ୍କୁ ବିଭିନ୍ନ ସମୟରେ ଆର୍ଥିକ ସହାୟତା ପ୍ରଦାନ କରିବା ଏବଂ ପରମ୍ପରାକୁ ଉଜ୍ଜୀବିତ ରଖିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେବା ସମ୍ପର୍କରେ ବିଶେଷ ଭାବରେ ଆଲୋଚନା ହୋଇଥିଲା। ଲକ୍ଷ୍ମୀଧର ନାୟକ, ପ୍ରଶାନ୍ତ କୁମାର ନାୟକ, ଅଭିଜିତ ନାୟକ, ରମେଶ ଚନ୍ଦ୍ର ନାୟକ, ସୁରେନ୍ଦ୍ର ମହାପାତ୍ର, ଜିତେନ୍ଦ୍ର ସାହୁ, ଦେବଦତ୍ତ ମହାପାତ୍ର, ରାଜେନ୍ଦ୍ର ସାହୁ, ଗୋଲଖ ପ୍ରସାଦ ପୃଷ୍ଟି, ଅଶୋକ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ରଖିଥିଲେ। ଆସନ୍ତା ମାର୍ଚ୍ଚ ପ୍ରଥମ ସପ୍ତାହରେ ଯାଜପୁର ଟାଉନରେ ଜିଲା ସଂଗଠନର ଲୋକାର୍ପଣ ଉତ୍ସବ ସହିତ ରାଜ୍ୟ ସଂଗଠନର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ବିଭିନ୍ନ ଅଞ୍ଚଳରେ ଥିବା ଜାତି ଭାଇଙ୍କର ପ୍ରତିନିଧିଙ୍କୁ ଯୋଗାଯୋଗ କରି ୩ୟ ସପ୍ତାହରେ ପରବର୍ତ୍ତୀ ବୈଠକ କରାଯିବା ପାଇଁ ସ୍ଥିର ହୋଇଥିଲା। ତପନ ମହାନ୍ତି ଧନ୍ୟବାଦ ଦେଇଥିଲେ।

### ରାଜ୍ୟସ୍ତରୀୟ ଚକାଆଖି କ୍ରିକେଟ: କ୍ରାଉନ ଭୁବନେଶ୍ୱର ବିଜୟୀ


**ଧର୍ମଶାଳା, ୯।୧ (ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ରାମଚନ୍ଦ୍ରପୁରସ୍ଥିତ ଚକାଆଖି ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ୨୬ତମ ବାର୍ଷିକ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟରେ ଗୁରୁବାର ୟୁନିୟନ ସ୍ପୋର୍ଟିଂ କଟକକୁ କ୍ରାଉନ ଭୁବନେଶ୍ୱର ୧୨ରନରେ ହରାଇ ଫାଇନାଲରେ ପ୍ରବେଶ କରିଛି। କ୍ରାଉନ ଭୁବନେଶ୍ୱର ନିର୍ଦ୍ଧାରିତ ୩୦ଓଭରରୁ ୨୪.୩ ଓଭରରେ ସମସ୍ତ ୱିକେଟ ହରାଇ ୧୪୫ ରନ କରିଥିଲା। ଜବାବରେ ୟୁନିୟନ ସ୍ପୋର୍ଟିଂ କଟକ ୩୦ ଓଭରରେ ୫ୱିକେଟ ହରାଇ ୧୩୩ ରନ କରି ପରାସ୍ତ ହୋଇଥିଲା। ଦଳପକ୍ଷରୁ ନିମିମେଶ ଜେନା ୩୪ ଓ ବିନାୟକ ମହାନ୍ତି ୩୯ ରନ ସଂଗ୍ରହ କରିଥିଲେ। ବିଜୟୀ ଦଳର କିଶାନ ରଥଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଦିଆଯାଇଥିଲା। ଖେଳକୁ ଚୟକାନ୍ତ ଦ୍ୱିବେଦୀ ଓ ମାନସ ମହାରଣା ପରିଚାଳନା କରିଥିଲେ।

# ବାଲି ଡିପୋ ବିବାଦରୁ ଗଡ଼ିଲା ମୁଣ୍ଡ

## ହତ୍ୟାକାରୀଙ୍କୁ ଗିରଫ ଦାବିରେ ମୃତଦେହ ରଖି ରାସ୍ତା ଅବରୋଧ

**ରାସଗୋବିନ୍ଦପୁର/ ଚିତ୍ରଡା,୯।୧(ଡି.ଏନ୍.ଏ.)**

ବେଆଇନ ବାଲି ଚାଲାଣକୁ ବିରୋଧ କରୁଥିବା ମିଣ୍ଟୁ ତରେଇ(୩୨) ନାମକ ଜଣେ ଯୁବକଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ତାଙ୍କ ବଡ଼ ଭାଇ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥାନାଠାରୁ ପ୍ରାୟ ୩ କି.ମି. ଦୂର ମୂଷାମାରୀ ଖେଳପଡିଆ ନିକଟସ୍ଥ ବାଲିଡିପୋ(ଷ୍ଟକ୍) ନିକଟରେ ଗୁରୁବାର ସକାଳେ ମିଣ୍ଟୁଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ବୁଧବାର ରାତିରେ କୌଣସି ବାଲି ବୋଝେଇ ଭାରିଯାନ କିମ୍ବା ବାଲି ଲୋଡିଂ କରୁଥିବା ଜେସିବି ମଡ଼ାଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଉତ୍ତ୍ୟକ୍ତ ଲୋକେ ଅମର୍ଦ୍ଦାରୋଡ- ବାରିପଦା ରାଜ୍ୟ ରାଜପଥ ଉପରେ ମୃତଦେହ ରଖି ସକାଳ ୯ଟାରୁ ଅପରାହ୍ନ ୨ଟା ଯାଏ ଅବରୋଧ କରିଥିଲେ। ପୋଲିସ ପହଞ୍ଚିଥିଲେ ମଧ ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିପାରି ନ ଥିଲା। ସ୍ଥାନୀୟ ଅତିରିକ୍ତ ତହସିଲଦାର ପ୍ରଭାତ କୁମାର ମହାପାତ୍ର ପହଞ୍ଚି ବୁଝାଶୁଝା ଉଦ୍ୟମ କଲାବେଳେ ଲୋକଙ୍କ ବିରୋଧର ସମ୍ମୁଖୀନ ହୋଇଥିଲେ। ପରେ ବେତନଟୀ ଏସଡିପିଓ ଏଲ.କେ. ପଟ୍ଟନାୟକ ପହଞ୍ଚି ଉଚ୍ଚ ଅଧିକାରୀଙ୍କ ସହ ଯୋଗାଯୋଗ କରି ଘଟଣାର ତଦନ୍ତ ପରେ ଲୋକଙ୍କ ଦାବି ଅନୁଯାୟୀ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବାରୁ ରାସ୍ତାରୋକୋ ହଟିଥିଲା। ରାସଗୋବିନ୍ଦପୁର ପୋଲିସ ମୃତଦେହ ଉଦ୍ଧାର କରି ବାରିପଦାସ୍ଥିତ ପିଆରଏମ୍ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ମୃତକ ମିଣ୍ଟୁଙ୍କ ବଡ଼ ଭାଇଙ୍କ ଅଭିଯୋଗ କ୍ରମେ ପୋଲିସ ୩୦୨ ଦଫାରେ ଏକ ହତ୍ୟା ମାମଲା(ନଂ.୩/୨୦) ରୁଜୁ କରି ଘଟଣାର ଅଧିକ ତଦନ୍ତ ଚଳାଇଥିବା କହିଛି।



ଉତ୍ତ୍ୟକ୍ତ ଲୋକେ ରାସ୍ତାରୋକୋ କରିଛନ୍ତି।

ଜମ୍ବୀରା ନଦୀ ଘାଟରୁ ବାଲି ଉଠାଇ ୧ କି.ମି. ଦୂର ଏକ ସ୍ଥାନରେ ଗଚ୍ଛିତ ରଖାଯାଉଥିଲା। ରାତିରେ ସେଠାରୁ ଅନ୍ୟତ୍ର ବାଲି ଚାଲାଣ କରାଯାଉଥିଲା। ରାମଚନ୍ଦ୍ରପୁର ଗ୍ରାମର ମିଣ୍ଟୁଙ୍କ ସମେତ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରୁଥିଲେ। ଏନେଇ ବିବାଦୀୟ ସ୍ଥିତି ଲାଗି ରହିଥିଲା। ମିଣ୍ଟୁଙ୍କ ବଡ଼ ଭାଇ ପିଣ୍ଟୁ ତରାଇ ଏତଲାରେ ଦର୍ଶାଇଛନ୍ତି ଯେ, ବୁଧବାର ରାତି ୯ଟାରେ ମିଣ୍ଟୁ ଘରୁ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଫେରି ନ ଥିଲେ। ସେ ସମ୍ପର୍କୀୟଙ୍କ ଘରେ ରହିଯାଇଥିବ ଭାବି ପରିବାର ଲୋକେ ଶୋଇ ପଡିଥିଲେ। ଗୁରୁବାର ସକାଳୁ ତାଙ୍କ ମୃତଦେହ ଘରଠାରୁ ଅଳ୍ପ ଦୂର ବାଲି ଡିପୋ ନିକଟରେ ପଡିଥିବା ଦେଖି ପରିବାର ଲୋକେ ସ୍ତବ୍ଧ ହୋଇ ଯାଇଥିଲେ। ଖବରପାଇ ରାସଗୋବିନ୍ଦପୁର ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ, ସେକେଣ୍ଡ ଅଫିସର ଅଜୟ କୁମାର ରାଉଳ ଓ ଅନ୍ୟ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତକଙ୍କ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ପୋଲିସକୁ ବିରୋଧ କରି ମୃତଦେହକୁ ନେଇ ବାରିପଦା-ଅମର୍ଦ୍ଦାରୋଡ ମୁଖ୍ୟରାସ୍ତାର ମୂଷାମାରୀଠାରେ ରଖି କ୍ଷତିପୂରଣ ଦେବା ସହ ହତ୍ୟାକାରୀଙ୍କୁ ଗିରଫ ଦାବି କରି ରାସ୍ତା ଅବରୋଧ କରିଥିଲେ। ସ୍ଥାନୀୟ ଅତିରିକ୍ତ ତହସିଲଦାର ମହାପାତ୍ର ପହଞ୍ଚି ବୁଝାଶୁଝା କଲା ବେଳେ ବେଆଇନ ବାଲି ଚାଲାଣକାରୀଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ ବୋଲି ସ୍ଥାନୀୟ ଲୋକେ ପଚାରି ତାଙ୍କୁ ଆକ୍ରମଣ ଉଦ୍ୟମ କରିଥିଲେ। ଏହି ସମୟରେ ବେତନଟୀ ଏସଡିପିଓ ପହଞ୍ଚି ବାରିପଦା ଉପଜିଲାପାଳଙ୍କ ସହିତ ଆଲୋଚନା କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଅପରାହ୍ନ ଅଢେଇଟାରେ ଅବରୋଧ ପ୍ରତ୍ୟାହାର କରାଯାଇଥିଲା। ଘଟଣାର ବିଭିନ୍ନ ଦିଗକୁ ନେଇ ହତ୍ୟା ମାମଲା ରୁଜୁ କରି ତଦନ୍ତ କରାଯାଉଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇ କହିଛନ୍ତି। ଅତିରିକ୍ତ ତହସିଲଦାର ମହାପାତ୍ରଙ୍କୁ ପଚାରିବାରୁ ବାଲିଖାଦାନ ବିବାଦ ନେଇ ପ୍ରଶାସନ ପାଖରେ ପୂର୍ବରୁ କିଛି ଖବର ନ ଥିଲା ଏବଂ ରାସ୍ତାରୋକୋ ହେବା ଖବର ପାଇ ସେ ଘଟଣାସ୍ଥଳକୁ ଯାଇଥିଲେ ବୋଲି କହିଛନ୍ତି।

# ଏସ୍‌ଭିଏମ୍ କଲେଜର ସୁବର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି



ଖବରଦାତା ସମ୍ମିଳନୀରେ କଲେଜ ପରିଚାଳନା କମିଟି ସଭାପତି ବିଷ୍ଣୁଚରଣ ଦାସ।

**ଜଗତ୍‌ସିଂହପୁର ଅଫିସ୍, ୯।୧**

ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଆସନ୍ତା ଫେବୃୟାରୀ ତୃତୀୟ ସପ୍ତାହରେ ପାଳନ କରାଯିବ। ଏଥିରେ ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ, ଉପରାଷ୍ଟ୍ରପତି ଭେଙ୍କିଆ ନାଇଡୁ, ରାଜ୍ୟପାଳ ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଉଚ୍ଚ ଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଉପରୋକ୍ତ ମାନ୍ୟଗଣ୍ୟ ବ୍ୟକ୍ତିମାନେ ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଅତିଥି ଭାବେ ଯୋଗଦେବା ପାଇଁ ଆମନ୍ତ୍ରଣ କରାଯାଇଛି। ସେମାନଙ୍କ ସ୍ୱୀକୃତି ମିଳିଲା ପରେ ଉତ୍ସବ ପାଇଁ ଚୂଡାନ୍ତ ଦିନ ଧାର୍ଯ୍ୟ ହେବ ବୋଲି ଗୁରୁବାର ସ୍ଥାନୀୟ ସର୍କିଟ ହାଉସ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ତଥା ତିର୍ତ୍ତୋଲ ବିଧାୟକ ବିଷ୍ଣୁଚରଣ ଦାସ ସୂଚନା ଦେଇଛନ୍ତି। ଏଥିସହ ସେ କହିଛନ୍ତି, ଗୌରବ ଗାରିମାମୟ ଏହି ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କୁ ନେଇ ଆସନ୍ତା ୧୧ ତାରିଖ ପୂର୍ବାହ୍ନ ୧୧ଟାରେ ମହାବିଦ୍ୟାଳୟ ପରିସରରେ ପ୍ରସ୍ତୁତି ବୈଠକ ଓ ବନ୍ଧୁମିଳନ ଅନୁଷ୍ଠିତ ହେବ। ଏଥିରେ ପୁରାତନ ଛାତ୍ରୀଛାତ୍ରମାନେ ବହୁ ସଂଖ୍ୟାରେ ଯୋଗଦେବା ପାଇଁ ଦାସ ଆହ୍ୱାନ ଦେଇଛନ୍ତି। ସମ୍ମିଳନୀରେ ମଧୁସୂଦନ ସାହୁ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଏରସମା ଫାଶୀଦଣ୍ଡ ମାମଲା ୨୪ରେ ପରବର୍ତ୍ତୀ ଶୁଣାଣି

**କଟକ ଅଫିସ,୯।୧:** ଜଗତ୍‌ସିଂହପୁର ଜିଲା ଏରସମା ଥାନା ଅଞ୍ଚଳରେ ଘଟିଥିବା ନାବାଳିକା ବଳାତ୍କାର ଓ ହତ୍ୟା ଘଟଣାରେ ଫାଶୀଦଣ୍ଡ ପାଇଥିବା କାଳିଆ ମାନା ମାମଲା ଉପରେ ଗୁରୁବାର ହାଇକୋର୍ଟରେ ଶୁଣାଣି ହୋଇଥିଲା। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟରେ ଜବାବ ସୁଆଲ ଆରମ୍ଭ ହୋଇଥିଲା। ଜବାବସୁଆଲ ଶେଷ ନ ହେବାରୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଆସନ୍ତା ୨୪ ତାରିଖକୁ ଧାର୍ଯ୍ୟ ହୋଇଛି। ସୂଚନାଥାଉ କି, ୨୦୧୮ ମାର୍ଚ୍ଚ ୨୧ରେ ଉକ୍ତ ଅଞ୍ଚଳର ୯ ବର୍ଷୀୟା ଜଣେ ନାବାଳିକାଙ୍କୁ କାଳିଆ ଚକୋଲେଟ ଦେବା ବାହାନାରେ ଡାକିନେଇ କାଜୁ ଜଙ୍ଗଲ ଭିତରେ ବଳାତ୍କାର କରି ହତ୍ୟା କରିଥିଲେ। ଉକ୍ତ ମାମଲାର ଶୁଣାଣି କରି ତଳ କୋର୍ଟ କାଳିଆଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିଥିଲେ।

### ଦୁଇ ବଖରା ଭସ୍ମୀଭୂତ

**ରାହାମା, ୯।୧ (ଡି.ଏନ୍.ଏ.):** କୁଜଙ୍ଗ ବ୍ଲକ ଅଧୀନ ସାଇଲୋ ପଞ୍ଚାୟତ ହିତରଣା ଗ୍ରାମରେ ଗୁରୁବାର ସନ୍ଧ୍ୟା ୭ଟାରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ଦିଲୀପ ସାହୁ ଓ ପ୍ରଦୀପ ସାହୁଙ୍କର ୨ ବଖରା ପୋଡିଯାଇଛି। ଅଗ୍ନିକାଣ୍ଡରେ ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ ପୋଡିଯିବା ସହ ଦୁଇଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଏଥିସହ କେତେକ ଗୋରୁ ପୋଡ଼ିଯାଇ ଆହତ ହୋଇଛନ୍ତି। ଖବରପାଇ ତିର୍ତ୍ତୋଲ ଅଗ୍ନିଶମ ସେବା ସଂସ୍ଥାର ଦୁଇଟି ଗାଡି ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିବା ୨୩ନଂ. ୱାର୍ଡର ୱାର୍ଡମେମ୍ବର ନିରଞ୍ଜନ ଦାସ ପ୍ରକାଶ କରିଛନ୍ତି। ତେବେ ଅଗ୍ନି ବିପନ୍ନ ପରିବାରକୁ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ୧୯୮୬ ମାଟ୍ରିକ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ

**ବିରିଡ଼ି, ୯।୧ (ଡି.ଏନ୍.ଏ.):** ବିରିଡି ବ୍ଲକ ଅଧୀନ ଅଳକା ହାଇସ୍କୁଲର ୧୯୮୬ ବ୍ୟାଚ୍ ଛାତ୍ରଙ୍କ ବନ୍ଧୁମିଳନ ସ୍ଥାନୀୟ ମା' ଭଗବତୀ ମନ୍ଦିର ନିକଟରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ପାରସ ରଞ୍ଜନ ପୃଷ୍ଟି, ସମୀର କୁମାର ସିଂହ, ସନ୍ତୋଷ କୁମାର ସ୍ୱାଇଁଙ୍କ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦ ଜଣ ପୁରାତନ ଛାତ୍ର ଏକତ୍ରିତ ହୋଇଥିଲେ। ଦୀର୍ଘ ୩୪ ବର୍ଷ ପରେ ପୁରାତନ ଛାତ୍ରମାନେ ଏକାଠି ହୋଇ ସ୍କୁଲବେଳର ସ୍ମୃତିକୁ ମନେ ପକାଇଥିଲେ।

### କନକପୁରରେ ଖୋଲିଲା ଧାନମଣ୍ଡି



**ତିର୍ତ୍ତୋଲ, ୯।୧ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ଅଧୀନ କନକପୁରସ୍ଥିତ ଜନକଲ୍ୟାଣ ସେବା ସମବାୟ ସମିତି ପରିସରରେ ବୁଧବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ତିର୍ତ୍ତୋଲ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ମଣ୍ଡି ଉଦ୍‌ଘାଟନ କରିବା ସହ ରାଜ୍ୟ ସରକାରଙ୍କ ବିଭିନ୍ନ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲାପରିଷଦ ସଭ୍ୟା ଲିପାଲି ରାଉଳ, ସହକାରୀ କୃଷି ଅଧିକାରୀ ନିରଞ୍ଜନ ସାହୁ, ସମିତି ସଭାପତି ଅଜୟ କୁମାର ରାଉଳ, ସମ୍ପାଦକ ପରମାନନ୍ଦ ଦାସ, ଉପସଭାପତି ପ୍ରତିମା ରାଉଳ, ନିର୍ଦ୍ଦେଶକ ନିରଞ୍ଜନ ରାଉଳ, କୃଷି ଗ୍ରାମ ସେବିକା ସାଗରିକା ସ୍ୱାଇଁ, କନକପୁର ଆରଆଇ ରିଙ୍କିଲତା ପାଲ, ବିଜୟ ନାୟକ ପ୍ରମୁଖ ଯୋଗଦେଇ ଥିଲେ। ଏଥିସହ ବିଜୟ ରାଉଳ, କ୍ଷୀରୋଦ ସେଠୀ, ବିରକିଶୋର ବ୍ରହ୍ମ, ଅରୁଣ ମହାପାତ୍ର, ନିକୁଞ୍ଜ ପଣ୍ଡା, ଚାଷୀ ଚିନ୍ତାମଣି ଦାଶ, ଜୟନ୍ତୀ ନାୟକ, ଦିଲୀପ ମହାନ୍ତି, ରଶ୍ମିରଞ୍ଜନ ପରିଜା, ଅରୁଣ ଜେନା, ମନୋଜ ଦାସ, ସୁରେଶ ଦାସ, ପୁରୁଷୋତ୍ତମ ସାହୁ, ପ୍ରକାଶ ଦାସ, ଚିରଞ୍ଜୀବି ବିଶ୍ୱାଳ, ରାଜେଶ ଦାସ, ସିଦ୍ଧାର୍ଥ ରାଉଳ, ଜୀବନ ଲେଙ୍କା, ରାଜେଶ ଦାସ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

# ପୂଜକ-ମ୍ୟାନେଜିଂ ଟ୍ରଷ୍ଟି ଆଲୋଚନା ବିଫଳ

**ରଘୁନାଥପୁର, ୯।୧(ଡି.ଏନ.ଏ.)**

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରଖନାଥ ପୀଠରେ ପ୍ରସାଦ ବ୍ୟବସ୍ଥାକୁ ନେଇ ଲାଗି ରହିଥିବା ବିବାଦ ଥମିବାର ନାଁ ଧରୁନି। ପୂଜକ ଓ ମ୍ୟାନେଜିଂ ଟ୍ରଷ୍ଟି ଆଲୋଚନା ଗୁରୁବାର ବିଫଳ ହୋଇଛି। ଗୋଟେ ପଟେ ମ୍ୟାନେଜିଂ ଟ୍ରଷ୍ଟି ଶୃଙ୍ଖଳା ଓ ବିଧି ବ୍ୟବସ୍ଥାକୁ ପ୍ରାଧାନ୍ୟ ଦେଉଥିବାବେଳେ ଅନ୍ୟପକ୍ଷେ ପୂଜକ ବୃନ୍ଦ ନିଜ ଜିଦ୍‌ରେ ଅଟଳ ରହିଛନ୍ତି। ଫଳରେ ଦୀର୍ଘ ୮ଦିନ ଧରି ପୀଠ ମଧ୍ୟରେ ଥିବା ରୋଷଘରେ ତାଲା ଝୁଲୁଛି। ପୂଜକ ବୃନ୍ଦ ପ୍ରସାଦ ପ୍ରସ୍ତୁତି ନିମନ୍ତେ ଅନୁମତି ଓ ରୋଷଘରୁ ତାଲା ଖୋଲିବାକୁ ଜିଦ୍‌ରେ ରହିଛନ୍ତି। ଏହି ପରିପ୍ରେକ୍ଷୀରେ ଗତ ୬ ତାରିଖ ପୂଜକଙ୍କ ପରିବାର ପକ୍ଷରୁ ପୀଠ ପରିସରରେ ଧାରଣା ଦିଆଯାଇଥିଲା। ୭ ତାରିଖରେ ତିର୍ତ୍ତୋଲ ଆଇଆଇସି କେ.ପି. ମିଶ୍ର ଘଟଣାସ୍ଥଳକୁ ଆସି ୯ ତାରିଖରେ ପୂଜକ ବୃନ୍ଦଙ୍କ ସହ ଆଲୋଚନା କରାଯିବାକୁ ନିଷ୍ପତ୍ତି ନେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଗୁରୁବାର ମ୍ୟାନେଜିଂ ଟ୍ରଷ୍ଟି ତଥା ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ରେଭିନ୍ୟୁ ଅଫିସର ପ୍ରମୋଦ ମହାପାତ୍ର, ଟ୍ରଷ୍ଟି ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ସଂଗ୍ରାମ କିଶୋରୀ ଭଳ, ଏସ୍‌ଡିପିଓ ଡି.ଆର. ଜେନା, ସ୍ଥାନୀୟ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ସମିତିସଭ୍ୟଙ୍କ ସ୍ୱାମୀ ଦିଲୀପ କୁମାର ସ୍ୱାଇଁ ଓ ଟ୍ରଷ୍ଟ ବୋର୍ଡ ସଭ୍ୟମାନେ ଉପସ୍ଥିତ ଥିଲେ ସୁଦ୍ଧା, ପୂଜକ ଓ ମ୍ୟାନେଜିଂ ଟ୍ରଷ୍ଟି ମଧ୍ୟରେ ଆଲୋଚନା ବିଫଳ ହୋଇଥିଲା। ପୂଜକମାନଙ୍କ ପକ୍ଷରୁ ଆମନ୍ତ୍ରଣ କରାଯାଇଥିବା କେତେଜଣ ବାହାର ଭଦ୍ରଲୋକଙ୍କୁ ବୈଠକରେ ବସିବାକୁ ଅନୁମତି ମିଳି ନ ଥିଲା। ଫଳରେ ପୂଜକମାନେ ସର୍ତ୍ତ ଅନୁଯାୟୀ ଆଲୋଚନା ଟେବୁଲକୁ ଆସିଲେ ନାହିଁ। ଭଦ୍ରଲୋକଙ୍କୁ ଉପସ୍ଥିତ ରହିବାକୁ ପୂଜକମାନେ ଜିଦ୍ ଧରିଥିବା ବେଳେ ପ୍ରଶାସନିକ ବିଧିବ୍ୟବସ୍ଥା ମଧ୍ୟରେ ମ୍ୟାନେଜିଂ ଟ୍ରଷ୍ଟି କେବଳ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କୁ ରହିବା ପାଇଁ ଅନୁମତି ଦେବ ବୋଲି ଉପଜିଲାପାଳ ମହାନ୍ତି କହିଥିଲେ। ଫଳରେ ସମସ୍ୟାର ସମାଧାନ ହେବା ପରିବର୍ତ୍ତେ ସ୍ଥିତି ଜଟିଳ ହେବାରେ ଲାଗିଛି।



ବୈଠକରେ ଉପଜିଲାପାଳ ଓ ଅନ୍ୟମାନେ।

**ଗୋରଖନାଥ ପୀଠ**
- ଭଦ୍ରଲୋକଙ୍କ ବିନା ବୈଠକରେ ବସିଲେ ନାହିଁ ପୂଜକ
- ୨ ଘଣ୍ଟା ଅପେକ୍ଷାକରି ଫେରିଲେ ଉପଜିଲାପାଳ
- ଶୃଙ୍ଖଳା, ବିଧି ବ୍ୟବସ୍ଥାକୁ ସମସ୍ତେ ମାନନ୍ତୁ

ତେବେ ପୂର୍ବବତ ପୂଜକମାନଙ୍କୁ କାହିଁକି ପ୍ରସାଦ ପ୍ରସ୍ତୁତିରୁ ବାରଣ କରାଗଲା ବୋଲି ଉତ୍ତରରେ ଉପଜିଲାପାଳ ଏଜିଙ୍କ ରିପୋର୍ଟକୁ ଆଧାରକରି ତଥ୍ୟ ରଖିଥିଲେ। ଗତ କେତେବର୍ଷ ଧରି ପୀଠରେ କେତେଜଣ ପୂଜକଙ୍କ ସହ ବାହାରର ୩ ଜଣ ଲୋକ, ଟ୍ରଷ୍ଟ ବୋର୍ଡ ରୋଷଘରକୁ ବ୍ୟବହାର କରି ପ୍ରସାଦ ବିକ୍ରି କରୁଛନ୍ତି। ତେବେ ଏ ସମ୍ପର୍କରେ କୌଣସି ରାଜସ୍ୱ ଟ୍ରଷ୍ଟ ବୋର୍ଡକୁ ଆସୁନାହିଁ। ରୋଷେଇ ଉପକରଣ, ପାଣି, ଲାଇଟ, ଟହଲିଆଙ୍କ ମଜୁରି ଓ ଅନ୍ୟାନ୍ୟ ବାବଦରେ ଟ୍ରଷ୍ଟବୋର୍ଡ ଖର୍ଚ୍ଚ କରୁଥିବା ବେଳେ, ମାନସିକ ପ୍ରସାଦ ନାଁରେ ଏଠି ରୀତିମତ ବେପାର ଚାଲିଥିବା ମ୍ୟାନେଜିଂ ଟ୍ରଷ୍ଟି ମହାନ୍ତି କହିଛନ୍ତି। ଯଦି ଏହା ବିଧିବ୍ୟବସ୍ଥା ଟ୍ରଷ୍ଟ ବୋର୍ଡ ଦ୍ୱାରା ପରିଚାଳିତ ହୁଆନ୍ତା ତାହା ହେଲେ ବାର୍ଷିକ ୩ କୋଟି ଟଙ୍କା ଆୟ ହୋଇପାରନ୍ତା। ଆୟ ଅର୍ଥ ପୀଠର ଉନ୍ନତି ମାର୍ଗରେ ଖର୍ଚ୍ଚ କରାଯାଇ ପାରନ୍ତା ବୋଲି ଏଜି ରିପୋର୍ଟ ପ୍ରଦାନ କରିଥିବା ମ୍ୟାନେଜିଂ ଟ୍ରଷ୍ଟି ମହାନ୍ତି କହିଛନ୍ତି। ତେବେ ଏହି ପରିସ୍ଥିତିରେ ଅଞ୍ଚଳବାସୀ, ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସହଯୋଗ କାମନା କରି ଖୁବ୍‌ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଯାତ୍ରୀ ତଥା ଭକ୍ତଙ୍କ ଭାବାବେଗକୁ ସମ୍ମାନ ଜଣାଇ ଲାଗି ରହିଥିବା ଅଚଳାବସ୍ଥାକୁ ଦୂର କରିବାକୁ ବୁଦ୍ଧିଜୀବୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି। ବୈଠକରେ ସଭ୍ୟ ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ସୁରେନ୍ଦ୍ରନାଥ ସ୍ୱାଇଁ, ସୁଶାନ୍ତ ଦାଶ, କ୍ଷୀରୋଦ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ବାଦଲ ଯୋଗାଣିଆ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପା ପକ୍ଷରୁ ସିଏଏ ସମ୍ପର୍କିତ ବୈଠକ

**ବାଲିଆ, ୯।୧**

ବିରିଡି ବ୍ଲକ ପୁରଣ ମଣ୍ଡଳ ଭାଜପାର ନବ ନିଯୁକ୍ତ ସଭାପତି ତରୁଣ କୁମାର ଦାସଙ୍କ ଆହ୍ୱାନରେ ଗୁରୁବାର ୨୨ ମୌଜାସ୍ଥିତ ଚାଷୀଖଣ୍ଡ ହନୁମାନ ମନ୍ଦିର ପ୍ରାଙ୍ଗଣରେ ନାଗରିକତ୍ୱ ସଂଶୋଧନ ବିଲ୍ (ସିଏଏ) ସମ୍ପର୍କିତ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ନୂତନ ସଭାପତି ତରୁଣ କୁମାର ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ନାଗରିକତ୍ୱ ସଂଶୋଧନ ବିଲ୍ ଜନସାଧାରଣଙ୍କ ପାଇଁ ବେଶ ଉପଯୋଗୀ ଏବଂ ଏହାର ଅତ୍ୟନ୍ତ ଆବଶ୍ୟକତା ରହିଛି ବୋଲି ସଭାପତି ଦାସ ଆଲୋକପାତ କରିଥିଲେ। ଏହି ଯୁଗାନ୍ତକାରୀ ପଦକ୍ଷେପରେ ସମସ୍ତେ ସହଯୋଗ ଓ ଦୃଢ଼ ସମର୍ଥନ ଦେବାକୁ ସଭାପତି ଦାସ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଘୁନାଥପୁର ବ୍ଲକ ୧ ନଂ. ଜୋନ୍‌ର ଜିଲା ପରିଷଦ ସଭ୍ୟ ଅଶୋକ କୁମାର ମହାରଣା, ବରିଷ୍ଠ ଭାଜପା ନେତା ନିକୁ ବିହାରୀ, ସେକ ତଫ୍ ଜୁଲ ଅଲ୍ଲୀ, ପ୍ରଭାରୀ ସୁବାସ ଚନ୍ଦ୍ର ଜେନା, ରୋଜି ମହାନ୍ତି, ସୂର୍ଯ୍ୟନାରାୟଣ ଶତପଥୀ, ସତ୍ୟ ପଟ୍ଟନାୟକ, ନରେଶ କୁମାର ଓଝା, ଦେବବ୍ରତ ପରିଜା, ମନୋରଞ୍ଜନ ବାରିକ ପ୍ରମୁଖ ବୈଠକରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

### ଓଏଏସ୍ ପରୀକ୍ଷାରେ ତପସ୍ୱିନୀଙ୍କ କୃତିତ୍ୱ

# ଦୃଢ଼ ଇଚ୍ଛାଶକ୍ତି ସଫଳତା ଦେଇଛି

**ବାଲିଆ, ୯।୧: ମାତ୍ର ୭ବର୍ଷ ବୟସରେ ଦୃଷ୍ଟିଶକ୍ତି ହରାଇବା ପରେ ବି ନିଜ ସ୍ୱପ୍ନ ପୂରଣ କରିବାକୁ ଅନବରତ ଚେଷ୍ଟା ଚଳାଇଥିଲେ ବିରିଡ଼ି ବ୍ଲକ ୨୨ ମୌଜା ଚାଷୀଖଣ୍ଡ ଗ୍ରାମର ଅରୁଣ କୁମାର ଦାସ ଓ କୃଷ୍ଣପ୍ରିୟା ମହାନ୍ତିଙ୍କ ଏକମାତ୍ର ଝିଅ ତପସ୍ୱିନୀ। ଭୁବନେଶ୍ୱରସ୍ଥିତ ଭୀମଭୋଇ ଅନ୍ଧ ବିଦ୍ୟାଳୟରେ ଅଧ୍ୟୟନ କରି ମାଟ୍ରିକ୍ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହେବା ପରେ ପ୍ରଶାସନିକ ସେବାରେ ଭର୍ତ୍ତି ହେବାର ଯେଉଁ ଇଚ୍ଛା ଥିଲା, ତାହା ଅଧିକ ଦୃଢ଼ ହୋଇଯାଇଥିଲା। ତେବେ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଏଏସ୍ (ଓଡ଼ିଶା ପ୍ରଶାସନିକ ସେବା)-୨୦୧୮ ପରୀକ୍ଷା ଦେଇ ସେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି, ଯାହା ତାଙ୍କ ମା'ବାପା, ଗ୍ରାମବାସୀ ଓ ଜିଲାବାସୀଙ୍କୁ ଗର୍ବିତ କରିଛି।**

**୧. ଏବେ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। କେଉଁଠୁ ପ୍ରେରଣା ପାଇଥିଲେ?**
ଉତ୍ତର- ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା କଠିନ ପରିଶ୍ରମ। ଯେମିତି ପରିଶ୍ରମ କରିବେ ସେହିଭଳି ଫଳ ନିଶ୍ଚୟ ମିଳିବ। ମୋ ଶିକ୍ଷୟିତ୍ରୀଶିକ୍ଷକଙ୍କଠାରୁ ବହୁତ ପ୍ରେରଣା ପାଇଛି। ବିଶେଷକରି ମା'ବାପା ଓ ଭଗବାନ୍‌ଙ୍କ ଆଶୀର୍ବାଦ ଯୋଗୁ ଏହି ସଫଳତା ମିଳିଛି।

**୨. ଏହି ସଫଳତା ପାଇଁ କିପରି ପ୍ରସ୍ତୁତି କରିଥିଲେ?**
ଉତ୍ତର-ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନ ସମ୍ମାନରେ ଯୁକ୍ତ ୩ ପଢ଼ା ସରିବା ପରେ ପ୍ରତିଯୋଗିତାମୂଳକ ପରୀକ୍ଷା ପ୍ରସ୍ତୁତି ଆରମ୍ଭ କରିଥିଲି। ଏଥିପାଇଁ ଆଦୌ କୋଚିଂ ଯାଇ ନ ଥିବା ବେଳେ ପ୍ରିଲିମସ୍ ଓ ମେନ୍ ପରୀକ୍ଷା ପାଇଁ ଅନ୍‌ଲାଇନ ଯୋଗେ ପ୍ରସ୍ତୁତି କରିଥିଲି।



ତପସ୍ୱିନୀ

**୩. ଦୃଷ୍ଟିଶକ୍ତି ହରାଇବା ପରେ ଭାଙ୍ଗି ପଡ଼ି ନ ଥିଲେ?**
ଉତ୍ତର- ନା। ଦୃଷ୍ଟିଶକ୍ତି ହରାଇବା ପରେ ଲକ୍ଷ୍ୟ ପୂରଣ ପାଇଁ ଆହୁରି ଅଧିକ ପରିଶ୍ରମ କରିବା ଆରମ୍ଭ କରିଦେଇଥିଲି। ଜୀବନରେ କିଛି କରି ଦେଖାଇବାର ଇଚ୍ଛା ସବୁବେଳେ ମୋତେ ଆଗକୁ ବଢ଼ିବାର ସାହସ ଦେଇଥିଲା।

**୪. ପ୍ରଶାସନିକ ସେବା ପ୍ରତି କେମିତି ମନ ବଳାଇଲେ?**
ଉତ୍ତର- ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ଓ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବାକୁ ସବୁବେଳେ ଇଚ୍ଛା ଥିଲା। ତେଣୁ ପ୍ରଶାସିନକ ସେବାରେ ଯୋଗଦେବି ବୋଲି ସ୍ଥିର କରି ପ୍ରସ୍ତୁତି ଆରମ୍ଭ କରିଥିଲି।

**୫. ଆଗକୁ କ'ଣ କରିବାକୁ ଇଚ୍ଛା ଅଛି?**
ଉତ୍ତର-ଏବେ ମୋତେ ଯାହା ଦାୟିତ୍ୱ ମିଳିବ, ତାକୁ ସୁଚାରୁ ରୂପେ ତୁଲାଇବାକୁ ନିଶ୍ଚୟ ଚେଷ୍ଟା କରିବି। ସର୍ବ ଭାରତୀୟ ପ୍ରଶାସନିକ ସେବା ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବାରୁ ଏବେ ମଧ୍ୟ ପାଠପଢ଼ା ଜାରି ରହିବ।

**ରିପୋର୍ଟ-ରଞ୍ଜିତ ଖଣ୍ଡୁଆଳ**





କଲେଜ ଆଗରେ ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

### ଛାତ୍ରୀଛାତ୍ରଙ୍କୁ ମାଇଗ୍ରେଶନ୍ ସାର୍ଟିଫିକେଟ୍ ନ ମିଳିବା ପ୍ରତିବାଦ

# ଏସ୍‌ଭିଏମ୍ କଲେଜ ଆଗରେ ଧାରଣା

**ଜଗତ୍‌ସିଂହପୁର ଅଫିସ, ୯।୧**

ସ୍ୱାମୀ ବିବେକାନନ୍ଦ ସ୍ମାରକୀ (ଏସ୍‌ଭିଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟରେ ୨୦୧୫-୨୦୧୮ ମଧ୍ୟରେ ଯୁକ୍ତ-୩ରେ ଶିକ୍ଷାଲାଭ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପାଖାପାଖି ୧୫୦ ପିଲାଙ୍କୁ ମାଇଗ୍ରେସନ୍ ସାର୍ଟିଫିକେଟ୍ ମିଳିପାରିନି। ଏହାର ପ୍ରତିବାଦରେ ଛାତ୍ରୀଛାତ୍ରମାନେ ଗୁରୁବାର କଲେଜ ଆଗରେ ଧାରଣାରେ ବସିଥିଲେ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ବଳବତ୍ତର ରହିବ ବୋଲି ଛାତ୍ରୀଛାତ୍ରମାନେ କହିଛନ୍ତି। ଏ ସମ୍ପର୍କରେ ଧାରଣାରତ ଛାତ୍ର ଦେବାଶିଷ ସ୍ୱାଇଁ, ପ୍ରଜ୍ଞାପ୍ରସଦା ମଛନ, ଶୁଭାଶିଷ ତ୍ରିପାଠୀ, ଅନୁରାଗ ସ୍ୱାଇଁ, ରୋଜାଲିନ ବିଶ୍ୱାଳ, ଜ୍ୟୋତିରଞ୍ଜନ ରାଉତ ଓ ଦିବ୍ୟା ମାହେଶ୍ୱରୀ ପ୍ରମୁଖ କହିଛନ୍ତି, ସେମାନେ ୨୦୧୫ରେ ଯୁକ୍ତ-୩ରେ ନାମ ଲେଖାଇ ୨୦୧୮ରେ ପାସ୍ କରିଥିଲେ। କଲେଜ ପକ୍ଷରୁ ସେମାନଙ୍କୁ ପ୍ରୋଭିଜନାଲ ସାର୍ଟିଫିକେଟ୍ ଦିଆଯାଇଥିଲା। କିନ୍ତୁ ଏ ପର୍ଯ୍ୟନ୍ତ ମାଇଗ୍ରେସନ୍ ସାର୍ଟିଫିକେଟ୍ ଦିଆଯାଉନାହିଁ। ଉଚ୍ଚଶିକ୍ଷା ଓ ନିଯୁକ୍ତି ପାଇଁ ମାଇଗ୍ରେସନ୍ ସାର୍ଟିଫିକେଟ୍‌ର ଆବଶ୍ୟକତା ଥିବାରୁ ଏହା ନ ମିଳିବାରୁ ଛାତ୍ରୀଛାତ୍ରମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ନୀତାରାଣୀ କର କହିଛନ୍ତି, ସରକାରୀସ୍ତରରେ ମାମଲାର ଫଇସଲା ଆପାତତଃ ହୋଇଯାଇଛି। ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ୍ ଦିଆଯିବା ପାଇଁ ପ୍ରକ୍ରିୟା ଚାଲିଛି। କିନ୍ତୁ ହଠାତ୍ ଏହା ଦେବା ପାଇଁ ଛାତ୍ରୀଛାତ୍ରମାନେ ଦାବିକଲେ କରିହେବ ନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ମାଇଗ୍ରେଶନ ସାର୍ଟିଫିକେଟ ନ ମିଳିବା ନେଇ ଛାତ୍ରୀଛାତ୍ରମାନେ ପୂର୍ବରୁ ମହାବିଦ୍ୟାଳୟ ପରିଚାଳନା ସମିତି, ଜିଲାପାଳ ଓ ଉତ୍କଳ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାତ୍ର ନିରାଶ ହେବା ପରେ ଗତ ଅକ୍ଟୋବର ମାସରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ସେତେବେଳେ ଯଥାଶୀଘ୍ର ସାର୍ଟିଫିକେଟ୍ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ମହାବିଦ୍ୟାଳୟ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। କିନ୍ତୁ ଇତିମଧ୍ୟରେ ୨ ମାସ ଅତିକ୍ରାନ୍ତ ହୋଇ ଯାଇଥିଲେ ସୁଦ୍ଧା ମାଇଗ୍ରେଶନ ସାର୍ଟିଫିକେଟ୍ ମିଳୁ ନ ଥିବାରୁ ସେମାନେ ଧାରଣାରେ ବସିଥିବା ଜଣାପଡ଼ିଛି।

### ପରିତ୍ୟକ୍ତ ଗୃହରେ ଚାଲିଛି 'ସଖୀ' କେନ୍ଦ୍ର

# ନିଜସ୍ୱ ବିଲ୍ଡିଂ ପାଇଁ ଚିହ୍ନଟ ଜମିକୁ ନେଇ ଦ୍ୱନ୍ଦ୍ୱ

**ଜଗତ୍‌ସିଂହପୁର ଅଫିସ୍, ୯।୧**

ରାଜଧାନୀ ଦିଲ୍ଲୀରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ଘଟଣା ସାରା ଦେଶବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଏହି ମାମଲାର ବିଚାର ସମୟରେ ନିର୍ଯାତନାର ଶିକାର ହେଉଥିବା ନାବାଳିକା, ଯୁବତୀ ଓ ମହିଳାମାନଙ୍କୁ ସହାୟତା ପାଇଁ ୱାନ୍ ଷ୍ଟପ୍ ସେଣ୍ଟର ବା 'ସଖୀ' କେନ୍ଦ୍ର ଖୋଲିବାକୁ ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଣୁ ପ୍ରତି ଜିଲାରେ ସଖୀ କେନ୍ଦ୍ର ଖୋଲିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶାନୁସାରେ ୨୦୧୯ ଡିସେମ୍ବରରେ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅସ୍ଥାୟୀ ଭାବେ ଏକ କ୍ୱାର୍ଟରରେ ୱାନ୍ ଷ୍ଟପ୍ ସେଣ୍ଟର କାର୍ଯ୍ୟକ୍ଷମ ହୋଇଛି। ସ୍ଥାୟୀ ବିଲ୍ଡିଂ ନିର୍ମାଣ ପାଇଁ ସ୍ଥାନୀୟ ଦେଉଳୀଗ୍ରାମେଶ୍ୱର ଗ୍ରାମରେ ଜମି ଚିହ୍ନଟ ହୋଇଥିବା ବେଳେ ଏହାକୁ ନେଇ ଦ୍ୱନ୍ଦ୍ୱ ଉପୁଜିଛି। ଯେହେତୁ ପୀଡ଼ିତାଙ୍କୁ କେନ୍ଦ୍ରରେ ରଖାଯିବା ନିୟମ ରହିଛି, ତେଣୁ ସୁରକ୍ଷା ଓ ଅନ୍ୟାନ୍ୟ ଦୃଷ୍ଟିରୁ ଏହି ସ୍ଥାନ ଉପଯୁକ୍ତ ହୋଇ ନ ଥିବା ଅଭିଯୋଗ ହେଉଛି। ଜିଲା ମୁଖ୍ୟ ଚିକିତ୍ସାଳୟ କିମ୍ବା ରାସ୍ତାପାର୍ଶ୍ୱ ଯେକୌଣସି ଉପଯୁକ୍ତ ସ୍ଥାନରେ କେନ୍ଦ୍ର କରାଯିବାକୁ ଦାବି ହେଉଥିବା ବେଳେ ଏଥିମଧ୍ୟରେ କୌଣସି ଚୂଡାନ୍ତ ନିଷ୍ପତ୍ତି ନିଆଯାଇ ପାରିନାହିଁ। ଅନ୍ୟପକ୍ଷରେ ଦ୍ୱିତଳ ବିଶିଷ୍ଟ ବିଲ୍ଡିଂ ନିର୍ମାଣ ପାଇଁ ପାଖାପାଖି ୫୦ ଲକ୍ଷ ଟଙ୍କା ଆବଶ୍ୟକ ଥିବା ବେଳେ ସରକାରଙ୍କ ପକ୍ଷରୁ ୨୫ ଲକ୍ଷ ଟଙ୍କା ଅନୁଦାନ ଯୋଗାଇ ଦିଆଯାଇଛି। ଏହି ଅନୁଦାନ ରାଶି ଜଗତ୍‌ସିଂହପୁର ପୂର୍ତ୍ତ ବିଭାଗକୁ ବିଲ୍ଡିଂ ନିର୍ମାଣ ପାଇଁ ଦିଆଯାଇଛି। ଜମି ଚିହ୍ନଟରେ ବିଳମ୍ବ ଯୋଗୁ ଅନୁଦାନ ବିନିଯୋଗ ହୋଇପାରୁ ନ ଥିବା ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନିମାଇଁ ଦାଶ ସୂଚନା ଦେଇଛନ୍ତି।

ପାରିବାରିକ ହିଂସା, ଏସିଡ୍ ଆକ୍ରମଣ, ଅପହରଣ/ନିଖୋଜ, ଯୌନ ଉତ୍ପୀଡ଼ନ/ଶୋଷଣ, ଯୌତୁକ ନିର୍ଯାତନା, ବଳାତ୍କାର, ବାଲ୍ୟ ବିବାହ, ମହିଳା ଚାଲାଣ, ସାଇବର କ୍ରାଇମ୍ ଓ ଅନ୍ୟାନ୍ୟ ହିଂସାର ଶିକାର ହୋଇଥିବା ନାବାଳିକାଙ୍କଠାରୁ ମହିଳାଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ସଖୀ କେନ୍ଦ୍ର କାର୍ଯ୍ୟକ୍ଷମ ହେଉଛି। ୨୪ ଘଣ୍ଟିଆ ଏହି ସେବା ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ସହ ସ୍ଥାନୀୟ ଏକ କ୍ଲବ ଚୁକ୍ତି କରିଛି। ଏ ସମ୍ପର୍କରେ ସମ୍ପୃକ୍ତ କ୍ଲବ ପକ୍ଷରୁ କୁହାଯାଇଛି, ଗତ ଡିସେମ୍ବରରେ ୬ ଜଣ ପୀଡିତା ସହାୟତା ଲୋଡିଥିଲେ। ସେମାନଙ୍କ ମଧ୍ୟରୁ ୪ ଜଣ ପାରିବାରିକ ହିଂସା, ଜଣେ ନିଖୋଜ ଓ ଜଣେ ପ୍ରେମଜନିତ ପ୍ରତାରଣାର ଶିକାର ହୋଇଛନ୍ତି। ଏହି ମାସରେ ଏ ପର୍ଯ୍ୟନ୍ତ ୨ ଜଣ ପୀଡିତା 'ସଖୀ'ର ସହାୟତା ଲୋଡିଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ନିଖୋଜ ଏବଂ ଅନ୍ୟ ଜଣେ ପାରିବାରିକ ହିଂସାର ଶିକାର ହୋଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ଆଶା, ଅଙ୍ଗନୱାଡ଼ି, ପଞ୍ଚାୟତସ୍ତରୀୟ ଜନ ପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ 'ସଖୀ' ସମ୍ପର୍କରେ ଅବଗତ କରିବା ପାଇଁ ବୈଠକ କରାଯାଉଛି। ସଖୀ ବିଶେଷକରି ପାରିବାରିକ ହିଂସା ଓ ପକ୍‌ସୋ ଆଇନ ଉପରେ ଗୁରୁତ୍ୱ ଦେଉଛି। ଯେଉଁମାନେ କେନ୍ଦ୍ରରେ ପହଞ୍ଚିବେ, ସେମାନଙ୍କୁ ଆବଶ୍ୟକ ସ୍ଥଳେ ଅତିବେଶୀରେ ୫ ଦିନ ପର୍ଯ୍ୟନ୍ତ ଖାଦ୍ୟପେୟଠାରୁ ରହଣି ପର୍ଯ୍ୟନ୍ତ ସମସ୍ତ ସୁବିଧା କରାଯିବ। ଏହାଠାରୁ ଅଧିକ ରହିବା ଆବଶ୍ୟକ ହେଲେ ସ୍ୱଧାର ଗୃହକୁ ପଠାଇ ଦିଆଯିବ। କେନ୍ଦ୍ର ପାଇଁ ୧୨୦୦ ବର୍ଗ ଫୁଟ ଜମି ଆବଶ୍ୟକ। କେନ୍ଦ୍ରର ଅଧକ୍ଷ ଜିଲାପାଳ ଥିବା ବେଳେ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ଆବାହକ ରହିଛନ୍ତି। ସେହିପରି ଏସ୍‌ପି, ସିଡିଏମ୍‌ଓ, ଡିପିଓ, ଡିଏଲ୍‌ଏସ୍‌ଏ ସଚିବ, ୨ ଜଣ ମହିଳା ସମାଜସେବୀ, ଡିସିପିଓ ଓ ସିଡବ୍ଲୁସିର ଜଣେ ସଭ୍ୟ ରହିଛନ୍ତି। ତେବେ ସଖୀ କେନ୍ଦ୍ରର ବାସ୍ତବ ରୂପାୟନ ନେଇ ଅଧିକ ଉଦ୍ୟମ ହେବା ସହ ତୁରନ୍ତ ଜମି ଚିହ୍ନଟ ଓ ବିଲ୍ଡିଂ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯିବାକୁ ଦାବି ହେଉଛି। ଏ ସମ୍ପର୍କରେ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସ୍ୱର୍ଣ୍ଣମଞ୍ଜରୀ ନାୟକଙ୍କୁ ପଚାରିବାରେ ମେଡିକାଲ ପରିସରରେ କୌଣସି ସ୍ଥାନରେ ଜାଗା ମିଳି ପାରିବ କି ନାହିଁ ସେ ନେଇ ତଥ୍ୟ ଦେବା ପାଇଁ ସ୍ଥାନୀୟ ତହସିଲଦାରଙ୍କୁ ଚିଠି କରାଯାଇଛି। ତାଙ୍କଠାରୁ ଉତ୍ତର ମିଳିବା ପରେ ଯାହା କିଛି ନିଷ୍ପତ୍ତି ନିଆଯିବ।

- ପଡ଼ି ରହିଛି ୨୫ ଲକ୍ଷ ଟଙ୍କା ଅନୁଦାନ
- ପ୍ରଚାର ପ୍ରସାର ନାହିଁ

### ନଳିନୀଦେବୀ ହାଇସ୍କୁଲର ବାର୍ଷିକ କ୍ରୀଡ଼ା

**ବାଲିଆ, ୯।୧**

ବିରିଡି ବ୍ଲକ ଅଧୀନ ଅଢ଼ଙ୍ଗ ମଜୁରାଇ ପଞ୍ଚାୟତ ଅଢ଼ଙ୍ଗ ଶାସନସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ଉତ୍ସବକୁ ଅଢ଼ଙ୍ଗ ମଜୁରାଇ ସମିତିସଭ୍ୟ ଚନ୍ଦନା ରାୟ ମଙ୍ଗଳବାର ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହମଦ୍ ହାପିଜ୍, ସମ୍ମାନିତ ଅତିଥି ଭାବେ ଅମ୍ବିକା ମିଶ୍ର, ଅନିସ୍ ଉଦ୍ଦିନ ଅହେମଦ୍, ୱାର୍ଡମେମ୍ବର ପ୍ରଭାସିନୀ ମହାନ୍ତି ଯୋଗଦେଇଥିଲେ। ଅଜୟଲକ୍ଷ୍ମୀ ଆଚାର୍ଯ୍ୟ, ସକିଲା ଖାତୁନ୍, ସୁଦାମ ଚରଣ ନାୟକ, ରେବତୀ ମଲ୍ଲିକ, ସୁଶ୍ରୀଭାରତୀ ମହାନ୍ତି, ରିତା ମାଝି, ଗୋଲେଖ ମଲ୍ଲିକ, ମାସୁଦ ଜାମା, ମହମଦ୍ ଏହେସାନ୍, ଜ୍ୟୋତ୍ସ୍ନାରାଣୀ ଦାସ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉତ୍ସବ ପରିଚାଳନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ୧୦୦ମିଟର ଦୌଡ଼, ଲମ୍ଫ ଡିଆଁ, ଉଚ୍ଚ ଡିଆଁ, ଫୁଚି, ସଟପୁଟ୍, ଡିସକସ୍ ଥ୍ରୋ, ମ୍ୟୁଜିକ୍ ଚେୟାର, ବିସ୍କୁଟ ଦୌଡ଼ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

୩ ହସ୍ପିଟାଲ ସଂକ୍ରାନ୍ତରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

# ୨୦୨୧ରେ କାର୍ଯ୍ୟକରିବ ଝାରସୁଗୁଡ଼ା କାର୍ଡିଆକ୍ କେୟାର ହସ୍ପିଟାଲ୍

ଭୁବନେଶ୍ୱର, ୯।୧ (ବ୍ୟୁରୋ)

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସଙ୍କ ଅଧକ୍ଷତାରେ ଗୁରୁବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ରେନାଲ୍ ଟ୍ରାନ୍ସପ୍ଲାଣ୍ଟ, ଝାରସୁଗୁଡ଼ାଠାରେ ପ୍ରସ୍ତାବିତ କାର୍ଡିଆକ୍ କେୟାର ହସ୍ପିଟାଲ୍ ଓ କ୍ୟାପିଟାଲ୍ ହସ୍ପିଟାଲର ବିଭିନ୍ନ ବ୍ୟବସ୍ଥାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଥମଥର ପିପିପି ମୋଡ଼ରେ ଝାରସୁଗୁଡ଼ାଠାରେ ୭୨ କୋଟି ଟଙ୍କା ବ୍ୟୟ ଅଟକଳରେ ୧୦୦ ଶଯ୍ୟା ବିଶିଷ୍ଟ କାର୍ଡିଆକ୍ କେୟାର ହସ୍ପିଟାଲ୍‌ର ନିର୍ମାଣ ଚାଲିଛି। ଏଥିମଧ୍ୟରୁ ଭିତ୍ତିଭୂମି ପାଇଁ ୩୨କୋଟି ଓ ଯନ୍ତ୍ରପାତି ବାବଦକୁ ୪୦କୋଟି ଟଙ୍କା ଖର୍ଚ୍ଚ ହେବ। ୨୦୨୧ ପ୍ରାରମ୍ଭରେ ଏହି ହସ୍ପିଟାଲ କାର୍ଯ୍ୟକ୍ଷମ ହେବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ଏହା ବ୍ୟତୀତ ବୈଠକରେ କ୍ୟାପିଟାଲ୍ ହସ୍ପିଟାଲ ପରିସରରେ ବିଭିନ୍ନ ଉନ୍ନୟନ ଓ ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିବରଣୀ ଉପସ୍ଥାପନ କରାଯାଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ରେନାଲ୍ ଟ୍ରାନ୍ସପ୍ଲାଣ୍ଟର ସମ୍ପ୍ରସାରଣ ପାଇଁ ସରକାର ଖୁବ୍‌ଶୀଘ୍ର ଆବଶ୍ୟକ ଯନ୍ତ୍ରପାତିର ବ୍ୟବସ୍ଥା କରିବା ସହ ସମସ୍ତ ସୁବିଧାସୁଯୋଗ ଯୋଗାଇଦେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା।

ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶ ଶାଳିନୀ ପଣ୍ଡିତ, ଓଡ଼ିଶା ରାଜ୍ୟ ଔଷଧ ନିଗମର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡଙ୍ଗୀ, ବିଭାଗୀୟ ଯୁଗ୍ମ ସଚିବ ଗୁହା ପୁନମ୍ ତାପସ କୁମାର, ବିଶିଷ୍ଟ ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରଭାତ କୁମାର ଦାସ, ଡିଏମ୍‌ଇଟି ସି.ବି.କେ. ମହାନ୍ତି, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡା. ଦଣ୍ଡେଶ୍ୱର ହୋତା, ଡା. ଚିତ୍ତ କରଙ୍କ ସମେତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ମନ୍ତ୍ରୀ ନବ କିଶୋର ଦାସ ଓ ବିଭାଗୀୟ ଅଧିକାରୀମାନେ।

ଖୁବ୍‌ଶୀଘ୍ର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ-୫

## ଓଡ଼ିଶାରେ ସର୍ଭେ କରିବ ଆଇଆଇଏଚ୍‌ଏମ୍‌ଆର୍

ଭୁବନେଶ୍ୱର,୯।୧ (ବ୍ୟୁରୋ)

ଦୀର୍ଘ ୫ବର୍ଷର ବ୍ୟବଧାନ ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ୨୦୧୯-୨୦ ବର୍ଷ ପାଇଁ ହେବାକୁ ଯାଉଛି ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ (ଏନ୍‌ଏଫ୍‌ଏଚ୍‌ଏସ୍-୫)। ଇଣ୍ଟରନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଫର୍ ପପୁଲେଶନ ସାଇନ୍ସେସ୍ (ଆଇଆଇପିଏସ୍) ତତ୍ତ୍ୱାବଧାନରେ ହେବାକୁ ଥିବା ଏହି ସର୍ଭେ ପାଇଁ ଓଡ଼ିଶାରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହେଲ୍‌ଥ ମ୍ୟାନେଜ୍‌ମେଣ୍ଟ ରିସର୍ଚ୍ଚ (ଆଇଆଇଏଚ୍‌ଏମ୍‌ଆର୍) ଫିଲ୍ଡ-ୱାର୍କ କରିବ। ୨୦୧୫ରେ ଓଡ଼ିଶାରେ ଏହି ସର୍ଭେ ପରିଚାଳନା କରିଥିବା ଆଇଆଇଏଚ୍‌ଏମ୍‌ଆର୍ ଚଳିତବର୍ଷ ସମଗ୍ର ରାଜ୍ୟରେ ମୋଟ ୧୨୬୦ ପ୍ରାଇମେରି ସାମ୍ପଲିଂ ୟୁନିଟ୍ (ପିଏସ୍‌ୟୁ) ଚିହ୍ନଟ କରିଛି। ଏହା ମଧ୍ୟରେ ଉଭୟ ସହର ଓ ଗ୍ରାମାଞ୍ଚଳର ୨୭,୭୨୦ ପରିବାର ଅନ୍ତର୍ଭୁକ୍ତ ହୋଇଥିବାବେଳେ ୧ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷଙ୍କ ଉପରେ ଏହି ସର୍ଭେ କରାଯିବ। ଏଥିରେ ୧୫ରୁ ୪୯ବର୍ଷ ବୟସ୍କା ମହିଳା ଏବଂ ୧୫ରୁ ୫୪ ବର୍ଷ ବୟସ୍କ ପୁରୁଷ ସର୍ଭେରେ ସାମିଲ ହେବେ। ଏନେଇ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆଇଆଇଏଚ୍‌ଏମ୍‌ଆର୍ ଟ୍ରଷ୍ଟି ସେକ୍ରେଟାରି ଡା. ଏସ୍.ଡି. ଗୁପ୍ତା ଏବଂ ଓଡ଼ିଶା ପାଇଁ ଏହି ସର୍ଭେର ସଂଯୋଜକ ଥିବା ଡା. ପ୍ରଦୀପ ପଣ୍ଡା ସୂଚନା ଦେଇଛନ୍ତି।

ଜନସଂଖ୍ୟା, ପରିବାର ନିୟୋଜନ, ମା' ଓ ଶିଶୁର ସ୍ୱାସ୍ଥ୍ୟ, ଶିଶୁ ଅଭିବୃଦ୍ଧି, ଏଚ୍‌ଆଇଭି/ଏଡ୍‌ସ, ଯୌନ ସଂଚାରିତ ସଂକ୍ରମଣ (ଏସ୍‌ଟିଆଇଏସ୍), ପ୍ରଜନନ ସ୍ୱାସ୍ଥ୍ୟ, ପୋଷଣ ଆଦି ପ୍ରସଙ୍ଗରେ ତଥ୍ୟ ସଂଗ୍ରହ ସହ ରାଜ୍ୟରେ ଦେଖାଦେଇଥିବା ନୂଆ ରୋଗ ସମ୍ପର୍କରେ ଏହି ସର୍ଭେ ଗୁରୁତ୍ୱାରୋପ କରିବ। ଏନେଇ ଓଡ଼ିଶାରେ ୩୫୦ରୁ ଊର୍ଦ୍ଧ୍ୱ ଅନୁସନ୍ଧାନକାରୀ ନିୟୋଜିତ ହେବାକୁଥିବାବେଳେ ଆଇଆଇଏଚ୍‌ଏମ୍‌ଆର୍ ପକ୍ଷରୁ ଭୁବନେଶ୍ୱରରେ ମାସିକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି।




ଖବରଦାତା ସମ୍ମିଳନୀରେ ଡା. ଏସ୍.ଡି. ଗୁପ୍ତା ଏବଂ ଡା. ପ୍ରଦୀପ ପଣ୍ଡା ସୂଚନା ପ୍ରଦାନ କରୁଛନ୍ତି।

## ଭିନିଲ କ୍ରିଷ୍ଣା ଅପହରଣରେ ସମ୍ପୃକ୍ତ ମାଓବାଦୀ ଦମ୍ପତି ଗିରଫ

**ମାଲକାନଗିରି,୯।୧(ଡି.ଏନ୍.ଏ.):** ମାଲକାନଗିରି ଜିଲା ପୂର୍ବତନ ଜିଲାପାଳ ଭିନିଲ କ୍ରିଷ୍ଣାଙ୍କ ଅପହରଣ ଘଟଣାରେ ସମ୍ପୃକ୍ତ ଥିବା ଜଣେ ମାଓବାଦୀ ଦମ୍ପତି ଗୁରୁବାର ସୀମାନ୍ତ ଆନ୍ଧ୍ରରୁ ଗିରଫ ହୋଇଛନ୍ତି। ଆନ୍ଧ୍ରପ୍ରଦେଶର ଗୁଡେମ ଥାନା ଅଧୀନ ଆଦିରିବିଡି ଗାଁରୁ ସେମାନଙ୍କୁ ଗିରଫ କରିଛି ବିଶାଖାପାଟଣା ପୋଲିସ। ସେମାନେ ହେଲେ ମାଓବାଦୀ ନେତା ଦାମୋଦର ଓରଫ ବାମେଲ ନାରାୟଣ ସ୍ୱାମୀ ଓ ତାଙ୍କ ସ୍ତ୍ରୀ ଫୁଲମତି। ତାଙ୍କ ନାଁରେ ୨୦ଲକ୍ଷ ଟଙ୍କାର ପୁରସ୍କାର ରାଶି ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଦାମୋଦର ବର୍ତ୍ତମାନ ଆନ୍ଧ୍ର ଓଡିଶା ସ୍ୱତନ୍ତ୍ର ଜୋନାଲ କମିଟିର ମୁଖିଆ ଅଛନ୍ତି। ଚିତ୍ରକୋଣ୍ଡା ଜଳଭଣ୍ଡାରରେ ଲଞ୍ଚ ଆକ୍ରମଣରେ ୩୫ ଜଣ ବିଏସ୍‌ଏଫ୍ ଯବାନଙ୍କ ହତ୍ୟା, କାଲିମେଳା ତେଲରାଇ ଆକ୍ରମଣରେ ୧୧ଜଣ ପୋଲିସଙ୍କୁ ହତ୍ୟା ଭଳି ଅନେକ ଘଟଣାରେ ଦାମୋଦର ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶରେ ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ହିଂସାରେ ଜଡ଼ିତ ଥିଲେ। ତେବେ ସେ ମ୍ୟାଲେରିଆରେ ପୀଡିତ ହୋଇ ଚିକିତ୍ସା ପାଇଁ ମେଡ଼ିକାଲ ଯାଉଥିବାବେଳେ ପୋଲିସ ମାଓବାଦୀ ଦମ୍ପତିଙ୍କୁ ଗିରଫ କରିଛି ବୋଲି ବିଶାଖାପାଟଣା ଏଏସ୍‌ପି ସତୀଶ କୁମାର କହିଛନ୍ତି।

## ବିଶାଖାପାଟଣା ରେଳଷ୍ଟେଶନରେ ପ୍ରଥମ ବହୁମୁଖୀ ଡିଜିଟାଲ କିଓସ୍କ ଉଦ୍‌ଘାଟିତ




ମାଗଣା ଭିଡିଓ କଲ୍ ସହ ପାଣିପାଗ ସୂଚନା

**ଭୁବନେଶ୍ୱର, ୯।୧(ବ୍ୟୁରୋ):** ପୂର୍ବତଟ ରେଳପଥ ଅଧୀନ ବିଶାଖାପାଟଣା ଷ୍ଟେଶନରେ ଭାରତୀୟ ରେଳପଥର ପ୍ରଥମ 'ହ୍ୟୁମାନ ଇଣ୍ଟରଆକ୍ଟିଭ୍ ଇଣ୍ଟରଫେସ୍ ସିଷ୍ଟମ୍ କିଓସ୍କ' ଲଗାଯାଇଛି। ଏହି କିଓସ୍କରୁ ଯାତ୍ରୀମାନେ ବହୁମୁଖୀ ସେବା ପାଇପାରିବେ। ମାଗଣା ଫୋନ୍ କଲ୍, ମାଗଣା ଭିଡିଓ କଲ୍, ଫାଷ୍ଟ ମୋବାଇଲ୍ ଚାର୍ଜ, ୧୦ ଇଞ୍ଚ ଇଣ୍ଟରଆକ୍ଟିଭ ଟଚ୍ ସ୍କ୍ରିନ୍, ୨୪ ଘଣ୍ଟିଆ ସିସିଟିଭି କ୍ୟାମେରା, ୫୦ ଇଞ୍ଚ ବିଜ୍ଞାପନ ସ୍କ୍ରିନ୍, ଟ୍ରେନ୍ ସୂଚନା, ପାଣିପାଗ, ଅଭିଯୋଗ, ଗୁଗଲ୍ ମ୍ୟାପ୍ ଓ ଲୋକାଲ୍ ମ୍ୟାପ୍ ସେବା ଯାତ୍ରୀମାନେ ସଂପୂର୍ଣ୍ଣ ମାଗଣାରେ ପାଇପାରିବେ। ଏହି କିଓସ୍କଟି 'ନନ୍ ଫେୟାର ରେଭେନ୍ୟୁ ସିଷ୍ଟମ୍'ରେ ତିଆରି କରାଯାଇଛି। ମାଗଣାରେ ଯାତ୍ରୀଙ୍କୁ ସେବା ଯୋଗାଇବା ସହ ଡିଜିଟାଲ ବିଜ୍ଞାପନରୁ ରାଜସ୍ୱ ପାଇପାରିବ ରେଳପଥ। ଭୁବନେଶ୍ୱରସ୍ଥିତ ନେକ୍ସାଇଟ୍ ଇନ୍‌ଫୋଟେକ୍ ସର୍ଭିସ୍ ଏହି କିଓସ୍କ ତିଆରି କରିଛି। ଗୁରୁବାର ୱାଲଟିୟର ଡିଆର୍‌ଏମ ଚେତନ କୁମାର ଶ୍ରୀବାସ୍ତବ ଭାଇଜାଗ୍ ଷ୍ଟିଲ୍ ପ୍ଲାଣ୍ଟର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ପ୍ରଦୋଷ କୁମାର ରଥ ଉଦ୍‌ଘାଟନ କରିଛନ୍ତି।

## ବୃଦ୍ଧାଙ୍କୁ ମାରି ଜଗି ରହିଥିଲେ ଭାଲୁ

**ନବରଙ୍ଗପୁର,୯।୧(ବି.ପ୍ର.):** ଭାଲୁ ଆକ୍ରମଣରେ ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବାକୁ ଜଣେ ବୃଦ୍ଧା ବୃଦ୍ଧାଙ୍କ ମୃତ୍ୟୁ ଘଟିଥିଲା। ଭାଲୁଟି ମୃତଦେହ ନିକଟରୁ ଯାଇ ନ ଥିଲା। ମୃତଦେହ ନିକଟରେ ୨ ଶାବକ ସହ ମା' ଭାଲୁ ଜଗି ରହିଥିଲା। ୩ ଦିନ ଧରି ଜଙ୍ଗଲରେ ମୃତଦେହକୁ ଭାଲୁ ଜଗି ରହିବା ପରେ ସ୍ଥାନୀୟ ଲୋକ ଗୁରୁବାର ଏହା ଦେଖିଥିଲେ। ବନବିଭାଗ କର୍ମଚାରୀ ଓ ପୋଲିସର ମିଳିତ ଉଦ୍ୟମରେ ଭାଲୁକୁ ଘଉଡାଇ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଅଧୀନ ସିନ୍ଧିଗୁଡା ଗାଁର ଗୌରୀ ଅମନାତ୍ୟ(୭୦)। ସେ ୬ ତାରିଖରେ ଜଙ୍ଗଲକୁ ଶାଳପତ୍ର ଓ ଦାନ୍ତ କାଠି ଆଣିବା ପାଇଁ ଯାଇ ଆଉ ଘରକୁ ଫେରି ନ ଥିଲେ। ପରିବାର ବହୁ ଖୋଜାଖୋଜି କରି ପାଇନଥିଲେ। ଗୁରୁବାର ସ୍ଥାନୀୟ ଲୋକ ଜଙ୍ଗଲକୁ ଯାଇ ଖୋଜିଥିଲେ। ଗୌରୀଙ୍କ ମୃତଦେହ ପଡିଥିବା ବେଳେ ନିକଟରେ ୨ଟି ଛୁଆ ସହ ମା' ଭାଲୁ ଜଗି ରହିଥିବା ଦେଖିବାକୁ ପାଇଥିଲେ।


**SWAMI VIVEKANANDA NATIONAL INSTITUTE OF REHABILITATION TRAINING AND RESEARCH**
Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment (Government of India)
Olatpur, PO : Bairoi, Dist : Cuttack, Odisha
Ref. No. : AD 6B 19/01/2020 Date : 06.01.2020

**RECRUITMENT NOTICE BY CONTRACT**

Applications are invited from the eligible candidates for the following posts as under.

| Sl. No. | Name of the Post | No. of Post | Age | Consolidated Salary per month |
|---|---|---|---|---|
| 1 | Physical Medicine & Rehabilitation (Consultant) | 01 | 45 | Rs.1,20,000/- |
| 2 | Senior Resident (Contractual) | 01 | 40 | Pay Matrix Level-II (Rs.67,700+NPA) |
| 3 | Junior Resident (Contractual) | 02 | 33 | Rs.50,000/- |
| 4. | Prosthetist & Orthotist (Consultant) | 02 | 40 | Rs.35,000/- |
| 5. | Psychologist (Consultant) | 01 | 35 | Rs.35,000/- |
| 6. | Speech Therapist (Consultant) | 01 | 35 | Rs.35,000/- |
| 7. | Special Educator (Mental Retardation / Intellectual disability) (Consultant) | 01 | 35 | Rs.20,000/- |
| 8 | Special Educator (VI) (Consultant) | 01 | 35 | Rs.20,000/- |
| 9. | Optometrist (Consultant) | 01 | 35 | Rs.20,000/- |
| 10. | Ear-Mould Technician (Consultant) | 01 | 35 | Rs.20,000/- |
| 11. | Office Assistant (Consultant) | 01 | 30 | Rs.20,000/- |

Last date for receipt of completed applications is 05.02.2020. Late received applications and applications received in other format will be summarily rejected. For all other details, terms and conditions, please log on to website www.svnirtar.nic.in

Sd./- Director

नालको NALCO
National Aluminium Company Limited
(A Government of India Enterprise)
Captive Power Plant,
Angul-759145, Odisha, India
CIN : L27203OR1981GOI000920
A NAVRATNA COMPANY

**OPEN TENDER NOTICE FOR INVITATION OF BIDS ( DOMESTIC COMPETITIVE BIDDING)**

**TENDER ID NO.: 2020_NALCO_532769_1 OF CENTRAL PUBLIC PROCUREMENT PORTAL (CPPP),** Digitally signed Online tenders through " Central Public Procurement Portal" are invited in two-part mode from Indian supplier for **supply of a CRAWLER MOUNTED BULL DOZER ( 300-360 HP) for Captive Power Plant (CPP) of National Aluminium Company Ltd. (NALCO) at Angul, Odisha.** The tender document can be downloaded from websites **www.nalcoindia.com** or **http://eprocure.gov.in/eprocure/app.** The last date & time for bid submission is **dt.31.01.2020, 12:00 PM.** For any addendum/ corrigendum, bidders are requested to visit these websites regularly.

**GM (Materials) I/c,CPP**

**DISTRICT MINERAL FOUNDATION, JAJPUR**
Ph.- 06728-222227, E-mail:dmf jajpur@gmail.com.
Website - www.jajpur.nic.in
Letter No.DMF/14/2020 Date: 08.01.2020

**WALK-IN INTERVIEW FOR SPECIALISTS / DOCTORS**

Candidatures are invited for walk-in interview for appointment of Super Specialists/ Specialists/ Doctors in District Headquarter Hospital, Jajpur and CHC & PHCs of Sukinda & Danagadi block out of District Mineral Foundation Fund. The vacancy details and all other requisite qualification, experience is available in website **www.jajpur.nic.in.**
**The date of walk-in-interview : 10.00 A.M., 21.01.2020**
**Venue: Collector's Conference Hall**

Sd./-
Collector & Managing Trustee
DMF, Jajpur

**SHORT QUOTATION CALL NOTICE**

Sealed quotations are invited from the firms/agencies for tent and other allied works, providing Private Security Personnel, Printing works and documentation works for the Pallishree Mela : 2020 at Deogarh to be organized from 10.02.2020 to 14.02.2020.
The quotation papers along with specification and eligibility criteria of the works are available at ORMAS Office, DRDA Campus, Deogarh and the Deogarh Official Website **http//deogarh.nic.in** and **www.ormas.org**, till 17.01.2020 (3.00 P.M.). The quotations/ tenders will be opened on 17.01.2020 at 3.30 P.M.
The undersigned reserves the right to accept or reject any or all the quotations without assigning any reason thereof.

**Sd./- Project Director**

**ତହସିଲ କାର୍ଯ୍ୟାଳୟ, ଖପ୍ରାଖୋଲ**

**ନୋଟିସ ନଂ.୪୮** **ତାରିଖ: ୦୯।୦୧।୨୦୨୦**
**ପ୍ରାପ୍ତେଷୁ,**
**ଶ୍ରୀ ହେବ୍‌ଲେଟ୍ ବାର୍ଲା (SR. Rev Assistant)**
**ତହସିଲ କାର୍ଯ୍ୟାଳୟ, ଖପ୍ରାଖୋଲ**
**ବର୍ତ୍ତମାନ ନି - ଡୁଙ୍ଗୁରିପଡ଼ା, ବଲାଙ୍ଗୀର**
**ପୋ- ରାଜେନ୍ଦ୍ର କଲେଜ, ବଲାଙ୍ଗୀର**
**ଜି- ବଲାଙ୍ଗୀର, (ଓଡ଼ିଶା)**

ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଆପଣ ଦୀର୍ଘଦିନ ହେଲା ତହସିଲ କାର୍ଯ୍ୟାଳୟର ନିବାରତ ବିଭାଗ ଦାୟିତ୍ୱ ଥିବା ସମୟରେ ତହସିଲ କାର୍ଯ୍ୟାଳୟର ଲକ୍ଷାଧିକ ଟଙ୍କା ଆତ୍ମସାତ୍ କରି ଅଧିକାରୀଙ୍କ ବିନା ଅନୁମତିରେ ଅନୁପସ୍ଥିତ ରହିଅଛ। ଏଣୁ ଏହି ନୋଟିସ୍ ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନୋଟିସ୍ ବାହାରିବାର ସାତଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟକୁ ଆସି ଆତ୍ମସାତ୍ କରିଥିବା ଟଙ୍କା କାର୍ଯ୍ୟାଳୟରେ ଜମାକରି ଆପଣଙ୍କ କାର୍ଯ୍ୟରେ ଯୋଗଦାନ କରନ୍ତୁ। ନଚେତ୍ ଆଇନ୍ ଅନୁଯାୟୀ ଆପଣଙ୍କ ବିରୁଦ୍ଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

**ସ୍ୱା./- ତହସିଲଦାର, ଖପ୍ରାଖୋଲ**

**Government of Odisha "e" Procurement Notice**
**TENDER CALL NOTICE**
**IDENTIFICATION No. 04/SE NH SBP of 2019-20**
(Bid No. 04 SENH SBP of 2019-20)
No.: b-73

| Sl. No. | Name of the Works | Estimated Cost in Rupees | Period of Completion in Calendar Month | Date / Time for Receipt of Bids | Name and Address of the Officer Inviting Tender |
|---|---|---|---|---|---|
| 1 | PR such as Renewal Coat with BC from 265/300 to 269/300 Km of NH-49 for the year 2019-20 | 2,07,50,125.00 | 3 (Three) Calendar Months | 10.00 A.M. of Dt.20.1.2020 to 5.00 P.M. of 03.02.2020 | Superintending Engineer, N.H. Circle, Sambalpur |

Further details can be seen from the "e" Procurement website: **www.tendersorissa.gov.in.**
**(Sd./- S.K. Sahoo)**
**Superintending Engineer, N.H. Circle, Sambalpur**
34007/11/0004/1920

**GOVERNMENT OF ODISHA**
**OFFICE OF THE EXECUTIVE ENGINEER, RURAL WORKS DIVISION, GUNUPUR**
E-mail: eerwgunupur@gmail.com
No.: O-788
**E-Procurement Notice**
Bid Identification No. EERWGNP-Online-06/2019-20
No.: 34 Date: 03.01.2020
1. Name of the Work : Maintenance of RD Roads
2. Total No. of Works : 13 Nos. (Percentage rate tender)
3. Estimated Cost : Varies from Rs.4.46 to 35.71 Lakhs
4. Class of Contractor : As mentioned in Col. 5 of Annexure
5. Time of Completion : Specified in DTCN
6. Other details :

| Procurement Officer | Bid Identification No. | No. of Works | Availability of Tender Online for Bidding | | Date & Time of Opening of Tender |
|---|---|---|---|---|---|
| | | | From | To | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Gunupur | EERWGNP Online - 06/2019-20 | 13 (Thirteen) Nos. | 13.01.2020 at 10.00 A.M. | 24.01.2020 upto 5.00 P.M. | 28.01.2020 at 12.00 Hrs. |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Further details can be seen from the website: **www.tendersorissa.gov.in.**
25170/11/0005/1920 Sd./- Executive Engineer, Rural Works Division, Gunupur

**DISTRICT PROJECT OFFICE SAMAGRA SHIKSHA, PURI**
**(ODISHA SCHOOL EDUCATION PROGRAMME AUTHORITY) (OSEPA)**
**(DEPARTMENT OF SCHOOL & MASS EDUCATION, ODISHA)**
Phone: 06752-229275, Fax: 06752-233095
E-mail: dpcpurissa.opepa@nic.in, prgpurissa.opepa@nic.in
Letter No.: 91 Date: 9.1.2020

**TENDER CALL NOTICE**

Sealed tenders are invited in prescribed format from reputed offset printers having valid GST, TIN, PAN and DIC Registration Certificate for printing and supply of (a) Question-cum-Answer Sheets & (b) Report Card from Class-I to VIII for Govt. & Govt. Aided Primary, Upper Primary & High Schools of Puri District. The last date of receipt of tender is fixed on 28.01.2020 upto 2 P.M. and will be opened on 28.01.2020 at 3 P.M. before the Tender Committee in presence of the tenderers or their authorized representatives. The sealed tenders will be received through Speed Post/Registered Post and can be dropped in the sealed tender box kept at DPO, SS, Puri. The office will not be held responsible for any kind of postal delay. The tender shall include with all documents, processing fee and EMD as stated in terms and conditions of bid document. The undersigned reserves the rights to accept or reject all or any tender/s without assigning any reason thereof. The Bid documents along with terms and conditions will be available in the Office of the undersigned on each working day during office hour from Dt.10.01.2020 to Dt.27.01.2020 & also available in the website **www.puri.nic.in** and **www.osepa.odisha.gov.in.**

By Order of the Collector-cum-Chairman, SS, Puri
Sd./- District Project Co-ordinator
Samagra Shiksha, Puri

**DISTRICT PROJECT OFFICE SAMAGRA SIKSHA, BOLANGIR**

**TENDER CALL NOTICE FOR PRINTING AND SUPPLY OF QUESTION-CUM-BLANK ANSWER SHEET & STUDENT REPORT CARD FOR SUMMATIVE ASSESSMENT-II, 2019-20**

**Notice No.XVIII/PDG/01 /2020-116, Date: 09.01.2020**

Sealed tenders are invited in the prescribed format from the registered Offset Printers registered with DIC having production certificate issued by DIC, IT return & Balance Sheet of last 03 years, valid PAN, VAT Clearance certificate, and up to date GST certificate with return file copy of GST for the month of Nov-19 for printing and supply of Question -cum-Blank Answer sheet & Student Report Card to the Block point for Summative Assessment-II -2019-20 from Class-I to Class-VIII of Balangir Dist. The bidder shall apply as per the terms and conditions laid down in the bid document. The Bid Documents containing detailed terms and conditions are available in the Website **www.balangir.nic.in** and **www.opepa.in.** The Quotation Paper shall be received through Regd. Post/Speed Post/ Courier on or before 20.01.2020 up to 5.00 P.M. Quotation Papers will be opened at ADM Chamber in the presence of the bidders on 22.01.2020 at 11.00 A.M. under the Chairmanship of ADM, Balangir. The office will not responsible for any delay. Separate Tender Papers (Technical Bid & Financial Bid) should be submitted for the above.
The Authority reserves the right to amend, alter, modify or cancel part/total Tender without assigning any reason thereof.

Sd./-
Collector-cum-Chairman
SSA, Balangir

भारतीय विमानपत्तन प्राधिकरण
**AIRPORTS AUTHORITY OF INDIA**

**ଇ-ଟେଣ୍ଡର ବିଜ୍ଞପ୍ତି ଆହ୍ୱାନ**
**ଟେଣ୍ଡର ଆଇଡି : 2020_AAI_39602_1**

ଭାରତୀୟ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଚେୟାରମ୍ୟାନଙ୍କ ତରଫରୁ **ଆସିଷ୍ଟାଣ୍ଟ ଜେନେରାଲ ମ୍ୟାନେଜର (E-C)-III** ଦ୍ୱାରା ଇ-ଟେଣ୍ଡରିଂ ପୋର୍ଟାଲ ଜରିଆରେ ଆଇଟମ ରେଟ୍ ଟେଣ୍ଡର ଆହ୍ୱାନ କରାଯାଉଛି। ଯଥାଯଥ ଶ୍ରେଣୀର ଯୋଗ୍ୟ କଣ୍ଟ୍ରାକ୍ଟରମାନଙ୍କ ଠାରୁ ଯେପରି CPWD/MES/P&T/ରେଲୱେସ/ରାଜ୍ୟ PWD/ PSUs/ପୌର ନିଗମ ଏବଂ ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ ଓ କୋଲକାତାର ଉନ୍ନୟନ କର୍ତ୍ତୃପକ୍ଷମାନେ **ଭୁବନେଶ୍ୱରର ବି.ପି.ଆଇ ବିମାନ ବନ୍ଦର ଠାରେ ଆବାସୀୟ କଲୋନିର ବିଶେଷ ମରାମତି କାର୍ଯ୍ୟ** ନିମନ୍ତେ ଆବେଦନ କରିପାରିବେ। ଏହାର ଆନୁମାନିକ ବ୍ୟୟ ₹.୧,୨୪,୪୮,୩୨୨.୦୦ (ଏକ କୋଟି ଚବିଶ ଲକ୍ଷ ଅଠଚାଳିଶ ହଜାର ତିନି ଶହ ବାଇଶ)(ଜିଏସ୍‌ଟି ବ୍ୟତିତ) ଏବଂ ୬ ମାସ ମିଆଦ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବାକୁ ହେବ। ବୀଡ୍ କାଗଜପତ୍ର ଜମା ଦେବାର ଶେଷ ତାରିଖ ଓ ସମୟ ହେଲା : ୨୦.୦୧.୨୦୨୦ ଦିନ ୧୮.୦୦ ଘଟିକା ପର୍ଯ୍ୟନ୍ତ। ବିସ୍ତାରିତ ବିବରଣୀ ପାଇଁ ଲଗ୍ ଅନ୍ କରନ୍ତୁ CPP e-procurement portal reference **https://etenders.gov.in/eprocure/app** କିମ୍ବା **www.aai.aero.** ଏହାପରେ ଯଦି କୌଣସି ସ୍ପଷ୍ଟୀକରଣ/ଭ୍ରମ ସଂଶୋଧନ ଥାଏ, ତେବେ ତାହା **https://etenders.gov.in/eprocure/app** ରେ e-procurement portal ମାଧ୍ୟମରେ ସୂଚିତ ହେବ।

**OFFICE OF THE NOTIFIED AREA COUNCIL, G.UDAYAGIRI**
**Fax No.06847/260366, Email ID : orissagudnac@gmail.com**
**Notice No.42** **Dated: 08.01.2020**
**Corrigendum to Tender Call Notice No.30 / Dated.08.01.2020**
Following Corrections has been made to this office Tender Call Notice No.30 dt.08.01.2020 regarding procurement of Civil works. Other terms & condition will remain unchanged.

| | | |
|---|---|---|
| 01 | Date & time of availability of bid documents in the portal | dt.14.01.2020 to dt.21.01.2020 up to 5.00 P.M. |
| 02 | Last date & time for receipt of Documents at NAC, G.Udayagiri Tender Box | Dt.22.01.2020 |
| 03 | Bid received online shall be opened on | Dt.27.01.2020 |

**Sd./- Executive Officer**
**N.A.C., G.Udayagiri**

**OFFICE OF THE PRINCIPAL CHIEF COMMISSIONER OF INCOME TAX, ODISHA, AAYAKAR BHAWAN, RAJASWA VIHAR, BHUBANESWAR- 751007.**
**No.Pr.CCIT/Admn. (GL)/AMC/LIFT/2019-20/20297, Dated: 09.01.2020**

**INVITES SEALED BIDS FROM REPUTED FIRMS / AGENCIES FOR ANNUAL MAINTENANCE CONTRACT OF 1 LIFT OF OTIS ELEVATOR COMPANY (INDIA) LIMITED**

Sealed quotations/bids are invited from registered firms/ agencies for annual maintenance contract of 1 lift of OTIS Elevator Company (India) Limited which installed at Pratyakshyakar Bhawan, Regional Telecom Training Centre, Bharat Sanchar Nigam limited, Bhubaneswar.
The eligibility criteria, terms & conditions and other particulars etc. as laid down in the Tender Documents may be obtained from the Asst. Commissioner of Income Tax(Hqrs.)(Admn.), O/o. the Principal Chief Commissioner of Income Tax/ Odisha, 1st Floor, Aayakar Bhawan, Rajaswa Vihar, Bhubaneswar-751007 from 10.01.2020 to 30.01.2020 (between 11.00AM and 05.00PM). Alternatively, the same can be downloaded from the website of the Income Tax Department i.e. **www.incometaxindia.gov.in.**
The sealed quotations should reach this office latest by 30th January/ 2020 (15.00Hrs.). The office of the Principal Chief Commissioner of Income Tax, Odisha reserves the right to cancel any or all the quotations without assigning any reason thereof.

**Sd./- ACIT (Hqrs.) (Admn.)**
**Office of the Pr. CCIT,**
**Odisha, Bhubaneswar**

See Career Appointment on every Wednesday & Saturday

# ଚାରିଦିନିଆ ଟେଷ୍ଟ



ରୁଦ୍ର ପ୍ରସନ୍ନ ରଥ



**ଆଇସିସି ଟେଷ୍ଟ ଉପରୁ ଧ୍ୟାନ ହଟାଇ ଏହି ସମୟକୁ ଫ୍ରାଞ୍ଚାଇଜ୍ ଭିତ୍ତିକ ଟି୨୦କୁ ଦେଇ ବ୍ୟାପକ ଆୟ କରିବା ପାଇଁ ଚାହୁଁଛି। ଯଦି ଏହି ବ୍ୟବସ୍ଥା ଲାଗୁ ହୁଏ ତେବେ ଏହା କ୍ରିକେଟ ପାଇଁ ଅନେକ ବିପଦ ଆଣିବାକୁ ଯାଉଛି ବୋଲି କୁହା ଯାଇପାରିବ।**

ବିଶ୍ୱ କ୍ରିକେଟର ନିୟାମକ ଅନ୍ତର୍ଜାତୀୟ କ୍ରିକେଟ୍ କାଉନସିଲ୍ (ଆଇସିସି) ୨୦୨୩-୩୧ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପକୁ ୪ ଦିନିଆ କରିବା ପାଇଁ ଯୋଜନା କରୁଛି। ୨୦୧୭ରେ ଏହିପରି ଏକ ନିଷ୍ପତ୍ତିକୁ ଆଇସିସି ତରଫରୁ ଲାଗୁ କରାଯାଇଥିବା ବେଳେ ୨୦୨୩ରୁ ଏହାକୁ ବାଧ୍ୟତାମୂଳକ କରାଯିବାକୁ ଚେଷ୍ଟା କରାଯାଉଛି। ୨୦୧୯ରେ ଇଂଲଣ୍ଡ ଏବଂ ଆୟର୍ଲାଣ୍ଡ ୪ ଦିନିଆ ଟେଷ୍ଟ ମ୍ୟାଚ୍ ଖେଳି ସାରିଛନ୍ତି। ୨୦୧୭ରେ ଦକ୍ଷିଣ ଆଫ୍ରିକା ଏବଂ ଜିମ୍ବାୱେ ମଧ୍ୟ ଚାରିଦିନିଆ ଟେଷ୍ଟ ମ୍ୟାଚ୍ ଖେଳିଥିଲେ। ଯଦି ୨୦୨୩ରୁ ୨୦୩୧ ମଧ୍ୟରେ ସବୁ ଟେଷ୍ଟ ମ୍ୟାଚ୍‌କୁ ଆଇସିସି ୪ ଦିନିଆ କରେ ତେବେ ଏହା ଫଳରେ ଆଇସିସି ପାଖାପାଖି ୩୩୫ ଦିନ ବାହାର କରିପାରିବ ବୋଲି ବିଚାର କରୁଛି। ଯେଉଁ ସମୟରେ ଏହା ଏକ ଦିବସୀୟ ଏବଂ ଫ୍ରାଞ୍ଚାଇଜି ଲିଗ୍‌ମାନଙ୍କ ପାଇଁ ସମୟ ବାହାରି କରିପାରିବ। ଏହାକୁ ବିଭିନ୍ନ ସ୍ତରରେ ସମର୍ଥନ ମଧ୍ୟ ମିଳିବା ଆରମ୍ଭ ହେଲାଣି। ବିଶ୍ୱ କ୍ରିକେଟ୍‌ର ପ୍ରମୁଖ ଦେଶ ଯଥା ଇଂଲଣ୍ଡ, ଅଷ୍ଟ୍ରେଲିଆ ଆଦି ଏହାକୁ ସମର୍ଥନ କରୁଥିବାରୁ ଏହି ବ୍ୟବସ୍ଥା ସହଜରେ ଲାଗୁ ହେବା ପରି ଲାଗୁଛି।

୨୦୧୮ ପରଠାରୁ ଫଳାଫଳ ମିଳିଥିବା ମ୍ୟାଚରୁ ୬୦ ପ୍ରତିଶତ ୪ ଦିନମଧ୍ୟରେ ଶେଷ ହୋଇଛି। ଭାରତରେ ଖେଳାଯାଉଥିବା ସଂଖ୍ୟାଧିକ ମ୍ୟାଚ୍ ତ ତିନିଦିନରେ ଶେଷ ହୋଇଥାଏ। ଏଣୁ ଆଇସିସି ମତରେ ଏଠି ପଞ୍ଚମ ଦିନର କୌଣସି ଆବଶ୍ୟକତା ନାହିଁ। ଏଣୁ ଚାରିଦିନିଆ ଟେଷ୍ଟ ମ୍ୟାଚ୍ କଲେ ସମୟ ବଞ୍ଚିବ। ଏକଦିବସୀୟ ଏବଂ ଟି ୨୦ରେ ବହୁ ଆୟ ହେଉଥିବାରୁ ଆଇସିସି ଟେଷ୍ଟ ଉପରୁ ଧ୍ୟାନ ହଟାଇ ଏହି ସମୟକୁ ଫ୍ରାଞ୍ଚାଇଜ୍‌ଭିତ୍ତିକ ଟି୨୦କୁ ଦେଇ ବ୍ୟାପକ ଆୟ କରିବା ପାଇଁ ଚାହୁଁଛି। ଯଦି ଏହି ବ୍ୟବସ୍ଥା ଲାଗୁ ହୁଏ ତେବେ ଏହା କ୍ରିକେଟ ପାଇଁ ଅନେକ ବିପଦ ଆଣିବାକୁ ଯାଉଛି ବୋଲି କୁହା ଯାଇପାରିବ।

ଆଇସିସିର ବ୍ୟାପକ ରୋଜଗାର କରିବା ନିଶା ଯୋଗୁ ଟେଷ୍ଟ ଏବେ ରସାତଳଗାମୀ ହୋଇ ସାରିଛି। ଏହାକୁ ପୁନର୍ଜୀବିତ କରିବା ପାଇଁ ନୂଆ ନୂଆ କୌଶଳ ଯଥା ପିଙ୍କ ବଲ କ୍ରିକେଟ ବାହାର କରିଛି। ସେହିପରି ଆଗରୁ ସୋମବାରରେ ପ୍ରାୟ ଟେଷ୍ଟ ମ୍ୟାଚ ଆରମ୍ଭ ହେଉଥିଲା ବେଳେ ଏବେ ଗୁରୁବାରରୁ ମ୍ୟାଚ ଆରମ୍ଭ କରାଯାଉଛି। ଯାହା ଫଳରେ ଫଳାଫଳ ମିଳୁଥିବା ୩ୟ କିମ୍ବା ୪ର୍ଥ ଦିନଗୁଡିକ ଶନିବାର କିମ୍ବା ରବିବାର ପଡିବ। ଏପରି କଲେ ଏହି ଦୁଇ ଦିନ ବେଶି ଲୋକ ମ୍ୟାଚ୍ ଦେଖିବାକୁ ଆସିପାରିବେ। ଗୋଟିଏ ପଟେ ଟେଷ୍ଟ ମ୍ୟାଚ୍‌କୁ ଲୋକପ୍ରିୟ କରିବାକୁ ଏପରି ପଦକ୍ଷେପ ନେବାକୁ ଆଇସିସି ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ୪ଦିନିଆ ଟେଷ୍ଟ ମ୍ୟାଚ୍ ଆୟୋଜନ କରି ଆଇସିସି ଗୋଦରା କୋଡେ ଯେତେ ମାଡେ ସେତେ ନ୍ୟାୟରେ ଆଗ ପଛ ହେଉଛି।

୪ଦିନିଆ ଟେଷ୍ଟ ହେଲେ ଏକାଧିକ ମ୍ୟାଚ୍ ଡ୍ରରେ ପରିଣତ ହେବ। ଭଲ ଉଇକେଟ୍‌ରେ ଅନେକ ମ୍ୟାଚ୍ ଶେଷ ଦିନ ଶେଷ ଓଭରଯାଏ ଗଡିଛି ବୋଲି ଇତିହାସ ସାକ୍ଷୀ। ଉଦାହରଣ ସ୍ୱରୂପ ୧୯୮୫-୮୬ରେ ହୋଇଥିବା ଭାରତ ବନାମ ଅଷ୍ଟ୍ରେଲିଆ ଟାଇ ଟେଷ୍ଟ ମ୍ୟାଚ୍ ମଧ୍ୟ ପଞ୍ଚମ ଦିନର ଶେଷ ଓଭରରେ ହିଁ ଟାଇ ହୋଇଥିଲା । ୨୦୧୧ରେ ଭାରତ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ୱାଙ୍ଖଡେରେ ଖେଳାଯାଇଥିବା ତୃତୀୟ ଟେଷ୍ଟ ମଧ୍ୟ ପଞ୍ଚମ ଦିନର ଶେଷ ଓଭରର ଶେଷ ବଲରେ ଟାଇ ହୋଇଥିଲା। ଏ ଦୁଇଟି କେବଳ ଉଦାହରଣ ମାତ୍ର। ପ୍ରକୃତରେ ଦେଖିବାକୁ ଗଲେ ଏମିତି ଅନେକ ମ୍ୟାଚ୍ ଅଛି ଯେଉଁଠି ଟେଷ୍ଟ ମ୍ୟାଚ୍‌ର ରୋମାଞ୍ଚ ଶେଷ ଅଧିବେଶନ ଏପରିକି ଶେଷ ଓଭରଯାଏ ବଳବତ୍ତର ଅଛି। ଯଦି ୫ ଦିନିଆ ଟେଷ୍ଟକୁ ଚାରିଦିନିଆରେ ପରିବର୍ତ୍ତନ କରାଯିବ ତେବେ ଏ ରୋମାଞ୍ଚକର ମ୍ୟାଚ୍ ଆସିବ କେଉଁଠୁ ?

ଆଇସିସି କ୍ରିକେଟର ବିକାଶ କଥା କହୁଥିଲେ ମଧ୍ୟ ମହିଳା ଏବଂ ଦୃଷ୍ଟିହୀନ କ୍ରିକେଟର ବିକାଶ ପାଇଁ ଯାହା କରିବା କଥା ତାହା ଏଯାଏ କରିପାରିନାହିଁ, ବରଂ ଏହି ଖେଳକୁ ଭଲପାଉଥିବା ଲକ୍ଷାଧିକ ମହିଳା ଏବଂ ଦୃଷ୍ଟିହୀନମାନେ କ୍ରୀଡ଼ା ପ୍ରତି ନିଜର ଭଲପାଇବାକୁ ବଜାୟ ରଖିବାପାଇଁ ଏବେ ବି ସଂଗ୍ରାମରତ। ବିନା ପ୍ରାୟୋଜକ ଏବଂ ବିନା କିଟ୍‌ରେ ଏମାନେ ନିଜପାଇଁ ପରିଚିତି ଗୋଟାଇବାକୁ ସଂଗ୍ରାମ କରୁଛନ୍ତି। ଏଥିପାଇଁ ଆଇସିସି ଚେଷ୍ଟା ନ କରି ଫ୍ରାଞ୍ଚାଇଜଭିତ୍ତିକ ଲିଗ ଖେଳିବା ପାଇଁ ସମୟ କାଢିବା ଦୁର୍ଭାଗ୍ୟଜନକ ନୁହେଁ କି ?

ଟେଷ୍ଟ ମ୍ୟାଚ ଲୋକପ୍ରିୟତା ହରାଇବାର ଯେଉଁ ଦୁଇଟି କାରଣ ଅଛି ତା ମଧ୍ୟରୁ ପ୍ରଥମଟି ହେଲା ଏକପାଖିଆ ପିଚ୍ ପ୍ରସ୍ତୁତି। ସାଧାରଣ ଗୋଟିଏ ଭଲ ପିଚ୍ ପ୍ରଥମ ଦିନ ପେସ ବୋଲର ତା' ପରବର୍ତ୍ତୀ ଦୁଇ ଦିନ ବ୍ୟାଟ୍ସମ୍ୟାନ ଏବଂ ଶେଷ ଦୁଇଦିନ ସ୍ପିନରଙ୍କୁ ସୁହାଇବାକଥା। ଏପରି କଲେ ସମସ୍ତଙ୍କୁ ପ୍ରଦର୍ଶନ ଦେବାକୁ ସୁବିଧା ହେବ। ମାତ୍ର ଏପରି ନ କରି ଘରୋଇ ଦଳକୁ ସୁହାଇଲା ପରି ପିଚ୍ ତିଆରି ହେଉଛି। ଘରୋଇ ଦଳ ନିଶ୍ଚିତ ଜିତିବା ଦରକାର ବୋଲି ବିଚାର କରି କେବଳ ପେସ୍‌ବୋଲର କିମ୍ବା କେବଳ ସ୍ପିନରଙ୍କୁ ସୁହାଇଲା ପରି ଉଇକେଟ ତିଆରି କରାଯାଉଛି, ଯାହା ଫଳରେ ମ୍ୟାଚ୍ ତିନିଦିନରେ ଶେଷ ହୋଇଯାଉଛି। ଦ୍ୱିତୀୟ କାରଣଟି ହେଲା କ୍ରିକେଟରେ ନିୟମ ସବୁ ଧୀରେ ଧୀରେ ବ୍ୟାଟ୍ସମ୍ୟାନଙ୍କୁ ସୁହାଇଲା ପରି ହେଉଛି। ପୂର୍ବରୁ ଯେପରି ବାଉନ୍ସର କିମ୍ବା ସୁଇଂ ବୋଲିଂ ପାଇଁ ଟେଷ୍ଟମ୍ୟାଚ୍ ସବୁ ମନେରହୁଥିଲା ଏବେ କେବଳ ବ୍ୟାଟ୍ସମ୍ୟାନ କିମ୍ବା ତାଙ୍କ ପ୍ରଦର୍ଶନ ପାଇଁ ମନେରହୁଛି। ଯେତେବେଳେ କ୍ରିକେଟର କୌଣସି ଫର୍ମାଟରେ ବ୍ୟାଟ୍ସମ୍ୟାନ କିମ୍ବା ବୋଲର ଜଣଙ୍କର ଆଧିପତ୍ୟକୁ ପ୍ରୋତ୍ସାହିତ କରାଯାଏ ସେତେବେଳେ ଫର୍ମାଟ ହିଁ ବିନାଶ ଘଟେ ଏହାକୁ ଆଇସିସିର ବୁଝିବା ଉଚିତ। ଅବସନ୍ନ ଶରୀର ସହ ୫ମ ଦିନ ପଡିଆକୁ ଓହ୍ଲାଇବା, ଖରାପ ହୋଇଯାଇଥିବା ପିଚ୍ ଉପରେ ବ୍ୟାଟ୍ସମ୍ୟାନ ସଂଘର୍ଷ କରିବା, ନିଜର କଳା କୌଶଳ ଲଗାଇ ୪ର୍ଥ ଦିନରେ ନଟ ଆଉଟ ଥିବା ଶେଷ ନାମକରା ବ୍ୟାଟ୍ସମ୍ୟାନଙ୍କୁ ଆଉଟ କରିବା ପାଇଁ ବୋଲରମାନେ ଯୋଜନା କରିବା ହେଉଛି ସେହି କ୍ରିକେଟର ଅଂଶବିଶେଷ, ଯାହା ଟେଷ୍ଟ କ୍ରିକେଟକୁ କ୍ଲାସିକାଲ କରିଥାଏ। ଯଦି ଚାରିଦିନିଆ ଟେଷ୍ଟ କ୍ରିକେଟ ହୁଏ ତେବେ କ୍ରିକେଟ ତ ରହିବ ହେଲେ ସେଥିରେ କ୍ଲାସିକ୍ ଆଉ ଟେଷ୍ଟ ନ ଥିବ।

କ୍ରିକେଟରେ ପରୀକ୍ଷା ନିରୀକ୍ଷାକୁ ସବୁବେଳେ ସମସ୍ତେ ଭଲ ପାଇ ଆସିଛନ୍ତି, ମାତ୍ର ଏହା କ୍ରିକେଟର କେତେ ଲାଭ କିମ୍ବା କ୍ଷତି କରୁଛି ତାହା କେହି ଆକଳନ କରି ଦେଖିବାକୁ ଚେଷ୍ଟା କରିନାହାନ୍ତି। ପରିବର୍ତ୍ତନ କ୍ରିକେଟର ଭଲ ପାଇଁ ଆଳରେ ଧୀରେଧୀରେ କ୍ରିକେଟ ସାଧାରଣ ଲୋକର ପରିଧି ବାହାରକୁ ଚାଲିଯାଉଛି।



**କ୍ୟାଚ୍ ନେବାରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ ରେକର୍ଡ କରିଛନ୍ତି। ଗତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟର ସେ ଗୋଟିଏ ଇନିଂସରେ ୫ଟି କ୍ୟାଚ୍ ନେଇ ଇଂଲଣ୍ଡ ପାଇଁ ରେକର୍ଡ କରିବା ସହ ବିଶ୍ୱ ରେକର୍ଡର ସମକକ୍ଷ ହୋଇଛନ୍ତି...**

# କ୍ୟାଚ୍ ରେକର୍ଡ

କ୍ରିକେଟରେ ବୋଲିଂ ଓ ବ୍ୟାଟିଂରେ ଉଚ୍ଚକୋଟୀର ପ୍ରଦର୍ଶନ କରି ଖେଳାଳିମାନେ ରେକର୍ଡ କରିଥାନ୍ତି। ଠିକ୍ ସେହିପରି କ୍ୟାଚ୍ ନେବାରେ ମଧ୍ୟ ଅନୁରୂପ ଭାବେ ରେକର୍ଡ ସୃଷ୍ଟି ହୋଇଥାଏ। ନିକଟରେ ଇଂଲଣ୍ଡ ଅଲରାଉଣ୍ଡର ବେନ୍ ଷ୍ଟୋକ୍ସ କ୍ୟାଚ୍ ନେବାରେ ରେକର୍ଡ ସୃଷ୍ଟି କରିଛନ୍ତି। ସ୍ଥାନୀୟ ନ୍ୟୁଲାଣ୍ଡ୍ସ ଗ୍ରାଉଣ୍ଡରେ ଚାଲିଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ତୃତୀୟ ଦିବସରେ ପ୍ରଥମ ଇନିଂସରେ ଜେମ୍ସ ଆଣ୍ଡରସନଙ୍କ ବଲ୍‌ରେ ଦ୍ୱିତୀୟ ସ୍ଲିପ୍‌ରେ ଅନରିଚ ନୋର୍ଜଙ୍କ କ୍ୟାଚ୍ ନେଇ ଗୋଟିଏ ଇନିଂସରେ ସର୍ବାଧିକ ୫ଟି କ୍ୟାଚ୍ ଧରିଛନ୍ତି। ଟେଷ୍ଟରେ ଗୋଟିଏ ଇନିଂସରେ ସେ ସର୍ବାଧିକ ୫ଟି କ୍ୟାଚ୍ ଧରିବାରେ ବିଶ୍ୱ ଟେଷ୍ଟ ରେକର୍ଡର ମଧ୍ୟ ସମକକ୍ଷ ହୋଇଛନ୍ତି।

ଇଂଲଣ୍ଡ ଖେଳିଥିବା ଗତ ୧୦୧୯ ଟେଷ୍ଟ ମ୍ୟାଚ୍‌ରେ ୨୩ଥର କୌଣସି ଖେଳାଳି ଗୋଟିଏ ଇନିଂସରେ ୪ଟି କ୍ୟାଚ୍ ନେବାର ରେକର୍ଡ ରହିଛି। ଗତବର୍ଷ ଲର୍ଡରେ ଅନୁଷ୍ଠିତ ଆୟର୍ଲାଣ୍ଡ ବିପକ୍ଷ ଟେଷ୍ଟରେ ଗୋଟିଏ ଇନିଂସରେ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ୪ଟି କ୍ୟାଚ୍ ନେଇଥିଲେ।



ପୂର୍ବରୁ ଗୋଟିଏ ଇନିଂସରେ ୧୧ଥର ବିଶ୍ୱର ବିଭିନ୍ନ ଖେଳାଳି ୫ଟି କ୍ୟାଚ୍ ଧରିବାର ରେକର୍ଡ ରହିଛି। ଶେଷଥର ପାଇଁ ଅଷ୍ଟ୍ରେଲିଆର ଷ୍ଟିଭ୍ ସ୍ମିଥ୍ ୨୦୧୭/୧୮ରେ ନ୍ୟୁଲାଣ୍ଡ୍ସରେ ଗୋଟିଏ ଇନିଂସରେ ୫ ଉଇକେଟ ହାସଲ କରିଥିଲେ।

ଜଣେ ପ୍ରତିଭା ସମ୍ପନ୍ନ ଅଲରାଉଣ୍ଡର ଭାବେ ଷ୍ଟୋକ୍ସ ୩ଟି ଯାକ ଫର୍ମାଟ୍‌ରେ ନିଜର ଦମ୍ ଦେଖାଇଛନ୍ତି। ଗତ ଦିନିକିଆର ବିଶ୍ୱକପ୍‌ରେ ମଧ୍ୟ ସେ ଉଚ୍ଚକୋଟୀର ପ୍ରଦର୍ଶନ କରି ଇଂଲଣ୍ଡକୁ ଚାମ୍ପିୟନ କରାଇବାରେ ସେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଷ୍ଟୋକ୍ସ ଏପର୍ଯ୍ୟନ୍ତ ଇଂଲଣ୍ଡ ପାଇଁ ୬୧ଟି ଟେଷ୍ଟ, ୯୫ଟି ଦିନିକିଆ ଓ ୨୩ଟି ଟି୨୦ ମ୍ୟାଚ୍ ଖେଳିଛନ୍ତି। ସେ ମଧ୍ୟ ୩୪ଟି ଆଇପିଏଲ୍ ମ୍ୟାଚ୍ ଖେଳି ବେଶ୍ ସଫଳ ପ୍ରଦର୍ଶନ କରିଛନ୍ତି।

## କୀର୍ତ୍ତି

ସର୍ବିୟା ହିରୋଇନ ଷ୍ଟାନକୋଭିକର
ପାଣ୍ଡ୍ୟା ହବ ପ୍ରାଣନାଥ
ନୂଆ ଫଟାକା ସହ ନୂଆ ବର୍ଷ ଆରମ୍ଭ
ନତାଶା ଫଟାକା ମିତ
ଏ ସ୍ୱାମୀ ପାଣ୍ଡ୍ୟାର ମତ
ଡେଟିଂରୁ ଲଭ୍, ଲଭ୍‌ରୁ ଆରେଞ୍ଜ୍
ବାହାଘର ହବ ସତ।୧।

ଲେଡି ବଡି ବିଲ୍ଡିଂ ବାଂଲାଦେଶରେ
ରହମାନ ଚାମ୍ପିୟନ
ଦେଶରେ ପ୍ରଥମଥର ଅନୁଷ୍ଠିତ
ମ୍ୟାଚ୍ ପାଇଁ ଦେଶ ଧନ୍ୟ
ସଂସ୍କାରକୁ ଦେଇ ଧ୍ୟାନ
ଲମ୍ବା କ୍ରପ୍ ଟପ୍ସ ଲେଗିନ୍ସ ବାଛିଲୁ
(କହେ ) ନଜରୁଲ ଇସଲାମ।୨।



ନୂଆବର୍ଷ ଦି ହଜାର କୋଡିଏର
କ୍ୟାଲେଣ୍ଡର ଝଲମଲ
ଟୋକିଓ ଅଲିମ୍ପିକ୍ସ, ଗ୍ରାଣ୍ଡସ୍ଲାମ ଟେନିସ,
ୟୁରୋକପ୍ ଫୁଟବଲ
କିଏ ହେବ ମାଲାମାଲ
ନିଜ ସହ ଦେଶ କୀର୍ତ୍ତି ଅରଜିଲେ
ମନେରହିବ ଏ ସାଲ ।୩।

-ସୁବାସ ଚନ୍ଦ୍ର ପ୍ରଧାନ

# ଆଇପିଏଲ୍ ୧୩



ନିର୍ମଳ କୁମାର ମିଶ୍ର

**ହାଇପ୍ରୋଫାଇଲ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣ ଏଥର ଆଗାମୀ ମାର୍ଚ୍ଚ ୨୯ରୁ ଆରମ୍ଭ ହୋଇ ମେ ୨୪ ତାରିଖରେ ଶେଷ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଦ୍ୱାରା ଆୟୋଜିତ ହୋଇ ଆସୁଥିବା ଏହି ଟି୨୦ ଲିଗ୍‌ରେ ଗତଥରର ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ସମେତ ୮ଟି ଦଳ ଅଂଶଗ୍ରହଣ କରିବେ। ଏଥିରେ ମୋଟ୍ ୬୦ଟି ମ୍ୟାଚ୍ ଖେଳାଯିବ।...**

୨୦୦୮ ରୁ ଆରମ୍ଭ ହୋଇଥିବା ବିଶ୍ୱର ସର୍ବଶ୍ରେଷ୍ଠ ଟି୨୦ ପ୍ରତିଯୋଗିତା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ୧୩ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମାନସ ପ୍ରସ୍ତୁତ ରୂପେ ଜଣାଇଥିବା କ୍ରିକେଟର ଏହି ସଂକ୍ଷିପ୍ତ ଫର୍ମାଟ ଆଗରେ ବିଶ୍ୱର ଅନ୍ୟ ସମସ୍ତ ଟି୨୦ ପ୍ରତିଯୋଗିତା ଫିକା ପଡିଯାଇଛି। ମୁମ୍ବାଇ ଇଣ୍ଡିଆନ୍ସ ୧୨ତମ ସଂସ୍କରଣରେ ଚାମ୍ପିଅନ୍ ଆଖ୍ୟା ଅର୍ଜନ କରିଥିବା ବେଳେ ଚଳିତ ସଂସ୍କରଣ ପାଇଁ ଫ୍ରାଞ୍ଚାଇଜ୍ ମାନଙ୍କ ଦ୍ୱାରା ଖେଳାଳି ନିଲାମ ପ୍ରକ୍ରିୟା ଏଥି ମଧ୍ୟରେ ଶେଷ ହୋଇଛି। ଏହି ପ୍ରଫେଶନାଲ ଟି୨୦ ଲିଗ୍ ପାଇଁ ଭାରତ ପ୍ରମୁଖ ୮ଟି ସହରର ଶ୍ରେଷ୍ଠ ଦଳ ଗୁଡିକ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବେ। ଦଳଗୁଡିକ ମଧ୍ୟରେ ରହିଛି ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର, ମୁମ୍ବାଇ ଇଣ୍ଡିଆନ୍ସ, ଚେନ୍ନାଇ ସୁପର କିଙ୍ଗ୍ସ, କୋଲକତା ନାଇଟ ରାଇଡର୍ସ, କିଙ୍ଗ୍ସ ଇଲେଭେନ ପଞ୍ଜାବ, ଦିଲ୍ଲୀ କ୍ୟାପିଟାଲ୍ସ, ସନରାଇଜର୍ସ ହାଇଦ୍ରାବାଦ ଏବଂ ରାଜସ୍ଥାନ ରୟାଲ୍ସ। ଲିଗ୍‌ର ମ୍ୟାଚ୍‌ଗୁଡିକ ଏମ୍ ଚିନାସ୍ୱାମୀ ଷ୍ଟାଡିୟମ (ବେଙ୍ଗାଲୁରୁ) ଫିରୋଜ ଶାହା କୋଟଲା (ଦିଲ୍ଲୀ), ରାଜୀବ ଗାନ୍ଧୀ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମ୍ (ହାଇଦ୍ରାବାଦ), ହୋଲକାର କ୍ରିକେଟ ଷ୍ଟାଡିୟମ୍ (ଇନ୍ଦୋର), ସୱାଇ ମାନସିଂ ଷ୍ଟାଡିୟମ (ଜୟପୁର), ଇଡେନ୍ ଗାର୍ଡେନ କୋଲକତା। ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ (ମୋହାଲି) ୱାଙ୍ଖଡେ ଷ୍ଟାଡିୟମ (ମୁମ୍ବାଇ), ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ୍ ଷ୍ଟାଡିୟମ୍ (ପୁଣେ), ଏସ୍.ଏ ଚିଦାମ୍ବରମ ଷ୍ଟାଡିୟମ (ଚେନ୍ନାଇ)ରେ ଖେଳାଯିବ। ଆଗାମୀ ମାର୍ଚ୍ଚ ମାସରୁ ଆରମ୍ଭ ହୋଇ ମେ ମାସ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ମେଗା ଟି୨୦ ପ୍ରତିଯୋଗିତା ରାଉଣ୍ଡ ରବିନ୍ ଏବଂ ନକ୍ ଆଉଟ୍ ପଦ୍ଧତିରେ ଖେଳାଯିବ। ଏଥିରେ ମୋଟ ୬୨ଟି ମ୍ୟାଚ ଖେଳାଯିବାର କାର୍ଯ୍ୟସୂଚୀ ରହିଛି। ପ୍ରତ୍ୟେକ ଦଳ ପରସ୍ପର ସହିତ ଗ୍ରୁପ ପର୍ଯ୍ୟାୟରେ ୨ଥର ଖେଳିବାକୁ ଥିବା ବେଳେ ମୋଟ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଦଳଗୁଡିକ ୭ଟି ମ୍ୟାଚ ନିଜର ହୋମ ଭେନ୍ୟୁରେ ଖେଳିବା ସହିତ ବାକି ୭ଟି ମ୍ୟାଚ ଅନ୍ୟ ବା ଆୱେ ଭେନ୍ୟୁରେ ଖେଳିବେ।

| ଇଣ୍ଡିଆନ ପ୍ରିମିୟର ଲିଗ୍ |
|---|
| ସଂସ୍କରଣ- ୧୩ |
| ଫର୍ମାଟ- ଟି୨୦ |
| ଦଳ ସଂଖ୍ୟା- ୮ |
| ମ୍ୟାଚ୍ ସଂଖ୍ୟା- ୬୦ |
| ଟୁର୍ନାମେଣ୍ଟ ଫର୍ମାଟ- ରାଉଣ୍ଡ ରବିନ ଓ ନକ୍ ଆଉଟ |
| ଗତଥରର ଚାମ୍ପିୟନ- ମୁମ୍ବାଇ ଇଣ୍ଡିଆନ୍ସ |
| ସଫଳତମ ଦଳ- ମୁମ୍ବାଇ ଇଣ୍ଡିଆନ୍ସ (୪ ଥର ବିଜେତା) |

ଆଇପିଏଲ୍‌ର ଏହି ତ୍ରୟୋଦଶ ସଂସ୍କରଣ ପାଇଁ ୯୭୧ ଜଣ ଖେଳାଳିଙ୍କ ପଞ୍ଜୀକରଣ ହୋଇଥିବା ବେଳେ ୩୩୨ ଖେଳାଳି ନିଲାମ ପ୍ରକ୍ରିୟାରେ ସାମିଲ ହୋଇଥିଲେ। ସେଥିମଧ୍ୟରୁ ୧୮୬ ଜଣ ଭାରତୀୟ ଖେଳାଳି ରହିଥିବା ବେଳେ ୧୪୬ ଜଣ ବିଦେଶୀ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ୨୯ଜଣ ବିଦେଶୀ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ ମାନଙ୍କ ଦ୍ୱାରା ମନୋନୀତ ହୋଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରତିଯୋଗିତାର ନିୟମ ଅନୁଯାୟୀ ଭାଗନେଇଥିବା ପ୍ରତ୍ୟେକ ଟିମ୍ ନିଜ ଦଳର ୧୮ ରୁ ୨୫ ଜଣ ଖେଳାଳି ରଖିପାରିବେ। ଗୋଟିଏ ଟିମ୍ ସର୍ବାଧିକ ୮ଜଣ ବିଦେଶୀ ଖେଳାଳିଙ୍କୁ ନିଜ ଦଳରେ ରଖିପାରିବେ ଏବଂ ନିଜର ପ୍ରତ୍ୟେକ ମ୍ୟାଚରେ ୪ଜଣ ବିଦେଶୀ ଖେଳାଳିଙ୍କୁ ଖେଳାଇ ପାରିବେ।

କୋଲକାତାରେ ଅନୁଷ୍ଠିତ ହୋଇଥିବା ଏହି ନିଲାମ ପ୍ରକ୍ରିୟା ଆଇପିଏଲ ଇତିହାସରେ ସବୁଠାରୁ କମ୍ ସମୟ ମଧ୍ୟରେ ସରିଥିବା ବେଳେ ଏହି ପ୍ରକ୍ରିୟାରେ ସମସ୍ତ ଫ୍ରାଞ୍ଚାଇଜ ମାନଙ୍କ ମଧ୍ୟରେ ଭାରତୀୟ ଯୁବ ଖେଳାଳିମାନଙ୍କ ଉପରେ ନଜର ରହିଥିଲା। ନିଲାମ ପ୍ରକ୍ରିୟାରେ ୬୨ ଜଣ ଖେଳାଳି ମୋଟ ୧୪୦.୩୦ କୋଟିରେ ବିଭିନ୍ନ ଫ୍ରାଞ୍ଚାଇଜ୍‌ମାନେ କ୍ରୟ କରିଥିଲେ। ଏହି ପ୍ରକ୍ରିୟାରେ ଅଷ୍ଟ୍ରେଲିଆର ପେସ୍ ବୋଲର ପ୍ୟାଟ୍ କୁମିନ୍ସଙ୍କୁ ୧୫.୫ କୋଟି ଟଙ୍କାରେ କୋଲକାତା ନାଇଟ ରାଇଡର୍ସ କିଣି ଇତିହାସ ସୃଷ୍ଟି କରିଥିଲା। ଆଇପିଏଲ ଇତିହାସରେ ସେ ଏପର୍ଯ୍ୟନ୍ତ ସବୁଠାରୁ ଦାମୀ ଖେଳାଳିର ମାନ୍ୟତା ପାଇଛନ୍ତି। ଭାରତୀୟ ଖେଳାଳିମାନଙ୍କ ମଧ୍ୟରେ ଚେନ୍ନାଇ ସୁପର କିଙ୍ଗ୍ସ ସ୍ପିନର ପୀୟୁସ ଚାୱଲା ସର୍ବାଧିକ ୬.୫ କୋଟିରେ କ୍ରୟ କରିଛି।

ଆଇପିଏଲ ର ଏହି ତ୍ରୟୋଦଶ ସଂସ୍କରଣରେ ସବୁଠାରୁ ୫ଜଣ ଦାମୀ ଖେଳାଳି ହେଲେ ଅଷ୍ଟ୍ରେଲିଆର ପ୍ୟାଟ କୁମିନ୍ସ ୧୫.୫ କୋଟି (କୋଲକତା ନାଇଟ ରାଇଡର୍ସ), ଅଷ୍ଟ୍ରେଲିଆର ଅଲରାଉଣ୍ଡର ଗ୍ଲେନ ମ୍ୟାକ୍ସୱେଲ ୧୦.୭୫ କୋଟି (କିଙ୍ଗ୍ସ ଇଲେଭେନ ପଞ୍ଜାବ), ସାଉଥ ଆଫ୍ରିକାର କ୍ରିସ୍ ମୋରିସ ୧୦କୋଟି (ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର), ୱେଷ୍ଟଇଣ୍ଡିଜର ସେଲଡ୍ରନ କଟ୍ରେଲ ୮.୫କୋଟି (କିଙ୍ଗ୍ସ ଏକାଦଶ ପଞ୍ଜାବ) ଏବଂ ନାଥାନ୍ କୁଲ୍ଟର ନାଇଲ (ମୁମ୍ବାଇ ଇଣ୍ଡିଆନ୍ସ) ୮କୋଟି। ଏଥର ଫ୍ରାଞ୍ଚାଇଜମାନେ ସ୍ପିନରଙ୍କ ଅପେକ୍ଷା ପେସ୍ ବୋଲରମାନଙ୍କୁ ପ୍ରାଧାନ୍ୟ ଦେଇଥିବାର ଲକ୍ଷ୍ୟ କରାଯାଇଛି। ଅନେକ ତାରକା ଖେଳାଳି ଫ୍ରାଞ୍ଚାଇଜମାନଙ୍କ ପ୍ରତ୍ୟାଖ୍ୟାତ ହୋଇଥିବା କ୍ରିକେଟ ପ୍ରେମୀମାନଙ୍କୁ ବେଶ୍ ଚକିତ କରିଛି। ସେମାନଙ୍କ ମଧ୍ୟରେ ରହିଛନ୍ତି ଏଭିନ୍ ଲୁଇସ, ମାର୍ଟିନ ଗୁପ୍ଟିଲ, କଲିନ ଇନ୍‌ଗ୍ରାମ, ଚେତେଶ୍ୱର ପୂଜାରା, ଟିମ୍ ସୌଦି, ଆଡାମ ଜାମ୍ପା, ମୁସ୍ତାଫିଜୁର ରହେମନ୍, ମାର୍କ ଉଡ୍, ଲିଆମ ପ୍ଲଙ୍କେଟ, ବେନ୍ କଟିଂ, କାର୍ଲୋସ ବ୍ରାଥୱେଟ, କଲିନ ମୁନରୋ, କଲିନ ଗ୍ରାନ୍‌ଥୋମ, ୟୁସୁଫ ପଠାନ।

ଗତ ୧୨ତମ ସଂସ୍କରଣରେ ମୁମ୍ବାଇ ଇଣ୍ଡିଆନ୍ସ ଚମ୍ପିଅନ ହୋଇଥିଲା। ଚେନ୍ନାଇ ସୁପର କିଙ୍ଗସ୍ ୩ଥର ଚାମ୍ପିୟନ ହୋଇଛି। ବିରାଟ କୋହଲି ଆଇପିଏଲ ଇତିହାସରେ ସର୍ବାଧିକ ୫୪୧୨ରନ୍ ସଂଗ୍ରହ କରିଥିବା ବେଳେ ଶ୍ରୀଲଙ୍କା ପେସ ବୋଲର ଲସିଥ୍ ମାଲିଙ୍ଗା ସର୍ବାଧିକ ୧୭୦ ଟି ଉଇକେଟ୍ ନେଇ ଆଗରେ ରହିଛନ୍ତି। ଆଉ ଏକ ରୋମାଞ୍ଚକର ଆଇପିଏଲ ଦେଖିବାକୁ କ୍ରିକେଟ୍‌ପ୍ରେମୀ ଅପେକ୍ଷା କରି ରହିଛନ୍ତି।



| Dollar | Sensex | Nifty | Gold | Silver |
| --- | --- | --- | --- | --- |
| 71.21 (48) | 634.61 41,452.35 | 190.55 12,215.90 | ₹766 40,634.00 | ₹1148 47,425.00 |



"ୟୁନିୟନ ବ୍ୟାଙ୍କ ସହ କର୍ପୋରେଶନ ଏବଂ ଆନ୍ଧ୍ର ବ୍ୟାଙ୍କର ମିଶ୍ରଣ ପରେ ଆକାଉଣ୍ଟ ନମ୍ବରରେ କୌଣସି ପରିବର୍ତ୍ତନ ହେବ ନାହିଁ।
– ରାଜ କିରଣ ରାଏ ଜି, ୟୁନିୟନ ବ୍ୟାଙ୍କ ସିଇଓ



"ଭାରତରେ ଅତିଧନୀଙ୍କ ଉପରେ ଅଧିକ ଟିକସ ଲାଗୁ ହେବାର ଆବଶ୍ୟକତା ରହିଛି। – ଅଭିଜିତ ବାନାର୍ଜୀ, ନୋବେଲ ବିଜେତା ଅର୍ଥନୀତିଜ୍ଞ

## ସଂକ୍ଷେପରେ

### ନିବେଶକଙ୍କ ସମ୍ପତ୍ତିରେ ୨.୫ ଲକ୍ଷ କୋଟି ବୃଦ୍ଧି

ମୁମ୍ବାଇ,୯-୧: ଦେଶର ପୁଞ୍ଜିବଜାରର ସ୍ଥିତି ଉନ୍ନତ ହେବାରୁ ନିବେଶକଙ୍କ ସମ୍ପତ୍ତିରେ ଗୁରୁବାର ୨.୫ ଲକ୍ଷ କୋଟି ଟଙ୍କାର ବୃଦ୍ଧି ଘଟିଛି। ୟୁଏସ୍-ଇରାନ ମଧ୍ୟରେ ଯୁଦ୍ଧ ଆଶଙ୍କା ସାମାନ୍ୟ ହୋଇଥିବାରୁ ନିବେଶକଙ୍କ ମନୋଭାବ ପରିବର୍ତ୍ତନ ହେବାରୁ ଗୁରୁବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜର ସୂଚକାଙ୍କ ପ୍ରାୟ ୬୩୫ ପଏଣ୍ଟ ବୃଦ୍ଧି ଘଟିଥିବା ନଜରକୁ ଆସିଛି। ବମ୍ବେ ଷ୍ଟକ ଏକ୍ସଚେଞ୍ଜରେ ସେନସେକ୍ସ ୬୩୪.୬୧ ପଏଣ୍ଟ ବା ୧.୫୫% ବୃଦ୍ଧି ହୋଇ କାରବାର ୪୧,୪୫୨.୩୫ ବନ୍ଦ ହୋଇଛି। ଦିନ ମଧ୍ୟରେ ସୂଚକାଙ୍କ ୬୬୪.୩୮ ପଏଣ୍ଟ ବଢ଼ିବାକୁ କାରବାର ୪୧,୪୮୨.୧୨ ପଏଣ୍ଟ ସ୍ତର ଛୁଇଁଥିଲା। ଏହି ସମୟରେ ବ୍ରେଣ୍ଟ ଅଏଲ ଫିଚର ୦.୪୦% ବଢ଼ିବା ସହ ବ୍ୟାରେଲ ପିଛା ୬୫.୭୦ ଡଲାର ରହିଛି।

### ୭ ବର୍ଷର ରେକର୍ଡ ସ୍ତରରେ ସୁନା ଦର

ନୂଆଦିଲ୍ଲୀ,୯-୧: ଗୁରୁବାର ସୁନା ଦର ୭ ବର୍ଷର ରେକର୍ଡ ସ୍ତର ଛୁଇଁଛି। ଆମେରିକା-ଇରାନ ବିବାଦ ଯୋଗୁ ବିଶ୍ୱ ସ୍ତରରେ ସୁନା ଦର ୨% ବୃଦ୍ଧି ଘଟି ୧,୬୧୧ ଡଲାର ରହିଛି। ଏହା ୭ ବର୍ଷର ସର୍ବୋଚ୍ଚ ସ୍ତର। ଚେନ୍ନାଇରେ ୨୪ କ୍ୟାରେଟ ସୁନାର ଦର ୧୦ ଗ୍ରାମ ପିଛା ୪୨,୮୬୦ ଟଙ୍କା ଛୁଇଁଛି। ଗତ କିଛିଦିନ ମଧ୍ୟରେ ସୁନା ଦର ୫.୫% ବଢ଼ିଥିବା ରେକର୍ଡ କରାଯାଇଛି। ସେହିଭଳି ଚଳିତ ଆର୍ଥିକ ବର୍ଷରେ ସୁନା ଦର ପ୍ରାୟ ୨୫% ମହଙ୍ଗା ହୋଇଥିବା ନଜରକୁ ଆସିଛି। ଘରୋଇ ବଜାରରେ କିଲୋପ୍ରତି ରୁପା ଦର ଏହି ସମୟରେ ୪୮,୮୭୫ ଟଙ୍କା ଛୁଇଁଛି।

### ବିକାଶ ହାର ୫%କୁ ହ୍ରାସକଲା ବିଶ୍ୱବ୍ୟାଙ୍କ

ନୂଆଦିଲ୍ଲୀ,୯-୧: ୨୦୧୯-୨୦ ଆର୍ଥିକ ବର୍ଷରେ ଭାରତର ବିକାଶ ହାର ୫% ରହିବ ବୋଲି ବିଶ୍ୱବ୍ୟାଙ୍କ ଗୁରୁବାର ଏହାର ପୂର୍ବାନୁମାନରେ ପ୍ରକାଶ କରିଛି। ଆଗାମୀ ଆର୍ଥିକ ବର୍ଷରେ ଏହା ୫.୮% ପର୍ଯ୍ୟନ୍ତ ବଢ଼ିପାରେ ବୋଲି ଏହା ଆକଳନରେ ପ୍ରକାଶ କରିଛି। ବାଂଲାଦେଶର ଅଭିବୃଦ୍ଧି ହାର ୭% ଏବଂ ପାକିସ୍ତାନ ୩% ହାରରେ ଅଭିବୃଦ୍ଧି କରିବ ବୋଲି ଗ୍ଲୋବାଲ ଇକୋନୋମିକ ପ୍ରୋସପେକ୍ଟର ସଦ୍ୟତମ ରିପୋର୍ଟରେ ବିଶ୍ୱବ୍ୟାଙ୍କ ଏଭଳି ପୂର୍ବାନୁମାନ କରିଛି। ୨୦୧୯-୨୦ରେ ବିଶ୍ୱ ସ୍ତରରେ ୨.୫% ଅଭିବୃଦ୍ଧି ରହିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି।

■ ବିଶେଷଜ୍ଞଙ୍କୁ ଭେଟିଲେ ପ୍ରଧାନମନ୍ତ୍ରୀ ମୋଦି

# ଅର୍ଥ ବ୍ୟବସ୍ଥା ପାଇଁ ମାନସ ମନ୍ଥନ

**ନୂଆଦିଲ୍ଲୀ,୯-୧**



- ■ ଅର୍ଥନୈତିକ ବିକାଶ ହାର ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ
- ■ ଶୀଘ୍ର ପ୍ରଗତି ପଥକୁ ଫେରିବାକୁ ଅର୍ଥ ବ୍ୟବସ୍ଥା ସକ୍ଷମ
- ■ ୫ ଟ୍ରିଲିୟନ ଡଲାର ଅର୍ଥ ବ୍ୟବସ୍ଥା ହାସଲ ନେଇ ଆହ୍ୱାନ
- ■ ମିଳିମିଶି କାମ କରିବା ଉପରେ ସହଯୋଗ ଲୋଡ଼ିଲେ

୨୦୨୪-୨୫ ସୁଦ୍ଧା ଦେଶର ଅର୍ଥବ୍ୟବସ୍ଥାକୁ ୫ ଟ୍ରିଲିୟନ ଡଲାରରେ ପହଞ୍ଚାଇବା ଲାଗି ସରକାର ଯୋଜନା ଧାର୍ଯ୍ୟ କରିଛନ୍ତି। ଧାର୍ଯ୍ୟ ସମୟ ମଧ୍ୟରେ ଏହି ଲକ୍ଷ୍ୟ ହାସଲ ଲାଗି ଅଂଶୀଦାରମାନେ କାର୍ଯ୍ୟ କରିବାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଆହ୍ୱାନ ଜଣାଇଛନ୍ତି। ବଜେଟର ଅବ୍ୟବହିତ ପୂର୍ବରୁ ନୀତି ଆୟୋଗର ପ୍ରାକ ବଜେଟ ବୈଠକରେ ଅଧ୍ୟକ୍ଷତା କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଭାରତୀୟ ଅର୍ଥବ୍ୟବସ୍ଥାର ଦୃଢ଼ ଅବଶୋଷକ କ୍ଷମତା ରହିଛି। ସୁଦୃଢ଼ ମୂଳଦୁଆ ଏବଂ ପୁନଃ ପ୍ରଗତି ହାସଲ କରିବା କ୍ଷମତାକୁ ଘରୋଇ ବଜାର ଦର୍ଶାଇଥାଏ। ଏସବୁ ବିଭିନ୍ନ ପ୍ରସଙ୍ଗକୁ ବିଚାର କଲେ ଘରୋଇ ବଜାର ଶୀଘ୍ର ଅଭିବୃଦ୍ଧି ପଥକୁ ଫେରିବ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶର ବିକାଶଧାରାକୁ ଆଗେଇନେବା ଲାଗି ସମସ୍ତଙ୍କୁ ମିଳିମିଶି କାମ କରିବାର ଆବଶ୍ୟକତା ରହିଛି। ପର୍ଯ୍ୟଟନ, ସହରୀ ବିକାଶ, ଭିତ୍ତିଭୂମି ଏବଂ କୃଷି ଉଦ୍ୟୋଗ ଭଳି କ୍ଷେତ୍ରରେ ଦେଶର ଅର୍ଥ ବ୍ୟବସ୍ଥାକୁ ଆଗେଇ ନେବା ଏବଂ ନିଯୁକ୍ତି ସୃଷ୍ଟି କରିବାର ବିପୁଳ ସମ୍ଭାବନା ରହିଛି। ଭାରତକୁ ଅପାର ସମ୍ଭାବନା ଭୂମି ଭାବେ ବିଚାର କରି ଅଂଶୀଦାରମାନେ ବାସ୍ତବତା ଏବଂ ଅବଧାରଣା ମଧ୍ୟରେ ରହିଥିବା ଶୂନ୍ୟସ୍ଥାନ ପୂରଣ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ବୈଠକରେ ଅର୍ଥ ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ଲାଗି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଅଧ୍ୟକ୍ଷ ବିବେକ ଦେବରୟ କୃଷି ଏବଂ ଭିତ୍ତିଭୂମି କ୍ଷେତ୍ର ସହ ଜଡ଼ିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବରିଷ୍ଠ ଅର୍ଥନୀତିଜ୍ଞ, ଘରୋଇ ଇକ୍ୱିଟି, ଭେଞ୍ଚର କ୍ୟାପିଟାଲିଷ୍ଟ, ଉତ୍ପାଦନ, ଭ୍ରମଣ ଏବଂ ପର୍ଯ୍ୟଟନ, ପୋଷାକ ଓ ଏଫ୍ଏମ୍ସିଜି କ୍ଷେତ୍ରରେ ବ୍ୟବସାୟ ନେତୃବୃନ୍ଦ, ବିଶ୍ଳେଷକ ସମେତ କୃଷି, ବିଜ୍ଞାନ ଓ ପ୍ରଯୁକ୍ତି ଏବଂ ଅର୍ଥ କ୍ଷେତ୍ରର ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଥିଲେ। ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ବିଶେଷଜ୍ଞମାନେ ପ୍ରାୟ ୨ ଘଣ୍ଟା ଧରି ଆଲୋଚନାରେ ସାମିଲ ହେବା ସହ ସେମାନଙ୍କ ଅଭିଜ୍ଞତା ପ୍ରକାଶ କରିଥିଲେ।

ଚଳିତ ଆର୍ଥିକ ବର୍ଷରେ ଦେଶର ବିକାଶ ହାର ୧୧ ବର୍ଷର ସର୍ବନିମ୍ନ ସ୍ତର ୫% ରହିବ ବୋଲି ସରକାରୀ ଆକଳନ କରାଯାଇଛି। ଏଥିରେ ସୁଧାର ଆଣିବା ନେଇ ସରକାର ବିଭିନ୍ନ ପ୍ରସ୍ତାବ ଗ୍ରହଣ କରୁଛନ୍ତି। ଏହି ଆଧାରରେ ସୋମବାର ପ୍ରଧାନମନ୍ତ୍ରୀ ଦେଶର ଶିଳ୍ପ ଲିଡରମାନଙ୍କୁ ଭେଟି ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ଭଳି ବିଭିନ୍ନ ଦିଗ ଉପରେ ମତାମତ ଲୋଡିବା ସହ ଆଲୋଚନା କରିଥିଲେ। ଫେବୃୟାରୀ ପହିଲାରେ ନିର୍ମଳା ସୀତାରାମନ ସାଧାରଣ ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡିଛି। ବୈଠକରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ, ପରିବହନ ମନ୍ତ୍ରୀ ନୀତିନ ଗଡକରୀ, ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର, ନୀତି ଆୟୋଗ ସିଇଓ ଅମିତାଭ କାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ହିରୋର ନୂଆ ୧୦୦ ସିସି ବିଏସ୍-୬ ମଡେଲ



**ଭୁବନେଶ୍ୱର,୯-୧**

ହିରୋ ମୋଟୋକର୍ପ ଲିମିଟେଡ ପକ୍ଷରୁ ନୂଆ ୧୦୦ ସିସି ବିଏସ୍-୬ ମଡେଲ ମୋଟର ସାଇକେଲ ଏଚ୍ଏଫ୍ ଡିଲକ୍ସ ବଜାରକୁ ଆସିଛି। ଏହି ନୂଆ ଯାନଟିରେ ଏକ୍ସସେନ୍ସ ଟେକ୍ନୋଲୋଜିକୁ ସାମିଲ କରାଯାଇଛି। ଯାନଟିର ବଜାର ଦର ୨୫,୯୨୫ ଟଙ୍କା ରହିଛି। ନୂଆ ନିର୍ଗମନ ନିୟମ ଦେଶରେ ଲାଗୁ ହେବାକୁ ଥିବା ବେଳେ କମ୍ପାନୀ ଏହାର ପ୍ରସ୍ତୁତି ଜାରି ରଖିଛି। ଏହି ଆଧାରରେ ନୂଆ ନୂଆ ମଡେଲର ଯାନ ବଜାରକୁ ଛଡାଯାଉଥିବା ହିରୋ ପକ୍ଷରୁ ସୂଚନା ଦିଆଯାଇଛି। କମ୍ପାନୀ ନିକଟରେ ସ୍ପ୍ଲେଣ୍ଡର ଆଇସ୍ମାର୍ଟ ବଜାରକୁ ଛାଡିଥିଲା। କମ୍ପାନୀ ଏହାର ସମସ୍ତ ରେଞ୍ଜକୁ ବିଏସ୍-୬ରେ ଶୀଘ୍ର ରୂପାନ୍ତରିତ କରିବାକୁ ଯୋଜନା ହାତକୁ ନେଇଛି। ଏହା ଦୁଇଟି ଭାରିଆଣ୍ଟରେ ଆସୁଛି। ଯାହାର ମୂଲ୍ୟରେ ସାମାନ୍ୟ ଭିନ୍ନତା ରହିଛି। ଏଥିରେ ଗ୍ରାହକମାନେ ୯% ଅଧିକ ଇନ୍ଧନ ଦକ୍ଷତା ଲାଭ କରିପାରିବେ। ଗ୍ରାହକଙ୍କ ଆବଶ୍ୟକତା ଏବଂ ପରିବର୍ତ୍ତିତ ବଜାର ସ୍ଥିତି ଆଧାରରେ ନୂଆ ମଡେଲ ବଜାରକୁ ଛାଡିଥିବା କମ୍ପାନୀର ଚିଫ୍ ଟେକ୍ନୋଲୋଜି ଅଫିସର ବିକ୍ରମ କାସବେକର କହିଛନ୍ତି।

## ତନିସ୍କର ଗ୍ରେଟ୍ ଡାଇମଣ୍ଡ ସେଲ୍

**ଭୁବନେଶ୍ୱର,୯-୧**

ପ୍ରମୁଖ ଜୁଏଲେରୀ ବ୍ରାଣ୍ଡ ତନିସ୍କ ପକ୍ଷରୁ ଗ୍ରେଟ ଡାଇମଣ୍ଡ ସେଲ୍ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ସୀମିତ ସମୟ ଲାଗି ଚାଲିବ। ଗ୍ରାହକ ଏହି ସମୟରେ ସବୁ ପ୍ରକାରର ହୀରା ଗହଣା ଉପରେ ୨୦% ପର୍ଯ୍ୟନ୍ତ ରିହାତି ଲାଭ କରିପାରିବେ। କମ୍ପାନୀର ୩୨୦ ଷ୍ଟୋରରେ ଏହି ସେବା ଉପଲବ୍ଧ ହେବ। ସୀମିତ ସମୟ ଲାଗି ଏହାର ଲାଭ ଗ୍ରାହକ ନେଇ ପାରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ନିତିଦିନିଆ ଗହଣା ପରିଧାନ ସମେତ କମ୍ପାନୀ ପାର୍ଟି,ବିବାହ ଏବଂ କର୍ମ ଭଳି ବିଭିନ୍ନ ବର୍ଗରେ ଗହଣା ପ୍ରଦାନ କରୁଛି। ଗ୍ରାହକମାନେ ବିଭିନ୍ନ ପ୍ରକାର ଷ୍ଟେଟମେଣ୍ଟ ଇୟରରିଙ୍ଗ, କକଟେଲ ରିଙ୍ଗ,ପ୍ରେଟି ପେଣ୍ଡାଣ୍ଟ, ଷ୍ଟନିଙ୍ଗନେକଲେସ, ପ୍ରତିଟି ଅବସର ଲାଗି ସୋଲିଟେୟାର, ଏନଗେଜମେଣ୍ଟ ରିଙ୍ଗ ଏବଂ ବିବାହ ଗହଣା ଲାଭ କରିପାରିବେ। ନୂଆବର୍ଷରେ ଗ୍ରାହକଙ୍କ ଲାଗି କିଛିଟା ଚମକ ଯୋଡିବା ଲାଗି ଏଭଳି ବ୍ୟବସ୍ଥା କରାଯାଇଥିବା ଟାଇଟାନ କମ୍ପାନୀ ଲିମିଟେଡର ଗହଣା ମାର୍କେଟିଂ ବିଭାଗ ମହାପ୍ରବନ୍ଧକ ରଜନୀ କୃଷ୍ଣସ୍ୱାମୀ କହିଛନ୍ତି।




## ଧର୍ମଘଟରେ ସାମିଲ ହେଲେ ଏଓଜିବିଓ କର୍ମଚାରୀ

**ଭୁବନେଶ୍ୱର,୯-୧**

ଅଲ୍ ଇଣ୍ଡିଆ ରିଜିଓନାଲ ରୁରାଲ ବ୍ୟାଙ୍କ ଏମ୍ପ୍ଲଇଜ ଆସୋସିଏଶନ (ଏଆଇଆର୍ଆର୍ବିଇଏ) ଆହ୍ୱାନ କ୍ରମେ ଏଓଜିଓବି ଏବଂ ଏଆଇଆର୍ଆର୍ବିଇଏ କର୍ମଚାରୀମାନେ ବୁଧବାରର ଧର୍ମଘଟରେ ସାମିଲ ହୋଇଥିଲେ। ବେତନ ସଂଶୋଧନର ଶୀଘ୍ର ନିଷ୍ପତ୍ତି, ଆଞ୍ଚଳିକ ଗ୍ରାମ୍ୟ ବ୍ୟାଙ୍କରେ ପୁଞ୍ଜି ନିବେଶ, କର୍ମଚାରୀ ନିଯୁକ୍ତି, ଘରୋଇକରଣ ଚିନ୍ତାଧାରାରୁ ସରକାର ନିବୃତ୍ତ ରହିବା ଦାବି ନେଇ କର୍ମଚାରୀ ଧର୍ମଘଟରେ ସାମିଲ ହୋଇଥିଲେ। ଏଓଜିଓବିର କଟକ ରିଜିଓନାଲ ସେକ୍ରେଟାରୀ ଦୀପକ ସାହୁଙ୍କ ନେତୃତ୍ୱରେ କର୍ମଚାରୀମାନେ ଆନ୍ଦୋଳନ ଯୋଗୁ ମହାନଦୀ ବିହାରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ସମସ୍ତ କାର୍ଯ୍ୟବନ୍ଦ ରହିଥିଲା। ଏଥିରେ ଜ୍ୟୋତି ରାଓ, ପର୍ଶୁରାମ ମଣ୍ଡଳ, ଦିଲୀପ କୁମାର ଜେନା, ସନ୍ତୋଷ ଖଟୁଆ, ବିନୟ ଭୂଷଣ ରାଉତ ଏବଂ ଯଯାତି କେଶରୀ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ଜିନ୍ଦେଗୀ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କଲେ ଆନନ୍ଦ କୁମାର



**ଭୁବନେଶ୍ୱର,୯-୧**

ଗଣିତଜ୍ଞ ଆନନ୍ଦ କୁମାର ନିକଟରେ ଭୁବନେଶ୍ୱର ଗସ୍ତ କରିବା ସହ ଅଜୟ ବାହାଦୁର ସିଂଙ୍କ ଦ୍ୱାରା ଭୁବନେଶ୍ୱରରେ ଚାଲୁଥିବା ଜିନ୍ଦେଗୀ କାର୍ଯ୍ୟକ୍ରମର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଛନ୍ତି। ରାଜ୍ୟର ଗରିବ ଏବଂ ଆର୍ଥିକ ଅନଗ୍ରସର ବର୍ଗର ଛାତ୍ରୀଛାତ୍ରଙ୍କୁ ମାଗଣା ରହିବା, ଖାଇବା ଏବଂ ପଢିବା ସୁବିଧା କରାଇ ମେଡିକାଲ ପ୍ରସ୍ତୁତି ଦିଗରେ ଏହି କାର୍ଯ୍ୟକ୍ରମ ଜାରି ରହିଛି। ଏହି କାର୍ଯ୍ୟକ୍ରମ ୨୦୧୭ରେ ପ୍ରଥମେ ଆରମ୍ଭ ହୋଇଥିଲେ। ୧୮ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରଥମେ ୧୨ ଜଣ ମେଡିକାଲ ପାଇବାକୁ ସକ୍ଷମ ହୋଇଥିଲେ। ୨୦୧୮-୧୯ରେ ୧୪ରୁ ୧୪ ଜଣ ଏଥିରେ ସଫଳ ହୋଇ ମେଡିକାଲ ପଢିବାର ସୁଯୋଗ ପାଇଛନ୍ତି। ଚଳିତ ବର୍ଷ ଜିନ୍ଦେଗୀ କାର୍ଯ୍ୟକ୍ରମ ଜରିଆରେ ୧୯ ଜଣଙ୍କ ଡାକ୍ତରୀ ପ୍ରବେଶିକାରେ ବସିବାର ସୁଯୋଗ ଦିଆଯିବ। ଏହି କାର୍ଯ୍ୟକ୍ରମକୁ ଆନନ୍ଦ କୁମାର ପ୍ରଶଂସା କରିବା ସହ ଅଧିକରୁ ଅଧିକ ଛାତ୍ରୀଛାତ୍ର ଏହା ଦ୍ୱାରା ସଫଳ ହେବେ ବୋଲି କହିଛନ୍ତି।

## ଆସନ୍ତା ସପ୍ତାହରେ ଆମାଜନ ପ୍ରତିଷ୍ଠାତାଙ୍କ ଭାରତ ଗସ୍ତ

**ନୂଆଦିଲ୍ଲୀ,୯-୧**

ଆସନ୍ତା ସପ୍ତାହରେ ଆମାଜନ ପ୍ରତିଷ୍ଠାତା ଜେଫ ବେଜୋସ ଭାରତ ଗସ୍ତ କରିବେ। ଏହି ସମୟରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟିପାରନ୍ତି। ଏହା ବାଦ ସରକାରଙ୍କ ଉଚ୍ଚ ପଦସ୍ଥ ଅଧିକାରୀ, ଶିଳ୍ପ ବିଶେଷଜ୍ଞଙ୍କୁ ସେ ଭେଟିବେ ବୋଲି ସୂଚନା ରହିଛି। ନୂଆଦିଲ୍ଲୀରେ ଜାନୁୟାରୀ ୧୫-୧୬ ରେ ଅନୁଷ୍ଠିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ବେଜୋସ ଏମ୍ଏସ୍ଏମ୍ଇ କ୍ଷେତ୍ର ପ୍ରତିନିଧିଙ୍କୁ ଭେଟିବେ। ବର୍ତ୍ତମାନ ଆମାଜନର ଅଭିବୃଦ୍ଧି ଭାରତରେ ଉନ୍ନତ ରହିଛି। ଭାରତ ବଜାରରେ ନିୟାମକ ପ୍ରସଙ୍ଗ ଉପରେ ସେ ଆଲୋଚନା କରିବେ ବୋଲି କୁହାଯାଇଛି। ଏ ନେଇ ଆମାଜନର ମତାମତ ଲୋଡାଯାଇଥିଲେ ମଧ୍ୟ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଓଏଏସ୍ ପରୀକ୍ଷାରେ ବଣିକ ଛାତ୍ରୀଛାତ୍ରଙ୍କ ସଫଳତା

**ଭୁବନେଶ୍ୱର,୯-୧**

ଓଡ଼ିଶା ଲୋକ ସେବା ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷା ୨୦୧୮ରେ ବଣିକ ଆଇଏଏସ୍ର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଏଥିରେ ଦେବାଶିଷ ପଣ୍ଡା ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ଋତୁପର୍ଣ୍ଣା ମହାପାତ୍ର ଦ୍ୱିତୀୟ, ଆକାଶ କୁମାର ପଣ୍ଡା ତୃତୀୟ, ସନ୍ତୋଷିନୀ ଦାସ ଚତୁର୍ଥ, ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡା ପଞ୍ଚମ, ଶକ୍ତି ମହାପାତ୍ର ନବମ, ସ୍ମରଣିକା ତୁଲୋ ଦଶମ ସ୍ଥାନ ହାସଲ କରିଛନ୍ତି। ଓଏଏସ୍ର ଶୀର୍ଷ ୫୦ ଜଣ ର୍ୟାଙ୍କଧାରୀଙ୍କ ମଧ୍ୟରେ ଅନୁଷ୍ଠାନର ୨୫ ଜଣ ଏବଂ ଅନ୍ୟ ୧୦୦ ଜଣ ଛାତ୍ରୀଛାତ୍ର କୃତକାର୍ଯ୍ୟ ହୋଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ସ୍ଥାପନ ହେବାର ସ୍ୱଳ୍ପ ସମୟ ମଧ୍ୟରେ ବଣିକ ଆଇଏଏସ୍ କୋଚିଂ କ୍ଷେତ୍ରରେ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିବା ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ଛାଟୋଇ କହିଛନ୍ତି। ପ୍ରମୋଦ ପାଢୀଙ୍କ ତତ୍ତ୍ୱାବଧାନରେ ପରିଚାଳିତ ପ୍ରତିଷ୍ଠାନରେ ୫୦ରୁ ଅଧିକ ନିଜସ୍ୱ ଶିକ୍ଷକ, ସୁନାମଧନ୍ୟ ପ୍ରଶାସନିକ ସେବା ପ୍ରଶିକ୍ଷକ, ଦିଲ୍ଲୀ ଢାଞ୍ଚାରେ ଶିକ୍ଷାଦାନ ପ୍ରଣାଳୀ, ପାଠ୍ୟ ପୁସ୍ତିକା, ପରୀକ୍ଷା, ପାଠାଗାର ବ୍ୟବସ୍ଥା ଅନୁଷ୍ଠାନର ବିଶେଷତ୍ୱ ବୋଲି ଛାଟୋଇ କହିଛନ୍ତି। ଓସିଏସ୍-୨୦୧୮ରେ ଉତ୍ତୀର୍ଣ୍ଣ ପ୍ରତି ୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଜଣେ ବଣିକ ଆଇଏଏସ୍ରେ ଶିକ୍ଷାପ୍ରାପ୍ତ ହୋଇଥିବା ଏହାର ବିଶେଷତ୍ୱକୁ ପ୍ରମାଣିତ କରୁଛି। ସଫଳତାର ଶ୍ରେୟ ଛାତ୍ରୀଛାତ୍ରଙ୍କ ପରିଶ୍ରମ, ଅଧ୍ୟାପକ ମଣ୍ଡଳୀମାନଙ୍କର ପ୍ରଚେଷ୍ଟା ଯୋଗୁ ସମ୍ଭବ ହୋଇଥିବା ଛାଟୋଇ ପ୍ରକାଶ କରିଛନ୍ତି।

## କାନାରା ବ୍ୟାଙ୍କ ପକ୍ଷରୁ କମ୍ବଳ ବଣ୍ଟନ

**ଭୁବନେଶ୍ୱର,୯-୧**




କାନାରା ବ୍ୟାଙ୍କ ସର୍କଲ କାର୍ଯ୍ୟାଳୟ ପକ୍ଷରୁ ନିରାଶ୍ରୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଭୁବନେଶ୍ୱରର ମାଷ୍ଟର କ୍ୟାଣ୍ଟିନ, ରାଜମହଲ ଛକ, ରାମ ମନ୍ଦିର, ବାଣୀବିହାର, ବରମୁଣ୍ଡା ଏବଂ ପଟିଆ ଭଳି ସ୍ଥାନଗୁଡିକରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଫୁଟପାଥରେ ରାତ୍ରୀଯାପନ କରୁଥିବା ବ୍ୟକ୍ତି ବିଶେଷଙ୍କ ଶୀତ ଦାଉରୁ ରକ୍ଷା କରିବା ଲାଗି ଏଭଳି ଏକ ପଦକ୍ଷେପ ଗ୍ରହଣ କରାଯାଇଥିବା ବ୍ୟାଙ୍କ ପକ୍ଷରୁ କୁହାଯାଇଛି। ସର୍କଲ ମୁଖ୍ୟ ଶ୍ରୀକାନ୍ତ ମହାପାତ୍ର, ଉପମହାପ୍ରବନ୍ଧକ ଯୋଗେନ୍ଦ୍ର ସିଂ ଘଂଘସ, ସହାୟକ ମହାପ୍ରବନ୍ଧକ ସୁଜିତ କୁମାର ସାହୁ, ଏସ୍.ଏନ୍.ପଣ୍ଡା, ବି.କେ. ପାଣିଗ୍ରାହୀ, ଏନ୍.ଏମ୍ ପାତ୍ର, ଡିଭିଜନାଲ ମ୍ୟାନେଜର ବି.କେ. ତ୍ରିପାଠୀ, ଏନ୍.ବି.ବେହେରା, ପି.କେ.ନନ୍ଦ, ସନ୍ଧ୍ୟା ମହାନ୍ତି, ଆର୍.ଏନ୍.ମୁଣ୍ଡା, ସୁବ୍ରତ ଦାସ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷର ବିଭିନ୍ନ ସାମାଜିକ ଉନ୍ନତୀମୂଳକ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ସର୍କଲ ମୁଖ୍ୟ ମହାପାତ୍ର କହିଛନ୍ତି।

Government of Odisha, Office of the Executive Engineer
**Rural Works Division, Nabarangpur**
e-mail-eerwngp@rediffmail.com, Phone No.222023
Letter No. 64 Date: 04.01.2020
No. O-787:-

**e-Procurement Notice**

Name of the work :- Road & Building works
Total No of works :- 26 (Twenty Six) Nos.
Approx. Estimated Cost :- Rs. 0.70 lakhs to Rs. 37.16 lakhs
Class of Contractor :- "C" "D" & "B" "C" Class of Contractor
Period of Completion :- 01(One) 02 (Two) & 06 (Six) Calendar Months

| Procurement Officer | Bid Identification No. | No. of works | Availability of tender online for bidding From | To | Date & Time of Opening of Tender |
| --- | --- | --- | --- | --- | --- |
| 1 | 2 | 3 | 4 | 5 | 6 |
| Rural Works Division-I, Nabarangpur | EERWNGP-Online-03/2019-20 | 26 (Twenty Six) Nos. | 15.01.2020 at 10.00 AM | 24.01.2020 upto 03.00 PM | 27.01.2020 at 11.00 AM |

For Details can be seen from the Government website www.tendersorissa.gov.in
25092/11/0003/1920 *Executive Engineer, Rural Works Division, Nabarangpur*

GOVERNMENT OF ODISHA, OFFICE OF THE SUPERINTENDING ENGINEER
**RURAL WORKS CIRCLE: SUNDARGARH**
E-mail address-serw_sundargarh@yahoo.com
No. O-730:-

**E-Procurement Notice, Online – RWSESNG –18 of 2019-20 Letter No.2805/Dtd.30.12.2019**

1. Type of the Work : Road Work (OMBADC)
2. Total No. of works : 3 Nos. of Road (Percentage Rate Tender)
3. Estimated cost : Varies from Rs.91.02 Lakh to Rs.290.69 Lakh
4. Class of contractor : 'B' Class & 'A' Class
5. Period of completion : Nine Calendar Months
6. Cost of tender paper : The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required : The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS : Additional Performance Security shall be obtained from the Bidder when the bid amount is less than estimated cost put to tender. In such an event, only the successful bidder who has quoted less bid price/rates than the estimated cost put to tender shall have to furnish the exact amount of differential cost i.e. estimated cost put to tender minus the quoted amount as Additional Performance Security (APS) in shape of Term Deposit Receipt pledged in favour of Division Officer / Bank Guarantee in favour of the Divisional Officer from any Nationalized / Scheduled Bank in India counter guaranteed by its local branch at Bhubaneswar within seven days of issue of Letter of Acceptance (LoA) by the Divisional Officer (by e-mail) to the successful bidder otherwise the bid of the successful bidder shall be cancelled and the Earnest Money Deposit / Bid Security shall be forfeited. Further, proceeding for blacklisting shall be initiated against the bidder".
9. GST : Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details :

| Procurement Officer | Bid Identification No. | Availability of Tender On-line for bidding From | To | Last Date & Time of Seeking Tender Clarification | Technical Bid Opening | Financial Bid Opening |
| --- | --- | --- | --- | --- | --- | --- |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-18 of 2019-20 | 14.01.2020 11:00 AM | 06.02.2020 3:00 PM | 05.02.2020 3:00 PM | 12.02.2020 11:00 AM | Will be intimated separately |

Further details can be seen from the website www.tendersorissa.gov.in
**N.B:** Corrigendum if any may be seen in this website. www.tendersorissa.gov.in
Authority reserves the right to reject any or all the tenders without assigning any reason thereof.
25133/11/0024/1920 *Sd./- Superintending Engineer, Rural Works Circle, Sundargarh*

सेन्ट्रल माईन प्लानिंग एण्ड डिजाईन इन्स्टीच्यूट लिमिटेड
cmpdi A Mini Ratna Company
CENTRAL MINE PLANNING & DESIGN INSTITUTE LIMITED
(A Subsidiary of Coal India Limited)
Regional Institute - VII, Plot No. E-04, Near Gandhi Park, Samantapuri, PO : RRL, Bhubaneswar - 751013 (Odisha)

**e-TENDER NOTICE**

Offers are invited for CMPDI, Regional Institute -VII, Plot No. E-04, Near Gandhi Park, Samantapuri, Bhubaneswar through e-Tendering **(ON-LINE BIDDING)** only : **Tender Notice No. CMPDI/RI-VII/Co-ordination/2019/E-421224 Dated : 30.12.2019. Description :** Hiring of 03 Nos. (three) vehicles 13 seater (minimum) for school duty for a period of two years at CMPDI, RI-VII, Bhubaneswar. **Estimated value :** ₹ 25,99,468/- (Inclusive GST). **Period of Completion : 02 (Two) Years (Can be extended upto further 01 year if required).** Detailed tender notice & Tender documents including terms and conditions shall be available on e-tendering portal **https://coalindiatenders.nic.in** and Tender Notice only shall be available at websites **www.cmpdi.co.in from 10.01.2020 to 24.01.2020.** Important Note to all prospective bidders : For On-line Bidding, the bidders should possess Class II/III Digital Signature Certificate (DSC) and enroll themselves at **https://coalindiatenders.nic.in.** For any query, contact HOD (Co-ordination), CMPDI, RI-VII, Bhubaneswar, Mobile 9438881062, 9438881026 & Fax No. 0674 - 2301762.

**HOD (Co-ordination)**

Government of Odisha, Office of the Executive Engineer
**Rural Works Division-II, Dhenkanal**
**Kamakhyanagar**
E-Mail: rw.kamakhyanagarl@yahoo.co.in
No. O-765:-

**e-Procurement Notice No. 12/ Road & Building Works / 2019-20**

1. Name of the work : Road & Building Works
2. Total No. of Works : 15 (Fifteen) Nos.
3. Tender Cost : Rs. 0.40 lakh to 56.76 lakh (approx.)
4. Class of Contractor : "D", "C" & "B" & "A" Class
5. Period of Completion : 1 (One), 2 (Two) and 10 (Ten) Calendar months.
6. Availability of Tender online for bidding : 13.01.2020 at 11.00 AM to 18.01.2020 upto 5.00 PM
7. Last Date & Time of seeking tender clarification : 17.01.2020 upto 4.00 PM
8. Date &Time of opening of Technical Bid : 20.01.2020 at 11.00 AM
9. Date & Time of opening of Financial Bid : 20.01.2020 at 11.00 AM

Other Details can be seen from the website http://tendersorissa.gov.in.

25094/11/0009/1920 *Sd./- Executive Engineer, R.W. Division-II, Dhenkanal Kamakhyanagar*

ଉପମହାଦେଶରେ ନିଜ ସାମର୍ଥ୍ୟ ଉପରେ ସନ୍ଦେହ ଆସିଥାଏ, ହେଲେ ଆମେ ଭାରତ ବିପକ୍ଷ ସିରିଜରେ ବିପର୍ଯ୍ୟୟ ସୃଷ୍ଟି କରିବା ଲକ୍ଷ୍ୟରେ ଅଛୁ।
–ଆରୋନ ଫିଞ୍ଚ, ଅଷ୍ଟ୍ରେଲିଆ ଅଧିନାୟକ



୨୦୧୯ ବର୍ଷ ମୋ ପାଇଁ କଠିନ ଥିଲା, କିନ୍ତୁ ୨୦୨୦ରେ ମୁଁ ପ୍ରତିଟି ଗେମ୍‌ରେ ନୂଆ ପ୍ରକାର ବୋଲିଂ କରି ବ୍ୟାଟ୍ସମ୍ୟାନଙ୍କୁ ଚକିତ କରିବି।
–କୁଲଦୀପ ଯାଦବ, ବାମହାତୀ ସ୍ପିନର



## ସଂକ୍ଷେପରେ

### ଭାରତ ବିପକ୍ଷ ଟି୨୦ରେ ଖେଳିବେନି ଲଥାମ

ଅକ୍‌ଲାଣ୍ଡ, ୯।୧- ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନ ଟମ୍ ଲଥାମ ଭାରତ ବିପକ୍ଷ ଆଗାମୀ ଟି୨୦ ସିରିଜ ଖେଳିପାରିବେ ନାହିଁ। ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତିମ ତଥା ୩ୟ ଟେଷ୍ଟ ମ୍ୟାଚ୍‌ର ୪ର୍ଥ ଦିବସରେ କ୍ୟାଚ୍ ଧରୁଥିବାବେଳେ ଲଥାମଙ୍କ ଆଙ୍ଗୁଠି ଭାଙ୍ଗିଯାଇଥିଲା। ଏହାସତ୍ତ୍ୱେ ଭଙ୍ଗା ଆଙ୍ଗୁଠିରେ ବ୍ୟାଟିଂକରି ମାତ୍ର ୧ ରନ ସଂଗ୍ରହ କରିଥିଲେ। ତାଙ୍କୁ ୪ ସପ୍ତାହ ବିଶ୍ରାମ ନେବା ପାଇଁ କୁହାଯାଇଛି। ନ୍ୟୁଜିଲାଣ୍ଡ ମୁଖ୍ୟ ପ୍ରଶିକ୍ଷକ ଗ୍ୟାରୀ ଷ୍ଟେଡ୍ କହିଛନ୍ତି, ଲଥାମ ପାଖାପାଖି ୪ ସପ୍ତାହ ପର୍ଯ୍ୟନ୍ତ ବିଶ୍ରାମ ନେବେ। ଫଳରେ ସେ ଭାରତ ବିପକ୍ଷରେ ଘରୋଇ ଗ୍ରାଉଣ୍ଡରେ ଜାନୁୟାରୀ ୨୪ରୁ ଆରମ୍ଭ ହେବାକୁ ଥିବା ୫ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ ଖେଳିପାରିବେ ନାହିଁ। ଏପରିକି ଫେବୃୟାରୀ ୨୧ରୁ ଆରମ୍ଭ ହେବାକୁ ଥିବା ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍ ଖେଳିବା ନେଇ ମଧ ସନ୍ଦେହ ରହିଛି। ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ଭାରତ ୫ଟି ଟି୨୦, ୩ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବା କାର୍ଯ୍ୟସୂଚୀ ରହିଛି।

### ଲିଗ୍ କପ୍ ସେମିରେ ପିଏସ୍‌ଜି

ପ୍ୟାରିସ, ୯।୧- ମାଉରୋ ଇକାର୍ଡିଙ୍କ ହ୍ୟାଟ୍ରିକ ବଳରେ ପ୍ୟାରିସ ସେଣ୍ଟ-ଜର୍ମେନ (ପିଏସ୍‌ଜି) ଦଳ ଏଠାରେ ଚାଲିଥିବା ଫ୍ରେଞ୍ଚ୍ ଲିଗ୍ କପ୍ ଫୁଟ୍‌ବଲ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛି। କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପିଏସ୍‌ଜି ୬-୧ ଗୋଲରେ ଫ୍ରେଞ୍ଚ ଆସୋସିଏଶନ ଫୁଟ୍‌ବଲ କ୍ଲବ ସେଣ୍ଟ ଏଟିନ୍ନେକୁ ପରାସ୍ତ କରିଛି। ଇକାର୍ଡି ମ୍ୟାଚ୍‌ର ୨ୟ ମିନିଟ୍‌ରେ ପ୍ରଥମ ଗୋଲସ୍କୋର କରିଥିଲେ। ଏହାପରେ ସେ ୪୯ତମ ଓ ୫୭ତମ ମିନିଟ୍‌ରେ ଆଉ ଦୁଇଟି ଗୋଲ ଦେଇ ହ୍ୟାଟ୍ରିକ ପୂରଣ କରିଥିଲେ। ଅନ୍ୟମାନଙ୍କ ମଧରେ ବ୍ରାଜିଲ ତାରକା ନେମାର (୩୯ତମ) ଓ କିଲିଆନ୍ ଏମ୍‌ବାପ୍ପେ (୬୭ତମ) ଗୋଟିଏ ଲେଖାଏ ଗୋଲ ଦେଇଥିବାବେଳେ ୪୪ତମ ମିନିଟ୍‌ରେ ଜେସି ମୌଲିନ ଆତ୍ମଘାତୀ ସ୍କୋର କରିଥିଲେ।

### ଅବୈଧ ବୋଲିଂ ଶୈଳୀ ଲାଗି ଗ୍ରୀନ୍ ବାସନ୍ଦ

ସିଡ୍‌ନୀ, ୯।୧ (ଏଏଫ୍‌ପି)- ଅଷ୍ଟ୍ରେଲୀୟ କ୍ରିକେଟର ତଥା ବିଗ୍ ବାସ୍ ଲିଗ୍ (ବିବିଏଲ୍)ରେ ସିଡ୍‌ନୀ ଥଣ୍ଡର୍ସ ପକ୍ଷରୁ ଖେଳୁଥିବା ଅଫ୍ ସ୍ପିନର କ୍ରିସ୍ ଗ୍ରୀନ ୩ ମାସ ଲାଗି ବୋଲିଂ କରିପାରିବେ ନାହିଁ। ଅବୈଧ ବୋଲିଂ ଶୈଳୀ ଲାଗି କ୍ରିକେଟ୍ ଅଷ୍ଟ୍ରେଲିଆ (ସିଏ) ତାଙ୍କୁ ୩ ମାସ ପାଇଁ ବାସନ୍ଦ କରିଛି। ଜାନୁୟାରୀ ୨ରେ ମେଲବୋର୍ନ ଷ୍ଟାରସ୍ ଓ ସିଡ୍‌ନୀ ଥଣ୍ଡର୍ସ ମଧରେ ଅନୁଷ୍ଠିତ ବିବିଏଲ୍ ମ୍ୟାଚ୍ ବେଳେ ୨୬ ବର୍ଷୀୟ ଗ୍ରୀନଙ୍କ ବୋଲିଂ ଶୈଳୀକୁ ନେଇ ଆପତ୍ତି ଉଠିଥିଲା। ଏହାପରେ କ୍ରିକେଟ୍ ଅଷ୍ଟ୍ରେଲିଆର ପ୍ରୋଟୋକଲ୍ସ ଅନୁଯାୟୀ ଗ୍ରୀନ୍ ନ୍ୟାଶନାଲ କ୍ରିକେଟ୍ ସେଣ୍ଟରରେ ବୋଲିଂ ପରୀକ୍ଷା କରିଥିଲେ। ଏଥିରେ ତାଙ୍କ ବୋଲିଂ ଶୈଳୀ ଅବୈଧ ରହିଥିବା ଜଣାପଡ଼ିଛି। ବୋଲିଂ କରିବାରୁ ବଞ୍ଚିତ ହୋଇଥିଲେ ମଧ ସେ ସିଡ୍‌ନୀ ପାଇଁ ଜଣେ ବ୍ୟାଟ୍ସମ୍ୟାନ ଭାବେ ଖେଳିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ଗତ ଆଇପିଏଲ୍ ନିଲାମୀରେ କୋଲକାତା ନାଇଟ୍ ରାଇଡର୍ସ ତାଙ୍କୁ ୨୦ ଲକ୍ଷ ଟଙ୍କାରେ କ୍ରୟ କରିଥିଲା। ଯେହେତୁ ତାଙ୍କୁ କେବଳ ଅଷ୍ଟ୍ରେଲିଆ ପକ୍ଷରୁ ବୋଲିଂରୁ ବାସନ୍ଦ କରାଯାଇଛି, ସେ ଆଗାମୀ ଆଇପିଏଲ୍ ଖେଳିବାରେ କୌଣସି ଅସୁବିଧା ନାହିଁ କିନ୍ତୁ ତାଙ୍କ ବୋଲିଂ ଉପରେ କଡ଼ା ନଜର ରହିବ।

# ଚୂଡ଼ାନ୍ତ ଦଳ ଚୟନ ଦ୍ୱନ୍ଦ୍ୱରେ ଭାରତ





ଯଶପ୍ରୀତ ବୁମ୍‌ରାଙ୍କ ଅଭ୍ୟାସ ଉପରେ ଅଧିନାୟକ ବିରାଟ କୋହଲିଙ୍କ ତୀକ୍ଷ୍ଣ ନଜର। ନେଟ୍ସରେ ଲସିଥ ମାଲିଙ୍ଗା ଓ ସାଥୀ ଖେଳାଳିଙ୍କ ବୋଲିଂ।

**ପୁଣେ,୯।୧(ପି.ଟି.)**

ଭାରତ ଓ ଭ୍ରମଣକାରୀ ଶ୍ରୀଲଙ୍କା ମଧରେ ଶୁକ୍ରବାର ତୃତୀୟ ତଥା ଅନ୍ତିମ ଟି୨୦ ମ୍ୟାଚ୍ ଖେଳାଯିବ। ସ୍ଥାନୀୟ ମହାରାଷ୍ଟ୍ର କ୍ରିକେଟ ଆସୋସିଏଶନ ଗ୍ରାଉଣ୍ଡରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍ ସିରିଜର ନିର୍ଣ୍ଣାୟକ ମୁକାବିଲା ସାବ୍ୟସ୍ତ ହେବାକୁ ଯାଉଛି। ଗୁଆହାଟୀରେ ଖେଳାଯାଇଥିବା ପ୍ରଥମ ମ୍ୟାଚ ବର୍ଷା କାରଣରୁ ବାତିଲ ହୋଇଥିଲା। ଏହାପରେ ଇନ୍ଦୋରରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ ମ୍ୟାଚ୍‌ରେ ଭାରତ ୧୫ ଟି ବଲ୍ ବାକିରଖି ୭ ଉଇକେଟରେ ଅତି ସହଜରେ ବିଜୟ ହାସଲ କରି ୧–୦ରେ ଅଗ୍ରଣୀ ହାସଲ କରିଥିଲା। ତୃତୀୟ ମ୍ୟାଚ୍ ଜିତି ଭାରତ ସିରିଜ ହାତେଇବା ଲକ୍ଷ୍ୟରେ ରହିଛି। ଅନଭିଜ୍ଞ ଶ୍ରୀଲଙ୍କାର ପ୍ରଦର୍ଶନ ସେତେଟା ଆଶାନୁରୂପ ହୋଇପାରି ନାହିଁ। ଫଳରେ ମନୀଷ ପାଣ୍ଡେ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ସଞ୍ଜୁ ସାମସନଙ୍କୁ ଅନ୍ତିମ ଏକାଦଶରେ ସାମିଲ କରିବା ନେଇ ଭାରତ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇଛି। ଗତ ତିନୋଟି ସିରିଜ ମଧ୍ୟରୁ ପାଣ୍ଡେ ଗୋଟିଏ ସିରିଜ ଖେଳୁଛନ୍ତି। ତେବେ ସାମସନ ଗୋଟିଏ ହେଲେ ବି ମ୍ୟାଚ୍ ଖେଳିନାହାନ୍ତି। ନଭେମ୍ବରରେ ସେ ବାଂଲାଦେଶ ବିପକ୍ଷ ସିରିଜରେ ଭାରତୀୟ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଆଗାମୀ ଅକ୍ଟୋବର–ନଭେମ୍ବରରେ ଅଷ୍ଟ୍ରେଲିଆରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୟନ କରୁଛି। ତେବେ ଏହି ଦୁଇ ଖେଳାଳିଙ୍କୁ ଏପର୍ଯ୍ୟନ୍ତ କୌଣସି ସୁଯୋଗ ମିଳିନାହିଁ।

ଅପରପକ୍ଷରେ କେତେକ ସିନିୟର ଦ୍ରୁତ ବୋଲରଙ୍କ ଅନୁପସ୍ଥିତିରେ ଶାର୍ଦ୍ଦୁଳ ଠାକୁର ଓ ନବଦୀପ ସଇନୀ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ଗତ ମ୍ୟାଚ୍‌ରେ ଏହି ଦୁଇ ଖେଳାଳି ମିଳିତ ଭାବେ ୫ ଉଇକେଟ ନେଇ ଦଳ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଅନୁପସ୍ଥିତିରେ ୱାଶିଂଟନ ସୁନ୍ଦର ଓ ଶିବମ ଦୁବେ ମଧ ଏକାଧିକ ସୁଯୋଗ ହାସଲ କରିଛନ୍ତି। ଇନ୍ଦୋରରେ ବିଜୟ ହାସଲ କରିବା ପରେ ଦଳ ପ୍ରଦର୍ଶନରେ ଉନ୍ନତି ନେଇ ଅଧିନାୟକ ବିରାଟ କୋହଲି ସନ୍ତୋଷ ପ୍ରକଟ କରିଥିଲେ। ପ୍ରାୟ ଖେଳାଳି ଭଲ ପ୍ରଦର୍ଶନ କରି ଦଳରେ ସ୍ଥାନ ପକ୍କା କରିଛନ୍ତି। ପ୍ରସିଦ୍ଧ କ୍ରିଷ୍ଣା ମଧ ଟି୨୦ ବିଶ୍ୱକପ୍ ଖେଳିବାକୁ ଆଶା ରଖିଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

ଏପର୍ଯ୍ୟନ୍ତ ସୁଯୋଗ ପାଇ ନ ଥିବା ସାମସନ ଓ ପାଣ୍ଡେ ତୃତୀୟ ଟି୨୦ ଖେଳିବା ଯଥେଷ୍ଟ ସମ୍ଭାବନା ରହିଛି। ତେବେ ସିରିଜ ହାତେଇବା ପାଇଁ ଏହି ମ୍ୟାଚ୍ ଜିତିବା ଜରୁରୀ ହୋଇପଡିଛି। ତେଣୁ ବିଜୟ ହାସଲ ପାଇଁ ଟିମ୍ ମ୍ୟାନେଜମେଣ୍ଟ ଦଳ ଚୟନ କରିବ। ଏପରିସ୍ଥଳେ ଅନ୍ତିମ ଏକାଦଶ ଚୟନ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହେବା ସ୍ୱାଭାବିକ। ଅଭିଜ୍ଞ ଓପନର ଶିଖର ଧାୱନଙ୍କ ଉପରେ ନଜର ରହିବ। ଅନ୍ୟତମ ଓପନର ଲୋକେଶ ରାହୁଲ ଟପ୍ ଫର୍ମରେ ଥିବାରୁ ବିଶ୍ୱକପ୍‌ରେ ସେ ରୋହିତ ଶର୍ମାଙ୍କ ଶ୍ରେଷ୍ଠ ପାର୍ଟନର ବୋଲି ନିଜକୁ ପ୍ରମାଣିତ କରିଛନ୍ତି। ଫଳରେ ଧାୱନଙ୍କ ଉପରେ ଚାପ ରହିବା ସ୍ୱାଭାବିକ। ଗତ ମ୍ୟାଚ୍‌ରେ ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ପ୍ରତ୍ୟାବର୍ତ୍ତନ କରିଥିଲେ ମଧ ଶ୍ରେଷ୍ଠ ପ୍ରଦର୍ଶନ କରି ନାହାନ୍ତି। ତୃତୀୟ ମ୍ୟାଚ୍‌ରେ ସେ ଶତପ୍ରତିଶତ ପ୍ରଦର୍ଶନ କରିବେ ବୋଲି ଆଶା କରାଯାଉଛି। ପାଣ୍ଡ୍ୟାଙ୍କ ପ୍ରତ୍ୟାବର୍ତ୍ତନ ପରେ ଦଳରେ ସ୍ଥାନ ବଜାୟ ରଖିବାକୁ ହେଲେ ଦୁବେଙ୍କ ମଧ ଭଲ ପ୍ରଦର୍ଶନ କରିବାକୁ ହେବ। ଗତ ମ୍ୟାଚ୍‌ରେ ଶାର୍ଦ୍ଦୁଳ ଡେଥ୍ ଓଭରରେ ଚମକ ଦେଖାଇଥିଲେ। ସେହିପରି ପେସ୍ ଓ ବାଉନ୍ସରେ ପ୍ରତିପକ୍ଷ ବ୍ୟାଟ୍ସମ୍ୟାନଙ୍କୁ ଦ୍ୱନ୍ଦ୍ୱରେ ପକାଇଥିଲେ।

ଅପରପକ୍ଷରେ ଶ୍ରୀଲଙ୍କା ଦଳରେ ଏକାଧିକ ବାମହାତୀ ବ୍ୟାଟ୍ସମ୍ୟାନ ରହିଥିବାରୁ ରିଷ୍ଟ ସ୍ପିନର କୁଲଦୀପ ଯାଦବ ଓ ଅନ୍ୟତମ ସ୍ପିନର ୱାଶିଂଟନ ସୁନ୍ଦର ଦଳରେ ସ୍ଥାନ ବଜାୟ ରଖିବା ଆଶା କରାଯାଉଛି। ଫଳରେ ରବୀନ୍ଦ୍ର ଜାଡେଜା ଓ ଯୁଜବେନ୍ଦ୍ର ଚହଲ ବାହାରେ ବସିବା ନିଶ୍ଚିତ ମନେ ହେଉଛି। ଶ୍ରୀଲଙ୍କାକୁ ମଧ ବହୁତ କିଛି କରିବାକୁ ପଡିବ। ଭଲ ଆରମ୍ଭ କରିବା ପରେ ମଧ ବ୍ୟାଟ୍ସମ୍ୟାନ ଦଳକୁ ବଡ଼ ସ୍କୋର ଦେବାରେ ବିଫଳ ହୋଇଛନ୍ତି। ଅଲରାଉଣ୍ଡର ଇସୁରୁ ଉଡାନା ବାଦ୍ ପଡିଛନ୍ତି। ଅଭ୍ୟାସ ବେଳେ ଆହତ ହୋଇଥିବାରୁ ମୁଖ୍ୟ ବୋଲର ତଥା ଅଧିନାୟକ ଲସିଥ ମାଲିଙ୍ଗା ଇନ୍ଦୋରରେ ବୋଲିଂ କରି ନ ଥିଲେ। ଶ୍ରୀଲଙ୍କା ବ୍ୟାଟିଂରେ ସୁଧାର ଆଣିବା ଜରୁରୀ। ଦୀର୍ଘ ଦିନ ପରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିବା ଆଞ୍ଜେଲୋ ମାଥ୍ୟୁସ ଏହି ମ୍ୟାଚ୍‌ରେ ଖେଳିବା ସମ୍ଭବନା ରହିଛି ବୋଲି କୋଚ୍ ମିକି ଆର୍ଥର ସୂଚନା ଦେଇଛନ୍ତି। ସିରିଜ ଡ୍ର ରଖିବା ପାଇଁ ଶ୍ରୀଲଙ୍କାକୁ ଏହି ମ୍ୟାଚ୍‌ରେ ବିଜୟୀ ହେବା ଆବଶ୍ୟକ। ଏହା ଅନ୍ତିମ ତଥା ନିର୍ଣ୍ଣାୟକ ମ୍ୟାଚ୍ ହୋଇଥିବାରୁ ରୋମାଞ୍ଚକ ହେବ ବୋଲି ଆଶା କରାଯାଉଛି।

## ତୃତୀୟ ଟି୨୦ ଆଜି

| ଭାରତୀୟ ଦଳ | ଶ୍ରୀଲଙ୍କା ଦଳ |
|---|---|
| ବିରାଟ କୋହଲି (ଅଧିନାୟକ), ଶିଖର ଧାୱନ, ଲୋକେଶ ରାହୁଲ, ଶ୍ରେୟାସ ଆୟାର, ରିଷଭ ପନ୍ତ (ଉଇକେଟ କିପର), ରବୀନ୍ଦ୍ର ଜାଡେଜା, ଶିବମ୍ ଦୁବେ, ଯୁଜବେନ୍ଦ୍ର ଚହଲ, କୁଲଦୀପ ଯାଦବ, ଯଶପ୍ରୀତ ବୁମ୍‌ରା, ନବଦୀପ ସଇନି, ଶାର୍ଦ୍ଦୁଳ ଠାକୁର, ମନୀଷ ପାଣ୍ଡେ, ୱାଶିଂଟନ ସୁନ୍ଦର ଓ ସଞ୍ଜୁ ସାମସନ | ଲସିଥ ମାଲିଙ୍ଗା (ଅଧିନାୟକ), ଦନୁଷ୍କା ଗୁଣତିଲକ, ଧନଞ୍ଜୟ ଡି' ସିଲଭା, ୱାନିଣ୍ଡୁ ହାସରଙ୍ଗା, ନିରୋଶାନ ଡିକୱେଲା (ଉଇକେଟ୍ କିପର), ଓଶଡ଼ା ଫର୍ନାଣ୍ଡୋ, ଅଭିଷ୍କା ଫର୍ନାଣ୍ଡୋ, ଲାହିରୁ କୁମାରା, ଆଞ୍ଜେଲୋ ମାଥ୍ୟୁସ୍, କୁଶଲ ମେଣ୍ଡିସ୍, କୁଶଲ ପେରେରା, ଭାନୁକା ରାଜପାକ୍‌ସା, କାସୁନ ରଜିଥା, ଲକ୍ଷନ ସନ୍ଦକାନ, ଦସୁନ ଶନକା ଓ ଇସୁରୁ ଉଡାନା |

ସମୟ : ସନ୍ଧ୍ୟା ୭ଟା, ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଧୋନୀ ଦିନିକିଆରୁ ଅବସର ନେଇପାରନ୍ତି: ଶାସ୍ତ୍ରୀ

**ନୂଆଦିଲ୍ଲୀ, ୯।୧**

ଭାରତୀୟ କ୍ରିକେଟ୍ ଦଳର ବରିଷ୍ଠ ଖେଳାଳି ମହେନ୍ଦ୍ର ସିଂ ଧୋନୀଙ୍କ ଭବିଷ୍ୟତ କ୍ୟାରିୟରକୁ ନେଇ ନାନା ଆଲୋଚନା ଚାଲିଛି। ଗତବର୍ଷ ଇଂଲଣ୍ଡରେ ଅନୁଷ୍ଠିତ ଆଇସିସି ବିଶ୍ୱକପ୍‌ରେ ଧୋନୀ ଶେଷଥର ପାଇଁ ଭାରତୀୟ ଜର୍ସିରେ ନଜରକୁ ଆସିଥିଲେ। ଏହାପରେ ସେ କ୍ରିକେଟରୁ ଏକପ୍ରକାର ଦୂରେଇ ଯାଇଛନ୍ତି। ଭାରତର ଏହି ପୂର୍ବତନ ସଫଳ ଅଧିନାୟକ ପୁଣିଥରେ କେବେ କ୍ରିକେଟ୍ ମଇଦାନକୁ ପ୍ରତ୍ୟାବର୍ତ୍ତନ କରିବେ ସେନେଇ କୌଣସି ଠିକ୍ ତଥ୍ୟ ନାହିଁ। କିନ୍ତୁ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଗୁରୁବାର ଧୋନୀଙ୍କ ଭବିଷ୍ୟତକୁ ନେଇ ଏକ ବଡ଼ ଘୋଷଣା କରିଛନ୍ତି। ନିକଟ ଭବିଷ୍ୟତରେ ଧୋନୀ ଦିନିକିଆରୁ ଅବସର ଘୋଷଣା କରିପାରନ୍ତି ବୋଲି ଶାସ୍ତ୍ରୀ ଏକ ସାକ୍ଷାତ୍‌କାର ଅବସରରେ ଏହିଭଳି କିଛି ସୂଚନା ଦେଇଛନ୍ତି। 'ଧୋନୀଙ୍କ ସହିତ ମୋର ଆଲୋଚନା ହୋଇଛି। ଲମ୍ବା ସମୟ ଧରି କ୍ରିକେଟ୍ ଖେଳୁଛନ୍ତି। ପୂର୍ବରୁ ସେ ଟେଷ୍ଟରୁ ଅବସର ନେଇସାରିଛନ୍ତି। ଖୁବ୍ ଶୀଘ୍ର ସେ ଦିନିକିଆ କ୍ରିକେଟ୍‌କୁ ଅଲ୍‌ବିଦା କହିପାରନ୍ତି। ମୋତେ ଲାଗୁଛି, ତାଙ୍କର ଏହି ବୟସରେ ଟି୨୦ ହେଉଛି ଏପରି ଏକ ଫର୍ମାଟ୍ ଯେଉଁଥିରେ ସେ ଖେଳ ଜାରି ରଖିପାରିବେ। ଏହାର ଅର୍ଥ ତାଙ୍କୁ ଏବେ ଖେଳ ଆରମ୍ଭ କରିବାକୁ ପଡ଼ିବ। ଯଦି ଆଇପିଏଲ୍‌ରେ ପ୍ରଭାବୀ ପ୍ରଦର୍ଶନ କରନ୍ତି ତେବେ ଏହି ଫର୍ମାଟ୍‌ରେ ସେ ଖେଳ ଜାରି ରଖିପାରିବେ' ବୋଲି ଶାସ୍ତ୍ରୀ କହିଛନ୍ତି। ଶାସ୍ତ୍ରୀଙ୍କ ଏହି ମତରୁ ଧୋନୀ ଅକ୍ଟୋବରରେ ଅଷ୍ଟ୍ରେଲିଆରେ ଖେଳାଯିବାକୁ ଥିବା ଟି୨୦ ବିଶ୍ୱକପ୍‌ରେ ଭାରତୀୟ ଦଳରେ ସାମିଲ ହେବାନେଇ ସମ୍ଭାବନା ସୃଷ୍ଟି ହୋଇଛି। ଉଲ୍ଲେଖଯୋଗ୍ୟ, ଧୋନୀଙ୍କ ଅବସର ନେଇ ଚାରିଆଡୁ ଆଲୋଚନା ହେଉଥିଲେ ମଧ ସେ ନିଜେ ବର୍ତ୍ତମାନ ସୁଦ୍ଧା ଏ ବିଷୟରେ ବିଧିବଦ୍ଧ ଭାବେ କିଛି ଘୋଷଣା କରିନାହାନ୍ତି।

## ରାଜସ୍ଥାନ, ମଧ୍ୟପ୍ରଦେଶ ଚାମ୍ପିୟନ

**କଟକ ଅଫିସ,୯।୧**

### ଜାତୀୟ ସବ୍‌ଜୁନିୟର ସଫ୍ଟବଲ୍ ଚାମ୍ପିୟନଶିପ ଉଦ୍‌ଯାପିତ

ସ୍ଥାନୀୟ ସତ୍ୟବ୍ରତ ଷ୍ଟାଡିୟମରେ ଚାଲିଥିବା ୩୧ତମ ଜାତୀୟ ସବଜୁନିୟର ସଫ୍ଟବଲ ଚାମ୍ପିୟନଶିପ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ରାଜସ୍ଥାନ ଦଳ ସର୍ବାଧିକ ୩ ପଏଣ୍ଟ ହାସଲ କରି ଚାମ୍ପିୟନ ହୋଇଛି। ଏହି ଇଭେଣ୍ଟରେ ଆନ୍ଧ୍ରପ୍ରଦେଶ ରନର୍ସଅପ ହୋଇଥିବା ବେଳେ ମହାରାଷ୍ଟ୍ର ଦଳ ୩ୟ ସ୍ଥାନରେ ରହିଛି। ପ୍ରତିଯୋଗିତାର ବାଳିକା ବର୍ଗରେ ୭ ପଏଣ୍ଟ ହାସଲ କରି ମଧ୍ୟପ୍ରଦେଶ ଚାମ୍ପିୟନ ହୋଇଛି। ୨ ପଏଣ୍ଟ ସହ ରାଜସ୍ଥାନ ରନର୍ସଅପ ହୋଇଥିବା ବେଳେ ତେଲେଙ୍ଗାନା ୩ୟ ସ୍ଥାନ ଅଧିକାର କରିଛି। ଉଦ୍‌ଯାପନୀ ଉତ୍ସବରେ ବିଧାୟକ ଚନ୍ଦ୍ରସାରଥୀ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଫ୍ଟବଲ ଆସୋସିଏଶନ ଅଫ ଇଣ୍ଡିଆର ସାଧାରଣ ସମ୍ପାଦକ ଏଲ.ଆର ମୌର୍ଯ୍ୟ, ସିଇଓ ପ୍ରବୀଣ ଅନୋକର, କୋଷାଧକ୍ଷ ଶ୍ରୀକାନ୍ତ ଥୋରାଟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସଫ୍ଟବଲ ଆସୋସିଏଶନ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଯୁଗ୍ମ ସମ୍ପାଦକ ବିଭୁଦତ୍ତ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାଳିକା ବିଭାଗ ଚାମ୍ପିୟନ ମଧ୍ୟପ୍ରଦେଶ ଦଳ ଅତିଥିଙ୍କ ଗହଣରେ।

## ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଫାଇନାଲରେ ସୋଲାର

**ଭଣ୍ଡାରିପୋଖରୀ, ୯।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତ ରଘୁନାଥପୁର କ୍ରିକେଟ ଗ୍ରାଉଣ୍ଡରେ ଚାଲିଥିବା ତ୍ରୟୋଦଶ ବାର୍ଷିକ ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜୁଭେନାଇଲକୁ ହରାଇ ସୋଲାର କ୍ଲବ ଫାଇନାଲରେ ପ୍ରବେଶ କରିଛି। ଜୁଭେନାଇଲ ଟିମ୍ ଟସ୍ ଜିତି ୨୫ ଓଭରରେ ୮ ଉଇକେଟ ହରାଇ ୧୫୪ ରନ୍ କରିଥିଲା। ଦଳ ପକ୍ଷରୁ ସୁବ୍ରତ ସାମଲ ୪୩ ବଲରେ ୬ଟି ଛକା ଓ ଗୋଟିଏ ଚୌକାରେ ୬୪ ରନ୍, ରାମଚନ୍ଦ୍ର ବେହେରା ୪୦ ବଲରେ ଗୋଟିଏ ଛକା, ଗୋଟିଏ ଚୌକାରେ ୨୫ ଏବଂ ରମେଶ ବେହେରା ୧୮ ବଲରେ ୨ ଛକା, ୨ ଚୌକାରେ ୨୭ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ମନୀଷ ରାଉତ ୫ ଓଭରରେ ୨୯ ରନ୍ ଦେଇ ୨ଟି, ପ୍ରିୟତୋଷ ଦେହୁରୀ ୫ ଓଭର ୩୦ ରନ୍ ଦେଇ ୨ଟି ଓ ରାକେଶ ମହାନ୍ତି ୫ ଓଭର ୩୨ ରନ୍ ଦେଇ ୨ ଉଇକେଟ ନେଇଥିଲେ। ସୋଲାର କ୍ଲବ ୨୪.୫ ଓଭରରେ ୬ ଉଇକେଟ ହରାଇ ୧୫୬ ରନ୍ କରିଥିଲା। ଦଳ ପକ୍ଷରୁ ଦିବ୍ୟଜ୍ୟୋତି ରଥ ୫୪ ବଲରେ ୨ ଛକା, ୭ଚୌକାରେ ସର୍ବାଧିକ ୬୧ ଏବଂ ସାୱନ ପାହାରିଆ ୨୯ ବଲରେ ଗୋଟିଏ ଛକା, ୬ଟି ଚୌକାରେ ୪୨ ରନ୍ କରିଥିଲେ। ପ୍ରତିପକ୍ଷର ବୋଲର ରାମଚନ୍ଦ୍ର ୫ ଓଭର ୨୬ ରନ୍ ଦେଇ ୨ଟି, ସତ୍ୟପ୍ରକାଶ ବେହେରା ୪ ଓଭର ୧୮ ରନ୍ ଦେଇ ୨ଟି ଏବଂ ରମେଶ ବେହେରା ୫ ଓଭର ୩୨ ରନ୍ ଦେଇ ଗୋଟିଏ ଉଇକେଟ ନେଇଥିଲେ। ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ସୋଲାର ଟିମ୍‌ର ଦିବ୍ୟଜ୍ୟୋତି ରଥଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଆଶୁତୋଷ ପାଣି ଓ ଖଗେଶ୍ୱର ମଲିକ ଖେଳ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ଜୟନ୍ତ ନାୟକ ଓ ରଘୁନାଥ ମାଝି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ପ୍ରଦୀପ୍ତ ନାୟକ, ଗୋପବନ୍ଧୁ ମାଝି, ବିଷ୍ଣୁ ବୋଇତାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଶୁକ୍ରବାର କଟକ ୟୁନିୟନ ସ୍ପୋର୍ଟିଂ ଓ ଭୁବନେଶ୍ୱର ପାରାମାଉଣ୍ଟ ମଧରେ ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ।



ଦିବ୍ୟଜ୍ୟୋତି ରଥଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି।

## ସେମିରେ ମୁଗୁରୁଜା

**ସାଂଘାଇ, ୯।୧ (ଏଏଫ୍‌ପି)**

ଦୁଇଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ସ୍ପାନିଶ ଟେନିସ ତାରକା ଗ୍ରାବିଏନ ମୁଗୁରୁଜା ଏଠାରେ ଚାଲିଥିବା ଶେନଝେନ ଓପନ୍ ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ମୁଗୁରୁଜା ୬–୪, ୨–୬, ୬–୪ ସେଟ୍‌ରେ କାଜାଖସ୍ତାନର ଜରିନ ଡିୟାସଙ୍କୁ ପରାସ୍ତ କରିଛନ୍ତି। ଗତବର୍ଷ ମେକ୍ସିକୋ ମୋଣ୍ଟେରୀରେ ଟାଇଟଲ୍ ଜିତିବା ପରେ ୨୬ ବର୍ଷୀୟା ମୁଗୁରୁଜା ପ୍ରଥମଥର ଲାଗି କୌଣସି ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆସନ୍ତା ସପ୍ତାହରୁ ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ ଓପନ୍ ଆରମ୍ଭ ହେବାକୁ ଥିବାରୁ ଏହି ବିଜୟ ମୁଗୁରୁଜାଙ୍କ ମନୋବଳ ବୃଦ୍ଧି କରିଛି।

## କ୍ୱାର୍ଟରରେ ସିନ୍ଧୁ, ସାଇନା

**କୁଆଲାଲମ୍ପୁର, ୯।୧ (ପି.ଟି.)**

### ମାଲେସିଆ ମାଷ୍ଟର୍ସ

ଅଲିମ୍ପିକ୍ସ ପଦକ ବିଜୟିନୀ ପି.ଭି. ସିନ୍ଧୁ ଓ ସାଇନା ନେହ୍ୱାଲ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ରାଉଣ୍ଡ–୧୬'ର ଏକ ମୁକାବିଲାରେ ଡିଫେଣ୍ଡିଂ ବିଶ୍ୱ ଚାମ୍ପିୟନ ସିନ୍ଧୁ ୨୧–୧୦, ୨୧–୧୫ ସିଧାସଳଖ ଗେମ୍‌ରେ ଜାପାନର ଆୟା ଓହରିଙ୍କୁ ପରାସ୍ତ କରିଛନ୍ତି। ମାତ୍ର ୩୪ ମିନିଟ୍ ମଧରେ ସିନ୍ଧୁ ଏହି ମ୍ୟାଚ୍‌କୁ ଜିତି ନେଇଥିଲେ। ଷଷ୍ଠ ସିଡ୍ ସିନ୍ଧୁଙ୍କର ଏହା କ୍ରମାଗତ ୯ମ ବିଜୟ। କ୍ୱାର୍ଟର ଫାଇନାଲରେ ୨୪ ବର୍ଷୀୟା ସିନ୍ଧୁଙ୍କ ମୁକାବିଲା ବିଶ୍ୱର ଏକ ନମ୍ବର ଖେଳାଳି ତାଇ ଜୁ ୟିଙ୍ଗ୍‌ଙ୍କ ସହ ହେବ। ସେହିଭଳି ଅନ୍ୟ ଏକ ମ୍ୟାଚ୍‌ରେ ସାଇନା ୨୫–୨୩, ୨୧–୧୨ ଗେମ୍‌ରେ ଦକ୍ଷିଣ କୋରିଆର ଆନ ସେ ୟଙ୍ଗ୍‌ଙ୍କୁ ହରାଇଛନ୍ତି। ଏହି ମ୍ୟାଚ୍ ଜିତିବାକୁ ସାଇନାଙ୍କୁ ୩୯ ମିନିଟ୍ ସମୟ ଲାଗିଥିଲା। କ୍ୱାର୍ଟର ଫାଇନାଲରେ ସାଇନାଙ୍କ ମୁକାବିଲା ଅଲିମ୍ପିକ ଚାମ୍ପିୟନ କାରୋଲିନା ମାରିନଙ୍କ ସହ ହେବ। ଅପରପକ୍ଷରେ ଉଭୟ ଏଚ୍.ଏସ୍. ପ୍ରଣୟ ଓ ସମୀର ବର୍ମାଙ୍କ ପରାଜୟ ସହ ପୁରୁଷ ସିଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ସମୀର ୧୯–୨୧, ୨୦–୨୨ ସିଧାସଳଖ ଗେମ୍‌ରେ ଲି ଜି ଜିଆଙ୍କଠାରୁ ହାରି ୨ୟ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସେହିଭଳି ପ୍ରଣୟ ୧୪–୨୧, ୧୬–୨୧ରେ ଟପ୍ ସିଡ୍ କେଣ୍ଟୋ ମୋମୋଟାଙ୍କ ନିକଟରୁ ପରାଜୟବରଣ କରିଛନ୍ତି।

## ସଂକ୍ଷେପରେ

### ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍ ୨୪ରୁ

ନୂଆଦିଲ୍ଲୀ, ୯।୧ (ପି.ଟି.)- ଭାରତୀୟ ମହିଳା ଫୁଟ୍‌ବଲ ଲିଗ୍ ୨୦୧୯-୨୦ର ଫାଇନାଲ ରାଉଣ୍ଡ ଆସନ୍ତା ୨୪ତାରିଖରୁ ବେଙ୍ଗାଲୁରୁଠାରେ ଖେଳାଯିବ। ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ତରଫରୁ ଗୁରୁବାର ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟର ଚତୁର୍ଥ ସଂସ୍କରଣରେ ସମଗ୍ର ଦେଶରୁ ୧୨ଟି ମହିଳା ଫୁଟ୍‌ବଲ କ୍ଲବ ଅଂଶଗ୍ରହଣ କରିବେ। ଜୋନାଲ ରାଉଣ୍ଡ ଜରିଆରେ ଏହି ଦଳଗୁଡ଼ିକ ବେଙ୍ଗାଲୁରୁ ଫାଇନାଲ ରାଉଣ୍ଡ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ମଣିପୁର, ଗୁଜରାଟ, ମହାରାଷ୍ଟ୍ର, ଗୋଆ, ତାମିଲନାଡୁ, ଓଡ଼ିଶା, ପଶ୍ଚିମବଙ୍ଗ, ପଞ୍ଜାବ, କର୍ନାଟକରୁ ମହିଳା ଫୁଟ୍‌ବଲ ଦଳ ବ୍ୟତୀତ ଅବଶିଷ୍ଟ ଭାରତୀୟ ଜୋନ୍‌ରୁ ଦୁଇଟି ଦଳ ଏଥିରେ ଭାଗନେବେ। ୧୨ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ପ୍ରତି ଗ୍ରୁପ୍‌ର ୬ଟି ଦଳ ପରସ୍ପର ସହିତ ଖେଳିବେ। ପ୍ରତି ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବେ। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ମଣିପୁରର କ୍ରିଫ୍‌ସା ଏଫ୍‌ସି ଏବଂ କର୍ନାଟକର କିକ୍ସ ଷ୍ଟାର୍ଟ ଦଳ ମଧ୍ୟରେ ହେବ। ଫାଇନାଲ ମ୍ୟାଚ ଫେବୃୟାରୀ ୧୩ରେ ଖେଳାଯିବ।

### ଏଟିପି କପ୍: ସେମିରେ ଅଷ୍ଟ୍ରେଲିଆ

ସିଡ୍‌ନୀ,୯।୧(ଏପି)- ଆଲେକ୍ସ ଡି ମାଇନର ଓ ନିକି କିର୍ଗିଅସ ବ୍ରିଟେନର ଜେମି ମୁରେ ଓ ଜୋ ସାଲିସବର୍ଗଙ୍କ ଯୋଡ଼ିକୁ ହରାଇ ଅଷ୍ଟ୍ରେଲିଆ ୨-୧ ବ୍ୟବଧାନରେ ଏଟିପି କପ୍ ସେମିଫାଇନାଲରେ ପ୍ରବେଶ କରିଛି। ଅଷ୍ଟ୍ରେଲିଆ ଅଧିନାୟକ ଲିଟନ ହେୱିଟ୍ଟ ଦଳର ଦୁଇ ସିଙ୍ଗଲ୍ସ ଖେଳାଳିଙ୍କୁ ବ୍ରିଟିଶର ପ୍ରତିଷ୍ଠିତ ଡବଲ୍ସ ଯୋଡ଼ି ସାମ୍ନାରେ ଓହ୍ଲାଇଥିଲେ। ମ୍ୟାଚ୍‌କୁ ଡି ମାଇନର ଓ କିର୍ଗିଅସ ୩-୬, ୬-୩, ୧୮-୧୬ ସେଟ୍‌ରେ ଜିତି ନେଇଥିଲେ। ମ୍ୟାଚ୍‌ର ଫଳାଫଳ ଟାଇବ୍ରେକରେ ନିର୍ଣ୍ଣୟ ହୋଇଥିଲା। ସିଙ୍ଗଲ୍ସରେ କିର୍ଗିଅସ ୬-୨, ୬-୨ ସେଟ୍‌ରେ କାମ ନୋରିଭ୍‌ଙ୍କୁ ହରାଇଥିଲେ। କିନ୍ତୁ ଡି ମାଇନର ୩ ଘଣ୍ଟା ୨୩ ମିନିଟ୍ ଧରି ଚାଲିଥିବା ସିଙ୍ଗଲ୍ସ ମ୍ୟାଚ୍‌ରେ ପରାସ୍ତ ହୋଇଥିଲେ। ତାଙ୍କୁ ୭-୬(୪), ୪-୬, ୭-୬(୨) ସେଟ୍‌ରେ ଡାନ ଇଭାନ୍ସ ପରାସ୍ତ କରିଥିଲେ। ଚଳିତ ବର୍ଷରେ ତାଙ୍କର ଏହା ପ୍ରଥମ ପରାଜୟ। ଏହାର ପ୍ରତିଶୋଧ ନେବା ଲାଗି ତାଙ୍କୁ ଦଳୀୟ ଅଧିନାୟକ ହେୱିଟ ଡବଲ୍ସ ବର୍ଗରେ ସୁଯୋଗ ଦେଇଥିଲେ। ଫଳରେ ଡବଲ୍ସ ମ୍ୟାଚ୍‌ରେ ବିଜେତା ନିର୍ଣ୍ଣୟ ହୋଇଥିଲା। ଗ୍ରୁପ୍ ଏଫ୍‌'ରେ କୌଣସି ମ୍ୟାଚ୍ ହାରି ନ ଥିବା ଅଷ୍ଟ୍ରେଲିଆ ପରବର୍ତ୍ତୀ ମୁକାବିଲାରେ ରାଫାଲ ନାଡାଲଙ୍କ ସ୍ପେନ ଓ ବେଲଜିୟମ ମଧ୍ୟରେ ହେବାକୁ ଥିବା କ୍ୱାର୍ଟର ଫାଇନାଲର ବିଜେତାଙ୍କୁ ଭେଟିବ।

### କ୍ୱାର୍ଟରରେ ସେରେନା

ଅକ୍‌ଲାଣ୍ଡ,୯।୧(ଏଏଫ୍‌ପି)- ଚଳିତ ଡବ୍ଲ୍ୟୁଟିଏ ଅକ୍‌ଲାଣ୍ଡ କ୍ଲାସିକ ଟେନିସ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ଆମେରିକା ତାରକା ଖେଳାଳି ସେରେନା ୱିଲିୟମ୍ସ ପ୍ରବେଶ କରିଛନ୍ତି। ଦୀର୍ଘ ଦିନର ବ୍ୟବଧାନରେ ଫେରିଥିବା ଟପ୍ ସିଡ ସେରେନା ୩-୬, ୬-୨, ୬-୩ ସେଟ୍‌ରେ ୨୭ ବର୍ଷୀୟା କ୍ରିଷ୍ଟିଆନା ମ୍ୟାକହାଲେଙ୍କୁ ପରାସ୍ତ କରିଛନ୍ତି।

## ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫି

# ଇଣ୍ଡିଆ 'ବି'-'ସି' ଫାଇନାଲ

କଟକ ଅଫିସ,୯।୧

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ସିନିୟର ମହିଳା ଟି୨୦ ଚ୍ୟାଲେଞ୍ଜର ଟ୍ରଫିରେ ଇଣ୍ଡିଆ-ବି ଓ ଇଣ୍ଡିଆ-ସି ଦଳ ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ଦୁଇ ଦଳ ମଧ୍ୟରେ ଶୁକ୍ରବାର ଫାଇନାଲ ମୁକାବିଲା ହେବ। ୪ଟି ଲେଖାଏ ମ୍ୟାଚ୍ ଖେଳି ଇଣ୍ଡିଆ-ବି ୧୪ ପଏଣ୍ଟ ଓ ଇଣ୍ଡିଆ-ସି ୮ ପଏଣ୍ଟ ହାସଲ କରି ଫାଇନାଲରେ ପହଞ୍ଚିଛନ୍ତି। ଅନ୍ୟପକ୍ଷରେ ଇଣ୍ଡିଆ-ଏ ଦଳ ଗୋଟିଏ ବି ମ୍ୟାଚ୍ ଏହି ପ୍ରତିଯୋଗିତାରେ ଜିତି ପାରି ନାହିଁ।

ଗୁରୁବାର ପୂର୍ବାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ ଇଣ୍ଡିଆ-ସି ୨ରନରେ ଇଣ୍ଡିଆ-ଏକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ-ସି ୪ ଉଇକେଟ ବିନିମୟରେ ୧୩୫ରନ କରିଥିଲା। ଅଧିନାୟିକା ବେଦ କ୍ରିଷ୍ଣମୂର୍ତ୍ତୀ ସର୍ବାଧିକ ୪୭ରନ କରିଥିଲେ। ଇଣ୍ଡିଆ-ସି ଦଳରେ ସ୍ଥାନ ପାଇଥିବା ଓଡ଼ିଆ ଖେଳାଳି ମାଧୁରୀ ମେହେଟାଙ୍କୁ ପ୍ରଥମ ଥର ପାଇଁ ଉକ୍ତ ମ୍ୟାଚ୍‌ରେ ଖେଳିବାର ସୁଯୋଗ ଦିଆଯାଇଥିଲା। ଏହି ସୁଯୋଗର ଫାଇଦା ଉଠାଇ ଓପନିଂ କରିଥିବା ମାଧୁରୀ ୪ ଚୌକା ଓ ୧ ଛକା ବଲରେ ୩୬ରନ ସ୍କୋର କରିଥିଲେ। ଉଇକେଟ କିପର ନୁଜରତ ପରୱିନ ୨୬ ଓ ଦୟଲନ ହେମଲତା ୧୯ରନ କରିଥିଲେ। ଇଣ୍ଡିଆ-ଏ ପକ୍ଷରୁ ରାଧା ଯାଦବ ସର୍ବାଧିକ ୩ଟି ଉଇକେଟ ଅକ୍ତିଆର କରିଥିଲେ। ୧୩୬ରନ ବିଜୟ ଲକ୍ଷ୍ୟ ପିଛା କରି ଇଣ୍ଡିଆ-ଏ ପ୍ରଥମ ଉଇକେଟରେ ୪୯ରନ ସଂଗ୍ରହ କରିଥିଲା। ଓପନର ତାନିୟା ଭାଟିଆ ଓ ପ୍ରିୟା ପୁନିଆ ପ୍ରାରମ୍ଭରୁ ଚମତ୍କାର ବ୍ୟାଟିଂ କରିଥିଲେ। ତାନିୟା ୩୧ରନରେ ଆଉଟ ହୋଇଥିଲେ। ପରେ ପ୍ରିୟା ୮ ଚୌକା ବଲରେ ୬୦ରନ କରି ପ୍ୟାଭିଲିୟନ ଫେରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୧୩ରନରେ ଆଉଟ ହେବା ପରେ ଦଳର ଅନ୍ୟ କେହି ଖେଳାଳି ଅଧିକ ସମୟ କ୍ରିଜରେ ତିଷ୍ଠି ପାରି ନ ଥିଲେ। ଦୀପ୍ତି ଶର୍ମା ୧, ଭାରତୀ ଫୁଲମଲି ୧୦, ସ୍ନେହ ରାଣା ୧, ଶିବାଳି ସିନ୍ଦେ ୩, ମାନସୀ ଯୋଶୀ ୧୦, ମେଘନା ସିଂ ୨, ରାଧା ଯାଦବ ୨ରନ କରିଥିଲେ। ଇଣ୍ଡିଆ-ଏ ୯ ଉଇକେଟ ହରାଇ ୧୩୩ରନ କରିବା ସହ ଅଳ୍ପକେ ବିଜୟରୁ ବଞ୍ଚିତ ହୋଇଥିଲା। ଇଣ୍ଡିଆ-ସି ପକ୍ଷରୁ ରାଜେଶ୍ୱରୀ ଗାଏକ୍ୱାଡ ଓ ଅରୁନ୍ଧତୀ ରେଡ୍ଡୀ ୩ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। କ୍ଷମା ସିଂ ଓ ତନୁଶ୍ରୀ ସରକାରଙ୍କୁ ଗୋଟିଏ ଲେଖାଏ ଉଇକେଟ ମିଳିଥିଲା।

ଅପରାହ୍ନରେ ଅନୁଷ୍ଠିତ ମ୍ୟାଚ୍‌ରେ



ବାରବାଟୀ ଷ୍ଟାଡିୟମରେ ଗୁରୁବାର ବ୍ୟାଟିଂ ଅବସରରେ ଇଣ୍ଡିଆ 'ବି'ର ସ୍ମୃତି ମନ୍ଧାନା।

### ସୁଶ୍ରୀ, ମାଧୁରୀଙ୍କ ପ୍ରଭାବୀ ପ୍ରଦର୍ଶନ

ଇଣ୍ଡିଆ-ବି ଦଳ ୫ ଉଇକେଟରେ ଇଣ୍ଡିଆ-ସିକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଇଣ୍ଡିଆ-ସି ୮ ଉଇକେଟ ହରାଇ ୧୪୮ରନ କରିଥିଲା। ଓପନର ସେଫାଳୀ ବର୍ମା ସର୍ବାଧିକ ୪୬ରନ କରିଥିଲେ। ଅନ୍ୟତମ ଓପନର ତଥା ଓଡ଼ିଆ ଖେଳାଳି ମାଧୁରୀ ୭ରନରେ ଆଉଟ ହୋଇଥିଲେ। ଜିନସୀ ଜର୍ଜ ୨୪, ଭୃଶାଳି ଭଗତ ୧୬, ଅରୁନ୍ଧତୀ ରେଡ୍ଡୀ ୧୯ରନ କରିଥିଲେ। ଅନ୍ୟ କେହି ଖେଳାଳି ଦୁଇ ଅଙ୍କ ଛୁଇଁ ପାରି ନ ଥିଲେ। ଇଣ୍ଡିଆ-ବି ପକ୍ଷରୁ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀଙ୍କ ସମେତ ରେଣୁକା ସିଂ ଓ ତନୁଜା କନୱାରଙ୍କୁ ୨ଟି ଲେଖାଏ ଉଇକେଟ ମିଳିଥିଲା। ଅଞ୍ଜଳି ଶ୍ରାବଣୀ ଗୋଟିଏ ଉଇକେଟ ଅକ୍ତିଆର କରିଥିଲେ। ଇଣ୍ଡିଆ-ବି ଦଳ ୫ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ପୂଜା ବସ୍ତ୍ରକାର ୩୭, ରିଚା ଘୋଷ ୨୬, ଭେଲାସ୍ୱାମୀ ଭନିଥା ୨୬, ଅଧିନାୟିକା ସ୍ମୃତି ମନ୍ଧାନା ୨୪, ରବି କଳ୍ପନା ୨୨ରନ କରିଥିଲେ। ସୁଶ୍ରୀ ୧ରନରେ ଅପରାଜିତ ଥିଲେ। ଇଣ୍ଡିଆ-ସି ପକ୍ଷରୁ କ୍ଷମା ସିଂ, ଦୟଲାନ ହେମଲତା, ଅରୁନ୍ଧତୀ ରେଡ୍ଡୀ, ତନୁଶ୍ରୀ ସରକାର, ଭୃଷାଳି ଭଗତ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

ଜନ୍ମଦିନ ଶୁଭେଚ୍ଛା



(ଯଶରାଜ)
ହୃଷିକେଶ ଛତ୍ରୀଆ
ନି: ଉଡାର, ଦେଓଗାଁ, ବଲାଙ୍ଗୀର
ବାପା: ପ୍ରଦୀପ କୁମାର ଛତ୍ରୀଆ
ମାତା: ଚୌରାସିନୀ ଛତ୍ରୀଆ
ତୋର ୮ମ ଜନ୍ମଦିନ ଅବସରରେ ପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛୁ, ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:- ଅଜା: ସାରଦୁଲ, ସୁନା, ସୁରୁ, ଆଈ: ଅର୍ଣ୍ଣ, କାକା: ବିହାରୀ, ଉତ୍ତମ, ଆନନ୍ଦ, ମହେଶ, ଶ୍ରୀତମ, ଆୟୁଷ, କାକି: ନିରୁପମା, ଭାଇ: ଆକାଶ, ଆରପ, ହବି, ଭଉଣୀ: ଯଶମିନ, ରୋଜୀ, ହନି, ମାମୁ: ଲୋଚନ, କ୍ରୀଷ୍ଣା, ବଡବାପା: ଭୀଷ୍ମ, ବିସ୍ମରାଜ, ଅରୁଣ, ବଡମା: ବିଲାସିନୀ, କୁମଦିନୀ, ବିନୋଦିନୀ, ମାଈଁ: ଲବଙ୍ଗ ତଥା ଛତ୍ରୀଆ ପରିବାର ଓ ବନ୍ଧୁବର୍ଗ।
ଧ-୧୬୧୧୫

### ଆନ୍ତଃ ସ୍କୁଲ ଫୁଟବଲ ୧୩ରୁ

କଟକ ଅଫିସ, ୯।୧

ଓଡ଼ିଶା ଭେଟେରାନ ସ୍ପୋର୍ଟ୍ସ ପର୍ସନ୍ସ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ଜାନୁୟାରୀ ୧୩ରୁ ୨୦ ତାରିଖ ପର୍ଯ୍ୟନ୍ତ ପ୍ୟାରୀମୋହନ ଏକାଡେମୀ ଖେଳପଡ଼ିଆଠାରେ ଆନ୍ତଃ ସ୍କୁଲ ବସନ୍ତ ଦାସ ସ୍ମାରକୀ ସିନିୟର ଏବଂ ଭଗବାନ ଦାସ ସ୍ମାରକୀ ଜୁନିୟର ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ସିନିୟର ବିଭାଗରେ ୧୨ଟିଏବଂ ଜୁନିୟର ବିଭାଗରେ ୧୬ଟି ଦଳ ଅଂଶଗ୍ରହଣ କରିବେ। ପ୍ରତିଦିନ ଜୁନିୟର ଏବଂ ସିନିୟର ବିଭାଗରେ ୪ଟି ମ୍ୟାଚ୍ ଖେଳାଯିବ। ଜାନୁୟାରୀ ୨୦ ତାରିଖରେ ଉଭୟ ବିଭାଗର ଫାଇନାଲ ହେବ। ସିନିୟର ବିଭାଗର ଚାମ୍ପିୟନ ଦଳକୁ ସ୍ୱର୍ଗତ ବସନ୍ତ ଦାସ ସ୍ମାରକୀ ଟ୍ରଫି ଏବଂ ଜୁନିୟର ବିଭାଗର ଚାମ୍ପିୟନ ଦଳକୁ ଭଗବାନ ଦାସ ସ୍ମାରକୀ ଟ୍ରଫି ପ୍ରଦାନ କରାଯିବ ବୋଲି ଆସୋସିଏଶନର ସମ୍ପାଦକ ଶ୍ରଦ୍ଧାନନ୍ଦ ଦାସ କହିଛନ୍ତି।

### ଫାଇନାଲରେ ରିୟଲ ମାଡ୍ରିଡ୍

ଜେଡା, ୯।୧ (ଏଏଫ୍‌ପି)

ଜିନେଡିନ ଜିଡାନେଙ୍କ ରିୟଲ ମାଡ୍ରିଡ୍ ଦଳ ସ୍ପାନିଶ ସୁପର୍ କପ୍ ଫାଇନାଲରେ ପ୍ରବେଶ କରିଛି। ସେମିଫାଇନାଲ ମୁକାବିଲାରେ ଏହି ସ୍ପାନିଶ କ୍ଲବ ୩-୧ ଗୋଲରେ ଭାଲେନିକାକୁ ହରାଇ ଦେଇଛି। ମ୍ୟାଚ୍‌ର ୧୫ତମ ମିନିଟ୍‌ରେ ଟୋନି କ୍ରୁଜ୍ କର୍ନର କିକ୍‌ରୁ ସିଧାସଳଖ ଚମତ୍କାର ଗୋଲସ୍କୋର କରି ରିୟଲ ମାଡ୍ରିଡ୍‌କୁ ୧-୦ ଗୋଲରେ ଅଗ୍ରଣୀ କରାଇଥିଲେ। ଏହାପରେ ଇସ୍‌କୋ ଓ କ୍ରୋଏସିଆ ଫୁଟ୍‌ବଲ ଷ୍ଟାର୍ ଲୁକା ମୋଡ୍ରିକ୍ ଯଥାକ୍ରମେ ୩୯ତମ ଓ ୬୫ତମ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ଦେଇ ଦଳକୁ ୩-୦ରେ ଏକପାଖିଆ ଭାବେ ଅଗ୍ରଣୀ କରିଥିଲେ।

## ପଞ୍ଜାବ ସହ ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)

ପଞ୍ଚକୁଲାରେ ଗୁରୁବାର ଅନୁଷ୍ଠିତ ପଞ୍ଜାବ ଓ ଓଡ଼ିଶା ଏଫସି ଏଆଇଏଫଏଫ ଏଲିଟ ଲିଗ୍ (୧୮ ବର୍ଷରୁ କମ୍) ମ୍ୟାଚ ଡ୍ର ରହିଛି। ପଞ୍ଜାବ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ ହେଁ ଓଡ଼ିଶା ଏଫସି ପ୍ରଭାବୀ ପ୍ରଦର୍ଶନ କରି ମ୍ୟାଚକୁ ଗୋଲ ଶୂନ୍ୟ ରଖିଥିଲା। ଗୋଲକିପର ଅଲିମ ରହମାନ ମୋଲ୍ଲା ଚମତ୍କାର ପ୍ରଦର୍ଶନ କରି ପଞ୍ଜାବ ପକ୍ଷରୁ ହୋଇଥିବା ଏକାଧିକ ଉଦ୍ୟମକୁ ପଣ୍ଡ କରିଥିଲେ। ଡିଫେଣ୍ଡରଙ୍କ ପ୍ରଦର୍ଶନ ମଧ୍ୟ ଦର୍ଶନୀୟ ଥିଲା। ଲିଗ୍‌ରେ ଓଡ଼ିଶା ଏଫସି ଏହାର ପରବର୍ତ୍ତୀ ମ୍ୟାଚ ୧୪ ତାରିଖରେ ୟୁଥ୍ ଫୁଟବଲ କ୍ଲବ ବିପକ୍ଷରେ ଖେଳିବ।

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ମହିଳା ଫୁଟବଲ ଆରମ୍ଭ



ଅଂଶଗ୍ରହଣକାରୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୯।୧(କ୍ରୀଡ଼ା ପ୍ରତିନିଧି)

ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଆନ୍ତଃ ଜୋନ୍ ମହିଳା ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ପ୍ରତିଯୋଗିତାରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ତଥା ଓଡ଼ିଶା ମହିଳା ଫୁଟବଲ ଦଳର କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ, କିଟ୍‌ର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। କିଟ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ସମସ୍ତ ପ୍ରତିଯୋଗୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚରେ ମାଡ୍ରାସ, ପଞ୍ଜାବ, ଗୋଆ, ମଦୁରାଇ କାମରାଜ, କାଲିକଟ, ଏମଡିୟୁ ରୋହତକ, ଜିଏନଡିୟୁ ଅମୃତସର, ଏଲ୍‌ଏନ୍‌ଆଇପିଇ ଗ୍ୱାଲିଅର, ଆନ୍ନାମଲାଇ ଏବଂ ବିଆର୍‌ଏ ବିହାର ବିଶ୍ୱବିଦ୍ୟାଳୟ ବିଜୟ ହାସଲ କରିଛନ୍ତି।

## ଆଜିଠାରୁ ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସ

### ଉଦ୍‌ଘାଟନୀ ଉତ୍ସବରେ ମଶାଲ ଧରିବେ ହିମା

ଗୁଆହାଟୀ,୯।୧(ପି.ଟି.)

ଶୁକ୍ରବାରଠାରୁ ଆରମ୍ଭ ହେବାକୁ ଯାଉଛି ଖେଲୋ ଇଣ୍ଡିଆ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣ। ସ୍ଥାନୀୟ ସାରୁସରାଇ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଆୟୋଜନ ହେବାକୁ ଯାଉଥିବା ଏହି ମେଗା ଇଭେଣ୍ଟରେ ଗତଥରର ଚାମ୍ପିୟନ ମହାରାଷ୍ଟ୍ର ଓ ରନର୍ସଅପ୍ ହରିୟାଣା ମଧ୍ୟରେ ମୁଖ୍ୟତଃ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ଗତ ସଂସ୍କରଣରେ ମହାରାଷ୍ଟ୍ର ମୋଟ ଉପରେ ୨୨୮ଟି ପଦକ ହାସଲ କରିଥିଲା। ଏଥର ମହାରାଷ୍ଟ୍ର ତରଫରୁ ୫୭୯ ଜଣିଆ ଏକ ଶକ୍ତିଶାଳୀ ଦଳ ଅଂଶଗ୍ରହଣ କରିବ। ଏଥର କିନ୍ତୁ ହରାୟାଣା ବିପର୍ଯ୍ୟୟ ଘଟାଇବା ଆଶା କରାଯାଉଛି। ଏକ ବଡ଼, ଶକ୍ତିଶାଳୀ ଦଳ ସହ ହରିୟାଣା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବ ଓ ଚାମ୍ପିୟନ ହେବାକୁ ପ୍ରୟାସ କରିବ।

ପ୍ରାରମ୍ଭିକ ସଂସ୍କରଣରେ ହରିୟାଣା ଚାମ୍ପିୟନ ହୋଇଥିଲା। ଏଥର ହରିୟାଣା ତରଫରୁ ୬୮୨ ଜଣ ଆଥଲେଟ ଅଂଶଗ୍ରହଣ କରିବେ। ମହାରାଷ୍ଟ୍ର ସମେତ ଅନ୍ୟ ୩୪ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ହରିୟାଣା ଟକ୍କର ଦେବ ବୋଲି ଆଶା କରାଯାଉଛି। ଗତ ଦୁଇଟି ସଂସ୍କରଣରେ ଦିଲ୍ଲୀ ତୃତୀୟ ସ୍ଥାନରେ ରହିଥିଲା। ଏଥର ଆହୁରି ଭଲ ପ୍ରଦର୍ଶନ କରି ଦିଲ୍ଲୀ ୧ କିମ୍ବା ୨ ନମ୍ବର ସ୍ଥାନ ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି କ୍ରୀଡ଼ା ମହାକୁମ୍ଭରେ ମୋଟ ଉପରେ ୨୦ଟି କ୍ରୀଡ଼ାରେ ୬, ୫୦୦ ଆଥଲେଟ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ସାଇକ୍ଲିଂ ଓ ଲନ୍ ବଲ୍ସ ଖେଳାଯିବା କାର୍ଯ୍ୟକ୍ରମ ରହିଛି। ଭାରତ ପାଇଁ ଏହା ସର୍ବବୃହତ୍ ପ୍ରତିଭା ଅନ୍ୱେଷଣ କ୍ରୀଡ଼ା ସାବ୍ୟସ୍ତ ହେବାକୁ ଯାଉଛି। ଗତବର୍ଷ ପୁଣେରେ ୫, ୯୨୫ଜଣ ଆଥଲେଟ ଅଂଶଗ୍ରହଣ କରିଥିଲେ।

୧୭ ଓ ୨୧ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିମାନେ ଅଂଶଗ୍ରହଣ କରୁଥିବାରୁ ଏଥର ଏହି ଇଭେଣ୍ଟ ବେଶ୍ ମଜାଦାର ହେବ। ଏସିଆନ୍ ଗେମ୍ସ ୪୦୦ମି. ରୌପ୍ୟ ପଦକ ବିଜେତା ହିମା ଦାସ ଉଦ୍‌ଘାଟନୀ ଉତ୍ସବରେ ମଶାଲ ବହନ କରିବେ। ତେବେ ସେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ ନାହିଁ। ସେହିପରି ଝାଡଖଣ୍ଡର ରିକର୍ଭ ଅର୍ଚର କୋମିଲିକା ବାରି ଅନ୍ୟତମ ତାରକା ଖେଳାଳିଭାବେ ଅଂଶଗ୍ରହଣ କରିବେ। ୱାର୍ଲ୍ଡ ରିକର୍ଭ କାଡେଟ ବାଳିକା ଚାମ୍ପିୟନ ୨୧ ବର୍ଷରୁ କମ୍ ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ଏହି ଦଳ ଗତବର୍ଷ ୧୭ ବର୍ଷରୁ କମ୍ ବିଭାଗରେ ଚାମ୍ପିୟନ ହୋଇଥିଲା। ସେହିପରି ପଞ୍ଜାବ ତାରକା ତୀରନ୍ଦାଜ ସଙ୍ଗମପ୍ରୀତ୍ ବିସ୍‌ଲା, ସୁଖବିନ୍ଦର ସିଂ ଓ ମହାରାଷ୍ଟ୍ରର ସଞ୍ଜୟ ଫଡଟାରେ ମଧ୍ୟ ପ୍ରତିଯୋଗିତାରେ ଭାଗ ନେବେ।

ସୁଇମିଂରେ ତାରକା ସନ୍ତରଣକାରୀ କର୍ନାଟକର ଶ୍ରୀହରି ନଟରାଜ, ଦିଲ୍ଲୀର କୁଶଗ୍ର ରାୱତ୍, ଗୁଜରାଟର ମାନା ପଟେଲ ଓ ମହାରାଷ୍ଟ୍ରର କେନିଶା ଗୁପ୍ତା ମଧ୍ୟ ପ୍ରତିଯୋଗିତାରେ ଭାଗ ନେବେ। କେରଳର ତାରକା ଆଥଲେଟ୍ ଜିସ୍‌ନା ମାଥ୍ୟୁ, ଏମ. ଶ୍ରୀଶଙ୍କର ଯଥାକ୍ରମେ ୨୧ ବର୍ଷରୁ କମ୍ ୪୦୦ମି. ଓ ୨୧ ବର୍ଷରୁ କମ୍ ଲଙ୍ଗଜମ୍ପରେ ଭାଗ ନେବେ। ଗୁଜରାଟ ତରଫରୁ ଅଜିତ କୁମାର ଯାଦବ ଦୌଡ଼ରେ, କର୍ନାଟକ ସ୍ପ୍ରିଣ୍ଟର ଭି.ଏ. ଶଶିକାନ୍ତ ଓ ଏ.ଟି. ଦାନେଶ୍ୱରୀ ଓ ହାଇଜମ୍ପର ଏନ୍. ପାଭନା ଓ ଉତ୍ତର ପ୍ରଦେଶର ଶୈଳୀ ସିଂ ମଧ୍ୟ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହେବେ।

ଶୁଟିଂରେ ଜସପାଲ ରାଣାଙ୍କ ଝିଅ ଦେବାଂଶୀ ରାଣା (ଦିଲ୍ଲୀ), ତେଲଙ୍ଗାନାର ଧନୁଷ ଶ୍ରୀକାନ୍ତ, ପଞ୍ଜାବର ସ୍କିଟ୍ ଶୁଟର ଗୁରନିହାଲ ସିଂ ଗର୍ଚ୍ଚା ମଧ୍ୟ ଭାଗ୍ୟ ପରୀକ୍ଷା କରିବେ। ବକ୍ସିଂ ଓ ରେସଲିଂରେ ହରିୟାଣା ସମସ୍ତଙ୍କୁ ପଛରେ ପକାଇବା ଆଶା କରାଯାଉଛି। ମହାରାଷ୍ଟ୍ରରୁ ୫୭୯, ଉତ୍ତର ପ୍ରଦେଶରୁ ୪୩୦, ପଞ୍ଜାବରୁ ୩୯୦, ତାମିଲନାଡୁରୁ ୩୫୬ ଓ ଅନ୍ୟ ରାଜ୍ୟଗୁଡ଼ିକରୁ ୩୦୦ ଆଥଲେଟ ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବେ। ଦାଦ୍ରା ନଗର ହାଭେଲିରୁ ସବୁଠାରୁ ଛୋଟ ଦଳ (୩ଜଣ) ଅଂଶଗ୍ରହଣ କରିବ ଓ ଏହି ଇଭେଣ୍ଟରେ ପଦାର୍ପଣ କରିବ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ, ସ୍ୱାମୀ-ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମବିବାହ, ପ୍ରପର୍ଟି କୋର୍ଟକେସ୍, ଗୁପ୍ତରୋଗ, ପୁରୁଣା ଯନ୍ତ୍ରଣା, ଔଷଧ କାମ ନ କରିବା, ବଶୀକରଣ, ଯାଦୁ-ଟୋନା, ଗୁଣିଗାରେଡ଼ି, ପୋଡାଧନ
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ: ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ



ବାବା କମାଲ ଖାନ୍ (ଅଜମେର ୱାଲେ)
ମାଷ୍ଟର କ୍ୟାଣ୍ଟିନ୍, ଏକ୍ସିସ୍ ବ୍ୟାଙ୍କ ନିକଟ, ଭୁବନେଶ୍ୱର
କାମ ନ ହେଲେ ଟଙ୍କା ଫେରସ୍ତ
ଆପଣଙ୍କ ଝିଅକୁ ଆପଣଙ୍କ ଜ୍ୱାଇଁ କିମ୍ବା ବାହାରର କେହି ଲୋକ, ଶାଶୁଘର ଲୋକେ ହଇରାଣ କରୁଛନ୍ତି କି?
9650446732 9990987786

# ସଇନିଙ୍କ ମ୍ୟାଜିକ୍‌କୁ ଅପେକ୍ଷା

**ଗୌତମ ଗମ୍ଭୀର**

ଇନ୍ଦୋରରେ ଶ୍ରୀଲଙ୍କା ବିପକ୍ଷ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ରେ ନବଦୀପ ସଇନି ଯେପରି ଭାବେ ଚମତ୍କାର ବୋଲିଂ କଲେ ସେଥିରେ ଅଧିନାୟକ ବିରାଟ କୋହଲି ଖୁବ୍ ଆନନ୍ଦିତ ହୋଇଥିବେ। କାରଣ ତାଙ୍କ ବୋଲିଂ ଆକ୍ରମଣ ଆହୁରି ଶକ୍ତିଶାଳୀ ହୋଇପାରିଛି। ସଇନିଙ୍କ ବ୍ୟତୀତ ତାଙ୍କ ପାଖରେ ପ୍ରତିଭା ସମ୍ପନ୍ନ ଯଶପ୍ରୀତ ବୁମ୍‌ରା, ମହମ୍ମଦ ଶାମି, ଦୀପକ ଚହର, ଭୁବନେଶ୍ୱର କୁମାର ଏବଂ ଈଶାନ୍ତ ଶର୍ମା ପ୍ରମୁଖ ବୋଲର ରହିଛନ୍ତି। ଆବଶ୍ୟକତା ଅନୁଯାୟୀ ସେମାନଙ୍କୁ ସେ ବ୍ୟବହାର କରିପାରିବେ। ଟିମ୍ ଇଣ୍ଡିଆର ଫାଷ୍ଟ ବୋଲିଂ ସମ୍ବଳକୁ ନେଇ କୋହଲି ଗର୍ବ ଅନୁଭବ କରୁଥିବା ସ୍ୱାଭାବିକ। ୨୦୧୩-୧୪ ଘରୋଇ ସିଜନରେ ମୋ ଦିଲ୍ଲୀ ଟିମ୍‌ମେଟ୍ ସୁମିତ ନରୱାଲ ମୋ ସହିତ ସଇନିଙ୍କୁ ପରିଚୟ କରାଇଥିଲେ। ଦିଲ୍ଲୀ ଟିମ୍‌ର ଅଧିନାୟକ ଥିବାବେଳେ ଏହି ପ୍ରତିଭାସମ୍ପନ୍ନ ଖେଳାଳି କିପରି ଭାରତୀୟ ଦଳରେ ସ୍ଥାନ ମିଳିବ ସେ ଦିଗରେ ଚେଷ୍ଟା କରିଥିଲି। କାରଣ ଆମର ସବୁବେଳେ କ୍ୱାଲିଟି ଫାଷ୍ଟ ବୋଲରଙ୍କ ସନ୍ଧାନରେ ଥାଉ। ଦିଲ୍ଲୀ ରଣଜୀ ଦଳର ନେଟ୍ ପ୍ରାକ୍ଟିସ ବେଳେ ବୋଲିଂ ପାଇଁ ନରୱାଲ ସଇନିଙ୍କୁ ପ୍ରବର୍ତ୍ତାଇଥିଲେ। ମାତ୍ର ସେ ଆସି ନ ଥିଲେ। ଦିଲ୍ଲୀ ରଣଜୀ ଟିମ୍‌ର ନେଟ୍ସ ବେଳେ ନେଟ୍ ବୋଲର ହେବା ଅପେକ୍ଷା ସଇନି ଟେନିସ ବଲ୍ ଗେମ୍ ଖେଳିବାକୁ ଆଗ୍ରହୀ ବୋଲି ପରେ ନରୱାଲ ମୋତେ କହିଥିଲେ। କିନ୍ତୁ ଏହି ଖେଳାଳିଙ୍କ ଭାଗ୍ୟରେ ଭିନ୍ନ କଥା ଲେଖାଥିଲା। କୌଣସି କାରଣରୁ ସଇନିଙ୍କ ଟେନିସ ବଲ୍ ମ୍ୟାଚ ବାତିଲ ହୋଇଯାଇଥିଲା। ନରୱାଲ ମୋ ନିକଟକୁ ବିଳମ୍ବିତ ରାତିରେ ଫୋନ୍ କରିଥିଲେ। ଫିରୋଜ ଶାହ କୋଟ୍‌ଲାରେ ସଇନି ଆମ ସହିତ ରହିବେ ବୋଲି କହିଥିଲେ। ନରୱାଲ ସଇନିଙ୍କୁ ବାଳକ ଅବସ୍ଥାରୁ ଜାଣିଛନ୍ତି। କର୍ନାଲ ପ୍ରିମିୟର ଲିଗ୍ ଏବଂ ଅନ୍ୟ ଆଞ୍ଚଳିକ କ୍ରିକେଟ ଟୁର୍ନାମେଣ୍ଟରେ ତାଙ୍କ ଖେଳ ଦେଖିଛନ୍ତି। ସେତେବେଳେ ୪ରୁ ୫ଟି ମ୍ୟାଚ ଖେଳିବା ଲାଗି ସଇନି ୨୧୦୦ ଟଙ୍କାରେ ବିକ୍ରି ହୋଇଥାନ୍ତି। ମାତ୍ର ୫ବର୍ଷ ପରେ ପରିସ୍ଥିତି ବଦଳିଛି। ଆଇପିଏଲ୍ ଖେଳାଳି ନିଲାମିରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ତାଙ୍କୁ ୩ କୋଟି ଟଙ୍କାରେ କ୍ରୟ କରିଛି। ସଇନି ଯେହେତୁ ଟେନିସ ବଲ୍ କ୍ରିକେଟରୁ ଆରମ୍ଭ କରିଛନ୍ତ, ବୋଧହୁଏ ସେଇଥିପାଇଁ ସେ ତୀକ୍ଷ୍ଣ ଓ ବାଉନ୍ସର ବଲ୍ ପକାଇପାରୁଛନ୍ତି। ବିଚିତ୍ର ବୋଲିଂ ଆକ୍ସନ ଯୋଗୁ ଏହି ବୋଲର ଅଜବ ବାଉନ୍ସ ପକାଇବାରେ ସହାୟକ ହେଉଛି। ଗତ ମ୍ୟାଚରେ ରାଜପାକ୍ସେଙ୍କ ଆଉଟ କଥା ମନେ ପକାଇଲେ ମୁଁ ଯାହା କହୁଛି ତାହା ଠଉରେଇ ହେବ। ଭାରତର ଫାଷ୍ଟ ବୋଲର ଦଳ ବାସ୍ତବିକ୍ ଟିମ୍ ପାଇଁ ଏକ ବଡ଼ ସମ୍ବଳ। ବୋଲିଂ କୋଚ୍ ଭରତ ଅରୁଣଙ୍କୁ ଏହାର ଶ୍ରେୟ ଯିବା ଉଚିତ। ଶୁକ୍ରବାର ପୁଣେ ଗେମ୍‌ରେ ପୁଣି ସଇନିଙ୍କ ମ୍ୟାଜିକ୍ ବୋଲିଂ ନମୁନା ଦେଖିବାକୁ ମିଳିବ ବୋଲି ଆଶା। ଅନ୍ୟପକ୍ଷରେ ଏହି ମ୍ୟାଚରେ ଶ୍ରୀଲଙ୍କା ଭଲ କରିବାକୁ ଆପ୍ରାଣ ଚେଷ୍ଟା କରିବ। କାରଣ ଏହା ଦଳ ପାଇଁ ସମ୍ମାନର ପ୍ରଶ୍ନ। ମୋ ନଜର କିନ୍ତୁ କେ. ଏଲ୍. ରାହୁଲଙ୍କ ଉପରେ ରହିବ। କୋହଲି ଏବଂ ରୋହିତଙ୍କ ପରେ ଭାରତର ପରବର୍ତ୍ତୀ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ହେବାକୁ ଯାଉଛନ୍ତି ବୋଲି ମୋର ମନେହେଉଛି।

(ଗେମ୍‌ପ୍ଲାନ/ଦୀନେଶ ଚୋପ୍ରା ମିଡ଼ିଆ)

#WhatDrivesYou
EXIDE

## ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ




ସ୍ୱର୍ଗତ ଅନ୍ତର୍ଯ୍ୟାମୀ ସାହୁ
ଗୁଣ୍ଡିଚାପଡା, ଢେଙ୍କାନାଳ
ଆବିର୍ଭାବ: ୧୫।୦୪।୧୯୪୯
ତିରୋଧାନ: ୩୧।୧୨।୨୦୧୯
ଆପଣଙ୍କ ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏତିକି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ ପରିବାରବର୍ଗ:
ଧର୍ମପତ୍ନୀ: ପ୍ରେମଲତା ସାହୁ, ପୁତ୍ର, ପୁତ୍ରବଧୂ, ବେବି, ରୁବି, ଭାଇ, ନାତି ନାତୁଣୀ: ଓମ୍, ଶ୍ରୀ, ହରି, ପୁତୁରା, ପୁତୁରା ବୋହୂ, ବନ୍ଧୁ ଓ ପରିବାରବର୍ଗ ତଥା ସହକର୍ମୀବୃନ୍ଦ।
ଧ-୧୬୧୧୧

ଷଷ୍ଠ ଶ୍ରାଦ୍ଧଦିବସ



ହାଲି ବାବୁଙ୍କ
ସ୍ମୃତିରେ....
ଶିକ୍ଷାବିତ୍ ୰ ହାଡ଼ିବନ୍ଧୁ ହାଲି
ବଡ଼ଗଡ଼, ଭୁବନେଶ୍ୱର-୧୮
ଚାହୁଁ ଚାହୁଁ ଛଅବର୍ଷ ବିତିଗଲାଣି, ଆପଣଙ୍କ ଆଶୀର୍ବାଦ ଲାଭ କରି ଆମେ ଜୀବନ ବିତାଉଅଛୁ। ତୁମେ ଯେଉଁଠି ରହିଲେ ବି ଭଲରେ ରୁହ। ଏହାହିଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶିକ୍ଷାବିତ୍ ହାଡ଼ିବନ୍ଧୁ ହାଲି ଫାଉଣ୍ଡେସନ।
ଶ୍ରୀ ପ୍ରଦୋଷ ପଟ୍ଟନାୟକ
ଶ୍ରୀ ରବୀନ୍ଦ୍ର ବିଶ୍ୱାଳ
ଡକ୍ଟର ମିନାକ୍ଷୀ ଦାସ
ଶ୍ରୀ ଦିଲ୍ଲୀପ ହାଲି
ଙ୍କ ରାହୁଲ ହାଲି
ଶ୍ରୀମତୀ କଳ୍ପନା ହାଲି
ଶ୍ରୀମତୀ ଅଳକା ପଣ୍ଡା
ଧ-୧୬୧୧୧

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ତାରା ପ୍ରସାଦ ମହାନ୍ତି
EB 361, ଲକ୍ଷ୍ମୀ ସାଗର, ଭୁବନେଶ୍ୱର
ଆବିର୍ଭାବ: ରାକ୍ଷୀ ପୂର୍ଣ୍ଣିମା (୧୯୩୩)
ତିରୋଧାନ: ପୌଷ ପୂର୍ଣ୍ଣିମା (୨୦୦୭)
ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ।
ଧ-୧୬୧୧୩

ଏକାଦଶାହ ଉପଲକ୍ଷେ



ସ୍ୱର୍ଗତ ଶ୍ୟାମ ସୁନ୍ଦର ମଲ୍ଲିକ
ଗ୍ରାମ: ଶରଡିହ, ପୋ: ନନ୍ଦିପୁର, ଯାଜପୁର
ଆବିର୍ଭାବ: ୧୦।୦୧।୧୯୨୫
ତିରୋଧାନ: ୩୧।୧୨।୨୦୧୯
ହଠାତ୍ ଆପଣ ଆମକୁ ଛାଡି ଚାଲିଯିବେ, ଏକଥା ସ୍ୱପ୍ନରେ ସୁଦ୍ଧା ଚିନ୍ତା କରିପାରୁନୁ। ପ୍ରତ୍ୟେକ ମୁହୂର୍ତ୍ତ ଆପଣ ଛାଡ଼ିଯାଇଥିବା ପଦଚିହ୍ନର ସ୍ମୃତିଚାରଣ କରୁଛୁ। ଆପଣଙ୍କ ଅମର ଆତ୍ମା ଶାନ୍ତିପାଉ ଆଜିର ଦିନରେ ଏତିକି କାମନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୧୬୧୧୪

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଶୁକ୍ରବାର, ଜାନୁୟାରୀ ୧୦/୨୦୨୦ Bhubaneswar, Friday, January 10/2020


# ବଡ଼ବଡ଼ିଆଙ୍କ ଇଙ୍ଗିତରେ ଆତ୍ମସାତ୍

## ଯାଜପୁର ଆରଡବ୍ଲ୍ୟୁଏସ୍ଏସ୍ ବିଭାଗ

- ତିତ୍ଲି, ଫନୀ ନାମରେ ୨.୯୦ କୋଟି ଉଭାନ
- ମରାମତି ରିପୋର୍ଟରେ ରହୁନି ତାଳମେଳ
- ଖର୍ଚ୍ଚ ନ ହୋଇ ମିଥ୍ୟା ୟୁସି ଦାଖଲ



**ଯାଜପୁର ଅଫିସ,୯।୧**

ଯାଜପୁର ଜିଲା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ (ଆରଡବ୍ଲ୍ୟୁଏସ୍ଏସ୍) ବିଭାଗରେ ତିତ୍ଲି ଓ ଫନୀ ବାତ୍ୟା ନାମରେ ହୋଇଥିବା ପୁନରୁଦ୍ଧାର କାର୍ଯ୍ୟରେ ପ୍ରାୟ ୧କୋଟି ୯୦ଲକ୍ଷ ୮୫ହଜାର ଟଙ୍କା ଆତ୍ମସାତ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଏହା ସ୍ପଷ୍ଟ ହୋଇଛି। ଏହାବାଦ ଆରଡବ୍ଲ୍ୟୁଏସ୍ଏସ୍ ଯାଜପୁର ଡିଭିଜନର ନିର୍ବାହୀ ଯନ୍ତ୍ରୀ ଦାଖଲ କରିଥିବା ବିନିଯୋଗ ପତ୍ର(ୟୁସି)ରେ ବ୍ୟାପକ ତ୍ରୁଟି ଆତ୍ମସାତ ସନ୍ଦେହକୁ ଘନୀଭୂତ କରିଛି। ଯଦ୍ୱାରା ଆରଡବ୍ଲ୍ୟୁଏସ୍ଏସ୍‌ର ଇଞ୍ଜିନିୟର-ଇନ୍-ଚିଫ୍ ଓଜିଏଫଆର(ଓଡିଶା ଜେନେରାଲ ଫାଇନାନ୍ସିଆଲ ରୁଲ୍ସ)-୭-ଏ ର ଉଲ୍ଲଂଘନ ହୋଇଥିବା ଦର୍ଶାଇ ଉଦ୍‌ବେଗ ପ୍ରକାଶ କରିବା ସହିତ ତ୍ରୁଟିପୂର୍ଣ୍ଣ ୟୁସିକୁ ଫେରସ୍ତ କରିଛନ୍ତି। ଏହି ମହାଦୁର୍ନୀତିରେ ଜିଲାର କେତେକ ବଡ଼ବଡିଆ ଅଧିକାରୀଙ୍କ ହାତ ଥିବା କୁହାଯାଉଛି। ତେବେ ଏହାର ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଗଲେ ବାସ୍ତବ ଚିତ୍ର ଲୋକଲୋଚନକୁ ଆସି ପାରିବ ବୋଲି ମତପ୍ରକାଶ ପାଇଛି।

୨୦୧୮ ଅକ୍ଟୋବର ୧୧ରେ ତିତ୍ଲି ବାତ୍ୟା ଆସିଥିଲା। ଜିଲା ଜରୁରୀକାଳୀନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଜିଲାର କେବଳ ଯାଜପୁର, ଦର୍ପଣ ଓ ବ୍ୟାସନଗର ତହସିଲର କେତେକ ଚାଷଜମି ତିତ୍ଲି ଯୋଗୁ କ୍ଷତିଗ୍ରସ୍ତ ହୋଇଥିଲା। ତେବେ ବାତ୍ୟାର ସୁଯୋଗ ନେଇ ଆରଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ୧୦୪ଟି ପାଇପ ଜଳଯୋଗାଣ ପ୍ରକଳ୍ପ ନଷ୍ଟ ହୋଇଥିବା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେଇଥିଲେ। ରିପୋର୍ଟରେ ତୁରନ୍ତ ମରାମତି ଓ ପୁନରୁଦ୍ଧାର ପାଇଁ ୨ କୋଟି ୫୦ଲକ୍ଷ ୩୨ ହଜାର ଟଙ୍କା ଅନୁଦାନ ଦେବାକୁ ଅନୁରୋଧ କରାଯାଇଥିଲା। ଏହି ରିପୋର୍ଟକୁ ଯାଜପୁର ଜିଲାପାଳ ମଧ ପ୍ରମାଣିତ କରିଥିଲେ। ଏହାପରେ ଏସ୍ଆର୍‌ସି ପାଣ୍ଠିରୁ ଆର୍‌ଡବ୍ଲ୍ୟୁଏସ୍ଏସ୍ ବିଭାଗର ଇଞ୍ଜିନିୟର-ଇନ୍-ଚିଫଙ୍କ ପତ୍ରସଂଖ୍ୟା ୧୦୫୨ ଓ ୧୮୪୩/୧।୨।୨୦୧୯ ଜରିଆରେ ଯାଜପୁର ଆରଡବ୍ଲ୍ୟୁଏସ୍ଏସ୍‌କୁ ୧କୋଟି ୫୩ଲକ୍ଷ ୯୭ହଜାର ଟଙ୍କା ଆବଣ୍ଟନ କରିଥିଲେ। ଏହି ଆବଣ୍ଟିତ ଅର୍ଥ ମଧ୍ୟରୁ ୧କୋଟି ୫୨ଲକ୍ଷ ୮୫ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ୟୁସିରେ ଦର୍ଶାଯାଇଛି। ୟୁସି ରିପୋର୍ଟ ଅନୁସାରେ ଯାଜପୁର ବ୍ଲକର ୨୦, ବିଞ୍ଝାରପୁର ବ୍ଲକର ୨୩, ଦଶରଥପୁର ବ୍ଲକର ୧୪ଟି ପ୍ରକଳ୍ପ, ବଡ଼ଚଣା ବ୍ଲକର ୧୧ ପ୍ରକଳ୍ପ, ବରୀ ବ୍ଲକର ୧୩ ପ୍ରକଳ୍ପ, ଧର୍ମଶାଳା ବ୍ଲକର ୭ ପ୍ରକଳ୍ପ, ରସୁଲପୁର ବ୍ଲକର ୧୦ ପ୍ରକଳ୍ପ ଏବଂ କୋରେଇ ବ୍ଲକର ୬ ପ୍ରକଳ୍ପରେ ପ୍ରାୟ ୧ଲକ୍ଷ ୫୦ହଜାର ଟଙ୍କା ଲେଖାଏ ଖର୍ଚ୍ଚ କରାଯାଇଛି। କିନ୍ତୁ ବାସ୍ତବରେ ଏହିସବୁ ପ୍ରକଳ୍ପ ତିତ୍ଲି ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇ ନ ଥିଲେ ହେଁ ମିଥ୍ୟା ବିଲ୍ ଭାଉଚର ଦର୍ଶାଇ ସମୁଦାୟ ଟଙ୍କାକୁ ଆତ୍ମସାତ ହୋଇଥିବା ଅଭିଯୋଗ ହୋଇଛି। ଗତ ୨ବର୍ଷ ହେଲା ଧର୍ମଶାଳା ବ୍ଲକରେ କେଉଁ କେଉଁ ପ୍ରକଳ୍ପର ମରାମତି ହୋଇଥିବା ସୂଚନା ଅଧିକାର ଆଇନ ବଳରେ ତଥ୍ୟ ହାସଲ ହୋଇଛି। ଏଥିରେ ବୃନ୍ଦାଦେଇପୁର ପଞ୍ଚାୟତର ବୃନ୍ଦାଦେଇପୁର ଜଳଯୋଗାଣ ପ୍ରକଳ୍ପ, ଉତ୍ତରପ୍ରତାପ ପଞ୍ଚାୟତର ନରସିଂହପୁର, ସାହାଣିଡିହ ପଞ୍ଚାୟତର ସାହାଣିଡିହ, ସମ୍ପାରୁ ପଞ୍ଚାୟତର କାଦୁଆମାଗୁରା, ରାଇଛନ୍ଦା ପଞ୍ଚାୟତର ବାଲିକୁଦିଆ ଓ ମହିଶରା ପଞ୍ଚାୟତର କୁରିକଣା ଜଳଯୋଗାଣ ପ୍ରକଳ୍ପରେ ମରାମତି ନାମରେ ୧୨ ଲକ୍ଷ ୧୩ ହଜାର ୯୯୫ ଟଙ୍କା ଖର୍ଚ୍ଚ ହୋଇଛି। ତେବେ ତିତ୍ଲି ଓ ଫନି ବାତ୍ୟାରେ ଖର୍ଚ୍ଚ ହୋଇଥିବା ତାଲିକାରେ ଧର୍ମଶାଳା ବ୍ଲକର ଉପରୋକ୍ତ କୌଣସି ପ୍ରକଳ୍ପର ନାମ ନାହିଁ। ତିତ୍ଲି ବାତ୍ୟାରେ ଖର୍ଚ୍ଚ ହୋଇଥିବା ତାଲିକାରେ ଧର୍ମଶାଳା ବ୍ଲକର ଜାରକା, କୁମାରୀ, ଅଣ୍ଡିଆ, କବାଟବନ୍ଧ, ନେଉଳପୁର, ଥାନୁଆଳ ଓ ମଧୁରପୁରଗଡ଼ ପାନୀୟ ଜଳ ପ୍ରକଳ୍ପର ନାମ ରହିଛି। ଏହିସବୁ ପ୍ରକଳ୍ପରେ ୧ ଲକ୍ଷ ୫୦ ହଜାର ଟଙ୍କା ଲେଖାଏ ଖର୍ଚ୍ଚ ହୋଇଛି। ଏଥିରୁ ଗତ ୨ବର୍ଷ ମଧ୍ୟରେ ମରାମତି ତାଲିକାରେ କୌଣସି ତାଳମେଳ ରହୁ ନାହିଁ। ବାସ୍ତବରେ ଜିଲାର କୌଣସି ପ୍ରକଳ୍ପ ଫନୀ ଓ ତିତ୍ଲି ବାତ୍ୟା ଯୋଗୁ କ୍ଷତିଗ୍ରସ୍ତ ହୋଇ ନ ଥିଲେ ହେଁ ଆବଣ୍ଟିତ ୨କୋଟି ୯୦ ଲକ୍ଷ ୮୫ ହଜାର ଟଙ୍କା ଏବେ କୁଆଡେ ଖର୍ଚ୍ଚ ହୋଇଛି ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଥିରେ ଜିଲାର ଜଣେ ପ୍ରଶାସନିକ ଅଧିକାରୀଙ୍କ ଇଙ୍ଗିତରେ ଯୋଜନାବଦ୍ଧ ଭାବେ ଆତ୍ମସାତ ହୋଇଥିବା ଚର୍ଚ୍ଚା ହେଉଛି। ଏପରି କି ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ଘଟଣାର ପ୍ରକୃତ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ ଆରଡବ୍ଲ୍ୟୁଏସ୍ଏସ୍‌ର ନିର୍ବାହୀ ଯନ୍ତ୍ରୀ ଅମୀୟ କୁମାର ପରିଜାଙ୍କୁ ପଚାରିବାରେ ସେ କହିଛନ୍ତି ମରାମତି ସଂକ୍ରାନ୍ତୀୟ ଖର୍ଚ୍ଚ ରେକର୍ଡ ଦେଖିଲା ପରେ କହିହେବ। ତେବେ ମରାମତି ନାମରେ ହୋଇଥିବା ଖର୍ଚ୍ଚ ବାସ୍ତବରେ ଖର୍ଚ୍ଚ କରାଯାଇଛି । ଏଥିରେ କୌଣସି ପ୍ରକାର ଆତ୍ମସାତ ହୋଇନାହିଁ ବୋଲି କହିଛନ୍ତି।

■ଶ୍ୱଶୁରଙ୍କୁ ମେଡିକାଲରେ ଭର୍ତ୍ତିକରି ଘରକୁ ଫେରିପାରିଲେନି ଜ୍ୱାଇଁ

# ନାଳରୁ ମିଳିଲା ମୃତଦେହ

**ଯାଜପୁର ଅଫିସ,୯।୧**

ବିଞ୍ଝାରପୁର ଥାନା ଅନ୍ତର୍ଗତ ଅଳକୁଣ୍ଡ ପଞ୍ଚାୟତ ଝିଙ୍କିରୀ ଗ୍ରାମର ଧନେଶ୍ୱର ପୁହାଣ(୩୮)ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ବୁଧବାର ଶ୍ୱଶୁର ବାଇଧର ରାଉତଙ୍କୁ ହୃଦ୍‌ଘାତ ହୋଇଥିବା ଖବର ପାଇ ଜ୍ୱାଇଁ ଧନେଶ୍ୱର ଶ୍ୱଶୁରଙ୍କୁ ଚିକିତ୍ସା ନିମନ୍ତେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଶ୍ୱଶୁରଙ୍କ ଚିକିତ୍ସା ନିମନ୍ତେ ସମସ୍ତ ବନ୍ଦୋବସ୍ତ କରି ରାତିରେ ନିଜ ଲୁନା ଯୋଗେ ଝିଙ୍କିରୀ ଫେରିଥିଲେ । ତେବେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଧନେଶ୍ୱର ଘରେ ନ ପହଞ୍ଚିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ଧନେଶ୍ୱରଙ୍କୁ ପାଇ ନ ଥିଲେ। ଗୁରୁବାର ସକାଳେ ଯାଜପୁର ସିଂହପୁର ମୁଖ୍ୟ ରାସ୍ତାର ଅରେଇ ଛକ ନିକଟରେ ଥିବା ଏକ ନାଳରେ ଅଚିହ୍ନା ଯୁବକଙ୍କ ମୃତଦେହ ଭାସୁଥିବା ଖବର ପ୍ରଚାରିତ ହୋଇଥିଲା। ଏହା ଜଣାପଡ଼ିବା ପରେ ମୃତଦେହ ଉଦ୍ଧାର କରିବା ପରେ ତାହା ଧନେଶ୍ୱରଙ୍କ ବୋଲି ଜଣାପଡ଼ିଥିଲା। ବିଞ୍ଝାରପୁର ପୋଲିସ ଘଟଣା ସ୍ଥଳରୁ ଧନେଶ୍ୱରଙ୍କ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା(ନଂ.୪/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଧନେଶ୍ୱରଙ୍କ କିପରି ମୃତ୍ୟୁ ଘଟିଲା ତାହା ଏବେ ସନ୍ଦେହ ଘେରରେ ରହିଛି। ଧନେଶ୍ୱରଙ୍କ ୨ଟି ପୁଅ ଓ ୨ଟି ଝିଅ ଥିବା ଜଣାପଡିଛି।

# ସ୍ପଷ୍ଟ ଦିବାଲୋକରେ ଘରେ ପଶି ଲୁଟ

**ରସୁଲପୁର,୯।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଡିହ କୁରାଂଶ ଗ୍ରାମରେ ଭଡ଼ା ଘରେ ରହୁଥିବା ଜନୈକା ଶିକ୍ଷୟିତ୍ରୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଛନ୍ତି ଦୁର୍ବୃତ୍ତ। ସ୍ପଷ୍ଟ ଦିବାଲୋକରେ ଏଭଳି ଘଟଣା ଘଟିଥିଲେ ହେଁ ଏନେଇ କେହି ସୁରାକ ପାଇପାରି ନାହାନ୍ତି। ଏନେଇ ଅଭିଯୋଗ ପାଇବା ପରେ କୁଆଖିଆ ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି। ଘରର ଅନେକ ସ୍ଥାନ ସିଲ୍ କରିବା ସହ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ଅନୁସନ୍ଧାନକାରୀ ଦଳ ଘଟଣା ସ୍ଥଳରେ ପହଁଚିବ ବୋଲି ତଦନ୍ତ ଅଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଗୁରୁବାର ଭଦ୍ରକ ଜିଲାର ସମ୍ପୃକ୍ତା ଶିକ୍ଷୟିତ୍ରୀ ସ୍କୁଲକୁ ଯାଇଥିଲେ । ଘରେ ତାଙ୍କର ଶିଶୁ ସମେତ ଶାଶୁ ଥିଲେ। ଅପରାହ୍ନ ପ୍ରାୟ ସାଢେ ୧ଟା ସମୟରେ ଦୁଇଜଣ ଯୁବକ ଆସି ଘର କବାଟ ବାଡେଇ ଥିଲେ। ଘରେ ଥିବା ବୃଦ୍ଧା କବାଟ ଖୋଲିବା ମାତ୍ରକେ ଯୁବକଦ୍ୱୟ ଘର ଭିତରକୁ ଧସେଇ ପଶିବା ସହ ଜଣେ ଯୁବକ ବୃଦ୍ଧା ଓ ଶିଶୁଙ୍କୁ ଡରାଇଥିଲେ। ଅନ୍ୟ ଯୁବକ ଜଣକ ଘରୁ ୩ଟି ମୁଦି, ୩ହଳ କାନଫୁଲ, ଗୋଟିଏ ସୁନା ହାର ଲୁଟି ନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କାର ହେବ ବୋଲି ଜଣାପଡିଛି। ଏସମ୍ପର୍କରେ ଅଭିଯୋଗ ପାଇବା ପରେ କୁଆଖିଆ ଥାନାରେ କେସ୍ ନଂ-୧୦/୨୦ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

# ନାବାଳିକା ଅପହରଣ ମାମଲା
# ୬ ମାସ ପରେ ଅଭିଯୁକ୍ତ ଗିରଫ

**ସଜନାଗଡ଼,୯।୧(ଡି.ଏନ୍.ଏ.)-** ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଯୁବକ ଅସିତ୍ ଡେଲଙ୍ଗା (୨୬)ଙ୍କୁ ପ୍ରାୟ ୬ ମାସ ପରେ ନୀଳଗିରି ଥାନା ପୋଲିସ ବୁଧବାର ରାତିରେ ରେମୁଣା ଥାନା ଅଧୀନ ରସଲପୁର ଗ୍ରାମର ତାଙ୍କ ଘରୁ ଗିରଫ କରିଛି। ଅପହୃତା ନାବାଳିକା ଓ ଅଭିଯୁକ୍ତ ଯୁବକଙ୍କୁ ଡାକ୍ତରୀ ମାଇନା କରାଯାଇଛି। ପୋଲିସ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ନାବାଳିକା ଅପହରଣ ଘଟଣା ନେଇ ତାଙ୍କ ମା' ଗତବର୍ଷ ଜୁଲାଇ ୨୨ରେ ନୀଳଗିରି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୧୬୫/୧୯) ରୁଜୁ କରି ଘଟଣାର ତଦନ୍ତ କରୁଥିଲା।
















3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ବିଦ୍ୟାଳୟ ଖେଳପଡିଆରେ ପଞ୍ଚାୟତ କାର୍ଯ୍ୟାଳୟର ଗୃହ ନିର୍ମାଣକୁ ବିରୋଧ

**ଖଣ୍ଡପଡ଼ା,୯।୧(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକର ଏକ ବିଦ୍ୟାଳୟ ଖେଳ ପଡିଆରେ ପଞ୍ଚାୟତ କାର୍ଯ୍ୟାଳୟର ଗୃହ ନିର୍ମାଣକୁ ସ୍ଥାନୀୟ ଅଧିବାସୀ ବିରୋଧ କରିଛନ୍ତି। ପ୍ରକାଶ ଯେ, ରାଜ୍ୟରେ ନୂତନ ପଞ୍ଚାୟତ ଗଠନ ପାଇଁ ଘୋଷଣା ହେବା ପରେ ଖଣ୍ଡପଡା ବ୍ଲକ କୋସକା ପଞ୍ଚାୟତରୁ ଅଲଗା ହୋଇ ୨୦୧୬ରେ ବଳଭଦ୍ରପ୍ରସାଦ ନୂତନ ପଞ୍ଚାୟତ ମାନ୍ୟତା ପାଇଥିଲା। ୨୦୧୭ରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବଳଭଦ୍ରପ୍ରସାଦ ପଞ୍ଚାୟତରେ ନିର୍ବାଚିତ ସରପଞ୍ଚ, ସମିତି ସଭ୍ୟ ଓ ୧୧ଜଣ ୱାର୍ଡ ସଭ୍ୟାସଭ୍ୟଙ୍କୁ ନେଇ କାର୍ଯ୍ୟ ଆରମ୍ଭ ହୋଇଥିଲା। ପ୍ରଥମ କରି ବଳଭଦ୍ରପ୍ରସାଦ ଗ୍ରାମର ଏକ କୋଠଘରେ ଅସ୍ଥାୟୀ ଭାବେ ପଞ୍ଚାୟତ କାର୍ଯ୍ୟାଳୟ ଚାଲିଥିଲା । ପରେ ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାର ୩୫ ଲକ୍ଷ ଟଙ୍କା ମଞ୍ଜୁର କରିଥିଲେ। ପଞ୍ଚାୟତର ମଧ ଭାଗରେ ନୂତନ ଗୃହ ନିର୍ମାଣ ନିମନ୍ତେ ପଞ୍ଚାୟତବାସୀ ନିଷ୍ପତ୍ତି ନେଇ ପ୍ରଶାସନକୁ ଜଣାଇଥିଲେ । ଏ ନେଇ ବିଭିନ୍ନ ସ୍ଥାନରେ ଜାଗା ଚିହ୍ନଟ ହୋଇଥିଲେ ହେଁ ବଳଭଦ୍ରପ୍ରସାଦ ପଞ୍ଚାୟତ ଅଧୀନ ଦୁଃଖାପଲ୍ଲୀ ଗ୍ରାମର କେତେକ ବ୍ୟକ୍ତି ସ୍ଥାନୀୟ ରବୀନ୍ଦ୍ର କୁମାର ଉଚ୍ଚ ବିଦ୍ୟାଳୟର ଖେଳପଡିଆ ନିମନ୍ତେ ସଂରକ୍ଷିତ ସ୍ଥାନରେ ନୂତନ ଗୃହ ନିମନ୍ତେ ପ୍ରଶାସନିକ ଅଧିକାରୀଙ୍କୁ ପ୍ରସ୍ତାବ ଦେଇଥିଲେ । ପରେ ପ୍ରଶାସନ ପକ୍ଷରୁ ଉକ୍ତ ସ୍ଥାନରେ ନୂତନ ଗୃହ ନିର୍ମାଣ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେବେ ଏହାକୁ ବିରୋଧ କରି ଅଞ୍ଚଳବାସୀ ବ୍ଲକ ଓ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ସୁଫଳ ନ ମିଳିବାରୁ ସେମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଘଟଣାରେ ହସ୍ତକ୍ଷେପ କରି ବିଦ୍ୟାଳୟ ଖେଳପଡିଆରେ ନୂତନ ଗୃହ ନିର୍ମାଣ ହୋଇପାରିବ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରିଥିଲେ। ଏ ସମ୍ପର୍କରେ ଅବଗତ ଥିଲେ ସୁଦ୍ଧା ଖେଳପଡିଆର ପ୍ଲଟ ନଂ-୨୦୩, ଖାତା ନଂ-୫୧୮(୧୯ ଡେସିମିଲ) ଜାଗାରେ ଗୃହ ନିର୍ମାଣ ନିମନ୍ତେ ବ୍ଲକ ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବଳଭଦ୍ରପ୍ରସାଦ ସରପଞ୍ଚ ସସ୍ମିତା ଦାସ, ସମିତି ସଭ୍ୟା ପ୍ରମିଳା ନାୟକଙ୍କ ସମେତ ୯ ଜଣ ୱାର୍ଡ ସଭ୍ୟାସଭ୍ୟ ନୂତନ ଗୃହ ନିର୍ମାଣକୁ ବିରୋଧ କରି ଆସୁଛନ୍ତି। ଏ ସମ୍ପର୍କରେ ଖଣ୍ଡପଡା ବିଡିଓ ପ୍ରମୋଦ କୁମାର ନାୟକଙ୍କୁ ପଚାରିବାରୁ ସେ କହିଥିଲେ, ଉକ୍ତ ଖେଳପଡିଆ ହାଇସ୍କୁଲ ନାମରେ ନାହିଁ। ଉକ୍ତ ଜାଗା ପଞ୍ଚାୟତ କାର୍ଯ୍ୟାଳୟ ନାମରେ ଜିଲା ପ୍ରଶାସନର ଜ୍ଞାତସାରରେ ପଟ୍ଟା ହୋଇସାରିଛି । ତେଣୁ ସେଠାରେ ପଞ୍ଚାୟତ କାର୍ଯ୍ୟାଳୟ କରିବାରେ କୌଣସି ଅସୁବିଧା ନାହିଁ । ଅଞ୍ଚଳବାସୀ ଯେଉଁ ପଡିଆ ସମ୍ପର୍କରେ ଅଭିଯୋଗ କରୁଛନ୍ତି ତାହା ଅନ୍ୟ ଏକ ସ୍ଥାନରେ ରହିଛି ବୋଲି ସେ ସୂଚନା ଦେଇଛନ୍ତି ।

### ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୯।୧:** ଖୋର୍ଦ୍ଧା-ହଳଦିଆ ରାସ୍ତାର ବିଂକୁଡ଼ିଆ ଛକ ଠାରେ ଗୁରୁବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଜଟାଧାରୀ ପଲେଇ। ସୂଚନା ଅନୁଯାୟୀ, ବିଂକୁଡ଼ିଆ ଛକ ନିକଟରେ ଜଟାଧାରୀ ଏକ ବାଇକରେ ଯାଉଥିବା ବେଳେ ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଜଟାଧରୀଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ରାଜପଥ ଲୁଟେରା ଗଲେ ଜେଲ

**ଖୋର୍ଦ୍ଧା ଅଫିସ,୯।୧:** ୧୬ ନଂ. ଜାତୀୟ ରାଜପଥରେ ମାରପିଟ୍ କରି ଲୁଟ୍ କରି ଆସୁଥିବା ଜଣେ ଯୁବକଙ୍କୁ ଖୋର୍ଦ୍ଧା ଆଦର୍ଶ ଥାନାର ଶିଳ୍ପାଞ୍ଚଳ ଫାଣ୍ଡି ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଜେମାଦେଇର ସହଦେବ ପାଟଶାଣୀ ଓରଫ ଗେଡୁଆ(୨୮)। କୋର୍ଟରେ ତାଙ୍କ ଜାମିନ ନାମଞ୍ଜୁର ପରେ ଖୋର୍ଦ୍ଧା ସବ୍‌ଜେଲକୁ ପଠାଇ ଦିଆଯାଇଛି। ୨୦୧୯ ନଭେମ୍ବରରେ ଅଭିଯୋଗ ପରେ ପୋଲିସ ନଂ. ୪୧୦/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା।

### ମାଙ୍କଡାପଥର ବୋଝେଇ ୬ ଟ୍ରକ ଜବତ

**ଖୋର୍ଦ୍ଧା ଅଫିସ,୯।୧:** ଖୋର୍ଦ୍ଧା ସଦର ଥାନା ପୋଲିସ ଧଉଳିମୁହଁ ଓ କାଇମାଟିଆ ଖଣି ଉପରେ ଗୁରୁବାର ଚଢ଼ାଉ କରି ୬ ମାଙ୍କଡା ପଥର ବୋଝେଇ ଟ୍ରକ ଜବତ କରିଛି। ଯାହାକି ବେଆଇନ ଭାବେ ଚାଲାଣ ପାଇଁ ଯାଉଥିଲା।

## ରଣପୁର ମହୋତ୍ସବ ଉଦ୍‌ଯାପିତ

# ମନ ମୋହିଲା ହ୍ୟୁମାନ୍ ସାଗର ଅର୍କେଷ୍ଟ୍ରା



ପୁସ୍ତକ ଉନ୍ମୋଚନ କରୁଛନ୍ତି ଅତିଥି।

**ରଣପୁର,୯।୧ (ସ୍ୱ.ପ୍ର.)**

ରଣପୁର ବାଘସାଆନ୍ତ ପଡିଆ ମୁକ୍ତାକାଶ ରଙ୍ଗମଞ୍ଚରେ ଗତ ରବିବାରଠାରୁ ଚାଲିଥିବା ୧୫ତମ ରଣପୁର ମହୋତ୍ସବ ଅର୍ଜ୍ଜୁନ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସନ୍ଧ୍ୟାରେ ହ୍ୟୁମାନ ସାଗର ଅର୍କେଷ୍ଟ୍ରା କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା । ଏହି ପାଞ୍ଚଦିନରେ ବିଭିନ୍ନ ଦୋକାନରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଥିବା ଜଣାଯାଇଛି।

### ୫ଦିନରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ବ୍ୟବସାୟ

ସନ୍ଧ୍ୟାରେ ମହୋତ୍ସବ କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। ଖୋର୍ଦ୍ଧା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ମୁଖ୍ୟଅତିଥି, ପୂର୍ବତନ ଏମ୍‌ପି ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ ମୁଖ୍ୟବକ୍ତା ଓ ନୟାଗଡ ଜିଲା ପରିଷଦ ଅଧ୍ୟକ୍ଷା ବୈଜୟନ୍ତୀ ବାଳା ମହାନ୍ତି, ଉପଜିଲାପାଳ ଲଗ୍ନଜିତ୍ ରାଉତରାୟ, ସ୍ଥାନୀୟ ତହସିଲଦାର ସୁଶାନ୍ତ କୁମାର ପତି, ଏନ୍‌ଏସି ଉପାଧ୍ୟକ୍ଷ ପ୍ରିୟବ୍ରତ ପ୍ରହରାଜ, ଆଇନଜୀବୀ ଗିରିଜାକାନ୍ତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନୋଜ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅତିଥିମାନେ ରଣଶ୍ରୀ ପୁସ୍ତକ ଉନ୍ମୋଚନ କରିଥିଲେ । ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ସୁନାଖଳା ଅଞ୍ଚଳର ପୂର୍ଣ୍ଣଚନ୍ଦ୍ର ନାୟକ, ମୟୂରଝାଲିଆର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଭାଗୀରଥି ରାଉତରାୟ, ଭଏସ୍ ଅଫ ଭିକ୍ଟିମ୍ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମିଶ୍ର, ଛାତ୍ର ରାମକୃଷ୍ଣ ପଟ୍ଟନାୟକ, ଓଡିଶୀ ନୃତ୍ୟାଙ୍ଗନା ମୀରାବାଳା ସାମନ୍ତରାୟ, ରଣପୁରର ଗାୟକ ସୁଜିତ ନନ୍ଦଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମ ସଞ୍ଚାଳନ କରୁଥିବା ରଣପୁର ସଙ୍ଗୀତ କଳା ବିଦ୍ୟା ନିକେତନ ନିର୍ଦ୍ଦେଶକ ସତ୍ୟନାରାୟଣ ମହାପାତ୍ରଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଭୁବନେଶ୍ୱର କୋର୍ଟର ସରକାରୀ ଓକିଲ ବନମାଳୀ ମହାପାତ୍ର ଧନ୍ୟବାଦ ଦେଇଥିଲେ। ମହୋତ୍ସବ ପଡିଆରେ ପଡିଥିବା ବିଭିନ୍ନ ଷ୍ଟଲରୁ ଦର୍ଶକମାନେ ଘର ଉପକରଣ କିଣିବା ସହିତ ଖାଦ୍ୟପେୟ ଓ ଭିଭିନ୍ନ ପ୍ରକାର ଦୋଳିର ମଜା ନେଇଥିଲେ। ଏହି ୫ଦିନରେ ପଡିଥିବା ୨ଶହ ଷ୍ଟଲରେ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କିଣାବିକା ହୋଇଥିବା ଜଣାଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

## ମହୋତ୍ସବର ଏପାଖସେପାଖ

### କାର୍ଡ ନାମ ଅନୁଯାୟୀ ମୁଖ୍ୟଅତିଥି ଯୋଗଦେଲେ ନାହିଁ

ମହୋତ୍ସବ କମିଟି ତରଫରୁ ନିମନ୍ତ୍ରଣ କାର୍ଡରେ ଛପାଯାଇଥିବା ନାମ ଅନୁଯାୟୀ ମୁଖ୍ୟଅତିଥି ଯୋଗଦେଇ ନ ଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ସୃଷ୍ଟି ହୋଇଥିଲା । ପ୍ରଥମ ଦିବସରେ ମୁଖ୍ୟଅତିଥି ଏମ୍‌ପି ପିନାକୀ ମିଶ୍ର ଯୋଗଦେଲେ ନାହିଁ। ସେହିପରି ଦ୍ୱିତୀୟ ଦିନରେ ମନ୍ତ୍ରୀ ଡ. ଅରୁଣ କୁମାର ସାହୁ, ତୃତୀୟ ଦିବସରେ ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଓ ଉଦ୍‌ଯାପନୀ ଦିବସରେ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଲେ ନାହିଁ।

### ମଞ୍ଚ ଛାଡି ଚାଲିଯିବାକୁ ନେଇ ଅସନ୍ତୋଷ

ତୃତୀୟ ଦିବସରେ କୃଷିମନ୍ତ୍ରୀ ଡ. ଅରୁଣ କୁମାର ସାହୁ ବହୁ ବିଳମ୍ବରେ ଆସି ମହୋତ୍ସବରେ ଯୋଗ ଦେଇଥିଲେ। ହେଲେ ସଭା ମଞ୍ଚରେ କିଛି ସମୟ ରହି ନିଜ ଭାଷଣ ରଖି ହଠାତ୍ ମଞ୍ଚ ଛାଡି ଚାଲିଯାଇଥିଲେ। ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା।

### ଖବରଦାତାଙ୍କ ପାଇଁ ଉଦ୍ଦିଷ୍ଟ ଚୌକିରେ ସାଧାରଣ ଲୋକ

ଉଦ୍‌ଯାପନୀ ଦିବସରେ ଖବରଦାତାଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଚୌକିରେ ମହିଳା ଓ ସାଧାରଣ ଲୋକ ବସିଥିବା ଦେଖାଯାଇଥିଲା।

### ମହୋତ୍ସବ ପଡିଆ ଆକାଶରେ ଗ୍ୟାସ ବେଲୁନ

ଶେଷ ଦିବସରେ ମହୋତ୍ସବ ପଡିଆ ଆକାଶରେ ଗ୍ୟାସ ବେଲୁନ ଉଡୁଥିବା ଦେଖିବାକୁ ମିଳିଥିଲା। ଏହା ପଡିଆକୁ ଅଧିକ ସୁନ୍ଦର କରିଥିଲା ।

### ମଞ୍ଚ ସମ୍ମୁଖରେ ବିଶୃଙ୍ଖଳା

ପୋଲିସର ଖାମଖିଆଲ ମନୋଭାବ ଯୋଗୁ ଶେଷ ଦିବସରେ ମଞ୍ଚ ସମ୍ମୁଖରେ ବିଶୃଙ୍ଖଳା ଦେଖାଦେଇଥିଲା। ଫଳରେ ପଛରେ ଥିବା ଦର୍ଶକମାନେ କାର୍ଯ୍ୟକ୍ରମକୁ ଠିକ ଭାବେ ଦେଖି ନ ପାରି ଅସନ୍ତୋଷ ପ୍ରକାଶ କରିଥିଲେ।

## ନିଜକୁ ଭାରତୀୟ ଭାବେ ଗର୍ବ କର

**ପୁରୀ ଅଫିସ, ୯।୧**

ପୁରୀ ନାଗରିକ ମଞ୍ଚ ଆନୁକୂଲ୍ୟରେ ସଦ୍‌ଭାବନା ଗୃହରେ ଗୁରୁବାର ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ଆବାହକ ତଥା ବରିଷ୍ଠ ଭାଜପା ନେତା କୃଷ୍ଣ ଜଗଦ୍ଦେବ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ପ୍ରଭାତୀ ପରିଡ଼ା, ଭାଜପା ଜିଲା ସଭାପତି ଆଶ୍ରିତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ନାଗରିକ ସଂଶୋଧନ ଆଇନ ଓ ଜାତୀୟ ନାଗରିକ ପଞ୍ଜିକାକୁ କେନ୍ଦ୍ର ସରକାରଙ୍କ ଏକ ଐତିହାସିକ ନିଷ୍ପତ୍ତି ବୋଲି କହିଥିଲେ। ଭାରତର ଅଖଣ୍ଡତା ଦୃଷ୍ଟିରୁ ଏହାର ଆବଶ୍ୟକତା ରହିଛି। ଏହାଦ୍ୱାରା କୌଣସି ଭାରତୀୟ ନାଗରିକଙ୍କ କୌଣସି ସମସ୍ୟା ସୃଷ୍ଟି ହେବ ନାହିଁ। କେବଳ ରାଜନୈତିକ ଫାଇଦା ନେବା ଉଦ୍ଦେଶ୍ୟରେ ଅଳ୍ପ ସଂଖ୍ୟକ ସମ୍ପ୍ରଦାୟଙ୍କୁ ଭୁଲ ରାସ୍ତାରେ ନିଆଯାଉଛି। ଫଳରେ ଭାରତ ବର୍ଷରେ ଅଶାନ୍ତିର ବାତାବରଣ ସୃଷ୍ଟି ହୋଇଛି। ଏହି ଆଇନ କାର୍ଯ୍ୟକାରୀ ହେଲେ ଭାରତକୁ ଫେରିବାକୁ ଇଚ୍ଛା ପ୍ରକାଶ କରୁଥିବା ହିନ୍ଦୁ ଉପକୃତ ହେବେ। ନିଜକୁ ଭାରତୀୟ ଭାବେ ଗର୍ବ ଅନୁଭବ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ। ଦେଶର ସମଗ୍ର ବିକାଶ ଲାଗି ସମସ୍ତଙ୍କ ଦାୟିତ୍ୱ ରହିଛି। ଜଣେ ଉତ୍ତମ ନାଗରିକ ଭାବେ ନିଜ ମାତୃକାର ସେବାରେ ନିଜକୁ ନିୟୋଜିତ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଅଦ୍ୱୈତ ଚରଣ ଧଳ, ଡ. କାର୍ତ୍ତିକ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ।

## ଗୋଲାପୋଖରୀ ଫୁଟ୍‌ବଲ

# ବାଲୁଗାଁ ଫାଇନାଲରେ



ଖେଳର ଏକ ଦୃଶ୍ୟ।

**ଭାପୁର,୯।୧(ଡି.ଏନ.ଏ.)**

ଭାପୁର ବ୍ଲକ ଗୋଲାପୋଖରୀ ଆଞ୍ଚଳିକ ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୫୦ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ପ୍ରଥମ ଗ୍ରୁପ୍‌ର ପ୍ରଥମ ସେମିଫାଇନାଲ ମ୍ୟାଚରେ ସତ୍ୟନାରାୟଣ ଯୁବକ ସଂଘ ଚନ୍ଦ୍ରପୁଟ ବାଲୁଗାଁ ୧-୦ ଗୋଲରେ ପତିତପାବନ ସଂଘ ଫୁଟ୍‌ବଲ କ୍ଲବ ବ୍ରହ୍ମପୁରକୁ ହରାଇ ଫାଇନାଲରେ ପ୍ରବେଶ କରିଛି। ଖେଳ ପ୍ରଥମାର୍ଦ୍ଧର ମାତ୍ର ୩ ମିନିଟ୍‌ରେ ବାଲୁଗାଁ ଦଳର ୧୦ ନମ୍ବର ଖେଳାଳି ଶିବ ବାରିକ ଏକ ଚମତ୍କାର ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଉଭୟ ଦଳ ଚିତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ। ବ୍ରହ୍ମପୁର ଦଳ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲେ ହେଁ ଗୋଲ ଶୁଝାଇପାରି ନ ଥିଲା। ଖେଳ ପରିଚାଳନା କରିଥିଲେ ଏମ୍.ଏସ୍. ବେଗ ଓ ଲାଇନରେ ସହଯୋଗ କରିଥିଲେ ରବିନାରାୟଣ ରଣା, ସୁଶାନ୍ତ କୁମାର ମିଶ୍ର ଓ ଉଲ୍ଲାସ ଚନ୍ଦ୍ର ପରିଡ଼ା। ଶୁକ୍ରବାର ଖେଳର ଅନ୍ତିମ ଲିଗ୍ ମ୍ୟାଚ ସ୍ପୋର୍ଟସ ହଷ୍ଟେଲ ନୟାଗଡ଼ ଓ ବଜରଙ୍ଗବାଲି ସ୍ପୋର୍ଟସ କ୍ଲବ ଘାଟିକିଆ ଭୁବନେଶ୍ୱର ମଧ୍ୟରେ ହେବ।

## ଫନୀରେ ଭାଙ୍ଗି ଥିବା ଘରେ ରହୁଛନ୍ତି ଲଲାଟ

**ଖୋର୍ଦ୍ଧା ଅଫିସ/ନିରାକାରପୁର, ୯।୧(ଡି.ଏନ.ଏ.):**

ବାତ୍ୟା ଫନୀ ଯିବାର ୮ମାସ ବିତିଯାଇଛି। ହେଲେ ଲଲାଟ ସେଠୀଙ୍କ ଭଙ୍ଗା ଘର ମରାମତି ହୋଇପାରୁନି। ଟାଙ୍ଗୀ ବ୍ଲକ ଛଣଗିରିର ଲଲାଟଙ୍କ ଘର। ବାତ୍ୟାରେ ୩ ବଖରା ଚାଳ ଘର ଭାଙ୍ଗି ଯାଇଥିଲା। ଅନେକ ଘର ଉପକରଣ ନଷ୍ଟ ହୋଇଯାଇଥିଲା। ଏଭଳିସ୍ଥଳେ ଲଲାଟ ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ପଞ୍ଚାୟତ, ବ୍ଲକ ଓ ଜିଲା କାର୍ଯ୍ୟାଳୟକୁ ଦୌଡି ଦୌଡି ନୟାନ୍ତ ହୋଇ ସାରିଲେଣି। ହେଲେ ତାଙ୍କ ଅଭିଯୋଗ ଶୁଣି କେହି ସମାଧାନ କରୁ ନ ଥିବା ଅଭିଯୋଗ ହୋଇଆସୁଛି।

## ଲୋକକଳା ବଞ୍ଚାଇ ରଖିଥିବା କଳାକାର ପ୍ରଶଂସାର ପାତ୍ର

**ଖଣ୍ଡପଡା,୯।୧(ସ୍ୱ.ପ୍ର.)**




ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ ବଳଭଦ୍ରପ୍ରସାଦ ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ପୀଠ ପରିସରରେ ବ୍ଲକ କଳାକାର ସଂଘର ୮ମ ବାର୍ଷିକ ଉତ୍ସବ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି । ସମସ୍ତ କଳାକାର ଏକ ଶୋଭାଯାତ୍ରାରେ ସଂକୀର୍ତ୍ତନ ମଣ୍ଡଳୀ ସହ ଗ୍ରାମ ପରିକ୍ରମା କରିଥିଲେ । ଖଣ୍ଡପଡା ବ୍ଲକ କଳାକାର ସଂଘର ଉପ ସଭାପତି ତ୍ରିନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ବିଡିଓ ପ୍ରମୋଦ କୁମାର ନାୟକ ଯୋଗଦେଇଥିଲେ। ଲୋକକଳାକୁ ବଞ୍ଚାଇ ରଖିଥିବା କଳାକାରମାନେ ପ୍ରଶଂସାର ପାତ୍ର ବୋଲି ମତ ଦେବା ସହ କଳାକାରମାନଙ୍କ ନିମନ୍ତେ ରାଜ୍ୟ ଓ କେନ୍ଦ୍ର ସରକାର ଲାଗୁ କରିଥିବା ଯୋଜନାଗୁଡିକର ସଫଳ ରୂପାୟନ ଦିଗରେ ସେ ଚେଷ୍ଟା ଜାରି ରଖିବେ ବୋଲି ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଗାୟକ ବାଚସ୍ପତି ଯୋଗୀନାଥ ପତି ଯୋଗଦେଇ ଉତ୍ସବ ଆୟୋଜନର ମହତ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ପଠାଣି ସାମନ୍ତଙ୍କ ପାଇଁ ଖଣ୍ଡପଡା ମାଟି ବିଶ୍ୱ ଦରବାରରେ ପରିଚିତ ବୋଲି ପ୍ରକାଶ କରିଥିଲେ । ଖଣ୍ଡପଡା ବ୍ଲକ ଅଞ୍ଚଳରେ କଳାକୁ ନିଶା ଓ ପେସା ରୂପେ ଗ୍ରହଣ କରିଥିବା ଅନେକ କଳାକାର ଏବେ ଦୁଃଖ ଓ ଦୁର୍ଦ୍ଦିନରେ ଦିନ କାଟୁଥିବା ବେଳେ ସେମାନଙ୍କୁ ସରକାରଙ୍କ ପକ୍ଷରୁ ଅଦ୍ୟାବଧି କଳାକାର ଭତ୍ତା ମିଳି ନ ଥିବାରୁ ଏ ନେଇ ସଂଘର ସଦସ୍ୟମାନେ ଦୁଃଖ ପ୍ରକାଶ କରିଥିଲେ । ସମସ୍ତ କଳାକାରଙ୍କ ନାମ କଳାକାର ଭତ୍ତା ହିତାଧିକାରୀ ତାଲିକାରେ ସ୍ଥାନିତ କରିବାକୁ ସଂଘର ସଦସ୍ୟମାନେ ଦାବି କରିଥିଲେ । ଏହି ଅବସରରେ କଳା କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବରିଷ୍ଠ କଳାକାରମାନଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

**ଗଣିଆ,୯।୧(ଡି.ଏନ.ଏ.)**

ଗଣିଆ ବ୍ଲକ କାର୍ଯ୍ୟାଳୟ ସଦ୍‌ଭାବନା ଗୃହ ପରିସରରେ ୭୧ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ମାନସ ରଞ୍ଜନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଗଣିଆ ଥାନା ଭାରପ୍ରାପ୍ତ ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟ, ଏବିଡିଓ ସରୋଜ କୁମାର ନାୟକ, ଅତିରିକ୍ତ ତହସିଲଦାର ଅଯୋଧ୍ୟାକାନ୍ତ ପ୍ରଧାନ, ବ୍ଲକ ଶିକ୍ଷାଧିକାରୀ ପ୍ରସନ୍ନ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମ ଅଧିକାରୀଙ୍କ ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନର ଖେଳ ଶିକ୍ଷକ, ଗଣିଆ ମହାବୀର ସାଂସ୍କୃତିକ ପରିଷଦ, ବୀଣାପାଣି ଯୁବକ ସଂଘ, ଗଣିଆ ଉନ୍ନୟନ କମିଟି ଓ ଶିଶୁରାଇଜ ଅନୁଷ୍ଠାନର ସଭ୍ୟମାନେ ଉପସ୍ଥିତ ଥିଲେ। ଆସନ୍ତା ୨୬ତାରିଖ ସକାଳ ୭ଟା୧୫ରେ ଗଣିଆର ସମସ୍ତ ଶିକ୍ଷାନୁଷ୍ଠାନ, ୭ଟା୩୦ରେ ଗାନ୍ଧୀ ମଇଦାନ ଓ ୮ଟା୧୫ମିନିଟ ସମୟରେ କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠରେ ଜାତୀୟ ପତାକା ଉତ୍ତୋଳନ କରାଯିବା ପାଇଁ ସମୟ ନିର୍ଘଣ୍ଟ କରାଯାଇଥିଲା। କିଶୋରଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ଜାତୀୟ ପତାକା ଉତ୍ତୋଳନ କରି ସମୂହ ପରେଡର ଅଭିବାଦନ ଗ୍ରହଣ କରିବେ ବୋଲି ବୈଠକରେ ସ୍ଥିର ହୋଇଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କୁଇଜ୍ ଓ ସଙ୍ଗୀତ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯିବ । ସେହିପରି ହାଇସ୍କୁଲ ଓ କଲେଜ ସ୍ତରରେ ଗ୍ରାମୀଣ ଗୃହ ନିର୍ମାଣ ସମ୍ପର୍କରେ ସ୍ଲୋଗାନକୁ ନେଇ ପ୍ରତିଯୋଗିତା ଆୟୋଜନ କରାଯିବ। କୃତୀ ପ୍ରତିଯୋଗୀମାନେ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଏବିଡିଓ ସୂଚନା ଦେଇଥିଲେ।



ବୈଠକରେ ଯୋଗ ଦେଇଥିବା ଅଧିକାରୀ ଓ ଅନ୍ୟମାନେ।


CLASSIFIED DISPLAY

ALL EDITION - B/W (Everyday)
for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE
FINANCE
କୌଣସି ଲୋକ ନାଁ ରେ ପଇସା ନ ଦେଇ ଓଡିଶା ର ସମସ୍ତ ଜିଲ୍ଲା ର ବ୍ୟବସାୟୀ ମାନେ ନିଜର Trade License ଏବଂ ଚାକିରିଆ ମାନେ ନିଜର Salary Slip ଦ୍ୱାରା Stand Up India Scheme ଦ୍ୱାରା 3 ଲକ୍ଷ ରୁ 3 କୋଟି ପର୍ଯ୍ୟନ୍ତ ବିଜନେସ ଋଣ, ହୋମ ଋଣ, ପର୍ସନାଲ ଋଣ, ଅଗ୍ରିକଲଚର ଋଣ 30 % ଛାଡରେ ମାତ୍ର 12 ଦିନରେ ପାଆନ୍ତୁ, କେବଳ ସୁଧ ଦିଅନ୍ତୁ ଓ ମୂଳ ନିଜ ସୁବିଧା ଅନୁସାରେ ଦେଇପାରିବେ
Ground Floor, Krishna Apartment, Badagada Brit Colony, Bhubaneswar 751018
9163467945
9163467926

JAMUNA FINANCE
ବ୍ୟବସାୟ, ପର୍ସନାଲ, ମାର୍କେଟିଂ, ପଶୁପାଳନ, କୃଷି ପ୍ରପର୍ଟି, ଗୃହ ଋଣ ଓ ଗ୍ରୁପ୍ ଋଣ। ସମସ୍ତ ପ୍ରକାର LOAN ସହଜ କିସ୍ତିରେ ଘରେ ବସି ପାଆନ୍ତୁ। ସୁଧ-2%
M: 7749011485
7608013153
Salt Lake City, Kolkata-700091, Panditagaon, Khalikote, Ganjam

ASTROLOGY

ଗୁରୁ ସାହି ଖାନ୍
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ- ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9818298397
9953959390

ଅଲ୍ ଇଣ୍ଡିଆ ଖୋଲା ଚାଲେଞ୍ଜ
2 ଘଣ୍ଟାରେ 100% ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା, ଶତ୍ରୁ ମୁକ୍ତି, ସ୍ୱାମୀ-ସ୍ତ୍ରୀ ଝଗଡ଼ା, ପ୍ରେମବିବାହ, ଗୃହକ୍ଲେଶ, ପ୍ରପର୍ଟି, କୋର୍ଟ-କେସ୍, ଯାଦୁ-ଟୋନା, ବିଦେଶ ଯାତ୍ରା, ବଶୀକରଣ, ଗୁଣି-ଗାରେଡ଼ି
AtoZ ସମସ୍ୟାର ସମାଧାନ ଘରେ ବସି।
ବାବା ଅଲାଉଦ୍ଦିନ ବଙ୍ଗାଲି
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ ଯଦି କାଟିଦେବେ ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
କାମ ନ ହେଲେ ଟଙ୍କା ଫେରସ୍ତ
8376889657
9971793786

ଶକ୍ତିର ଦେଖନ୍ତୁ ଚମତ୍କାର
ସମସ୍ୟା ହୋଇଥାଉ ଯେଉଁଠି ନା କାହିଁକି ସମାଧାନ ଅଛି ମୋ ପାଖରେ ଏଇଠି
2 ଘଣ୍ଟାରେ 100% ସମାଧାନ
ଯେପରିକି: ବ୍ୟବସାୟ ବନ୍ଧନ, ବିବାହରେ ବାଧା, ଗୃହକ୍ଲେଶ, ପ୍ରେମ ବିବାହ, ବିଦେଶ ଯାତ୍ରା, ସଉତୁଣୀ, ଶତ୍ରୁ ମୁକ୍ତି, ଯାଦୁ ଟୋନା ପୋଡାଧନ, ଜୁଆ-ସଟ୍ଟା, ଗୁଣିଗାରେଡ଼ି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ଶାରୀରିକ କଷ୍ଟ, ଚାକିରି, କୋର୍ଟ ମାମଲା, ମାନସିକ ଚାପ।
ଆମର ଅଛି ଜ୍ଞାନ ଆମେ ହିଁ କରିବୁ ସବୁ ସମସ୍ୟାର ସମାଧାନ କାରଣ ଆମକୁ ହିଁ ମିଳିଛି ପୂର୍ବପୁରୁଷଙ୍କ ବରଦାନ।
7578028866
ସ୍ପେ. ପୋଡାଧନ, ସଟ୍ଟା, ଜୁଆ, ବଶୀକରଣ, ମୂଠକରଣୀ ଓ ବ୍ୟବସାୟ
ବାବା କବିର ଖାନ ହାଜି ଅଲି ୱାଲେ
ତାରିଣୀ ମନ୍ଦିର ପାଖ, ଆନନ୍ଦ ବଜାର, ଭୁବନେଶ୍ୱର
8527425449

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ (ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ, ପତି-ପତ୍ନି ମଧ୍ୟରେ ଝଗଡ଼ା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଲେଶ, ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୂଠୀକରଣୀ ଖୋଲା ଚ୍ୟାଲେଞ୍ଜ, ପ୍ରେମରେ ଧୋକା
୩ ଘଣ୍ଟାରେ ୧୦୦% A To Z ସମସ୍ୟାର ସମାଧାନ
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
8743922900
9899587663

BUSINESS

INDUS TOWER
ଦ୍ୱାରା ନିଜର ଖାଲି ପଡ଼ିଥିବା ଜମି, ଛାତ, ପ୍ଲଟ୍, ଚାଷଜମିରେ ଡିଜିଟାଲ ଉପକରଣ ଲଗାନ୍ତୁ ଏବଂ ପାଆନ୍ତୁ ଅଗ୍ରିମ 70 ଲକ୍ଷ, ଭଡ଼ା 50000 + ମାସିକ 35000/-ର ଅନ୍ୟାନ୍ୟ ସୁବିଧା । ଅଗ୍ରିମ + ଭଡ଼ା ସର୍ଭେ ସମ୍ପାଦନ ପରେ ।
ଯୋଗାଯୋଗ
9019390792
Address: Kankar Kooi, Saharanpur, Uttar Pradesh - 247001

## ସଂକ୍ଷେପରେ

### ଦୁର୍ଘଟଣାରେ ବୃଦ୍ଧ ଗୁରୁତର

ଦଶପଲ୍ଲା,୯।୧(ଡି.ଏନ.ଏ.)-ଗୁରୁବାର ଦଶପଲ୍ଲା-ଭଞ୍ଜନଗର ରାସ୍ତାର ଦମକଳ ଅଫିସ୍ ନିକଟରେ ଏକ ବାଇକ୍ ଧକ୍କାରେ ଅନ୍ତରା ନାୟକ (୬୦) ନାମକ ଜଣେ ବୃଦ୍ଧ ଗୁରୁତର ହୋଇଛନ୍ତି। ସେ ରସ୍ତାରେ ଯାଉଥିବାବେଳେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଖବର ପାଇ ଦଶପଲ୍ଲା ଦମକଳ କର୍ମଚାରୀମାନେ ଆହତଙ୍କୁ ଚିକିତ୍ସା ନିମନ୍ତେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ତାଙ୍କୁ ନୟାଗଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

### ଶିକ୍ଷକଙ୍କ ମୃତ୍ୟୁରେ ଶୋକସଭା

ଦଶପଲ୍ଲା,୯।୧(ଡି.ଏନ.ଏ.)-ଦଶପଲ୍ଲା ପାଟପୁର ପାଟଣା ଗ୍ରାମର ଶିକ୍ଷକ ରବୀନ୍ଦ୍ର ନାଥ ଲେଙ୍କା (୫୨)ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଦଶପଲ୍ଲା ଏବଂ ପରେ ନୟାଗଡ଼ ଡାକ୍ତରଖାନାରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେ ଦଶପଲ୍ଲା ବ୍ଲକ ଖଳିସାହି ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ତାଙ୍କର ମୃତ୍ୟୁରେ ଶୋକର ଛାୟା ଖେଳିଯାଇଛି। ଗୁରୁବାର ଏଲିମେଣ୍ଟାରୀ ଶିକ୍ଷକ ସଂଘ ତରଫରୁ ଏକ ଶୋକସଭା ଅନୁଷ୍ଠିତ ହୋଇ ନୀରବ ପ୍ରାର୍ଥନା କରାଯାଇଥିଲା।

### ବିଜୁସେତୁ ଆପ୍ରୋଚ ରୋଡ ନିର୍ମାଣ ଦାବି

ବୋଲଗଡ,୯।୧(ଡି.ଏନ.ଏ.)-ବୋଲଗଡ ବ୍ଲକ ବାଙ୍କୋଇ ଠାରୁ ରଣପୁର ବିନୋଦପଡା ପର୍ଯ୍ୟନ୍ତ ପ୍ରାୟ ୪କିମି ଦୈର୍ଘ୍ୟ ବିଶିଷ୍ଟ ଆରଡି ରାସ୍ତାର ହଡାନଦୀ ଉପରେ ଏକ ବିଜୁ ସେତୁ ନିର୍ମାଣ ହୋଇଛି । ତେବେ ଏହି ସେତୁ ନିର୍ମାଣ ସହିତ ଆପ୍ରୋଚ ରୋଡ ନିର୍ମାଣ କରାଯାଇନାହିଁ। ସେତୁଟି ନିର୍ମାଣ ହୋଇଥିଲେ ମଧ୍ୟ ଆପ୍ରୋଚ ରୋଡ ନଥିବାରୁ ଯାତାୟତ ପାଇଁ ବହୁ ସମସ୍ୟା ସୃଷ୍ଟି ହେଉଛି । ତେଣୁ ଉକ୍ତ ବ୍ରିଜର ଉଭୟ ପାର୍ଶ୍ୱକୁ ଆପ୍ରୋଚ ରୋଡ ନିର୍ମାଣ କରାଯିବାକୁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି। ପ୍ରକାଶ ଯେ, ପ୍ରାୟ ୨କୋଟି ଟଙ୍କା ବ୍ୟୟ ମଞ୍ଜୁରରେ ଉକ୍ତ ସେତୁଟିର ନିର୍ମାଣ କାର୍ଯ୍ୟ ୨୦୧୬ମସିହାରୁ ଆରମ୍ଭ ହୋଇ ଗତ ବର୍ଷ ଶେଷ ହୋଇଛି । ମାତ୍ର ଏହି ସେତୁ ନିର୍ମାଣ ସହିତ ଉଭୟ ପାର୍ଶ୍ୱକୁ ଆପ୍ରୋଚ ରୋଡ ୨୫୦ ମିଟର ଦୈର୍ଘ୍ୟ ବିଶିଷ୍ଟ ହେବ ବୋଲି ଆରଡି ବିଭାଗ ପକ୍ଷରୁ କୁହାଯାଇଥିଲାନ୍। ଠିକାଦାର ଏହା କରିନାହାନ୍ତି । ତେଣୁ ଏଠାରେ ଆପ୍ରୋଚ ରୋଡ କାର୍ଯ୍ୟ କରାଯିବାକୁ ବିଭାଗ ପକ୍ଷରୁ ଦୃଷ୍ଟି ଦିଆଯିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବୋଲଗଡ ବ୍ଲକର ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଅଖିଳ କୁମାର ହରିଚନ୍ଦନ କୁହନ୍ତି ଉକ୍ତ ବ୍ରିଜର ଉଭୟ ପାର୍ଶ୍ୱକୁ ଆପ୍ରୋଚ ରୋଡ ନିର୍ମାଣ କରାଯିବ ।



### ୧୯୯୯ ମାଟ୍ରିକ ବ୍ୟାଚ୍ ବନ୍ଧୁମିଳନ

ଗଣିଆ,୯।୧(ଡି.ଏନ.ଏ.)- ଭାପୁର ବ୍ଲକ ପଦ୍ମାବତୀ ହାଇସ୍କୁଲର ୧୯୯୯ ମସିହା ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ବ୍ୟାଚ୍ ର ସମସ୍ତ ଛାତ୍ରୀଛାତ୍ର ଗଣିଆ ବ୍ଲକ ବଡମୂଳ ମଙ୍ଗାନାସୀ ସାତକୋଶିଆ ସ୍ୟାଣ୍ଡ ରିସୋର୍ଟ ନିକଟରେ ଏକତ୍ରିତ ହୋଇ ବନ୍ଧୁମିଳନ ଉତ୍ସବ ପାଳନ କରିଥିଲେ । ସମସ୍ତେ ସ୍କୁଲ ସମୟର ସ୍ମୃତିକୁ ମନେପକାଇଥିଲେ । ସରକାରଙ୍କ ମୋ ସ୍କୁଲ ଯୋଜନାରେ ସାମିଲ ହୋଇ ନିଜ ବିଦ୍ୟାଳୟକୁ କିଛି ଅନୁଦାନ ରାଶି ସହାୟତା ପାଇଁ ଆଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଗୋଲକ ବିହାରୀ ବେହେରା, ବିକ୍ରମ କେଶରୀ ସାହୁ, ସୁବାସ ଚନ୍ଦ୍ର ବାରିକ, ମିନାକ୍ଷୀ ହାତୀ, ମନୋରମା ଦଳେଇ, ମମତା ମଲ୍ଲିକଙ୍କ ସମେତ ୪୦ରୁ ଉର୍ଦ୍ଧ୍ୱ ପୁରାତନ ଛାତ୍ରୀଛାତ୍ର ସପରିବାର ଯୋଗଦେଇଥିଲେ ।

### ବନ୍ଧୁ ମିଳନ ଉତ୍ସବ

ଖଣ୍ଡପଡ଼ା, ୯।୧(ସ୍ୱ.ପ୍ର.): ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ବାଳିକା ଉଚ୍ଚ ବିଦ୍ୟାଳୟର ୧୯୯୩ ମାଟ୍ରିକ ବ୍ୟାଚ ସହପାଠୀଙ୍କ ବନ୍ଧୁ ମିଳନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଶୁଭ ମଣ୍ଡପ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ସହପାଠୀ ଯୋଗଦେଇ ଭାବର ଆଦାନପ୍ରଦାନ କରିଥିଲେ। ପରେ କେକ କାଟି ଖୁସି ମନାଇବା ସହ ଆୟୋଜିତ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ମଜା ନେଇଥିଲେ।

# ପୁଣି ତେଜିଲା ଚିନିକଲ ତାତି

**ଆଗାମୀ ଦିନରେ ପାଣିପୋଇଲାଠାରୁ ଭୁବନେଶ୍ୱର ପଦଯାତ୍ରା**

ନୟାଗଡ଼ ଅଫିସ,୯।୧

କିଛିଦିନ ଧରି ଶୀଥିଳ ହୋଇ ରହିଥିବା ଚିନିକଲ ତାତି ଲେଉଟାଣି ମାରିଛି। ଚିନିକଲର ସୁରକ୍ଷା ଓ ଏହାକୁ ଖୋଲିବା ଦାବିରେ ଗୁରୁବାର ନୟାଗଡ଼ ଚିନିକଲ କ୍ରିୟାନୁଷ୍ଠାନ କମିଟି ଜିଲାପାଳଙ୍କୁ ଭେଟିଛି। କୋର୍ଟରେ ଆର୍ବିଟେଶନ କେସ୍ ଚାଲିଥିବାରୁ ଏ ନେଇ କିଛି କରାଯାଇପାରିବ ନାହିଁ ବୋଲି ଜିଲାପାଳ କମିଟିକୁ କହିଥିବା ଜଣାପଡିଛି। ଫଳରେ ଆଗାମୀ ଦିନରେ କମିଟି ଏ ନେଇ ବୈଠକ କରିବ ବୋଲି ସୂଚନା ମିଳିଛି। ସେହିଭଳି ଆଗାମୀ କିଛିଦିନ ଭିତରେ ପାଣିପୋଇଲା ଚିନିକଲଠାରୁ ଚାଷୀ ଓ ନେତାମାନେ ଏକତ୍ରିତ ହୋଇ ଭୁବନେଶ୍ୱର ଯାଏ ପଦଯାତ୍ରା କରିବେ। ଯାହାକୁ ନେଇ ପ୍ରଶାସନ ଦ୍ୱନ୍ଦ୍ୱରେ ପଡ଼ିଥିବା ଜଣାପଡ଼ିଛି।

ପ୍ରକାଶ ଯେ, ନୟାଗଡ଼ ପାଣିପୋଇଲାଠାରେ ଥିବା ଜିଲାର ଏକମାତ୍ର ଶିଳ୍ପ ଚିନିକଲ ୨୦୧୫ ମସିହାରୁ ବନ୍ଦହୋଇ ପଡ଼ିରହିଛି। ଗତ ବର୍ଷ ଜୁନ୍ ମାସରେ ଚିନିକଲ ବିକ୍ରି ହୋଇଯାଇଥିବା ଗୁଜବ ହେବା ପରେ କୃଷକ, ନେତା , ଚିନିକଲର କର୍ମଚାରୀ ସମସ୍ତେ ଏକତ୍ରିତ ହୋଇଥିଲେ। ଜୁନ୍ ୧୬ ତାରିଖରେ ବାଲୁଗାଁର ଚଣ୍ଡୀମନ୍ଦିରଠାରେ ଚିନିକଲ କ୍ରିୟାନୁଷ୍ଠାନ କମିଟି ଗଠନ କରି ଏହାକୁ ଖୋଲିବା ପାଇଁ ପ୍ରଶାସନ ଓ କୃଷିମନ୍ତ୍ରୀଙ୍କ ଉପରେ ଚାପ ପକାଇବେ ବୋଲି ନିଷ୍ପତ୍ତି ହୋଇଥିଲା। ଏହା ପରେ ଜୁଲାଇ ୨୪ ନୟାଗଡ଼ ବନ୍ଦ ଡାକରା ଦେଇଥିଲା କ୍ରିୟାନୁଷ୍ଠାନ କମିଟି। ଏହାର ଦୁଇ ଦିନ ପୂର୍ବରୁ ଭୁବନେଶ୍ୱରରେ କୃଷି ମନ୍ତ୍ରୀ ଅରୁଣ କୁମାର ସାହୁଙ୍କ ସହ ଆଲୋଚନା କରି କ୍ରିୟାନୁଷ୍ଠାନ କମିଟି ନୟାଗଡ଼ ବନ୍ଦ ଡାକରାକୁ ସ୍ଥଗିତ ରଖିଥିଲା। ଏହା ପରେ କୃଷିମନ୍ତ୍ରୀ, ତତ୍କାଳୀନ ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କ ସହିତ କ୍ରିୟାନୁଷ୍ଠାନ କମିଟିର ଏକ ବୈଠକ ଅଗଷ୍ଟ ୮ ତାରିଖରେ ହୋଇଥିଲା। ସେପ୍ଟେମ୍ବର ୧୩ ତାରିଖରେ ପୁନର୍ବାର ବୈଠକ ହୋଇଥିଲା। ଏଥିରେ ନୂତନ ଜିଲାପାଳ ଡା. ପୋମା ଟୁଡୁ, କୃଷି ମନ୍ତ୍ରୀ ଅରୁଣ ସାହୁ ଯୋଗ ଦେଇଥିଲେ। ବୈଠକରେ ଜିଲାପାଳ ଟୁଡୁ ଚିନିକଲର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ କହିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ସେହିଭିଳି କିଛି ହୋଇ ନ ଥିବା ଜଣାପଡ଼ିଛି। ବୈଠକରେ ଦିଆଯାଇଥିବା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଫଳରେ ଗୁରୁବାର ଏଥିରେ ଅତିଷ୍ଠ ହୋଇ କ୍ରିୟାନୁଷ୍ଠାନ କମିଟି ସଦସ୍ୟମାନେ ଜିଲାପାଳଙ୍କୁ ଭେଟିଥିଲେ। ଗୁରୁବାର କ୍ରିୟାନୁଷ୍ଠାନ କମିଟି ସଦସ୍ୟ ବିଶ୍ୱନାଥ ମହାପାତ୍ର, ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ସାହୁ, ଜନାର୍ଦ୍ଦନ ଦଳବେହେରା ପ୍ରମୁଖ ଜିଲାପାଳଙ୍କୁ ଭେଟି ଆଲୋଚନା କରିଥିଲେ।



ଜିଲାପାଳଙ୍କୁ ଭେଟିଥିବା ଚିନିକଲ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

ନୟାଗଡ଼ ଅଫିସ,୯।୧

ଜିଲାସ୍ତରୀୟ ୭୦ତମ ସାଧାରଣତନ୍ତ୍ର ଦିବସ ୨୦୨୦ ପାଳନ ନିମନ୍ତେ ଗୁରୁବାର ଜିଲାପାଳଙ୍କ ସଦ୍‌ଭାବନା ଗୃହରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଜାନୁୟାରୀ ୨୬ ତାରିଖରେ ପିଟିଏସ୍ ପଡ଼ିଆଠାରେ ସକାଳ ୯ଟାରେ ପତାକା ଉତ୍ତୋଳନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହା ପୂର୍ବରୁ ସମସ୍ତ ଶିକ୍ଷାନୁଷ୍ଠାନରେ ସକାଳ ୬ଟାରୁ ପ୍ରଭାତଫେରି କରାଯିବ, ସକାଳ ୮ଟାରେ ତ୍ରିନାଥ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ। ୫୩ଟି ଗ୍ରୁପ୍‌ମାନଙ୍କ ଦ୍ୱାରା ପିଟିଏସ୍ ପଡିଆଠାରେ ପରେଡ଼ କରାଯିବ ବୋଲି ସୂଚନା ମିଳିଛି। ସେହିଭଳି ଅପରାହ୍ଣ ୪ଟାରେ ପ୍ରଶାସନ ଓ ସାମ୍ବାଦିକମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏହି ପ୍ରସ୍ତୁତି ବୈଠକରେ ପ୍ରକଳ୍ପ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ରାୟ, ଡିଏଫଓ ଧନରାଜ ଏଚଡି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ମଞ୍ଚାସୀନ ଥିଲେ। ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଏହି ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ। ଅନେକ ବିଭାଗର ଅଧିକାରୀମାନେ ଅନୁପସ୍ଥିତ ଥିବାରୁ ଏହାକୁ ନେଇ ବୈଠକରେ ଅସନ୍ତୋଷ ଦେଖାଦେଇଥିଲା।



ଅତିରିକ୍ତ ଜିଲାପାଳ ନିଜର ବକ୍ତବ୍ୟ ରଖୁଛନ୍ତି।

# ଅର୍ଜୁନଖୋଲରେ ସାଧୁମେଳା

ଗଣିଆ,୯।୧(ଡି.ଏନ.ଏ.)

ଗଣିଆ ବ୍ଲକ କରଡାପଡା ପଞ୍ଚାୟତର ନୂଆପଡା ମୌଜା ନିକଟ ଅର୍ଜୁନଖୋଲଠାରେ ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଓ ସାଧୁମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଗତ ମଙ୍ଗଳବାର ପୌଷ ଦ୍ୱାଦଶୀ ତିଥିରେ ଶୁଭାଧିବାସ ପରେ ଚତୁର୍ଦ୍ଦଶୀ ତିଥିରେ ସାଧୁସନ୍ଥମାନେ ଘୃତାହୁତି ସହ ପୂର୍ଣ୍ଣାହୁତି ସମ୍ପନ୍ନ କରିଥିଲେ। ଏହି ଅବସରରେ ୩ଦିନ ବ୍ୟାପୀ ହରିନାମ, ଭଜନ, କୀର୍ତ୍ତନ, ଭାଗବତ ପାଠ, ସାଧୁ ସମ୍ମିଳନୀ, ଘୃତଯଜ୍ଞ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସାଧୁମେଳା ଦେଖିବା ପାଇଁ ଗଣିଆ, ଦଶପଲ୍ଲା ବ୍ଲକରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଅସ୍ଥାୟୀ ଦୋକାନ ବଜାର ଖୋଲାଯାଇଥିବାବେଳେ ଶତାଧିକ ସାଧୁସନ୍ଥଙ୍କ ହରିନାମ ଓ ଶ୍ରଦ୍ଧାଳୁଙ୍କ ଭଜନ କୀର୍ତ୍ତନରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପୁରାଣବର୍ଣ୍ଣିତ ଅନୁଯାୟୀ ମଧ୍ୟମ ପାଣ୍ଡବ ଅର୍ଜୁନ ଅଜ୍ଞାତ ବନବାସ ସମୟରେ କିଛି ସମୟ ସେଠାରେ ଅବସ୍ଥାନ କରିଥିବା ପ୍ରବାଦ ରହିଛି । ତେବେ ପୌରାଣିକ ଗାଥା ବହନ କରୁଥିବା ତଥା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଥିବା ଏହି ପୀଠକୁ ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ତରଫରୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପ୍ରଦାନ ସହ ଭିତ୍ତିଭୂମିର ବିକାଶ କରାଗଲେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରନ୍ତା ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି।



ସାଧୁସନ୍ଥମାନଙ୍କ ଦ୍ୱାରା ପୂର୍ଣ୍ଣାହୁତି କାର୍ଯ୍ୟ ଚାଲୁରହିଛି।

## ଶିକ୍ଷକ ନେତା ଆହତ

ଭାପୁର,୯।୧(ଡି.ଏନ୍.ଏ.)

ଭାପୁର ବ୍ଲକ ହେଡ଼କ୍ୱାଟରରେ ଥିବା ବାଲୁକେଶ୍ୱର ଦେବ ବିଦ୍ୟାପୀଠର ଅବସରପ୍ରାପ୍ତ ଶିକ୍ଷକ ତଥା ଶିକ୍ଷକ ସଂଘ ଓଷ୍ଟାର ମୁଖପତ୍ର ଶିକ୍ଷା ପ୍ରଦୀପର ପୂର୍ବତନ ସମ୍ପାଦକ ପ୍ରଫୁଲ୍ଲ କୁମାର ମହାନ୍ତି (୭୦)ଗାଡିରୁ ପଡି ଆହତ ହୋଇଛନ୍ତି। ଭୁବନେଶ୍ୱରର ଏକ ଘରୋଇ ଡ଼ାକ୍ତରଖାନାରେ ସେ ଚିକିତ୍ସାଧୀନ ଅଛନ୍ତି।

## ଲୋକଙ୍କୁ ସଚେତନ କଲା ଆର୍‌ପିଏଫ୍

ଛତ୍ରପୁର,୯।୧(ଡି.ଏନ.ଏ)

ଗଞ୍ଜାମ ଷ୍ଟେଶନ ଓ ସହରରେ ଛତ୍ରପୁର ଆର୍‌ପିଏଫ୍ ଆଉଟପୋଷ୍ଟ ପକ୍ଷରୁ ଯାତ୍ରୀ ଓ ଲୋକଙ୍କୁ ସୁରକ୍ଷା ସମ୍ପର୍କରେ ସଚେତନ କରାଯାଇଛି। ଟ୍ରେନ୍‌ରେ ଯାତ୍ରାବେଳେ ୧୮୨ ସୁରକ୍ଷା ହେଲ୍‌ପ ଲାଇନ୍ ସମ୍ପର୍କରେ ଯାତ୍ରୀ ଓ ଲୋକଙ୍କୁ ଅବଗତ କରାଯାଇଥିଲା। କୌଣସି ଦୁର୍ଘଟଣା ଆଶଙ୍କା ଥିଲେ ଉକ୍ତ ନମ୍ବରକୁ ଫୋନ୍ କରିବାକୁ ପରାମର୍ଶ ଦିଆଯାଇଛି। ଆର୍‌ପିଏଫ୍ ତୁରନ୍ତ ଯାତ୍ରୀଙ୍କ ପାଖରେ ପହଞ୍ଚି ସହାୟତା ଯୋଗାଇ ଦେବ। ବିଭିନ୍ନ ସମୟରେ ଟ୍ରେନ୍‌କୁ ପିଲାମାନେ ପଥର ଫିଙ୍ଗୁଛନ୍ତି। ଏଥିରେ ଯାତ୍ରୀ ଆହତ ହେଉଛନ୍ତି। ଏପରି ନ କରିବାକୁ ଆର୍‌ପିଏଫ୍ ପକ୍ଷରୁ ସଚେତନ କରାଯାଇଛି। ଏଥିସହ ମହିଳା ଯାତ୍ରୀଙ୍କ ସୁରକ୍ଷା ନେଇ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଥିବା କୁହାଯାଇଥିଲା।

■ ୮ମ ଓଡ଼ଗାଁ ମହୋତ୍ସବ ଉଦ୍‌ଘାଟିତ

## କୁନି ପିଲାଙ୍କ ସ୍ୱଚ୍ଛ ଭାରତ ଅଭିଯାନ ନିଆରା




ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଓଡ଼ଗାଁ,୯।୧(ସ୍ୱ.ପ୍ର.)

ନୟାଗଡଜିଲା ଓଡ଼ଗାଁଶ୍ରୀରଘୁନାଥଜୀଉଙ୍କ ମହୋତ୍ସବ ପଡିଆରେ ଗୁରୁବାର ୮ମ ଓଡ଼ଗାଁ ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳା-୨୦୨୦ ଉଦ୍‌ଘାଟିତ ହୋଇଯାଇଛି । ମହୋତ୍ସବ କମିଟି ସଭାପତି ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅରୁଣ କୁମାର ସାହୁ କମିଟି ସଦସ୍ୟ ଓ ଲୋକଙ୍କ ଗହଣରେ ବିଜେ ଶ୍ରୀରଘୁନାଥଜୀଉଙ୍କ ଠାରୁ ମଶାଲ ଶୋଭାଯାତ୍ରାରେ ଆସି ମହୋତ୍ସବ ପଡିଆରେ ପହଞ୍ଚିଥିଲେ। ସେଠାରେ ସ୍ଥାପିତ ଶ୍ରୀରଘୁନାଥ ଜୀଉଙ୍କ ପ୍ରତିମୂର୍ତ୍ତି ନିକଟରେ ମନ୍ତ୍ରୀ ସାହୁ ପ୍ରଦୀପ ପ୍ରଜ୍ଜଳନ କରି ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ନିକଟରେଦଶପଲ୍ଲା ବିଧାୟକ ତଥା ମୁଖ୍ୟ ଅତିଥି ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ। ଏହାପରେ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ବିଧାୟକ ବେହେରା, ଉଦଘାଟକ ମନ୍ତ୍ରୀ ସାହୁଙ୍କ ସହିତ ନୟାଗଡ ବ୍ଲକ ଅଧ୍ୟକ୍ଷା ଗୋଲାପ ଦଳବେହେରା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷା ମମତା ବେହେରା, ଉପାଧ୍ୟକ୍ଷା ବିରଜାଲକ୍ଷ୍ମୀ ସାହୁ, ଜିଲାପରିଷଦ ସଦସ୍ୟ ବିଭୁପ୍ରସାଦ ସାହୁ, ପ୍ରାକ୍ତନ ଜିଲା ପରିଷଦ ସଦସ୍ୟ ସୂର୍ଯ୍ୟନାରାୟଣ ଚୌଧୁରୀ ତଥା ବରିଷ୍ଠ ନାଗରିକ ବସନ୍ତ କୁମାର ମିଶ୍ର ସମ୍ମାନୀତ ଅତିଥି ଭାବେ ମଞ୍ଚାସୀନ ଥିଲେ। ମନ୍ତ୍ରୀ ସାହୁ ଓଡଗାଁର ସହରୀକରଣ ସହିତ ପାର୍ଶ୍ୱବର୍ତ୍ତୀ ବାବା ଦୂତିକେଶ୍ୱର ମହାଦେବ ମନ୍ଦିର, ବୁଢାବୁଢିଆଣି ଜଳ ସେଚନ ପ୍ରକଳ୍ପ, ଶରଣକୁଳ ଲଡୁବାବା ମନ୍ଦିର ଆଦି ପର୍ଯ୍ୟଟନ ସ୍ଥାନର ବହୁବିଧ ଉନ୍ନତି କରିବା ନିମନ୍ତେ ଯୋଜନା କରାଯାଉଥିବା ସୂଚନା ଦେଇଥିଲେ । ମହୋତ୍ସବ ପ୍ରଥମ ପର୍ଯ୍ୟାୟରେ ଅପରାହ୍ଣ ୩ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବିଭିନ୍ନ ସ୍କୁଲର କୁନି କୁନି ପିଲାମାନେ ନୃତ୍ୟାଭିନୟ ପ୍ରଦର୍ଶନ କରିଥିଲେ । ନିକଟସ୍ଥ ଦଣ୍ଡୋର ଉନ୍ନିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ସ୍ୱଚ୍ଛ ଭାରତ ସଚେତନତା ଅଭିଯାନ ନିଆରା ବାର୍ତ୍ତା ବହନ କରିଥିଲା । ମହୋତ୍ସବ ୨ୟ ପର୍ଯ୍ୟାୟରେ ଅର୍ଥାତ ବିଳମ୍ବିତ ରାତି ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆସିଥିବା ପେଶାଦାର କଳାକାର ସଂଘ ସେମାନଙ୍କ ନୃତ୍ୟ ପରିବେଷଣ କରିଥିଲେ । ଏହା ସହିତ ପଲ୍ଲୀଶ୍ରୀ ମେଳାରେ ବିଭନ୍ନ ଷ୍ଟଲ ଖୋଲା ଯାଇଥିବା ବେଳେ ବହୁଳ ଭାବେ ଖାଦ୍ୟ ସାମଗ୍ରୀ ଦୋକାନ ଦେଖିବାକୁ ମିଳିଛି ।

## ଦଶପଲ୍ଲା କପ୍ ଫୁଟ୍‌ବଲ ଉଦ୍‌ଘାଟିତ

ଦଶପଲ୍ଲା,୯।୧(ଡି.ଏନ.ଏ.)

ଦଶପଲ୍ଲା ଗାନ୍ଧୀ ମଇଦାନଠାରେ ଦଶପଲ୍ଲା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଛି। ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟି ଦଶପଲ୍ଲା ଆନୁକୂଲ୍ୟରେ ଆୟୋଜିତ ଏହି ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ ଦଶପଲ୍ଲା ସ୍ପୋର୍ଟିଭ ସ୍ପୋର୍ଟସ ସୋସାଇଟି ଏବଂ ମା' ମଙ୍ଗଳା କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦଶପଲ୍ଲା ଦଳ ୧-୦ରେ ବିଜୟୀ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ରୂପେ ବ୍ଲକ ଚେୟାରମ୍ୟାନ ସୁନନ୍ଦା ସାହୁ, ଏନ୍‌ଏସି ଚେୟାରମ୍ୟାନ ବବିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଖେଳରେ ଶ୍ରେଷ୍ଠ ଦର୍ଶକ ରୂପେ ଅବସରପ୍ରାପ୍ତ ଶିକ୍ଷକ କଣ୍ଟିଲୋର ବନମାଳୀ ପରିଡ଼ାଙ୍କ ନାମ ଘୋଷଣା କରାଯାଇଥିଲା। ଖେଳ ପରିଚାଳନା କରିଥିଲେ ରାଜୁ ମହାନ୍ତି, ପ୍ରଶନ୍ନ ନାୟକ, କୈଳାଶ ବରାଡ଼, ତ୍ରିନାଥ ସାହୁ, ରବୀନ୍ଦ୍ର ନାଥ। ଶୁକ୍ରବାର ଖେଳ ଦଶପଲ୍ଲା ଏବଂ ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଭବାନୀ ପ୍ରସାଦ ମିଶ୍ରଙ୍କ ସୂତ୍ରରୁ ପ୍ରକାଶ।



ଅତିଥିଙ୍କ ସହ ଦୁଇ ଦଳର ଖେଳାଳି।

## ବରିଷ୍ଠ ଖବରଦାତାଙ୍କ ପରଲୋକ

ନୟାଗଡ଼ ଅଫିସ,୯।୧

ନୟାଗଡ଼ ଜିଲାର ବରିଷ୍ଠ ଖବରଦାତା ଅଶୋକ ରଥଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ବୟସ ହୋଇଥିଲା। ତାଙ୍କ ମୃତ୍ୟୁରେ ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଶୋକର ଛାୟା ଖେଳିଯାଇଛି। ନୟାଗଡ଼ ସହର ନୂଆ ରାଜବାଟୀ ବାସିନ୍ଦା ଅଶୋକ ବିଭିନ୍ନ ଖବରକାଗଜରେ ସାମ୍ବାଦିକ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିସହ ସେ ଜଣେ ଆଇନଜୀବୀ ଓ ମଞ୍ଚ ଅଭିନେତା ଭାବେ ମଧ୍ୟ ପରିଚିତ ଥିଲେ। ସେ ଦୀର୍ଘ ଦିନ ଧରି ରୋଗଗ୍ରସ୍ତ ଥିବାବେଳେ କିଛି ମାସ ତଳେ ତାଙ୍କର ଏକ ଅସ୍ତ୍ରୋପ୍ରଚାର ହୋଇଥିଲା। ବୁଧବାର ରାତି ୧୧ଟାରେ ଅଶୋକ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ପରିବାର ଲୋକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୁରୀରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ପରଲୋକରେ ଗୁରୁବାର ପୂର୍ବାହ୍ଣରେ ସାମ୍ବାଦିକ ଭବନରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଖବରଦାତା ପ୍ରମୋଦ ପଟ୍ଟନାୟକଙ୍କ ନେତୃତ୍ୱରେ ବୈଦ୍ୟଭୂଷଣ ମହାପାତ୍ର, ନିଶିକାନ୍ତ ରଥ, ପ୍ରଦୀପ୍ତ ରଥ, ନିର୍ମଳ ଚନ୍ଦ୍ର ସୂରଦେଓ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ରଥଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସେହିଭଳି ତାଙ୍କ ପରଲୋକ ନେଇ ଜିଲା କଂଗ୍ରେସର ପୂର୍ବତନ ସଭାପତି ରଣଜିତ ଦାଶ, ଉତ୍କଳ ସାମ୍ବାଦିକ ସଂଘର ଜିଲା ସଭାପତି ଶ୍ରୀକାନ୍ତ ଖଟେଇ, ସମ୍ପାଦକ ଆଦର୍ଶ କୁମାର ପଟ୍ଟନାୟକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।



ସ୍ୱର୍ଗତ ଅଶୋକ ରଥଙ୍କ ଫାଇଲ୍ ଫଟୋ

### ରଣପୁର ପ୍ରେସ୍‌କ୍ଲବର ଶୋକସଭା

ରଣପୁର,୯।୧(ସ୍ୱ.ପ୍ର.):ବରିଷ୍ଠ ଖବରଦାତା ଅଶୋକ ରଥଙ୍କ ବିୟୋଗରେ ରଣପୁର ପ୍ରେସ୍ କ୍ଲବ୍ ତରଫରୁ ଶୋକସଭା ଓ ଦୀପଦାନ ମା' ମଣିନାଗ ପୀଠରେ ଅନୁଷ୍ଠିତ ହୋଇଯାଇଛି।

# କାଷ୍ଠ କାରିଗରି ସମିତି ଗୃହ ଜରାଜୀର୍ଣ୍ଣ

■ ଦୁଃଖ, ଦୁର୍ଦ୍ଦିନରେ କାଳ କାଟୁଛନ୍ତି କାରିଗର

■ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି

ଖଣ୍ଡପଡ଼ା,୯।୧(ସ୍ୱ.ପ୍ର.)

ରକ୍ଷଣାବେକ୍ଷଣ ଅଭାବରୁ ଖଣ୍ଡପଡାସ୍ଥିତ କାଷ୍ଠ କାରିଗରି ସମିତି ଗୃହଟି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି।

ପ୍ରକାଶ ଯେ, ୭ନଂ. ୱାର୍ଡ କୁନ୍ଦୁରା ସାହି ସମେତ ଖଣ୍ଡପଡା ଏନ୍‌ଏସିରେ ବସବାସ କରୁଥିବା ୪୦ରୁ ଉର୍ଦ୍ଧ୍ୱ କାରିଗର ପରିବାର ମୁଖ୍ୟତଃ ଶିଙ୍ଗ ଓ କାଠରେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରିଥାନ୍ତି। ସେମାନେ ହଂସ, ବଗ, ବାଘ, ସିଂହ, କାଉ, ହରିଣ ଆଦି ଘରସଜା ସାମଗ୍ରୀ ତିଆରି କରି ଗାଁ, ସାହି, ତଥା ବିଭିନ୍ନ ମେଳାରେ ବିକ୍ରୟ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଲୋକମାନେ ମଧ୍ୟ ଉପରୋକ୍ତ ସାମଗ୍ରୀ ସମେତ କାଠରେ ପ୍ରସ୍ତୁତ ମାଣପେଡି, ସିନ୍ଦୂର ଫରୁଆ, କଳସ ଆଦି କ୍ରୟକରି ଘରେ ସଜାଇ ରଖିବାକୁ ଆଗ୍ରହ ହେଉଥିଲେ। ମାତ୍ର ବର୍ତ୍ତମାନ ଲୋକମାନଙ୍କ ମାନସିକତାରେ ପରିବର୍ତ୍ତନ ଘଟିଛି । ପ୍ଲାଷ୍ଟିକ କିମ୍ବା ବିଭିନ୍ନ ଧାତୁରେ ନିର୍ମିତ ସୌଖୀନ ସାମଗ୍ରୀ କମ୍ ଦାମରେ ମିଳୁଥିବା ବେଳେ ସେଗୁଡିକୁ କିଣି ଘରମାନଙ୍କରେ ରଖୁଛନ୍ତି । ଫଳରେ ଏହି ପୁରାତନ ହସ୍ତଶିଳ୍ପ ପ୍ରତି ଲୋକମାନଙ୍କର ରୁଚି ବଦଳୁଥିବା ପରିଲକ୍ଷିତ ହେଉଛି । ତଥାପି କାରିଗରମାନେ ସେମାନଙ୍କ ବୃତ୍ତି ବଞ୍ଚାଇରଖିବାକୁ ପ୍ରୟାସ ଜାରି ରଖିଛନ୍ତି। କାରିଗରମାନେ ୧୯୭୮ ମସିହାରେ ୫୪ ସଦସ୍ୟ ବିଶିଷ୍ଟ ଏକ ଆଇଭରୀ ଉଡ୍ ୱାର୍କର୍ସ ଇଣ୍ଡଷ୍ଟ୍ରିଆଲ କୋଅପରେଟିଭ ସୋସାଇଟି ଗଠନ କରିଥିଲେ । ଏହି ସୋସାଇଟି ପାଇଁ ଶିଳ୍ପ ବିଭାଗ ପରାମର୍ଶ କ୍ରମେ କାରିଗରମାନେ ଖଣ୍ଡପଡା ଜେଲଖାନା ସମ୍ମୁଖରେ ୨୦ ଡ଼େସିମିଲ ପରିମିତ ଏକ ସରକାରୀ ଜାଗା ଦଖଲ କରିଥିଲେ । ଏଥିମଧ୍ୟରୁ ୬ ଡ଼େସିମିଲ ଜାଗାରେ ସୋସାଇଟିର ସ୍ଥାୟୀ ଗୃହ ନିର୍ମାଣ ହୋଇଥିବାବେଳେ ଅବଶିଷ୍ଟ ୧୪ ଡ଼େସିମିଲ ଜାଗାକୁ ବାଡ଼ବନ୍ଦି କରି ରଖାଯାଇଥିଲା । ପରବର୍ତ୍ତୀ ସମୟରେ ଏଥିରୁ ୧୦ ଡ଼େସିମିଲ ଜାଗା କାରିଗରମାନଙ୍କ ସହମତିରେ ଏକ ଶିକ୍ଷାନୁଷ୍ଠାନକୁ ପ୍ରଦାନ କରାଯାଇଥିଲା । ଅବଶିଷ୍ଟ ୪ ଡେସିମିଲ ଜାଗାକୁ ଜଣେ ବ୍ୟକ୍ତି ଜବରଦଖଲ କରିବା ପାଇଁ ପ୍ରୟାସ କରୁଥିବା ସୋସାଇଟିର ସଦସ୍ୟମାନେ ଅଭିଯୋଗ କରି ଜିଲା ପ୍ରସାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ସମିତି ଗୃହର ଦୁରବସ୍ଥା ସାଙ୍ଗକୁ କାଠ ଓ ଶିଙ୍ଗ କାମ ନିମନ୍ତେ କଞ୍ଚା ମାଲ ଏବଂ ସରକାରୀ ପ୍ରୋତ୍ସାହନ ଅଭାବରୁ କାରିଗରମାନେ ଦୁଃଖ ଓ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ସମିତି ଗୃହର କାନ୍ଥରେ ଫାଟ ସୃଷ୍ଟି ହୋଇଛି। ଟିଣ ଛପର ଗୃହଗୁଡିକରୁ ସାମାନ୍ୟ ବର୍ଷାହେଲେ ପାଣି ଗଳୁଛି। ଝରକା କବାଟ ଭାଙ୍ଗିଯାଇଥିବା ବେଳେ ଗୃହଗୁଡିକ ବିପଦସଙ୍କୁଳ ଅବସ୍ଥାରେ ଦଣ୍ଡାୟମାନ। ଏହାର ପୁନରୁଦ୍ଧାର ଦିଗରେ ପ୍ରଶାସନ ଦୃଷ୍ଟି ନ ଦେଲେ ନିକଟ ଭବିଷ୍ୟତରେ ମାଟିରେ ମିଶିବା ଆଶଙ୍କା ପ୍ରକାଶ ପାଇଛି। ନୟାଗଡ ଜିଲାପାଳ ଓ ଜିଲା ଶିଳ୍ପ ବିକାଶ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବାକୁ ଖଣ୍ଡପଡା ଅଞ୍ଚଳର କାରିଗର ପରିବାର ଦାବି କରିଛନ୍ତି।




ସମିତି ଗୃହ।



କାରିଗରଙ୍କ ଦ୍ୱାରା ନିର୍ମିତ ସାମଗ୍ରୀ।